ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-139 ♦SATURDAY ♦15 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୯ ♦ଶନିବାର ♦୧୫ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





**୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ**

▶ପୃଷ୍ଠା ୧୨ ଦେଖନ୍ତୁ...

# ବିହାରରେ 'ନୀମୋ' ସୁନାମି

## ଏନ୍‌ଡିଏକୁ ୨୦୨, ମହାମେଣ୍ଟକୁ ୩୫ ଆସନ






**"ବିକାଶ ଓ ସୁଶାସନର ବିଜୟ: ମୋଦୀ**

**ନିରପେକ୍ଷ ନ ଥିଲା ନିର୍ବାଚନ: ରାହୁଲ୍**

■ **ପାଟନା, ୧୪।୧୧ (ଏଜେନ୍ସି):** ଭୁଲ ସାବ୍ୟସ୍ତ ହୋଇଛି ସବୁ ଏକ୍‌ଜିଟ୍ ପୋଲ୍ ରିପୋର୍ଟ। ବିହାର ବିଧାନସଭା ଫଳାଫଳରେ ଖେଳିଯାଇଛି ନୀମୋ (ନୀତୀଶ-ମୋଦୀ) ସୁନାମି। ପ୍ରଚଣ୍ଡ ବିଜୟ ସହ ବିହାରରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି ଏନ୍‌ଡିଏ। ୨୪୩ ଆସନ ମଧ୍ୟରୁ ୨୦୨ରେ ଏନ୍‌ଡିଏ ଏକ ବିଶାଳ ବିଜୟ ଦିଗକୁ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଏକ ଶକ୍ତ ବିରୋଧୀଦଳ ଭାବରେ ଉଭା ହୋଇଥିବା 'ମହାଗଠବନ୍ଧନ'କୁ ଶକ୍ତ ଆଘାତ ଦେଇଛନ୍ତି ବିହାରବାସୀ। ଗତ ନିର୍ବାଚନରେ ମହାଗଠବନ୍ଧନ ୧୧୪ ଆସନରେ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୯ଟି ଆସନ ହରାଇ ମାତ୍ର ୩୫ ମଧ୍ୟରେ ସୀମିତ ହୋଇଯାଇଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଳିଛି ମାତ୍ର ୬ଟି ଆସନ।

ଚଳିତ ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍‌ରେଟ୍ ବିହାରରେ ସବୁଠାରୁ ଚମତ୍କାର ରହିଛି। ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ଚଳିତ ନିର୍ବାଚନରେ ୮୯ ଆସନ ସହ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି।

ଅନୁରୂପ ଭାବରେ ୨୦୨୦ ମସିହାରେ ଜେଡିୟୁ ମାତ୍ର ୪୩ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ୮୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ ▶ପୃଷ୍ଠା-୭

- ▶▶ **୮୯ ଆସନ ସହ ବିଜେପି ସବୁଠାରୁ ବଡ଼ ଦଳ**
- ▶▶ **ଜେଡିୟୁର ଆସନ ସଂଖ୍ୟା ୮୫କୁ ବଢ଼ିଲା**
- ▶▶ **୨୫କୁ ଖସିଲା ଆର୍‌ଜେଡି, କଂଗ୍ରେସକୁ ୬**
- ▶▶ **୨୮ ଆସନରୁ ୧୯ରେ ଏଲ୍‌ଜେପିର ବିଜୟ**

**୮ ରାଜ୍ୟରେ ଉପନିର୍ବାଚନ**

## ବିଜେପି, କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ

■ **ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** ଗତ ୧୧ ତାରିଖରେ ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ ମିଳିଛି। ରାଜସ୍ଥାନର ଆଣ୍ଟା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ପଞ୍ଜାବର ତରନ ତାରନ ଆସନରେ କ୍ଷମତାସୀନ ଆପ୍ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଓଡ଼ିଶାର ନୂଆପଡ଼ା ଏବଂ ଜମ୍ମୁ-କଶ୍ମୀରର ନୋଗ୍ରାଟାରେ ବିଜୟ ଲାଭ କରିଛନ୍ତି। ଜମ୍ମୁ-କଶ୍ମୀରର ବଡ଼ଗାମ ଆସନରେ କ୍ଷମତାସୀନ ନେସନାଲ କନଫେରେନ୍ସ ପ୍ରାର୍ଥୀଙ୍କୁ ହରାଇଛନ୍ତି ମେହବୁବା ମୁଫତିଙ୍କ ପିଡିପି ପ୍ରାର୍ଥୀ। ବଡଗାମକୁ ନେସନାଲ କନଫେରେନ୍ସର ଗଡ଼ କୁହାଯାଏ। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏଠାରୁ ନିର୍ବାଚିତ ହୋଇଥିଲେ। ସେହିଭଳି ତେଲେଙ୍ଗାନାର ଜୁବିଲି ହିଲ୍ସରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡର ଘାଟଶୀଳା ନିର୍ବାଚନମଣ୍ଡଳୀରେ ଜେଏମଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମିଜୋରାମର ଡାମ୍ପା ନିର୍ବାଚନମଣ୍ଡଳୀରେ ମିଜୋ ନେସନାଲ ଫ୍ରଣ୍ଟ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି।

**ନୂଆପଡ଼ା ଉପନିର୍ବାଚନ**

# ବିଜେପି ମଥାରେ 'ଜୟ' ତିଳକ

**୮୩୪୭୮ ବିଶାଳ ବ୍ୟବଧାନରେ ବିଜେପି ବିଜୟୀ**

**୨ୟ ସ୍ଥାନରେ କଂଗ୍ରେସର ଘାସିରାମଙ୍କୁ ୪୦୧୨୧ ଭୋଟ**

**ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ପାଇଲେ ୩୮୪୦୮ ଭୋଟ**



■ **ଭୁବନେଶ୍ୱର/ନୂଆପଡା, ୧୪।୧୧ (ସମିସ):** ନୂଆପଡା ଉପର୍ବାଚନରେ ବିପୁଳ ବିଜୟ ହାସଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଗତ ନିର୍ବାଚନରେ ତାଙ୍କ ବାପା ରାଜେନ୍ଦ୍ର ଢୋଲକିଆ ପାଇଥିବା ଭୋଟଠାରୁ ପ୍ରାୟ ୫୦ ହଜାର ଉର୍ଦ୍ଧ୍ୱ ଭୋଟ ପାଇଛନ୍ତି ଜୟ। ତାଙ୍କୁ ୧,୨୩,୮୬୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ୪୦୧୨୧ ଖଣ୍ଡ ଭୋଟ୍ ମିଳିଛି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮୪୦୮ ଖଣ୍ଡ ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନରେ ରହିଛନ୍ତି।

ଜୟଙ୍କ ବିଜୟ ସହ ଦୀର୍ଘ ଏକ ଦଶନ୍ଧି ପରେ ପୁଣିଥରେ ନୂଆପଡ଼ାରେ ପଦ୍ମ ଫୁଟିଛି। ୨୦୧୪ରେ ଏଠାରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ, ଏବେ ପୁନର୍ବାର ପଦ୍ମ ଦଳର ପ୍ରାର୍ଥୀ ଭାବରେ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ ବ୍ୟବସାୟୀରୁ ଜୟଙ୍କ ▶ପୃଷ୍ଠା-୭




## ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ: ନବୀନ

**ଜୟଙ୍କୁ ଅଭିନନ୍ଦନ, ନୂଆପଡ଼ାବାସୀଙ୍କୁ ଦେଲେ ଧନ୍ୟବାଦ**

**ମୂଲ୍ୟବୋଧ ଓ ଲୋକଙ୍କ ବିଶ୍ୱାସକୁ ସମ୍ମାନ ଦେବାକୁ ପରାମର୍ଶ**

■ **ଭୁବନେଶ୍ୱର, ୧୪।୧୧ (ସମିସ):** ନୂଆପଡ଼ା ଉପ-ନିର୍ବାଚନରେ ଏକଜୁଟ ଭାବରେ ଉତ୍ସର୍ଗୀକୃତ ଭାବରେ ବିଜେଡି ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ବିଜେଡିର ପ୍ରତ୍ୟେକ ନେତା, କର୍ମୀ ଓ ସମର୍ଥକଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ନୂଆପଡ଼ା ଉପନିର୍ବାଚନ ଫଳ ପ୍ରକାଶ ପରେ ନବୀନ 'ଏକ୍ସ'ରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ସହ ବିଜେଡିର ନେତା ଓ କର୍ମୀଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ନବୀନ କହିଛନ୍ତି ଯେ ବିଜେଡିର ପ୍ରତ୍ୟେକ ନେତା, କର୍ମୀ, ସମର୍ଥକଙ୍କ ପ୍ରତିବଦ୍ଧତା ଓ ଉତ୍ସାହ ହିଁ ବିଜେଡିର ପ୍ରକୃତ ଶକ୍ତି। ନିର୍ବାଚନ ଆସେ ଏବଂ ଯାଏ; କିନ୍ତୁ ମୂଲ୍ୟବୋଧ ଓ ଲୋକଙ୍କ ବିଶ୍ୱାସ ପ୍ରତି ସର୍ବଦା ସମ୍ମାନ ରହିବା ଆବଶ୍ୟକ। ମୁକ୍ତ ଏବଂ ନିରପେକ୍ଷ ▶ପୃଷ୍ଠା-୭




● ମାମଲା ରୁଜୁର ୪୩ ବର୍ଷ ପରେ ହାଇକୋର୍ଟଙ୍କ ରାୟ

## ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ ଖାରଜ

**କଟକ,୧୪ ।୧୧(ସମିସ):** ମାମଲା ରୁଜୁ ହେବାର ଦୀର୍ଘ ୪୩ବର୍ଷ ପରେ ହାଇକୋର୍ଟ ଏହାର ଫଇସଲା କରି ରାୟ ଶୁଣାଇଛନ୍ତି । ଜମି ଅଧିଗ୍ରହଣ ବିବାଦ ସମ୍ପର୍କିତ ଏକ ମାମଲାରେ ୧୯୮୨ ମସିହା ମାର୍ଚ୍ଚ ୪ରେ ବରଗଡ଼ ସବ୍‌ଜଜ୍ ଅଦାଲତ ପ୍ରଦାନ କରିଥିବା ରାୟ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ରାୟ ପ୍ରକାଶ କରିଛନ୍ତି । ସେହି ସମୟରେ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି.ରାଉତରାୟ ଏପରି ରାୟ ପ୍ରଦାନ କରିଛନ୍ତି । ଦୀର୍ଘ ୪୩ବର୍ଷ ଧରି ମାମଲା ବିଚାରାଧୀନ ଥିବା ବେଳେ ଗତ ୨୦୨୫, ଅକ୍ଟୋବର ୨୩ରେ ହାଇକୋର୍ଟ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ଯାହା ଗୁରୁବାର ପ୍ରକାଶ ପାଇଛି । ନିମ୍ନ ଅଦାଲତଙ୍କ ରାୟରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହିତ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ (ପ୍ରଥମ ଅପିଲ)କୁ ଖାରଜ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ, ପ୍ରତିପକ୍ଷଙ୍କ ସହ ଅନ୍ୟମାନଙ୍କ ବରଗଡ଼ ମୌଜାରେ ଥିବା ଜମିକୁ କୋଅପରେଟିଭ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅଧିଗ୍ରହଣ କରାଯାଇଥିଲା । ସେହି ସମୟରେ ମିଳିଥିବା କ୍ଷତିପୂରଣ ଟଙ୍କା ପ୍ରତିପକ୍ଷ ଗ୍ରହଣ କରିଥିଲେ । ପରେ କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସେ ସବ୍‌ଜଜ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଜମିର ବଜାର ମୂଲ୍ୟ ଅନୁସାରେ ଅତିରିକ୍ତ କ୍ଷତିପୂରଣ ରାଶି ପ୍ରତିପକ୍ଷ ଜମି ମାଲିକଙ୍କୁ ୧୯୭୮, ଏପ୍ରିଲ ୨୬ରୁ ୬ ପ୍ରତିଶତ ସୁଧ ସହିତ ପ୍ରଦାନ କରିବାକୁ ନିମ୍ନ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ସବ୍‌ଜଜ୍ ଅଦାଲତଙ୍କ ୧୯୮୨, ମାର୍ଚ୍ଚ ୪ର ଏହି ରାୟକୁ ଚାଲେଞ୍ଜ କରି ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀ ୧୯୮୨ରେ ହାଇକୋର୍ଟରେ ଆବେଦନ କରିଥିଲେ ।

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

## ୨୮ରୁ ଧାନ ସଂଗ୍ରହ; ସ୍ୱଚ୍ଛତା ପାଇଁ ମଡେଲ ମଣ୍ଡି ବ୍ୟବସ୍ଥା




**ବରଗଡ଼,୧୪।୧୧(ସମିସ):** ୨୦୨୪-୨୫ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚାଷୀ ଯେପରି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ଅବଶ୍ୟକୀୟ ପ୍ରସ୍ତୁତି କରିବାପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ପ୍ରଶାସନର ଆଦେଶ ଖିଲାପକାରୀ ଅଧିକାରୀ, ମିଲର ତଥା ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀଙ୍କୁ ପ୍ରତିଶୃତି ଦେଇଛନ୍ତି । ବୈଠକରେ ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉପସ୍ଥିତ ରହି ଚାଷୀ କିଭଳି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ସହ ମଣ୍ଡିରେ ଦଲାଲଙ୍କ ସମ୍ପୃକ୍ତି ଏବଂ କଟନୀ ଛଟନି ଭଳି ବିଭିନ୍ନ ଅବ୍ୟବସ୍ଥା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ତଥା ଉପସ୍ଥିତ ଲୋକ ପ୍ରତିନିଧିଙ୍କ ଅନୁମୋଦନ କ୍ରମେ ଆଗାମୀ ନଭେମ୍ବର ୨୮ ତାରିଖରୁ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ଜିଲ୍ଲାର ସମୁଦାୟ ୧୨ ଗୋଟି ବ୍ଲକ ତଥା ବରଗଡ଼, ଅତାବିରା ଏବଂ ପଦ୍ମପୁର ଆରଏମସିରୁ ସମୁଦାୟ ୨୧୦ ଗୋଟି ପିପିସି ଦ୍ୱାରା ଧାନ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି ଓ ଚାଷୀଙ୍କ ସୁବିଧା ପାଇଁ ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେଟବ୍ରିଜ, ବିଶ୍ଳେଷଣ କିଟ୍ ଆଦି ଯୋଗାଇବା ସହ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ୍, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଥିବା ମଡେଲ ମଣ୍ଡିର ବ୍ୟବସ୍ଥା କରାଯାଇଛି । ସେହିଭଳି ଜିଲ୍ଲାର ସମସ୍ତ ମାର୍କେଟ ୟାର୍ଡଠାରେ କାଳବଜାରୀ ରୋକିବା ନିମନ୍ତେ ଜିଲ୍ଲା ଏବଂ ଉପଖଣ୍ଡର କଣ୍ଟ୍ରୋଲ ରୁମ୍ ସିସିଟିଭି ଲାଇଭ ଫୁଟେଜ ଦ୍ୱାରା ୨୪ ଘଣ୍ଟା ତଦାରଖ କରିବ । ଚାଷୀଙ୍କ ପୂର୍ବ ସମସ୍ୟା ଗୁଡିକର ଆଲୋଚନା ତଥା ପରାମର୍ଶ ଆଧାରରେ ଜିଲ୍ଲାପାଳ ଏ ବର୍ଷ ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ନିମନ୍ତେ କୌଣସି ମିଲର, ଆରଏମସି ଅଧିକାରୀ ଏବଂ ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତେଲା ଦେବା କିମ୍ବା ଟୋଲ ଫ୍ରି ନମ୍ବର-୧୯୬୭ କିମ୍ବା ୦୬୬୪୬-୨୪୬୦୪୧ ରେ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଭିତ୍ତିଭୂମିର ସୁବିଧା ନିମନ୍ତେ ପ୍ରଶାସନ ତରଫରୁ ମଡେଲ ମଣ୍ଡି ବ୍ୟବସ୍ଥା କରିବା ସହିତ ଚାଷୀଙ୍କୁ ଗ୍ରାମ ପଞ୍ଚାୟତସ୍ତରରେ ଝୋଟ ବ୍ୟାଗ ଯୋଗାଯିବ କିମ୍ବା ଚାଷୀ ଦେଇଥିବା ବ୍ୟାଗର ଉଚିତ ମୂଲ୍ୟ ମିଲର ବହନ କରିବେ, ଏହାର ତଦାରଖ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ସେ ମଣ୍ଡିସ୍ତରରେ ସମସ୍ତ ଚାଷୀ କିଭଳି ସଠିକ ଭାବେ ପଇସା ପାଇବେ ସେ ବ୍ୟବସ୍ଥା କରିବେ ବୋଲି ଜିଲ୍ଲାପାଳ କହିଥିଲେ । ଏତଦବ୍ୟତୀତ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀଙ୍କ ଅଭିଯୋଗ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ରେଜିଷ୍ଟର କରିବା ସହ ଜିଲ୍ଲା ମୁଖ୍ୟାଳୟରେ ଅଭିଯୋଗ ଗ୍ରହଣ ନିମନ୍ତେ ଏକ ସ୍ୱତନ୍ତ୍ର ଟୋଲ ଫ୍ରୀ ନମ୍ବର ଜାରି କରାଯିବ । ରେଜିଷ୍ଟ୍ରେସନ ପରେ ଚାଷୀଙ୍କ ମୋବାଇଲରେ ମଣ୍ଡିକୁ ଧାନ ନେଇ ଯିବା ତାରିଖର ସୂଚନା ଆସିବ । ଗୋଟିଏ ଟୋକନର ଅବଧି ୩୦ ଦିନ ପର୍ଯ୍ୟନ୍ତ ରହିବ । ଧାନ ଦେବା ୪୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ଡ଼ିବିଟି ଦ୍ୱାରା ଟଙ୍କା ପଠାଯିବ । ପ୍ରତ୍ୟେକ ଆରଏମ୍‌ସି ଦ୍ୱାରା ଡ଼ାକବାଜି ଯନ୍ତ୍ର ଦ୍ୱାରା ଧାନ ସଂଗ୍ରହ ତାରିଖ ତଥା ଅନ୍ୟାନ୍ୟ ବିବରଣୀ ବିଷୟରେ ସଚେତନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

● କାଳବଜାରୀ ରୋକିବାକୁ ଜିଲ୍ଲା ଓ ଉପଖଣ୍ଡରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍
● ପଞ୍ଜିକୃତରୁ ବଞ୍ଚିତ ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ଅନୁରୋଧ କରିବ ଜିଲ୍ଲା କମିଟି

ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମ୍‌ସିର ଅଧ୍ୟକ୍ଷମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚଷୀକୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ କିମ୍ବା ଆବଶ୍ୟକୀୟ ଧାନ ପଡୋଶୀ ଜିଲ୍ଲାକୁ ସ୍ଥାନାନ୍ତରଣ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ସୀମାରେଖାରେ ପୁଲିସ୍ ମୁତୟନ କରିବା ସହ କଡାକଡି ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମପୁର ଉପଜିଲ୍ଲାପାଳ ଆରାଗୁଲା ସ୍ନେହା, ଜିଲ୍ଲାର କୃଷକ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ବୈଠକକୁ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମେଳା

**ପଦ୍ମପୁର,୧୪।୧୧(ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ରାଜବୋରାସମ୍ବର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ଯୋଗଦେଇ ଶିଶୁମେଳାକୁ ଉଦ୍‌ଘାଟିତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର, ସଭାପତି ପୃଥିରାଜ ସାହୁ, ଉପସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକ ଲାଲ ମେହେର, ସଂକୁଳ ପ୍ରମୁଖ ଡ. ଦ୍ୱାଦଶ ପ୍ରଧାନ, ସଦସ୍ୟା ଅଲିଭା ରଥ, ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରୀପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମେଳା ପ୍ରଦର୍ଶନୀରେ ବିଭିନ୍ନ କୌଳିକ ବୃତ୍ତି କୁମ୍ଭାର, କମାର, ବଢ଼େଇଶାଳର ପ୍ରଦର୍ଶନ କରାଯାଇଥିଲା । ଶିଶୁମାନଙ୍କ ଦ୍ୱାରା ଡାକ୍ତର, ଯବାନ, ଆଶା, ନର୍ସ ଓ ୧୩୮ ଜଣ ବିଭିନ୍ନ ବୃତ୍ତିଧାରୀ ଯଥା ପନିପରିବା, ଖାତାବହି, ଫଟୋ, ସମ୍ବଲପୁରୀ ଲୁଗା, କଂସା ବାସନ, ପୂଜା ସାମଗ୍ରୀ ଘରୋଇ ତିଆରି ଜିନିଷ ସମେତ ଅନେକ ଖାଇବା ଦ୍ରବ୍ୟ ଦୋକାନ ଗୁଡ଼ିକରୁ କିଣାବିକା ହୋଇଥିଲା । ହଜାର ସଂଖ୍ୟାରେ ଅଭିଭାବକ, ଶିଶୁ, ପରିଚାଳନା ସମିତି ସଦସ୍ୟ, ମାତୃ ଭାରତୀ ସଦସ୍ୟା ଯୋଗଦେଇଥିଲେ । ଶେଷରେ ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଦେଇଥିଲେ ।

## ମଳୟ ଡନସନା ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭେଡେନ,୧୪।୧୧(ସମିସ):** ଭେଡେନ ସ୍ଥିତ ରଣଜିତା ଖେଳପଡ଼ିଆରେ ଅମ୍ଲୀପାଲି ରେନବୋ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ତୃତୀୟ ମଳୟ ଡନସନା ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ମଶାଲ ଶୋଭାଯାତ୍ରାରେ ଅମ୍ଲୀପାଲି ଗ୍ରାମସ୍ଥିତ ସ୍ୱର୍ଗତ ମଳୟଙ୍କ ବାସଭାବନରୁ



ତାଙ୍କ ଫଟୋଚିତ୍ରକୁ ଗ୍ରାମ ପରିକ୍ରମା କରି ଖେଳ ପଡିଆକୁ ଅଣାଯାଇଥିଲା । ତାଙ୍କ ବାପା ଦେବେନ୍ଦ୍ର ଡ଼ନସନା ଫଟୋରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ ଯୋଗଦେଇ ପତାକା ଉତ୍ତୋଳନ କରି ଖେଳକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ସନ୍ତୋଷ ପଣ୍ଡା, ସୁରେନ୍ଦ୍ର ବନଛୋର, ମନୋଜ ରଥ, ଚିତ୍ରଭାନୁ ଛନ୍ଦ, ଖିତେଶ୍ୱର ବେହେରା, ଦିଲିପ ରଥ, ଦେବାନନ ବେହେରା, ସୁଶୀଲ ଅଗ୍ରୱାଲ, ବିରେନ୍ଦ୍ର ଭୋଇ, ରାଜ ବେହେରା, ମନୋଜ ରଥ, କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇଥିଲେ । ପ୍ରଥମ ଦିନ ଖେଳରେ ୮ ଟି ଦଳ ରୋୟଲ ଷ୍ଟାର ବରଗଡ଼, ସୋନପୁର ପ୍ରତୀକ ୧୧, ରାଉରକେଲା ରେଡ଼, ଜୟଦୁର୍ଗା କ୍ଲବ୍ ରେଙ୍ଗାଲି, ୟୁନାଇଟେଡ଼ କ୍ଲବ୍ ବରଗଡ, ସମ୍ବଲପୁର ସମଲେଶ୍ୱରୀ କ୍ଲବ, ଫୁଲବାଣୀ ସ୍ପୋର୍ଟ ହଷ୍ଟେଲ, ସମ୍ବଲପୁର ୟୁନିଭାରସିଟି ଦଳ ଅଂଶ ଗ୍ରହଣ କରିଥିଲେ । ଖେଳରେ ଜୟଦୁର୍ଗା କ୍ଲବ୍ ରେଙ୍ଗାଲି ଓ ସମ୍ବଲପୁର ସମଲେଶ୍ୱରୀ କ୍ଲବ୍ ସେମିରେ ପ୍ରବେଶ କରିଛନ୍ତି । ରାଜ ମଣ୍ଡଳ, ଶ୍ରୀନିବାସ ରାଓ, ଅଜୟ ପଧାନ, ଗୋପୀନାଥ ପାଣ୍ଡେ, ସାହିଲ ବେହେରା, ସୁଧାଂଶୁ ସେଟ, ଶିବୁ ଛେତ୍ରି ଓ ଜିତୁ ପାତ୍ର, ସନ୍ତୋଷ ଛେତ୍ରି ପରିଚାଳନା କରିଥିଲେ । ଲିପୁନ ବେହେରା, ମହେନ୍ଦ୍ର ସେଠ, ସୂର୍ଯ୍ୟ କୁମାର ଦେହେରି ଧାରାବିବରଣୀ ପ୍ରଦାନ କରିଥିଲେ । ମାନସ ରଥ, ଜୟଗୁରୁ ଡ଼ନସନା, ପ୍ରଶାନ୍ତ ମହାପାତ୍ର, ବାବୁଲୁ ଦେହେରି, ଜଗା ବାଗ, ବାପି ଭୁକ୍ତା, ରାହୁଲ ମଲ୍ଲିକ, ରାଜୁ ଖାଁ, କଏରୁ ଗଣ୍ଡ, ଅନିଲ ମଲ୍ଲିକ, ସୁଗ୍ରୀବ କର୍ମୀ, ଜୟନ୍ତ ମଲ୍ଲିକଙ୍କ ସମେତ ରେନବୋ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ନବରାତ୍ର ଓ ରାମଲୀଳା ମହୋତ୍ସବ ପାଇଁ ପ୍ରସ୍ତୁତି

**ଭେଡେନ,୧୪।୧୧(ସମିସ):** ଭେଡେନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭେଡେନ ନବରାତ୍ର ଓ ବିରାଟ ରାମଲୀଳା ମହୋତ୍ସବର ନୂତନ କମିଟି ଗଠନ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ନାଗରିକ କମିଟିର ସଭାପତି ସ୍ୱାଧୀନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବ ବର୍ଷର ହିସାବ କିତାବ ହେବା ସହିତ ଅନୁଷ୍ଠିତ ହେବାକୁ ଥିବା ରାମଲୀଳା ମହୋତ୍ସବ ୨୦୨୬ ବିଷୟରେ ଆଲୋଚନା ହୋଇଥିଲା । ପରେ ସର୍ବସମ୍ମତି କ୍ରମେ ନୂତନ କମିଟି ଗଠନ ହୋଇଥିଲା । କମିଟିର ସଭାପତି ଭାବରେ ସ୍ୱାଧୀନ ରଥ, ଉପସଭାପତି ସୁଶୀଲ ବେହେରା, ଟଙ୍କ ମେହେର, ସମ୍ପାଦକ ସତ୍ୟ ନାରାୟଣ ରଥ, ରାଜେଶ ବରେଇ, ସହ ସମ୍ପାଦକ ଆନନ୍ଦ ଅଗ୍ରୱାଲ, ପ୍ରମୋଦ ମେହେର, କିଶୋର ମେହେର, ତେଜରାଜ ରୋହିଦାସ, ପ୍ରଦୀପ ନାଏକ, ପାପ୍ପୁ ଅଗ୍ରୱାଲ, ଶମ୍ଭୁ ପାଣ୍ଡେ, ପ୍ରଭାତ ମିଶ୍ର, ଗୋପାଳ ବେହେରା, ଦାତ୍ୟାନନ୍ଦ ମେହେର, ପ୍ରସନ୍ନ ବେହେରା, ସୁଶୀଲ ଅଦାବର, ଘନ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି ।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ, ନେହରୁ ଜୟନ୍ତୀ



ଜିଲ୍ଲା ଆଇନସେବା ପ୍ରାଧିକରଣ



ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ


ଜନତା ସରକାରୀ ହାଇସ୍କୁଲ

**ବରଗଡ଼,୧୪।୧୧(ସମିସ):** ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ବରଗଡ଼ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ଦିବସ ଅବସରରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଭୂତି ଭୂଷଣ ନାୟକ, ପ୍ରତିପକ୍ଷ ଓକିଲ ଅପ୍ରମିତ ମିଶ୍ର, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ, ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ସଂଗିତା ରଥ, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ସଚିବ ଶ୍ରୀ ନାୟକ ସଚେତନ କରାଇଥିଲେ । ବରିଷ୍ଠ ଶିକ୍ଷକ ମନୋହର ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ଧନ୍ୟବାଦ ଦେଇଥିଲେ ।

**ବରପାଲି:** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ସହକାରୀ ଅଧ୍ୟକ୍ଷ ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ଓ ଶିଶୁ ଦିବସ ପାଳିତ ହୋଇଯାଇଛି । ଅଧ୍ୟାପିକା ପିଙ୍କି ବାରିକଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ହିନ୍ଦୀ ବିଭାଗ ଅଧ୍ୟାପକ ନେପାଳ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ପରେ ଛାତ୍ରୀମାନଙ୍କୁ ନେଇ ଏକ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା ।

**ପଦ୍ମପୁର:** ଜମଲା ଡିଗ୍ରୀ କଲେଜରେ ଶିଶୁ ଦିବସ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବରେ କଲେଜର ପରିଚାଳନା କମିଟିର ସଭ୍ୟ ସଦାନନ୍ଦ ଭୋଇ ଯୋଗଦେଇ ଶିଶୁମାନଙ୍କ ବିକଶିତ ପ୍ରତିଭା ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ କୁମାର ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପିକା ସୁରେଖା ଭୁଏ ଓ ପ୍ରତ୍ୟାଷା ପାଣିଗ୍ରାହୀ ଯୋଗଦେଇ ଶିଶୁମାନେ ମାନସିକ ଓ ବାହ୍ୟ ଦୃଷ୍ଟିରୁ ଶକ୍ତିଶାଳୀ ହେଲେ ଆଗାମୀ ଦିନରେ ସେମାନଙ୍କ ଭବିଷ୍ୟତ ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଶିକ୍ଷା ବିଭାଗର ଅଧ୍ୟାପକ ସଦାନନ୍ଦ ସେଠ୍ ଧନ୍ୟବାଦ ଦେଇଥିଲେ ।

**ଅମ୍ବାଭୋନା:** ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା ବିଜ୍ଞାନ ଶିକ୍ଷକ ମନୋହର ସାହୁ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଣବ ଦେହେରୀ, ଶୀତଳ ପଟେଲ୍, ଖୁସି ବଗର୍ତ୍ତୀ, ଅମ୍ବିକା ପଟେଲ, ରୋହନ ପଟେଲ, ଖୁସିରାଣି ପାତ୍ର, ଜିତେନ ସେଠ୍, ପ୍ରମୁଖ ନେହେରୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ଛାତ୍ରଛାତ୍ରୀମାନେ ଚାରା ରୋପଣ କରିଥିଲେ । ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପଣ୍ଡା ନେହେରୁଙ୍କ ଉପରେ ବକ୍ତବ୍ୟ ରଖିଥିବା ବେଳେ ଶିକ୍ଷକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ଦିବସ ପାଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ବିଦ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଶିଶୁ ପୂଜନ କରାଯାଇଥିଲା । ନେହେରୁଙ୍କ ଜୀବନୀ ଉପରେ ଶିକ୍ଷକ ସଞ୍ଜୟ ଖମାରୀ, ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକ, ଈଶ୍ୱର ପଧାନ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଶ୍ରୁତି ବଗର୍ତ୍ତି, ଭୂମି ସା, ପମି ପଶାୟତ, ଅଂଶୁମାନ ଭୁଏ, ଦୀପାଞ୍ଜଳି ଭୁଏ ଓ ଦୀପକ ପାତିକାର ବକ୍ତବ୍ୟ ରଖିଥିଲେ । ହୀନା ସା, ନିକିତା ରଣଦୀର, ନୈତିକ ରଣବୀର, ଆଶିଷ ବାରିକ୍, ବିମଳ କୁର୍ମି, ସସ୍ମିତା ସହରା, ରୋବିନ ରଣବୀର, ବିନ୍ଦୁ ସହରା, ପ୍ରିୟତମା ପାତିକାର, କବିତା ନାଗ, ରେଖାଞ୍ଜଳି ସା, ନିକିତା ଗହୀର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ତେଜରାମ ସା, ଅଙ୍କିତ ମହନ୍ତ, ଅମୂଲ୍ୟ ଭୋଇ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ମନୋଜା ପଟେଲ, ପୁଷ୍ପାଞ୍ଜଳି ପ୍ରଧାନ, ଅନୀଲ ସିଦାର, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ । ଶିକ୍ଷକ ସଂଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋହେଲା:** ଆଜି ସୋହେଲା ପବ୍ଲିକ ସ୍କୁଲରେ ଶିଶୁ ଦିବସ ଓ ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ପରିଚାଳନା ସମିତିର ସଭାପତି ଅନିଲ ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକ ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପ୍ରେମଚାନ୍ଦ ଦୁଆନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସାହୁ ଓ ଭାଇସ ପ୍ରିନସିପାଲ ବୀରେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ । ଶିକ୍ଷକ ପ୍ରମୋଦ ସିଂ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ବିଜୟ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ହିତକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗତ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଶ୍ରୀୟାଂଶି ସାହୁ, ଆକୃତି ସାହୁ, ଗୁଞ୍ଜନ ସେଠ୍, ଭବ୍ୟାଶ୍ରୀ ଭୋଇ, ନବନୀତ୍ ସାହୁ, ସ୍ରେୟାଂଶୀ ସାରନ୍ୟା ଦୁଆନ୍, ସାନ୍ୱି ଚନ୍ଦାରନା, ସିବେଶ ପଧାନ ଆକାଂକ୍ଷା ଅଭିଳାଷା ସୁନା, ନେହା ସାହୁ, ଦିବ୍ୟାଂଶ ଅଗ୍ରୱାଲ, ଅର୍ଚ୍ଚିତା ସେନାପତି, ବର୍ଷା ପ୍ରିଦର୍ଶନୀ ଦାସ, ସୃତି ମହାପାତ୍ରଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ସୋହେଲା ଶାଖା ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ରାଇମ୍ ପ୍ରତିଯୋଗିତାରେ ଗାର୍ଗୀରାଣୀ ପଟେଲ, ରମ୍ୟାରୁପା ସାହୁ, ଅଲିଶା ପଧାନ, ଦିବ୍ୟମ୍ ଭୋଇ ଏବଂ ହିନ୍ଦୀ ହସ୍ତାକ୍ଷର ଲିଖନ ପ୍ରତିଯୋଗିତାରେ ଅଙ୍କିତା ନାଏକ ସାଇମ୍ ଶିବମ ଗୁପ୍ତା ନେହା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଜିତ ପଧାନଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମୁଖ୍ୟଅତିଥି ନୂତନ ସ୍କୁଲ ଭ୍ୟାନର ଫିତା କାଟି ଶୁଭାରମ୍ଭ କରିଥିଲେ ।

**ଭଟଲି:** ଭଟଲି ବ୍ଲକ୍ ନୂଆଗଡ଼ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପରଦେଶୀ ବୁଦ୍ଧିଆଙ୍କ ଅଧ୍ୟକ୍ଷତାରେ ଓ ଆନନ୍ଦ ସାହୁଙ୍କ ସଂଯୋଜନାରେ ଶିଶୁ ଦିବସ ପାଳିତ ହୋଇଥିଲା । ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ପୁରନ ସାହୁ ମୁଖ୍ୟ ଅତିଥି, ଆଲୁମିନି ସଦସ୍ୟ ସୁନୀଲ ସାହୁ ସମ୍ମାନିତ ଅତିଥି, ଶିକ୍ଷକ ଗଜାନନ ବେହେରା, ରାଜେଶ ପଟେଲ, ଡଳି ସରାଫ ଓ ଜୁଲି ସରାଫ ଯୋଗଦେଇଥିଲେ । ବକ୍ତୃତା, ପ୍ରବନ୍ଧ ଓ ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପାଣ୍ଡବ ପ୍ରଧାନ, ଓକିଲ ଖମାରୀ ଓ ଅଶୋକ ସାହୁ ସହଯୋଗ କରିଥିଲେ ।

**ପାଇକମାଳ:** ପାଇକମାଳ ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଲଟିଆଇ ମାଇଣ୍ଡଟ୍ରି ଫାଉଣ୍ଡେସନ ଦିବସ ଓ ଶିଶୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦନ ସୁନା, ପୂର୍ବତନ ଏବିଇଓ ପ୍ରେମାନନ୍ଦ ବାରିକ, ମହାଶକ୍ତି ଫାଉଣ୍ଡେସନର ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁ, ସିଆରସିସି ରଞ୍ଜନ ବାଗ ଅତିଥି ଭାବେ ଯୋଗଦେଇଥିଲେ । ମହାଶକ୍ତି ଫାଉଣ୍ଡେସନ ଏହାକୁ ଆୟୋଜିତ କରିଥିଲା । ଏହି ଅବସରରେ ତର୍କ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନିରଞ୍ଜନ ଦୀପ ଧନ୍ୟବାଦ ଦେଇଥିଲେ । ସେହିପରି ପାଇକମାଳ ଟେମରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟେମରୀ ପଞ୍ଚାୟତର ସରପଞ୍ଚ ଦିଲ୍ଲିପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସୋଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ପ୍ରଧାନ ଯୋଗଦେଇଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ଼ୋଲାମଣୀ ଭୋଇଙ୍କ ଅଧ୍ୟକ୍ଷତାରେ ଏକସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ମଥାରେ ଚନ୍ଦନ, ମିଷ୍ଟାନ୍ନ ଖୁଆଇ ନିଆରା ଢଙ୍ଗରେ ସଭାକୁ ଆଗକୁ ନିଆଯାଇଥିଲା । ଛାତ୍ରଛାତ୍ରୀମଙ୍କ ଦ୍ୱାରା ବକ୍ତୃତା ଏବଂ ଗୀତ ନାଚ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହୁଲପାଲି ସ୍କୁଲର ସହକାରୀ ଶିକ୍ଷକ ଅରବିନ୍ଦ ଗିରି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଦ୍ୟୁମ୍ନ ବରିହା, ଶିକ୍ଷୟିତ୍ରୀ ତୃପ୍ତିମୟୀ ଧାରୁଆ, ଯାଜ୍ଞସେନୀ



ସାହୁ, କିରାଣୀ ସୁମନ୍ତ ଧାରୁଆ, ସୁବାସିନୀ ବାରିକ ସହଯୋଗ କରିଥିଲେ । ସେହିପରି ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଏବଂ ଡୁମ୍ରେରବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଥିଲା ।

## ଛାତ୍ରଛାତ୍ରୀଙ୍କୁ ଭୋଜନ



**ବରଗଡ଼,୧୪।୧୧(ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ଶିଶୁ ଦିବସ ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର କପିଲ ବାଗଙ୍କ ନେତୃତ୍ୱରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ତିଥି ଭୋଜନର ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତିଥି ଭୋଜନର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡତୀଆ, ପ୍ରକୃତି ବନ୍ଧୁ ଡ. ଡୋଳା ମଣି ଶତପଥି ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହିତ ଏକାଠି ଭୋଜନ କରିଥିଲେ । ଏହି ଅବସରରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ନେହେରୁଙ୍କ ସ୍ମୃତି ଚାରଣ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତ୍ସ୍ନା ତ୍ରିପାଠୀ, ନିଳୀମା ପ୍ରଧାନ, ଜ୍ୟୋତି ବେହେରା, ସୀମା ଭୋଇ, ଗୀତା ଜାଲ, ସୁନୀତା ମିଶ୍ର, ମିତା ସାହୁ, ବବିତା ନାଏକ ପ୍ରମୁଖ ସହଯୋଗ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



ଦାମନଯୋଡି, ୧୪।୧୧ କୋରାପୁଟ ବ୍ଲକ ଅନ୍ତର୍ଗତ ମରିଚମାଳ ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ୨୦୧୭ରୁ ଗଠିତ ମରିଚମାଳ ପଞ୍ଚାୟତର କୌଣସି ସ୍ଥାୟୀ କାର୍ଯ୍ୟାଳୟ ନଥିଲା ବେଳେ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ପଞ୍ଚାୟତ ଗଠନର ଦୀର୍ଘ ୮ ବର୍ଷ ପରେ କାର୍ଯ୍ୟାଳୟ ଗୃହ ଉଦଘାଟନ ହୋଇଥିବାରୁ ପଞ୍ଚାୟତ ବାସୀଙ୍କ ମନରେ ଉତ୍ସାହ ପ୍ରକାଶ ପାଇଛି। ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର, ସମସ୍ତ କନିଷ୍ଠ ଯନ୍ତ୍ରୀ,ବ୍ଲକ ଷ୍ଟାଫ୍, ସମିତି ସଭ୍ୟା ପାନେଶ୍ୱରୀ ହାଁସଦା, ନାଏବ ସରପଞ୍ଚ ମହେଶ କୁମାର ଖିଲଙ୍କ ସହ ସମସ୍ତ ଓ୍ୱାର୍ଡ ସଭ୍ୟ ସଭ୍ୟା, ମାଥାଲପୁଟ, ଲିଟିଗୁଡା ଓ ଡୁମୁରିପଦର ପଞ୍ଚାୟତର ସରପଞ୍ଚମାନେ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ଡ୍ରେନ୍ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



କୋରାପୁଟ,୧୪।୧୧(ସମିସ): କୋରାପୁଟ ପୌର ପରିଷଦ ପକ୍ଷରୁ ଦୁଇଟି ୱାର୍ଡରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,ଉପାଧ୍ୟକ୍ଷା ସବିତା ପଣ୍ଡା, କାଉନସିଲର ବି ମାଲେଶ୍ୱର ରାଓ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ଥିଲେ। ୫ ନମ୍ବର ୱାଡର୍ ବାସିନ୍ଦାଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ପୂର୍ବ ଏବଂ ବର୍ତ୍ତମାନ ସରକାରଙ୍କୁ କାଉନସିଲର ଶ୍ରୀ ରାଓ ଧନ୍ୟବାଦ ଅର୍ପଣ କରିଛନ୍ତି। ଧୋବା ସାହି ଠାରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ୫୪ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ସେହିପରି ପୂଜାରୀପୁଟ କଲ୍ୟାଣ ମଣ୍ଡପ ପଛପଟୁ ୪୮ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ୱାର୍ଡ ବାସିନ୍ଦାଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସହରବାସୀଙ୍କ ସହ ମୁଁ ମଧ୍ୟ ଖୁସି ଅନୁଭବ କରୁଛି ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି।

## ବାଲ୍ୟବିବାହ ରୋକିଲା ପ୍ରଶାସନ



ବୈପାରୀଗୁଡ଼ା,୧୪।୧୧(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପୋଡା ପଞ୍ଚାୟତରେ ଏକ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ରୋକିଲା ବ୍ଲକ ପ୍ରଶାସନ। ବାଲ୍ୟ ବିବାହ ପୂର୍ବରୁ ନାବାଳିକାଙ୍କୁ ଉଦ୍ଧାର କରି ଆଜି କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି । ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସବିତା ବ୍ରୋମ୍ହା, କ୍ଷେତ୍ର ପରିଦର୍ଶିକା ନନ୍ଦିନୀ ଚୌଧୁରୀ ଓ ଚନ୍ଦ୍ରିକା ମଣ୍ଡଳ, ଥାନା ଏସଆଇ ଅନିତା ନାୟକ,ଚାଇଲ୍ଡଲାଇନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତପସ୍ୱିନୀ ପାଢ଼ୀ, ଅଙ୍ଗନବାଡି ଦିଦି ପ୍ରମୁଖ ଉପସ୍ଥିତିରେ ପରିବାର ଲୋକଙ୍କୁ ବାଲ୍ୟ ବିବାହ ଦଣ୍ଡବିଧାନ ବିଷୟରେ ବୁଝାଯାଇଥିଲା। ସୂଚନା ଅନୁଯାଇ, କାଠପୋଡ଼ାର ନାବାଳିକାଙ୍କ ସହ ପାଣ୍ଡିପୋଡା ଗାଁ ର ନାବାଳକଙ୍କ ବାଲ୍ୟ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା ।ଆଦିବାସୀ ପରମ୍ପରିକ ସମ୍ପ୍ରଦାୟ ଅନୁଯାଇ ପ୍ରଥମେ ଝିଅକୁ ପୁଅ ଘରକୁ ଆଣି ରଖିଥିଲେ କିଛି ଦିନ ପରେ ବାଲ୍ୟ ବିବାହ ହୋଇଥାନ୍ତା। କିନ୍ତୁ ଚାଇଲ୍ଡଲାଇନ ଫୋନ ନମ୍ବର ୧୦୯୮ ମାଧ୍ୟମରେ ସୂଚନା ପାଇବା ପରେ କୋରାପୁଟ ଚାଇଲ୍ଡଲାଇନ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ଏବଂ ଆଇସିଡିଏସ ଷ୍ଟାପ ପାଣ୍ଡିପୋଡା ଗାଁ ରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ କ୍ଷ ପରିବାର ଲୋକେ ବୁଝିବା ପରେ ଆଜି ନାବାଳିକାଙ୍କୁ କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି ।

## ଜିଲ୍ଲା ଦଳ ଚୟନ ପ୍ରକିୟା; ରେଡ୍ ଓ ବ୍ଲୁ ଦଳ ବିଜୟୀ

ଜୟପୁର,୧୪।୧୧(ସମିସ): ଜୟପୁରସ୍ଥିତ ଦଶହରା ପଡିଆ ଷ୍ଟାଡିୟମ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କୋରାପୁଟ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଖେଳାଳି ଚୟନ ପ୍ରକିୟା ଶୁକ୍ରବାର ତୃତୀୟ ଦିବସରେ ରେଡ ଏବଂ ବ୍ଲୁ ଦଳ ବିଜୟୀ ହୋଇଛନ୍ତି। ସମୁଦାୟ ୪ଟିଦଳକୁ ନେଇ ଏହି ପ୍ରତିଯୋଗିତା ମାଧ୍ୟମରେ ଖେଳାଳି ଚୟନ ପ୍ରକ୍ରିୟା କରାଯାଉଛଇ। ଆଜିର ପ୍ରଥମ ମ୍ୟାଚ ଦଶହରା ପଡିଆ ଷ୍ଟିଡିୟମ ଠାରେ ବ୍ଲୁ ଏବଂ ୟାଲୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟାଲୋ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ୩୦. ୪ ଓଭରରେ ସମସ୍ତ ୱିକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲେ। ନିର୍ଦ୍ଧାରିତ ବିଜୟୀ ରନର ପିଛା କରି ବ୍ଲୁ ଦଳ ୩୫ ଓଭରରେ ୮ ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲେ ଏବଂ ବିରୋଧି ଦଳକୁ ୨ଟି ୱିକେଟ ପରାସ୍ତ କରିଥିଲେ। ବିଜୟୀ ବ୍ଲକ ଦଳର ବି.ସାଇ ସ୍ୱରୁପ ସର୍ବାଧିକ ୪୮ ରନ ସଂଗ୍ରହ କରିଥିବା ବେଳେ ନୈତିକ ବେହେରା ୫ଟି ୱିକେଟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ରେଡ୍ ଏବଂ ଓରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଓରେଞ୍ଜ ଦଳ ବ୍ୟାଟିଂ କରିଥିଲେ ଏବଂ ମାତ୍ର ୧୬.୧ ଓଭରରେ ସମସ୍ତ ୱିକେଟ ହରାଇ ୪୨ ରନ କରିଥିଲେ। ରେଡ ଦଳ ବ୍ୟାଟି ଆରମ୍ଭ କରି ବିନା ୱିକେଟ ହରାଇ ୪୪ ରନ ସଂଗ୍ରହ କରି ବିପକ୍ଷ ଦଳକୁ ୧୦ ୱିକେଟରେ ପରାସ୍ତ କରିଥିଲେ। ଉଭୟ ମ୍ୟାଚେ ଏମ୍ପାୟାର ଭାବେ ପ୍ରଥମ ମ୍ୟାଚରେ ପ୍ରିୟରଞ୍ଜନ ପାତ୍ର , ଅବୈଦ ନାୟକ ଏବଂ ଶୁଭମ ସିଂ, ରୋଶନ ବେହେରା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର, ଅକ୍ଷୟ କୁମାର ପ୍ରଧାନୀ, ସାହୁକାର ଗୌରବ ଏବଂ ଶୁଭମ ସ୍ୱାଗତ ସ୍ୱାଇଁ ସ୍କୋର ଲେଖକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପଖଣ୍ଡ କ୍ରୀଡା ସମ୍ପାଦକ ରବି ନାୟକଙ୍କ ତତ୍ତ୍ୱାଧାନରେ ୩ଜଣ ଚୟନକର୍ତ୍ତା ଉପସ୍ଥିତ ଥିଲେ।

### ୫୭ ତମ ଜିଲ୍ଲା ପରିଷଦ ବୈଠକ

# ବିଧାୟକ-ଅଧିକାରୀ କଥା କଟାକଟି

କୋରାପୁଟ,୧୪।୧୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲା ପରିଷଦର ୫୭ ତମ ବୈଠକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ ବିଧାୟକ ରୂପୂ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ,ଗ୍ରାମୀଣ ଉନ୍ନୟନ,ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବିଦ୍ୟୁତ,କଫି ଓ ମଙ୍ଗଳ ବିଭାଗର କାର୍ଯ୍ୟକାରିତାକୁ ନେଇ ଆଲୋଚନା କରାଯାଇଥିଲା। ସରକାରୀ କାର୍ଯ୍ୟକ୍ରମ ସଂପର୍କରେ ଜନ ପ୍ରତିନିଧିମାନଙ୍କୁ ଅଧିକାରୀ ମାନେ ସୂଚନା ଦେଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ କିଛି ସମୟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଓ କୋଟପାଡ ବିଧାୟକ ରୂପୁ ଭତ୍ରାଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଜିଲ୍ଲାପାଳ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସରକାରୀ ଯୋଜନା ସଂପର୍କରେ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ ଆରକୁ ମୋଡେଲରେ କଫି ଚାଷ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା ବୋଲି ସେ କହିଛନ୍ତି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇ ନ ଥିବାରୁ ବିକାଶ କାର୍ଯ୍ୟ ଠପ ହୋଇଯାଇଥିବାରୁ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଯେଉଁ



ଅଧିକାରୀ ମାନେ କାର୍ଯ୍ୟ କରୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।କୋରାପୁଟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଗତ ୫ ବର୍ଷରେ ବିଧାୟକ ପାଣ୍ଠିରୁ ୮୫ କୋଟି ଟଙ୍କା ଅନୁଦାନ ଗ୍ରହଣ କରିଥିବା ବେଳେ ୫୮ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ବୈଠକରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍?ତନ୍ତ୍ର ସହାୟତା ଯୋଜନାରେ ୧୦୩.୮୭ କୋଟି ଟଙ୍କା ଅନୁଦାନ ଆସିଥିବା ବେଳେ ୧୦୨ କୋଟି ୭୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କେବିକେ ଯୋଜନାରେ ବିଗତ ୪ ବର୍ଷରେ ୭୭ କୋଟି ଟଙ୍କା ଅନୁଦାନ ଆସିଥିବା ବେଳେ ୭୬ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି।୨୦୨୫/୨୬ ଆର୍ଥିକ ବର୍ଷର ଅନୁଦାନ ଆସିନାହିଁ। କ୍ରିଟିକାଲ ଗ୍ୟାପ ଫଣ୍ଡରୁ ଗତ ୪ ବର୍ଷରେ ୮ କୋଟି ୨୮ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ୩କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୫/୨୬ ଆର୍ଥିକ ବର୍ଷ ଅନୁଦାନ ଆସି ନାହିଁ।କୋରାପୁଟ ସାଂସଦଙ୍କ ପାଣ୍ଠିରୁ ୯ କୋଟି ୯୯ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଛି ବୋଲି ଶ୍ରୀ ବେହେରା କହିଛନ୍ତି। ନବରଙ୍ଗପୁର ସାଂସଦଙ୍କ ପାଣ୍ଠିରୁ ୧ କୋଟି ୬୬ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଛି ବୋଲି ସେ କହିଛନ୍ତି।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସହ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା ,ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ଜୟପୁର,୧୪।୧୧(ସମିସ): ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥରେ ଭାରତୀୟ ଖାଦ୍ୟ ନିଗମ କାର୍ଯାଳୟ ନିକଟସ୍ଥ ରେଳ ଓଭରବ୍ରିଜ ଛକରେ ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ଏବଂ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ମାନେ ହେଲେ ହରଡାପୁଟ ଗ୍ରାମର ଅଜୟ ମୁଦୁଲି (୨୫) ଓ ରାମକୃଷ୍ଣ ଜାନୀ(୨୫)। ସଦରଥାନା ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତିରେ ଅଜୟ ଏବଂ ରାମକୃଷ୍ଣ ଜୟପୁରକୁ କୌଣସି କାର୍ଯ୍ୟ ଆସିବା ସହ ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ବିଳମ୍ବିତ ରାତିରେ କୌଣସି ଅଜଣା ଗାଡି ଧକ୍କା ଦେଇଥିଲା। ଦୁଇ ମୃତ ଦେହ ରାସ୍ତା ତଳକୁ ଖସି ଏକ ଖାଲରେ ଭିତରେ ପଡି ରହିଥିଲେ। ସଦରପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କ ମୃତ୍ୟୁ ଘୋଷଣା କରିଥିଲେ।

## ଗାଁରେ ଭୌତିକ କାଣ୍ଡ, ଲୋକେ ଭୟଭୀତ

ବୈପାରୀଗୁଡ଼ା, ୧୪।୧୧(ସମିସ ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ସଂଡେଇପୁଟ ଠାରେ ଗାଁର ଜଣେ ୨୦ବର୍ଷୀୟ ଯୁବକ ଇଆଡୁ ସିଆଡୁ ଗପିବାରୁ ତାଙ୍କ ଦେହରେ ଭୂତ ଲାଗିଥିବା ପ୍ରଚାରିତ ହୋଇଛି। ସେ କହୁଛନ୍ତି, "ମୁଁ ନରସିଂହ, ମରିବା ପରେ ମୋ ଶବକୁ ଠିକ୍ ପ୍ରକ୍ରିୟାରେ ସତ୍କାର କରା ଯାଇନାହିଁ। ତେଣୁ ତାଙ୍କର ଆତ୍ମାକୁ ଶାନ୍ତି ମିଳିନାହିଁ । ଗାଁ ଲୋକେ ତାକୁ କୌଣସି ପ୍ରକାରେ କାବୁ କରିବା ସହ ବାନ୍ଧି ରଖିଥିଲେ। କିଛି ସମୟ ପରେ ସେ ସ୍ୱାଭାବିକ ହେଉଥିବା ବେଳେ ପୁଣି ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳିଛି। ପୁଣି ରାତି ହେଲା ମାତ୍ରେ ଗାଁରେ ଶୂନ୍ୟ ରୁ ପଡୁଛି ଢେଲା ପଥର ମାଡ଼ । ଏପରି ଭୌତିକ କାଣ୍ଡକୁ ନେଇ ଗ୍ରାମବାସୀ ମାନେ ଭୟଭୀତ ହୋଇ ପଡିଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ, ଗାଁ ର ନରସିଂହ ସଗରିଆ ନାମକ ଜଣେ ବ୍ୟକ୍ତିଙ୍କ ଦୀର୍ଘ ବର୍ଷ ପୂର୍ବେ ମୃତ୍ୟୁ ଘିଟିଛି । ଏବେ ୨୦ ବର୍ଷୀୟ ଯୁବକଙ୍କ ଦେହରେ ନରସିଂହଙ୍କ ଭୂତ ଲାଗି ନିଜ ଶବ ସତ୍କାର କାହାଣୀ ଗାଁ ଲୋକଙ୍କ ଆଗରେ କହୁଛି । ଗାଁ ଲୋକଙ୍କ ଚେଷ୍ଟା ରେ ଗୁରୁବାର ଦିନ ଜଣେ ଜବକନାଡିର ଦିଶାରୀ (ଗୁଣିଆ) ଗାଁରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଦିଶାରୀ ଗାଁରେ ପୂଜା କରିବା ପରେ ଢେଲା ପଥର ମାଡ଼ ବନ୍ଦ ହୋଇ ଯାଇଛି। କିନ୍ତୁ ଯୁବକଙ୍କ ଦେହରୁ ଭୂତ ଆତ୍ମା ସମ୍ପୂର୍ଣ୍ଣ ଭାବେ ଛାଡି ନାହିଁ ବୋଲି ଗାଁ ଲୋକେ କହିଛନ୍ତି। ଏଣୁ ଆସନ୍ତା କାଲି ହାଇଦ୍ରାବାଦରୁ ଜଣେ ଗୁଣିଆ ଆସିବା ପରେ ପୂଜାର୍ଚ୍ଚନା ହେବ ବୋଲି ଜଣାପଡ଼ିଛି।

## ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ

ଲକ୍ଷ୍ମୀପୁର,୧୪।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ ଅଧିକାର ଉପରେ ଆଲୋକପାତ କରା ଯାଇଥିଲା। ରଚନା ଓ ଚିତ୍ରାଙ୍କନ ପ୍ରତଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଫକିର ମୋହନ ସାହୁ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରି ଥିଲେ । ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଛାତ୍ର ଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ





ସହ ସମାଜରେ ପ୍ରତିଷ୍ଠା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ସୁକାନ୍ତ କୁମାର ଯାଦବ,ଅଶେଷ କର୍ଜି,ମାଧୁରୀ ଲେଙ୍କା, ଯେଶ୍ମା ପଣ୍ଡା, ସୁନୀତା ସାହୁକାର,ପ୍ରିୟଙ୍କା ବିଷୋୟୀ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି ଓ ବିଜୟ ସୁରଜ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ଶିକ୍ଷକ ଶଙ୍କର ଗୁଡୁମ୍ବକା ଓ କସ୍ତୁରୀ ଶବର ମଞ୍ଚ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ରାୟଗଡ଼ା,୧୪।୧୧(ସମିସ): ରାୟଗଡ଼ା ପଶୁ ସମ୍ପଦ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଅତିଥିରୂପେ ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗଉଡ, ଜିଲ୍ଲା ମୁଖ୍ୟ ପଶୁଧନ ଅଧିକାରୀ ମୃଣ୍ମୟ କୁମାର ପଣ୍ଡା, ପଶୁଧନ ଉପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର ସଭାପତିତ୍ୱରେ ଆୟୋଜିତ ମେଳାରେ ବିଭିନ୍ନ ବର୍ଗର ହିତାଧିକାରୀ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳବିଭାଜିକା, ଜୀବିକା ମିଶନ ମିଶନ ଶକ୍ତି ଆଦି ବିଭାଗର ଷ୍ଟଲ୍ ମାନ ନିର୍ମାଣ କରି ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ବ୍ଲକର ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜୟ ଦିବସ ପାଳିତ

ଟିକିରି,୧୪।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିପୁଳ ପରିମାଣ ଭୋଟରେ ବିଜେପିର ବିଜୟ ଅବସରରେ ଟିକିରି ବିଜେପି ପକ୍ଷରୁ ଟିକିରି ବସ୍‌ଷ୍ଟାଣ୍ଡରେ ବିଜୟ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହି ବାଣ ଫୁଟାଇବା ସହ ସମସ୍ତଙ୍କୁ ମିଠା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାନ୍ତି, ଚନ୍ଦ୍ରଶେଖର ଖରା, ବେଲଧର ମାଝୀ, କାର୍ତିକ ମାଝୀ, ବେଲାଳସନ ନାଏକ, ସୁଶାନ୍ତ ପ୍ରଧାନୀ, ଜଗନ୍ନାଥ ସାହୁ, ପୂର୍ଣ୍ଣିମା ଦୋରା, ସୁଦର୍ଶନ ନାଏକ, ବିଶ୍ୱନାଥ ଖୋଡିଆ, ପ୍ରତାପ ଚନ୍ଦ୍ର ଖୋଡ଼ିଆ, ସିରିଧାର ଖରା, ଶ୍ୟାମାଘନ ପାତ୍ର, ଉମାଶଙ୍କର ଦଣ୍ଡସେନା, ପ୍ରଫୁଲ ସାହୁ, ଇନ୍ଦ୍ରଜିତ ସାହୁ, ବିକାଶ ନାଏକ ଓ ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ପୋଷାକ ବଣ୍ଟନ

ବୈପାରିଗୁଡ଼. ୧୪।୧୧(ସମିସ): ବୈପାରିଗୁଡ଼ା ବ୍ଲକ ଲକ୍ଷ୍ମୀପୁର ବିଦ୍ୟାଳୟରେ ଆୟୋଜିତ ପୋଷାକ ବଣ୍ଟନ କାର୍ଯ୍ୟକ୍ରରେ ଯୋଗ ଦେଲେ କୋରାପୁଟ ବିଧାୟକ ରଘୁରାମ ମାଛ। ପ୍ରଥମେ ଲକ୍ଷ୍ମୀପୁର ଗ୍ରାମବାସୀ ବିଧାୟକ ଶ୍ରୀ ମାଛଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପୋଷାକ ବଣ୍ଟନ କରିଥିଲେ। ପୋଷାକ ବଣ୍ଟନ ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମ ବାଲାଜୀ, ବୈପାରିଗୁଡା ମଣ୍ଡଳ ସଭାପତି ଭାଗିରଥି ଗୌଡ଼, ପୂର୍ବତନ ମଣ୍ଡଳ ସଭାପତି ଉମେଶ ପଟ୍ଟନାୟକ, ମନୋଜ ନାୟକ, ଲୁକୁନାଥ ଖରା, ପଦ୍ମନ ମାଳି, ଭାଗିରଥି ମାଛ, ମକର ମାଳି, ପୀତବାସ ନାୟକଙ୍କ ସହ ଶିକ୍ଷକ, ଅଭିଭାବକ, ଗ୍ରାମବାସୀ ଏବଂ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ଏଥିସହ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ମଧ୍ୟରୁ ଲକ୍ଷ୍ମୀପୁର ଠାରୁ ମାଳିଗୁଡା ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏହାଛଡ଼ା ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଯାଇଛି।

## ଯୁବକର ଆତ୍ମହତ୍ୟା

ଜୟପୁର,୧୪।୧୧(ସମିସ): ଜୟପୁର ଟାଉନ ଥାନା ଜୟନଗର ଦାଶରି ସାହି ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା ନେଇ ଥାନାରେ ମାମଲା ରୁଜୁ ହୋଇଛି। ମୃତକ ପ୍ରଦୀପ ହରିଜନ(୨୫)ମାନସିକ ଅସ୍ଥିରତା ଯୋଗୁଁ ସେ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ପ୍ରକାଶ କରିଛନ୍ତି। ମୃତକ ନିଜ ବାସଭବନରେ ବେକରେ ଘୋଡାଇ ହୋଇଥିବା ସାଲ୍ ଲଗାଇ ଝୁଲୁଥିବା ଅବସ୍ଥାରେ ରହିଥିଲା। ତୁରନ୍ତ ଟାଉନଥାନାକୁ ଜଣାଇବା ପରେ ପୁଲିସ ଏସଆଇ ରାଜେନ୍ଦ୍ର ପାଙ୍ଗି ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ଚିକିତ୍ସାଳୟକୁ ପଠାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି।

## ନାବାଳିକା ଅପହରଣ, ଥାନାରେ ମାମଲା

ଜୟପୁର,୧୪।୧୧(ସମିସ): ଜୟପୁର ସହରର ଏକ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଛି। ନାବାଳିକାର ପରିବାର ପକ୍ଷରୁ ଟାଉନ୍‌ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଜୟପୁର ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ସହ ସେମାନଙ୍କ ମୋବାଇଲ ଟ୍ରାକ କରି ନବରଙ୍ଗପୁର ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ଟାଉନ ଥାନାର ଏକ ଦଳ ନବରଙ୍ଗପୁର ବଡଘାସି ସାହିରେ ଥିବା ଜାଣିବାକୁ ପାଇବା ପରେ ନବରଙ୍ଗପୁର ଥାନାକୁ ଯାଇ ଘଟଣାର ତଦନ୍ତ କରୁଥିବା ଏସଆଇ ଏ. କ୍ରୀଷ୍ଣା ରାଓ ପ୍ରକାଶ କରିଛନ୍ତି।

## ନଦୀରେ ଯୁବକ ଭାସିଯାଇଥିବା ସନ୍ଦେହ

ନାରାୟଣପାଟଣା,୧୪।୧୧(ସମିସ): ଝଞ୍ଜାବତୀ ନଦୀରେ ଗାଧୋଇବାକୁ ଯାଇ ଗତକାଲି ଆଉ ଘରକୁ ଫେରିନଥିଲେ ୨୨ବର୍ଷୀୟ ଯୁବକ ଚିନ୍ମୟ ମହାନନ୍ଦିଆ। ନଦୀ ରେ ଭାସିଯାଇଥିବା ସନ୍ଦେହ କରି ପରିବାର ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ସନ୍ଧ୍ୟା ରେ କୋରାପୁଟର ଓଡ୍ରାଫର ଏକ ଟିମ୍ ପହଞ୍ଚି ଝଞ୍ଜାବତୀ ନଦୀରେ ଖୋଜାଖୋଜି ଜାରି ରଖିଛି। ପୋଲିସ , ତହସିଲଦାର, ରାଜସ୍ୱ ନିରୀକ୍ଷକ, ସ୍ଥାନୀୟ ସରପଂଚ,ଥାନା ଅଧିକାରୀ ସମେତ ସ୍ଥାନୀୟ ଗାରିଆଘାଟ ସାହି ବାସିନ୍ଦା ସମ୍ପର୍କୀୟ ନଦୀ ତୋଠରେ ପହଞ୍ଚି କିପରି ନିଖୋଜ ହେଲେ ତାର ତଦନ୍ତ କରିଛନ୍ତି। ଚିନ୍ମୟ ମହାନନ୍ଦିଆ ନାରାୟଣପାଟଣା ବ୍ଲକ ମେଡିକାଲରେ ଆଉଟସୋର୍ସିଙ୍ଗରେ ସୁଇପର ଭାବେ କାମ କରନ୍ତି।

### ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

# ୪୭ ବର୍ଷ ଧରି ରହିଥିଲେ ୭ ପରିବାର

ନାରାୟଣପାଟଣା,୧୪।୧୧(ସମିସ): ଦୀର୍ଘ ବର୍ଷ ଧରି ନାରାୟଣପାଟଣା ପୁରୁଣା ଥାନା ଛକ ନିକଟ ବାଉରୀ ସାହି ଗଳି ନିକଟରେ ରାଜସ୍ୱ ବିଭାଗର ପ୍ଲଟ ନମ୍ବର ୧୨୫ ଖାତା ନମ୍ବର ୪୫୨ରେ ଥିବା ସରକାରୀ ଜମିରେ ଦୀର୍ଘ ୪୭ ବର୍ଷ ଧରି ଜବରଦଖଲ କରି ରହି ଆସୁଥିଲେ ୭ ପରିବାର। ଏହି ଜାଗା ପଞ୍ଚାୟତର କାଜିଂଆହୁଦ ବ୍ୟବହାର ପାଇଁ ରାଜସ୍ୱ ବିଭାଗ ପଞ୍ଚାୟତକୁ ଦେଇଥିଲା। କିନ୍ତୁ ତାହା ବ୍ୟବହାର ନହେବାରୁ ସେହି ଜାଗାରେ ୭ ପରିବାର ଘର ଦ୍ୱାର କରି ଦୋକାନ ଗୃହ କରି ପରିବାର ପୋଷଣ କରିଆସୁଥିଲେ।



ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ତହସିଲ ଜାଗା ଚିହ୍ନଟ କରି ବେଆଇନ୍ ଭାବେ ସରକାରୀ ଜାଗା ଜବରଦଖଲ ଅଭିଯୋଗରେ ମାସିକିଆ ନୋଟିସ କରି ଆଜି ଉଚ୍ଛେଦ କରିଛନ୍ତି। ଫଳରେ ୭ ପରିବାର ନିଜେ ପ୍ରଶାସନର ଚିଠିକୁ ସମ୍ମାନ ଦେଇ ସରକାର ଜାଗାକୁ ଛାଡି ଦେଇଥିଲେ। ନିୟମ ଅନୁସାରେ ତହସିଲଦାର ପ୍ରଭାତୀ ଝଡିଆ,ରାଜସ୍ୱ ନିରୀକ୍ଷକ, ସରପଞ୍ଚରେବତୀ କୁନ୍ଦାରିଆ,ପଂଚାୟତ ନିର୍ବାହ ଅଧିକାରୀ ରମେଶ ତୁଳ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜେସିବି ଲଗେଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଆଗାମି ଦିନରେ ପଞ୍ଚାୟତ ତରଫରୁ ଦୋକାନ ଗୃହ ନିର୍ମାଣ କରାଯାଇ ସାତ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ଦୋକାନ ଗୃହ ବଣ୍ଟନ କରିବା ପାଇଁ ସରପଞ୍ଚ ନାରାୟଣପାଟଣା କୁ ଚିଠି ଜରିଆରେ ଅନୁରୋଧ କରିଥିବା ତହସିଲଦାର କହିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଚୋରା ମଦ, କଫ ସିରପ୍ ଜବତ; ୬ ଗିରଫ

**କେନ୍ଦ୍ରାପଡ଼ା, ୧୪।୧୧(ସମିସ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, କେନ୍ଦ୍ରାପଡ଼ା ଟାଉନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏହି ଅଭିଯାନରେ ତେଲେଙ୍ଗାବସନ୍ତ ଗ୍ରାମର ତ୍ରିଲୋଚନ ସାହୁ (୩୨)ଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ତ୍ରିଲୋଚନ ସାହୁ (୪୦)ଙ୍କଠାରୁ ୨୯ ଲିଟର ଦେଶୀ ମଦ, ବଡ଼ଜରିଆ ଗ୍ରାମର ସୁବାଶିଷ ପଣ୍ଡା (୩୨)ଙ୍କଠାରୁ ୩୮ ଲିଟର ବିଦେଶୀ ମଦ, ଦିଲାରପୁରର ସେଖ ଚାନ୍ଦ (୩୪)ଙ୍କଠାରୁ ୪.୭ ଲିଟର କୋଡିନେ ମିଶ୍ରିତ କଫ ସିରପ ଜବତ କରାଯାଇଛି। ସେହିପରି ସାହସପୁରର ରଜନୀକାନ୍ତ ମଲିକ (୨୭)ଙ୍କଠାରୁ ୧୯ ଲିଟର ବିଦେଶୀ ମଦ ଓ ବାବୁରାମପାଟଣା ଗ୍ରାମର ସଙ୍ଗୀତା ଦାସ (୩୧)ଙ୍କଠାରୁ ୧୭ ଲିଟର ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ଉ ଅଭିଯାନ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି।

### ପଟ୍ଟାମୁଣ୍ଡାଇ ରୋଗୀ କଲ୍ୟାଣ ସମିତି ବୈଠକ

# ଉତ୍ତମ ରୋଗୀ ସେବା ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ




**ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ):** ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ସଭାଗୃହରେ ପଟ୍ଟାମୁଣ୍ଡାଇ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ରାଜନଗର ବିଧାୟକ ଧ୍ରୁବ ସାହୁ ଅଧ୍ୟକ୍ଷତା କରି କଷଣଅଣ୍ଡାରେ ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ସବଡିଭିଜନ ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ କରିବା, ୨୪ ଘଣ୍ଟା ଉତ୍ତମ ରୋଗୀ ସେବା ଯୋଗାଇବା, ମାଗଣା ଔଷଧ ବଣ୍ଟନ, ହସ୍ପିଟାଲ ପରିବେଶ ପରିଷ୍କାର ରଖିବା, ଭିତ୍ତିଭୂମି ବିକାଶ, ଆଧୁନିକ ଯନ୍ତ୍ରାଂଶ ମାଧ୍ୟମରେ ଉତ୍ତମ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଗିରି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁଦାମ ସାହୁ, ରୋଗୀ କଲ୍ୟାଣ ସମିତି ସଦସ୍ୟ ସାମ୍ବାଦିକ ଅକ୍ଷୟ ସାହୁ, ପୂର୍ବତନ କାଉନସିଲର ଶ୍ରୀକାନ୍ତ ରାଉତ, ଯୁବ ନେତା ନିରାକାର ସାହୁ, ଡା ଚନ୍ଦ୍ରଶେଖର ଦାସ, ଡା ଅଭିଷେକ ଦ୍ୱିବେଦୀ, ଡା ଏମଡି ରେହେମାନ, ଡା ପୂରବୀ ପରିଡ଼ା, ସମାଜସେବୀ ବୁଢ଼ା ଲେଙ୍କା ପ୍ରମୁଖ ଯୋଗଦେଇ ଉତ୍ତମ ରୋଗୀ ସେବା ଓ ଭିତ୍ତିଭୂମି ବିକାଶ ଉପରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ନିରାକାର ପରିଡ଼ା ହସ୍ପିଟାଲର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ହସ୍ପିଟାଲ ପରିଚାଳକ ଚିତ୍ତରଞ୍ଜନ ଚାନ୍ଦ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯାଇ ଅନୁମୋଦନ କରାଯାଇଥିଲା। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ପିଏଚଓ ସ୍ନେହଲତା ମହାନ୍ତି, କୋଷାଧ୍ୟକ୍ଷ ସଞ୍ଜୟ ଦାସ, ସୁବାଶିଷ ପଣ୍ଡା, ନୃସିଂହ ଦାସ ଓ ପ୍ରିୟଦର୍ଶିନୀ ଦୀପ୍ତିମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ






**ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ):** ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ତିତିକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା ଶିଶୁ ଦିବସର ମହତ୍ୱ ଓ ଉତ୍ତମ ଶିଶୁ ଦେଶ ବିକାଶର ସୂତ୍ରଧର ବୋଲି ମତପ୍ରକାଶ କରିଥିଲେ। ଏ ଅବସରରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ବିତର୍କ, ଚିତ୍ରକଳା, ଶିଳ୍ପକଳା, ବକ୍ତୃତା ଓ ପୋଷଣ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମା, ସସ୍ମିତା କର, ସରୋଜିନୀ ପାଣିଗ୍ରାହୀ, ସଂଘମିତ୍ରା ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ନାଥଶର୍ମାଙ୍କ ସଂଯୋଜନାରେ କୃତି ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ପୋଖରିଆପଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଥିଲା। ସମିତି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟ ଓ ପ୍ୟାନେଲ ଆଡଭୋକେଟ ଧୀରେନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଜେଏମଏଫ୍ସି ଡି.କେ. ବାଲକ୍ରିଷ୍ଣନ୍, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୀରକିଶୋର ସାହୁ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ରିଟେନର ଗୀତାଞ୍ଜଳି ପୃଷ୍ଟି, ଆଡ଼ଭୋକେଟ ହୃଦାନନ୍ଦ ମହାନ୍ତି, ବିଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅଜୟ ସ୍ୱାଇଁ, ମନୋରଞ୍ଜନ ଦାସ, ସଞ୍ଜୁପ୍ରଭା ବିଶ୍ୱାଳ, ମଧୁସ୍ମିତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ତାଲୁକ ଆଇନ ସେବା ସମିତି ପକ୍ଷରୁ ସାଧାରଣ ଜ୍ଞାନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟି, ବିଚାରପତି ବିଦ୍ୟୁତଲତା ପ୍ରଧାନ ଓ ବିଚାରପତି ଡି.କେ. ବାଲକ୍ରିଷ୍ଣନ୍ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

**ଡେରାବିଶ:** ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ଦିବସ ମୁକୁନ୍ଦପୁର ଉନ୍ନିତ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧନକେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଯୋଗଦେଇ ସିନିୟର ଓ ଜୁନିୟର



ବିଭାଗରେ କୁଇଜ୍, ମୁରଜ, ଚିତ୍ରାଙ୍କନ ଓ ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ଶିକ୍ଷକ ପ୍ରଶାନ୍ତ ଶତପଥୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ ଓ ସଚ୍ଚିକାନ୍ତ ମିଶ୍ର, ଜିଲ୍ଲା ଡିପିସି କାର୍ଯ୍ୟାଳୟର ବିତ ଅଧିକାରୀ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ରାଜନଗର ବ୍ଲକ ସିଆରସିସି ସମରେନ୍ଦ୍ର ସାହୁ ଓ ମୁକୁଲ ଘଡ଼େଇ, ବିବି ମଡେଲ ହାଇସ୍କୁଲର ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ, ପଞ୍ଚାୟତ ବିଦ୍ୟାପୀଠ ମୁକୁନ୍ଦପୁରର ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ରାଉତ, ଶିକ୍ଷୟିତ୍ରୀ ମମତା ମହାନ୍ତି ବିଚାରକ ଭାବେ ଯୋଗଦେଇଥିଲେ। ସିଆରସିସି କନକଲତା ପୃଷ୍ଟି, ମାମୁନି ସିଂ, ଚୌଧୁରୀ ସରୋଜ ପ୍ରହରାଜ, ଶିକ୍ଷକ ଦୀପକ ବାରିକ, ଅଭିରାମ ବାରିକ, ଜୀବନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମଳୟ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧନକେନ୍ଦ୍ର ସଂଯୋଜକ ଶ୍ରୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ସାନଗାଁର ମିତ୍ରଶକ୍ତି କ୍ଲବର ୧୩ତମ ବାର୍ଷିକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମୀରାରାଣୀ ମହାନ୍ତି, ଜୟଚନ୍ଦ୍ରପୁର ସରପଞ୍ଚ ପ୍ରିୟଙ୍କା ସାମଲ, ଖୁରୁଷିଆ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ବାବାଜୀ ବେହେରା ସଭାପତିତ୍ୱ କରିଥିଲେ। କ୍ଲବ୍ ସଭାପତି ସୁରେଶ ବସନ୍ତିଆ, ସମ୍ପାଦକ ସଞ୍ଜୟ ମହାନ୍ତି, କୋଷାଧ୍ୟକ୍ଷ କାର୍ତ୍ତିକ ବାରିକ, ବୁଲୁ ସାମଲ, ରଞ୍ଜିତ ସ୍ୱାଇଁ, ସର୍ବେଶ୍ୱର ବେହେରା, ବେଦପ୍ରକାଶ ଦାସ, ମାନସ ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଇନ୍ଦ୍ରମଣି ନାୟକ ମହୋତ୍ସବ ପରିଚାଳନା କରିଥିବାବେଳେ ସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। ୩୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘ ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ):** ପଟ୍ଟାମୁଣ୍ଡାଇ ପ୍ରାଥମିକ ଶିକ୍ଷକ ସଂଘର ୪୩ତମ ବାର୍ଷିକ ଉତ୍ସବ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରକ୍ଷିତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଆଳି ବ୍ଲକ ପ୍ରାକ୍ତନ ବିଆରସିସି ଉଦକର ସାମଲ ମୁଖ୍ୟଅତିଥି, ଶିକ୍ଷାବିତ ପ୍ରମୋଦ ନାୟକ ମୁଖ୍ୟବକ୍ତା, ଶିକ୍ଷକ ନେତା ବିଜୟ ସାହୁ, ରାଜେନ୍ଦ୍ର ପ୍ରସାଦ ସିଂହ ଓ ରତ୍ନାକର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ବଳଭଦ୍ର ପ୍ରସାଦ ରାଉତ ବିବରଣୀ ପାଠ କରିଥିଲେ। ଏ ଅବସରରେ ଅବସରପ୍ରାପ୍ତ ଶିକ୍ଷକ କେଦାର ପରିଡ଼ା, ସୁକାନ୍ତୀ ମିଶ୍ର, ହେମଲତା ମହାନ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଦିବଂଗତ ଶିକ୍ଷକ ନାରାୟଣ ଦାସ, ଅଶୋକ ରାଉତ, କିଶୋର ସେଠୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ସଂଘ ପତାକା ଉତ୍ତୋଳନ କରାଯିବା ସହିତ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷକ ନେତା ନିରୋଦ ଦାସ ଧନ୍ୟବାଦ ଦେଇଥିଲେ।

## ଅଭିରାମ ପରମହଂସଙ୍କ ବଳିଦାନ ଉତ୍ସବ



**ରାଜନଗର, ୧୪।୧୧(ସମିସ):** ରାଜନଗରସ୍ଥ ଜଗତଗୁରୁ ଠାକୁର ଅଭିରାମ ପରମହଂସ ଦେବଙ୍କ ସେବା ଆଶ୍ରମରେ ଗୀତା ଭାଗବତ ତୁଙ୍ଗୀର ୪୩ତମ ବାର୍ଷିକ ଭାଗବତ ପାରାୟଣର ଚତୁର୍ଥ ଦିବସ ତଥା ବଳିଦାନ ଉତ୍ସବରେ ଶାନ୍ତିଧାମର ପୂଜ୍ୟ ବାବାଜୀ ସୁଧାନନ୍ଦ ଦାସମହାରାଜ, ବାବାଜୀ ବଦ୍ରୀନାଥ ଦାସମହାରାଜ, ଗୁରୁକୁଳ ଆଶ୍ରମର ବାବା ବିଶ୍ୱାନନ୍ଦ ଦାସ, ସିଦ୍ଧଗିରି ପୀଠର ଆଚାର୍ଯ୍ୟ ବିଶ୍ୱନାଥ ଦାସମହାରାଜ, କେନ୍ଦୁଝରର ବିଶିଷ୍ଟ ପ୍ରବକ୍ତା ସ୍ୱାମୀ ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର ଦାସମହାରାଜ, ବୃନ୍ଦାବନର ବାବାଜୀ ଗଙ୍ଗାଧର ଦାସମହାରାଜ, ଠାକୁର ନିଗମାନନ୍ଦ ଆଞ୍ଚଳିକ ଆଶ୍ରମ ସଭାପତି ବିଜୟ ଜେନା, ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ବାସୁଦେବ ମଣ୍ଡଳ, ମହାମିଳନ ଉତ୍ସବ ଓଡ଼ିଶା ଶାଖା ସଭାପତି ଗଗନ ବିହାରୀ ସାହୁ, ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡ଼ା, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବ୍ୟାସ ପଣ୍ଡିତ ପ୍ରଫୁଲ୍ଲ କଣ୍ଠ ଉପସ୍ଥିତ ରହି ଭାଗବତ ଧର୍ମାଧାର ଉପରେ ଆଲୋଚନା କରିଥିଲେ। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସହ ଅନ୍ୟାନ୍ୟ ଅଞ୍ଚଳର ଭକ୍ତ ଏହି ଉତ୍ସବରେ ଯୋଗଦାନ କରିଥିଲେ। ସେବକ ଅଭୟ ଦାସ, ଗୋଲେଖ ବିହାରୀ ରାଉତ ଉତ୍ସବ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ପଟ୍ଟାମୁଣ୍ଡାଇ, ୧୪।୧୧(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲଙ୍କ ପୌରୋହିତ୍ୟ ଓ ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଓ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ପଟ୍ଟାମୁଣ୍ଡାଇ ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦିହୁଡ଼ିପୁର ସରପଞ୍ଚ ନରେଶ ମଲିକ, ସାନଜରିଆ ସମିତି ସଭ୍ୟ ସୁବାଷ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ସଶକ୍ତ ହେଲେ ଦେଶ ଓ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ବିଏସଏସଓ ସୁଧାଂଶୁ ଶେଖର ପ୍ରଧାନ ସ୍ୱାଗତ ଭାଷଣ, ଅମ୍ବିକା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଅଳପୁଆ ଅଞ୍ଚଳର ଭିନ୍ନକ୍ଷମ କହ୍ନେଇ ଦାସଙ୍କୁ ଅତିଥିମାନେ ହୁଇଲ ଚେୟାର ପ୍ରଦାନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ, ଶିଶୁ, ମାନସିକ, ଚକ୍ଷୁ ଅସ୍ତ୍ରୋପଚାର ଆଦି ବିଭିନ୍ନ ବିଭାଗରେ ୫୨୬ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିରୁ ୫୦୬ ଭିନ୍ନକ୍ଷମଙ୍କୁ ପରୀକ୍ଷା କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପିଇଓ, ଜିଆରଏସ ଓ ମେଡିକାଲ କର୍ମଚାରୀ ଯୋଗ ଦେଇଥିଲେ। ଶିବିରକୁ କ୍ଷଣପ୍ରଭା ସ୍ୱାଇଁ, ପିଇଓ ଅନନ୍ତ ବିଶ୍ୱାଳ, ପ୍ରଭାତ ମଲିକ, ଅଶୋକ ଜେନା, ତପନ ପ୍ରଧାନ, ଜ୍ୟୋତିରଞ୍ଜନ ସାମଲ, ସର୍ବେଶ୍ୱର ବରାଳ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ରାଜନଗର, ୧୪।୧୧(ସମିସ):** ରାଜନଗର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମହିଷାସୁର ପଞ୍ଚାୟତ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହ ମାଛଚାଷ, ଗୋପାଳନ, କୁକୁଡ଼ା ଚାଷ, ଛେଳି ପାଳନ ଓ ଅନ୍ୟ କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରି ସରକାରୀ ଯୋଜନାର ସୁଫଳ ନେବାକୁ ଯୁବକ ଓ ଯୁବତୀଙ୍କୁ ପରାମର୍ଶ ଦେଇଥିଲେ। ଏ ଦିଗରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଦାୟିତ୍ୱ ରହିଛି ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ରାଜନଗର ବିଡିଓ ଅନିରୁଦ୍ଧ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ଜିଲ୍ଲା ପରିଷଦ ସଭ୍ୟ ଖୁକୁମିନା କୁଁଅର, ସରପଞ୍ଚ ଅଶୋକ ମହାନ୍ତି, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶାସନ ପକ୍ଷରୁ ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଓ ପରାମର୍ଶ ଦେବା ନିମନ୍ତେ ବିଭିନ୍ନ ଷ୍ଟଲ୍ ଖୋଲାଯାଇଥିଲା। ଏ ଅବସରରେ ମାଛ, ଗୋପାଳନ, କୁକୁଡ଼ା ପାଳନ ଆଦି ଉଦ୍ୟୋଗ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହୋଇଥିବା ୮ ଜଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଗରଦପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିର୍ମାଲ୍ୟ ପତି ଧନ୍ୟବାଦ ଦେଇଥିଲେ।



## ଜାତୀୟ ଲୋକ ସେବା ପ୍ରସାରଣ ଦିବସ

**କେନ୍ଦ୍ରାପଡ଼ା, ୧୪।୧୧(ସମିସ):** ବାରୁଅଷ୍ଟ ରେଡ଼ିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡ଼ିଓରେ ଜାତୀୟ ଲୋକ ସେବା ପ୍ରସାରଣ ଦିବସ ପାଳନ କରାଯାଇଛି। ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପରିଡ଼ା ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧାରାମଣି ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ କଣ୍ଠଶିଳ୍ପୀ ନିରୁପମା ଜେନା ଲୋକ ସେବା ପ୍ରସାରଣ ଦିବସ ଉପଲକ୍ଷେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗୀତିକାର ବିମଳ ପରିଡ଼ା କହିଥିଲେ, ୧୯୪୭ ନଭେମ୍ବର ୧୨ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ଦିଲ୍ଲୀ ରେଡ଼ିଓ ଷ୍ଟେସନ ଷ୍ଟୁଡିଓରେ ପ୍ରଥମ ଓ ଶେଷ ଥର ପାଇଁ ଜନସେବାର ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ସେହି ଐତିହାସିକ ଘଟଣାକୁ ସ୍ମରଣୀୟ ରଖିବା ପାଇଁ ଏହି ଦିନ ପ୍ରତିବର୍ଷ ଜାତୀୟ ଲୋକ ସେବା ପ୍ରସାରଣ ଦିବସ ଭାବେ ପାଳନ ହେଉଛି। ସେ ଆହୁରି କହିଥିଲେ, ଏହି ଦିବସ ପ୍ରସାର ଭାରତୀର 'ବହୁଜନ ହିତାୟ, ବହୁଜନ ସୁଖାୟ' ଉଦ୍ଦେଶ୍ୟକୁ ଅଧିକ ସୁଦୃଢ଼ କରିବା ସହିତ ଆକାଶବାଣୀର ଜନସେବା ମିଶନକୁ ସମର୍ପିତ ଭାବେ ଅଗ୍ରସର କରୁଛି। ରେଡ଼ିଓ ସହାୟକ ଗୌରବ ଦାସ, ଅଙ୍କିତା ପରିଡ଼ା, ଶୁଭଲକ୍ଷ୍ମୀ ପରିଡ଼ା, ରାଜଲକ୍ଷ୍ମୀ ପରିଡ଼ା, ବିଶ୍ୱଜିତ ପରିଡ଼ା, ସୁଶ୍ରୀ ସଙ୍ଗୀତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବେଣୀପୁରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ'

**ପଞ୍ଚୁପାଣ୍ଡବ, ୧୪।୧୧(ସମିସ):** ଡେରାବିଶ ତହସିଲ ଅଧୀନସ୍ଥ ବେଣୀପୁର ପଞ୍ଚାୟତରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଡେରାବିଶ ତହସିଲଦାର ସରୋଜ ନାୟକ ଉଦଘାଟନ କରିଥିଲେ। ରାଜନଗର ରାଜସ୍ୱରେ ଥିବା ରଘୁଦେଇପୁର ଓ ବେଣୀପୁର ପଞ୍ଚାୟତର ପ୍ରାୟ ୮୩ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ଆରଆଇ ସାରଦା ପ୍ରସାଦ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ ଓ ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ପରିବର୍ତ୍ତନ ମାମଲା, ଆପୋଷ ବୁଝାମଣାରେ ଜମି ବଣ୍ଟନ ମାମଲା, ସିକିମ ସତ୍ତ୍ୱ, ଦେବ ବନ୍ଦୋବସ୍ତ ମାମଲାର ସମାଧାନ ଓ ବ୍ୟକ୍ତିଗତ, ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ନାଥ, ରାଜନଗର ଆରଆଇ ସାରଦା ପ୍ରଧାନ, ସରପଞ୍ଚ ମୋହନ ସାହୁ ଓ ସମିତି ସଭ୍ୟା କବିତା ସେଠୀ ଯୋଗ ଦେଇଥିଲେ। ପ୍ରଦୀପ ସାମଲ, ଚିନ୍ମୟ ସାହୁ, ଉମେଶ ସାହୁ, ଦୁଃଶାସନ ଦାସ ଓ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରହସନ ପାଲଟିଲା ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

# ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା; ଫେରିଲେ ଅଭିଯୋଗକାରୀ

**ଗରଦପୁର, ୧୪।୧୧(ସମିସ)**



ଗରଦପୁର ତହସିଲ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର ଆଜି ଲୋକଙ୍କ ଅସନ୍ତୋଷର ମଞ୍ଚରେ ପରିଣତ ହୋଇଛି। ସମସ୍ୟା ସମାଧାନ ପାଇଁ ଆୟୋଜିତ ଜନଶୁଣାଣି ଅବ୍ୟବସ୍ଥା ଆଜି କାର୍ଯ୍ୟାଳୟର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସକାଳ ୧୦.୩୦ରେ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତି ନିର୍ଦ୍ଧାରିତ ଥିଲେ ମଧ୍ୟ ସେ ୧୨.୪୫ରେ ଶିବିରରେ ପହଞ୍ଚିଥିଲେ। ଦୀର୍ଘ ସମୟ ଅପେକ୍ଷା କରିଥିବା ଅନେକ ଅଭିଯୋଗକାରୀ ହତାଶ ହୋଇ ଶେଷରେ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏହାଛଡ଼ା ତହସିଲଦାର ତୃପ୍ତି ଦାଶ ଛୁଟିରେ ଥିବାରୁ ଅଭିଯୋଗକାରୀଙ୍କ ଅସୁବିଧା ଆହୁରି ବଢ଼ାଇ ଦେଇଥିଲା।

ବିଳମ୍ବରେ ଆରମ୍ଭ ହୋଇଥିବା ଶିବିରରେ ୪୩ଟି ରାଜସ୍ୱ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମାପଚୁପ, ଦଖଲ ଖାରଜ, ମ୍ୟୁଟେସନ, ଜବରଦଖଲ ସହିତ ଅନ୍ୟାନ୍ୟ ମାମଲା ଅଧିକ ଦେଖିବାକୁ ମିଳିଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ଅଧିକାରୀ ଉପସ୍ଥିତ ନ ହେବାରୁ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। କେହି କେହି ତହସିଲ କାର୍ଯ୍ୟାଳୟରେ ତାଲା ପକାଇବାକୁ ଧମକ ଦେଇଥିଲେ। ତହସିଲ କାର୍ଯ୍ୟାଳୟରେ ବିନା ଲାଞ୍ଚରେ କାମ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ସାଧାରଣ ମାପଚୁପ ପାଇଁ ଅଭିଯୋଗକାରୀଙ୍କୁ ବର୍ଷ ବର୍ଷ ଦୌଡ଼ିବାକୁ ପଡୁଛି। ୧୦ ଦଶ ବର୍ଷ ଧରି ଲଟକିଥିବା ଫାଇଲ ଆଜି ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରୁନି। ତହସିଲ ନକ୍ସା ସଂଶୋଧନ ପାଇଁ ଅର୍ଡର ହଜାଇ ଦେଇଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି। ଏ ନେଇ ବଡବେତରାର ସୁରେନ୍ଦ୍ର ବାରିକ, ପନ୍ଦିଆର ବୈଷ୍ଣବ ବେହେରା, କୋଡପଲାର ପ୍ରତାପ ପ୍ରଧାନ, କୋରୁଆର ଶିକ୍ଷାବିତ୍ ଲିଙ୍ଗରାଜ ଶତପଥୀ, ନଇଦିପୁରର ପ୍ରଶାନ୍ତ ଦାଶ ପ୍ରମୁଖ ଗଣମାଧ୍ୟମ ସମ୍ମୁଖରେ ତହସିଲ କାର୍ଯ୍ୟାଳୟର ଅନିୟମିତତା ବିରୋଧରେ ଖୋଲାଖୋଲି ମତ ପ୍ରକାଶ କରିଛନ୍ତି। ଛୋଟ କାମ ପାଇଁ ବର୍ଷ ବର୍ଷ ଦୌଡ଼ିବାକୁ ପଡୁଛି। ଅଧିକାରୀ ସମୟରେ ଆସନ୍ତି ନାହିଁ। ଲୋକଙ୍କ ସମସ୍ୟା ସିଧାସଳଖ ଶୁଣିବା, ଦ୍ରୁତ ନିରାକରଣ, ପ୍ରଶାସନ-ଜନତା ସମ୍ପର୍କ ସୁଦୃଢ଼ କରିବା ଭଳି ଦିଗରେ ଗରଦପୁର ତହସିଲ ବହୁ ଦୂରରେ ଥିବା ମତ ପ୍ରକାଶ ପାଇଛି। ତହସିଲ କାର୍ଯ୍ୟାଳୟର ଅନିୟମିତତା ଓ ଦୁର୍ନୀତିର ଭୟାବହ ଚିତ୍ର ଦେଖି ସାଧାରଣ ଲୋକ ଏବେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଆଶା କରିଛନ୍ତି। ଏହି ତହସିଲକୁ ଏକ ଲୋକମୁଖୀ, ଦ୍ରୁତ ସେବାମୁଖୀ ଓ ଦୁର୍ନୀତିମୁକ୍ତ କାର୍ଯ୍ୟାଳୟ ଭାବେ ପୁନଃସ୍ଥାପିତ କରାଯିବାକୁ ସରକାରଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅର୍ବାନ ବ୍ୟାଙ୍କ ପୂର୍ବତନ ସମ୍ପାଦକ ଯୁଧିଷ୍ଠିର ଜେନାଙ୍କ ବିୟୋଗରେ ଶୋକ

**କେନ୍ଦ୍ରାପଡ଼ା, ୧୪।୧୧(ସମିସ):** କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସମ୍ପାଦକ ଯୁଧିଷ୍ଠିର ଜେନାଙ୍କ ହୃଦ୍‌ଘାତରେ ଇଚ୍ଛାପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଜେନା ୧୯୮୯ ଜୁଲାଇ ୧ରୁ ୧୯୯୦ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ବ୍ୟାଙ୍କର ବହୁ ଉନ୍ନତି ହୋଇଥିଲା। ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତି ଦିଲ୍ଲୀରେ ଥିବାବେଳେ ଏହି ଦୁଃଖଦ ଖବର ପାଇ ସ୍ୱର୍ଗତ ଜେନାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଅର୍ବାନ ବ୍ୟାଙ୍କ ମୁଖ୍ୟ ଶାଖା ପରିସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ପରିଚାଳନାରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ଏହି ସଭାରେ ରାଜୀବଲୋଚନ ପଣ୍ଡା, ସୁରେଶ ପରିଡ଼ା, ହିମାଂଶୁ ଲେଙ୍କା, ଲଲାଟେନ୍ଦୁ ଦାସ, ଭଞ୍ଜକିଶୋର ଜେନା, ସୁକାନ୍ତ କର, ଆଦିତ୍ୟ ଶତପଥୀ, ସଙ୍ଗୀତା ନାୟକ, ଅରବିନ୍ଦ ସ୍ୱାଇଁ, ସନ୍ତୋଷ ରାଉତ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# କଟକ ସିଟି





ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ୯ ଦିନରେ ୨୦୦ କୋଟିର ବେପାର

## ମେଳା ପଡ଼ିଆରୁ ମନ ଛାଡ଼ିଲାନି ▶▶ ସଞ୍ଜ ଯାଏ ଲାଗି ରହିଲା ଭିଡ଼

**ସରିଗଲା ଐତିହାସିକ ବାଲିଯାତ୍ରା କଟକ-୨୦୨୫ । ଏଥି ସହି ବିଦାୟ ନେଲା ଚଳିତବର୍ଷ କଟକର ସବୁ ଜାନିଯାତ୍ରା ଆଉ ପାର୍ବଣର ମାହୋଲ । ଧାଡିକି ଧାଡି ହୋଇ ପାଳନ ହେଉଥିବା ଉତ୍ସବ ସବୁ ମାର୍ଗଶୀର ମାସ ମଝିରେ ହିଁ ସମାପ୍ତ ହେଲା । ୯ ଦିନର ଯାତ୍ରାରେ ବେପାର ହୋଇଛି ୨୦୦କୋଟିରୁ ଅଧିକ ଟଙ୍କାର । ହିସାବ ନଥିଲେ ବି ୫୦ଲକ୍ଷରୁ ଅଧିକ ଜନସମାଗମ ହୋଇଛି ବୋଲି ପ୍ରଶାସନ ଆକଳନ କରୁଛି । ହେଲେ ଆଉ କିଛି ଓଳି ମେଳା ପଡ଼ିଆରେ ଭିଡ ରହିଛି । ଶୁକ୍ରବାର ସଞ୍ଜ ବୁଡିବା ଯାଏଁ ତଳପଡ଼ିଆକୁ ଲୋକେ ଧାଇଁଥିଲେ ବଳକା ପଡ଼ିଥିବା କିଛି ସାମଗ୍ରୀ କିଣିବାକୁ....**

କଟକ, ୧୪।୧୧(ସମିସ)

ଶେଷ ହୋଇଛି ଐତିହାସିକ ବାଲିଯାତ୍ରା । କିଣାବିକା ଓ ମନୋରଞ୍ଜନର ଏହି ମହୋତ୍ସବରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ଶୀତୁଆ ସନ୍ଧ୍ୟାରେ ରଙ୍ଗାରଙ୍ଗ ଅଲୋକମାଳା ସାଙ୍ଗକୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ବର୍ଷର ଶେଷ ଥର ପାଇଁ ମନଭରି ଦେଖିଛନ୍ତି ଦର୍ଶକ । ମହାନଦୀ ପଠାରେ ୧୬୫୪ଷ୍ଟଲ୍ ସାଙ୍ଗକୁ ୨ହଜାରରୁ ଅଧିକ ବ୍ୟବସାୟୀ ଆଜିଠାରୁ ଘରକୁ ବାହୁଡିବାରେ ଲାଗିଛନ୍ତି । ତେବେ ବାଲିଯାତ୍ରା ଶେଷ ହୋଇଥିଲେ ମଧ୍ୟ ମେଳା ପଡ଼ିଆରୁ ଲୋକଙ୍କ ମନ ଛାଡ଼ିନଥିଲା । ପଡ଼ିଆରେ ପସରା ଖୋଲିଥିବା ଉଠାଦୋକାନୀଙ୍କ ପାଖେ କଟକିଆ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା ।

ଦୋଳି ଏବଂ ମୀନା ବଜାର ସାଙ୍ଗକୁ ପଲ୍ଲୀଶ୍ରୀ ମେଳା ଏଥର ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ଲେଜର୍ ଲାଇଟ୍ ସୋ ଏବଂ କଟକ ଇନ୍ କଟକ ପାଭିଲିୟନ୍ ପରିକଳ୍ପନା ଲୋକଙ୍କ ମନ ମୋହିଥିଲା । ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟ ମେଳା ଦେଖଣାହାରୀଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇ ଦେଇଥିଲା । ଏଥର ଓଲିଉଡର ପ୍ରାୟ ସମସ୍ତ ନାମିଦାମୀ କଣ୍ଠଶିଳ୍ପୀ ଆସିଥିଲେ ବାଲିଯାତ୍ରାର ମଞ୍ଚକୁ । ବଲିଉଡ୍‌ର ରିଷି ସିଂହଙ୍କ ଜଲୱା ପରେ ଗୁରୁବାର ମେଳାର ଶେଷ ଦିନରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମ ଭିଡକୁ ବହୁଗୁଣିତ କରି ଦେଇଥିଲା । ବାଲିଯାତ୍ରା ଶେଷ ହୋଇଥିଲେ ମଧ୍ୟ ପ୍ରଶାସନର ଦୂରଦର୍ଶିତା ଅଭାବରୁ ଅନେକ ସମସ୍ୟା ସାମ୍ନାକୁ ଆସିଥିଲା । ପ୍ରଥମଥର କେବଳ ତଳପଡ଼ିଆରେ ମେଳା ଆୟୋଜନ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା । ଗୋଟିଏ ପଡ଼ିଆରେ ୧୬୫୪ ଷ୍ଟଲ ଆବଣ୍ଟନ ହୋଇଥିବା ବେଳେ ଭିଡ ନିୟନ୍ତ୍ରଣ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିଲା । ମେଳା ଶେଷ ହେବା ଆଗରୁ ହାମର୍ ଦୋଳିର ମୋଟର ପୋଡି ୮ଜଣ ୩୦ ଫୁଟ ଉଚ୍ଚରେ ଅଟକି ରହିବା ଏବଂ ଶେଷ ଦିନରେ ଭିଡ ଭିତରେ ୫ଜଣ ଲୋକ ଅଚେତ ହୋଇ ପଡ଼ିବା ଘଟଣା ପ୍ରଶାସନର ଅବହେଳାକୁ ମଧ୍ୟ ଦର୍ଶାଉଛି ।







## ବାଲିଯାତ୍ରା ପଲ୍ଲିଶ୍ରୀ ମେଳାରେ ୫୬ କୋଟି ୯୫ ଲକ୍ଷ ଟଙ୍କାର ବ୍ୟବସାୟ

**କଟକ, ୧୪।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଥିବା ବେଳେ ଏଥର ଓରମାସ ଆନୁକୂଲ୍ୟରେ ହୋଇଥିବା ଜାତୀୟ ପଲିଶ୍ରୀ ମେଳାରେ ମୋଟ ୫୬ କୋଟି ୯୫ ଲକ୍ଷ ୯୯ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ଶେଷ ଦିନରେ ମୋଟ ୯କୋଟି ୨୭ ଲକ୍ଷ ୩୧ ହଜାର ଟଙ୍କାର କାରବାର ହୋଇଥିଲା । ତେବେ ସର୍ବାଧିକ ବ୍ୟବସାୟ ରବିବାର ପଞ୍ଚମ ଦିନର ବାଲିଯାତ୍ରାରେ ହୋଇଥିଲା । ଏହି ଦିନ ମୋଟ ୯ କୋଟି ୩୪ ଲକ୍ଷ ୯୬ ହଜାର ଟଙ୍କାର ବ୍ୟବସାୟ ହୋଇଥିଲା । ପ୍ରଥମ ଦିନ ୮୯ ଲକ୍ଷ ୩୬ ହଜାର, ଦ୍ୱିତୀୟ ଦିନ ୨କୋଟି ୧୩ ଲକ୍ଷ, ତୃତୀୟ ଦିବସରେ ୩ କୋଟି ୯୧ ଲକ୍ଷ ୮୭ ହଜାର, ଚତୁର୍ଥ ଦିବସରେ ୬ କୋଟି ୮୩ ଲକ୍ଷ ୪୭ ହଜାର, ଷଷ୍ଠ ଦିବସରେ ୭ କୋଟି ୯୮ ଲକ୍ଷ ୮୬ ହଜାର ସପ୍ତମ ଦିନରେ ୮ କୋଟି ୬୭ ଲକ୍ଷ ୭୯ ହଜାର ଟଙ୍କା ଓ ଅଷ୍ଟମ ଦିବସରେ ୭ କୋଟି ୮୯ ଲକ୍ଷ ୩୭ହଜାର ଟଙ୍କାର ବ୍ୟବସାୟ ହୋଇଥିଲା ।

## ଡିସେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ୧୪।୧୧(ସମିସ):** ଆସନ୍ତା ଡିସେମ୍ବର ୧୩ ତାରିଖ ଶନିବାର ଦିନ କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ ବାଉନ୍ସ, ଦେୱାନୀ ଓ ଫୌଜଦାରୀ, ଇତ୍ୟାଦି ମାମଲାର ଆପୋଷ ସହମତିରେ ସମାଧାନ କରାଯିବ ।

## ସୋଫା ଦୋକାନରେ ଅଗ୍ନିକାଣ୍ଡ

**କଟକ, ୧୪।୧୧(ସମିସ):** ଖଟବିନ ସାହିରେ ଥିବା ଏକ ସୋଫା ବିକ୍ରି ଓ ମରାମତି ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ନିଆଁ ଲାଗି ବହୁ ସାମଗ୍ରୀ ଜଳିପୋଡି ଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖଟବିନ ସାହିରେ ଏସକେ. ଅବଦୁଲ ଲତିଫଙ୍କର କୋଲକତା ସୋଫା ସେଣ୍ଟର ନାମକ ଏକ ଦୋକାନ ରହିଛି । ସେଠାରେ ନୂଆ ସୋଫା ତିଆରି ସହ ପୁରୁଣା ମରାମତି କାର୍ଯ୍ୟ ହୋଇଥାଏ । ଶୁକ୍ରବାର ଦିନ ପ୍ରାୟ ୧୧ଟାରେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଅବଦୁଲ ଦେଖିଥିଲେ । ଘଟଣା କଣ ଜାଣିଲା ବେଳକୁ କିଛି ସାମଗ୍ରୀ ଜଳି ଉଠିଥିଲା । ଏହା ଦେଖି ଅବଦୁଲ ଦମକଳ କେନ୍ଦ୍ରକୁ ଘଟଣା ସମ୍ପର୍କରେ ଜଣାଇବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । କିଛି ସମୟ ଭିତରେ ବକ୍ସିବଜାର କେନ୍ଦ୍ରରୁ ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରାୟ ଅଧ ଘଣ୍ଟା ଭିତରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା । ନିଆଁ ଲାଗି ଦୋକାନରେ ଗଚ୍ଛିତ ଥିବା ବହୁ କୁସନ, କୁସନ କଭର ଓ କାଠ ସାମଗ୍ରୀ ଆଦି ଜଳିଯାଇଛି । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ତେବେ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ । ଏନେଇ ତଦନ୍ତ ଜାରି ରହିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି ।

## ଟ୍ରେନ୍‌କୁ ପଥର ଫିଙ୍ଗି ଜଣେ ଗିରଫ

**କଟକ, ୧୪।୧୧(ସମିସ):** ଇଷ୍ଟ କୋଷ୍ଟ ଏକ୍ସପ୍ରେସକୁ ଟେକା ମାରିବା ଅଭିଯୋଗରେ କଟକ ଆରପିଏଫ୍ ସ୍କ୍ୱାଡ୍ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଯୁବକ ଜଣକ ହେଲା ଟାଙ୍ଗୀ ଥାନା କୋଠସାହି ଅଞ୍ଚଳର ଜଗନ୍ନାଥ ସାହୁ(୩୮) । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ୧୮୦୪୫ନମ୍ବର ଇଷ୍ଟକୋଷ୍ଟ ଏକ୍ସପ୍ରେସ କଟକ-ଧାନମଣ୍ଡଳ ଅତିକ୍ରମ କଲା ବେଳେ କେହି ଜଣେ ଦୁର୍ବୃତ୍ତ ଦ୍ୱିତୀୟ ଏସି କୋଚ ନମ୍ବର ଏ-୨କୁ ବଡ ପଥର ଫିଙ୍ଗିଥିଲା । ଢେଲା ମାଡରେ କୋଚର ଝରକା କାଚ ଭାଙ୍ଗି ନଷ୍ଟ ହୋଇଥିଲା । ଘଟଣାକୁ ନେଇ ରେଳ ଡ୍ରାଇଭର ଆରପିଏଫକୁ ଜଣାଇଥିଲା । ଆରପିଏଫ ପକ୍ଷରୁ ୧୪୫(ବି), ୧୪୭ ଓ ୧୫୩ ରେଲୱେର ଧାରା-୧୯୮୯ରେ ଏକ ମାମଲା ରୁଜୁ କରିଥିଲା । ଏହାର ତଦନ୍ତ ଭାର ଏସଆଇ ମୟଙ୍କ କୁମାରଙ୍କୁ ପ୍ରଦାନ କରାଯାଇଥିଲା । କିଛି ଦିନ ଧରି ଆର୍‌ପିଏଫ୍ ଟିମ ତଦନ୍ତ କରିବା ପରେ ଘଟଣା ପଛରେ ଜଗାର ହାତ ଥିବା ପାଇଥିଲା । ଗଞ୍ଜେଇ ନିଶା କରି ଟ୍ରେନ ଉପରକୁ ଢେଲା ଫିଙ୍ଗିଥିବା ଜଣାପଡ଼ିଥିଲା । ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ରାତିରେ ଆର୍‌ପିଏଫ୍ ଚଢଉ କରି ଅଭିଯୁକ୍ତ ଜଗାକୁ ଗିରଫ କରିଥିଲା । ତାକୁ ପଚରାଉଚରା କରିବା ପରେ ସେ ତାର ଦୋଷକୁ ସ୍ୱୀକାର କରିଥିଲା । ଜଗାକୁ କୋର୍ଟ ଚାଲାଣ କରାଯାଇଛି ।

## ୨ ଲୁଟେରା ଗିରଫ

କଟକ, ୧୪।୧୧(ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ବକ୍ସିବଜାରୁ ଲୁଟ୍ କରି ୨ ଅପରାଧିଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ନୟାସଡ଼କ ଅଞ୍ଚଳର ପୁଲକ ଛାବ୍ରା(୪୫) ଏବଂ ଢେଙ୍କାନାଳ ଅଞ୍ଚଳର ଅନ୍ୱେଷଣ ମହାରଣା(୨୩) । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ୫ଟି ଆଧାର କାର୍ଡ, ବ୍ୟାଙ୍କ୍ ପାସବୁକ୍, ଗଡ୍ରେଜ୍ ଚାବି, ଗୋଟିଏ ବାଇକ୍ ଓ ନେପାଳରେ ପ୍ରଚଳିତ ୨ଟି ନୋଟ୍ ଜବତ କରାଯାଇଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ସୁଭଦ୍ରା ଯୋଜନାରେ ଅନଲାଇନ୍ ଫର୍ମ ପୂରଣ କରିବା ପାଇଁ ବକ୍ସିବଜାର ଅଞ୍ଚଳର ରମେଶ୍ ବାରିକ ତାଙ୍କର ୩ଜଣ ସମ୍ପର୍କିୟଙ୍କୁ ନେଇ ବକ୍ସିବଜାରସ୍ଥିତ ପୋଷ୍ଟଅଫିସ ଆସିଥିଲେ । ସମ୍ପର୍କିୟଙ୍କୁ ଛାଡି ଜ୍ୟୋତି ସ୍ଥାନୀୟ ଏକ ଫଟୋ ଷ୍ଟୁଡ଼ିଓକୁ ଯାଇଥିଲେ । ବାଇକ୍‌ରେ ତାଙ୍କର ଏକ ବ୍ୟାଗ୍ ଟଙ୍ଗା ହୋଇଥିଲା । ଉକ୍ତ ବ୍ୟାଗରେ ୨୨ହଜାର ୫୦୦ଟଙ୍କା, ଆଧାର କାର୍ଡ ଓ ଗଡ୍ରେଜ୍ ଚାବି ରହିଥିଲା । ଅଭିଯୁକ୍ତ ପୁଲକ ଓ ଅନ୍ୱେଷଣ ବ୍ୟାଗ୍‌ଟିକୁ ଲୁଟି ନେଇ ଫେରାର୍ ହୋଇଯାଇଥିଲେ । ଏହାପରେ ରମେଶ୍ କ୍ୟାଣ୍ଟନମେଣ୍ଟ ଥାନାରେ ଏକ ଏତଲା ଦେଇଥିଲେ । ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭିରୁ ଅଭିଯୁକ୍ତ ଦ୍ୱୟଙ୍କୁ ଚିହ୍ନଟ କରି ଆଜି ଗିରଫ କରିଥିଲ ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ



**କଟକ, ୧୪।୧୧(ସମିସ):** ମାଛୁଆ ବଜାରସ୍ଥିତ ମା’ ସରସ୍ୱତୀ ଶିକ୍ଷା ମନ୍ଦିରରେ ଶିଶୁ ଦିବସ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ମୁଖ୍ୟ ପ୍ରଧାନଆଚାର୍ଯ୍ୟା ସବିତାରାଣୀ ବାରିକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ସମ୍ପାଦକ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କୁ କଲମ, ପେନସିଲ, କଟର ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସହକାରୀ ଆଚାର୍ଯ୍ୟା ରଶ୍ମିତା ସୂତାର ଧନ୍ୟବାଦ ଦେଇଥିଲେ । ସହକାରୀ ଆଚାର୍ଯ୍ୟା ଲୋପାନୀ ସାହୁ, ନମିତା କୁମାରୀ ବେହେରା, ସୋନାଲିଶା ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ ଓ ମଧୁସ୍ମିତା ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଆଚାର୍ଯ୍ୟ ହରିହର ବିଦ୍ୟାପୀଠ

ଉତ୍ତମାପୁର ସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାପୀଠରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏଥି ସହିତ ପ୍ରଫେସର ଡ. ନିକୁଞ୍ଜ ସ୍ୱାଇଁଙ୍କ ପୃଷ୍ଠପୋଷକତାରେ ପ୍ରିୟନାଥ ସ୍ୱାଇଁ ସ୍ମାରକୀ ପ୍ରତିଭା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ଅଧ୍ୟାପିକା ଡ ଜ୍ୟୋତ୍ସ୍ନା ଦାସ, କବି ମୁରଲୀଧର ସାମଲ, ଅଞ୍ଜନ ସେଠୀ, ବିଶ୍ୱନାଥ ବେଉରା, ବିଷ୍ଣୁପ୍ରିୟା ସ୍ୱାଇଁ, ଅଜିତ ସ୍ୱାଇଁ, ଓ ସ୍ମୃତି ଅଞ୍ଜନା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯିବା ପରେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ।



### ନ୍ୟୁ ଷ୍ଟିୱାର୍ଟ ସ୍କୁଲ

ମିଶନ ରୋଡ଼ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍‌ରେ ଆଜି ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେଶ ମହାନ୍ତିଙ୍କ ପୌରୋହିତ୍ୟରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ବିକ୍ରମ ଏନ୍. ଆଦାମ୍ସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପ୍ରାର୍ଥନା କରିବା ସହିତ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ କହିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଶ୍ରୀମାନ୍ କିଷନ କୁମାର ଓଝାଙ୍କୁ ବିଦ୍ୟାଳୟର ସମ୍ପାଦକ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ସ୍ୱର୍ଣ୍ଣିମା ବିଶ୍ୱାସ ଓ ସୀଲ ରିଲ୍ ସାଇମନ୍ ଉକ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ । ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ଅନିତା ସାମଲ, ଆଭା ବିଶ୍ୱାଳ ଓ ସୁଲତା ବେହେରା କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଶେଷରେ ବିଦ୍ୟାଳୟର ହେଡ୍ ବୟ ମାଷ୍ଟର ଅଭିଳାଷ ସିହ୍ନା ଓ ହେଡ ଗାର୍ଲ ଆୟେଶା ବାରିକ୍ ଧନ୍ୟବାଦ ଦେଇଥିଲେ ।




### ରେଭେନ୍ସା କଲିଜିଏଟ ସ୍କୁଲ

ରେଭେନ୍ସା କଲିଜିଏଟ ସ୍କୁଲ ନେତାଜୀ ଅଡିଟୋରିୟମରେ ପ୍ରଧାନ ଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଡ. ସନାତନ ପଣ୍ଡାଙ୍କ ରଚିତ ତଥା ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ‘ଆମେ ଶିଶୁ’ ସଙ୍ଗୀତ ପରିବେଷଣ କରିଥିଲେ । ଏହା ପରେ ବିଦ୍ୟାଳୟର ପ୍ରାୟ ୨୦ ଜଣ ଛାତ୍ରଛାତ୍ରୀ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ପରେ ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ରୁକ୍ମିଣୀ ସାମଲ, ଜ୍ଞାନ ରଞ୍ଜନ ଧଳ, ସନ୍ତୋଷ ସ୍ୱାଇଁ, ରାଧାନାଥ ଟ୍ରେନିଂ କଲେଜର ଗୁରୁ ଛାତ୍ରଛାତ୍ରୀମାନେ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡା ତାଙ୍କ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।



### ମଡର୍ଣ୍ଣ ପବ୍ଲିକ୍ ସ୍କୁଲ

ଶିଶୁ ଦିବସ ଅବସରରେ ହରିପୁର ସ୍ଥିତ ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲ (ଜୁନିଅର) ପରିସରରେ ଏକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଡ. ରବି ରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ମିଶ୍ରଙ୍କର ପରିଚାଳନାରେ ଏହି କାର୍ଯ୍ୟକ୍ରମଟି ଖୁବ୍ ମନୋଜ୍ଞ ଓ ଚିତ୍ତାକର୍ଷକ ହୋଇଥିଲା । ସମସ୍ତ କର୍ମକର୍ତ୍ତା ଯଥାକ୍ରମେ ସଙ୍ଗୀତା ନନ୍ଦ, ସଙ୍ଗୀତା ଦାସ୍, ଆଶାବରୀ ସାହୁ, ବନ୍ଦିତା ପଣ୍ଡା, ଗୀତାଞ୍ଜଳୀ ମହାପାତ୍ର ଓ ଜ୍ୟୋତିର୍ମୟୀ ମହାପାତ୍ରଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । କାର୍ଯ୍ୟକ୍ରମରେ ମୀନାବଜାର ଓ ଗେମ୍ ଜୋନ୍‌ରେ ବିଦ୍ୟାଳୟର ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଭରପୂର ଆନନ୍ଦ ନେଇଥିଲେ । ଶେଷରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ଆଞ୍ଚଲ୍ ଲଦା ଧନ୍ୟବାଦ ଦେଇଥିଲେ ।



### ଷ୍ଟୁଆର୍ଟ ସ୍କୁଲ




ଷ୍ଟୁଆର୍ଟ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏକ ଭାବପୂର୍ଣ୍ଣ ସଙ୍ଗୀତ ଓ ପ୍ରାର୍ଥନା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହା ପରେ ବାଇବେଲ ପାଠ କରାଯାଇଥିଲା । ପ୍ରିନ୍ସିପାଲ୍ ଡି. ମାର୍ଟିନା ଛାତ୍ରଛାତ୍ରୀ ଓ ସ୍କୁଲ ପରିବାର ପାଇଁ ଆଶୀର୍ବାଦ ଭିକ୍ଷା କରି ଏକ ହୃଦୟସ୍ପର୍ଶୀ ପ୍ରାର୍ଥନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଜୀବନ୍ତ ଓ ଆକର୍ଷଣୀୟ ହୋଇଥିଲା । ରଙ୍ଗୀନ ସମ୍ବଲପୁରୀ ଲୋକନୃତ୍ୟ ତାଳରେ ଶିକ୍ଷୟିତ୍ରୀମାନେ ତାଳ ମିଶାଇ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପରେ ଏକ କ୍ୱିଜ ପ୍ରତିଯୋଗିତା ହୋଇଥିଲା । ସ୍କୁଲର ସଙ୍ଗୀତ ବିଭାଗ ଦ୍ୱାରା ଉପସ୍ଥାପିତ ସଙ୍ଗୀତମୟ କାର୍ଯ୍ୟକ୍ରମ ପରିବେଶକୁ ସୁର ଓ ସଙ୍ଗୀତରେ ଭରପୂର କରିଦେଇଥିଲା । ଶେଷରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ଏକ ସାମୂହିକ ଗୀତ ପରିବେଷଣ ହୋଇଥିଲା ।

## ବିଭିନ୍ନ ସ୍ଥାନରେ ଶିଶୁ ଦିବସ

# ଶିଶୁମାନେ ଅକ୍ଷୟ ଶକ୍ତିର ଭଣ୍ଡାର



**ରାଉରକେଲା, ୧୪।୧୧(ସମିସ):** ସ୍ଥାନୀୟ ସାରନଗରୀ ବୋଇତବନ୍ଦାଣ ପଡ଼ିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ସହ ଶିଶୁ ଦିବସ ପାଳିତ ହୋଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ତଥା ସମାଜସେବୀ ସୁଭାଷ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ତଥା ଶିକ୍ଷାବିତ୍ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ବକ୍ତାଭାବେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଯୋଗଦେଇ କହିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତର ମୂଳଦୁଆ, ଯେଉଁମାନଙ୍କ ଭିତରେ ଭରି ରହିଛି ଅକ୍ଷୟ ଶକ୍ତି ଓ ସାମର୍ଥ୍ୟର ଭଣ୍ଡାର। ସେମାନଙ୍କ ମଧ୍ୟରେ ରହିଥିବା ଆତ୍ମବିଶ୍ୱାସ ଓ ସୃଜନଶୀଳତାକୁ ଆମକୁ ଆବିଷ୍କାର କରିବାକୁ ହେବ ବୋଲି ସେ କହିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜିତ କୁମାର ସାମନ୍ତରାୟ ବକ୍ତବ୍ୟଦେଇ ପରାମର୍ଶ ଦେଇଥିଲେ। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ଦିପ୍ତୀପ୍ରଭା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବିତା ପ୍ରସାଦ, ରିନୁ ଜେନା, ଧାନ ବେଶରା, ନଳିନୀ ପରିଡ଼ା, ସୁପ୍ରଭା ନାୟକ, ଦେଓଗୀ ମାଝୀ, ପ୍ରଭାତି ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ନେହଁଲତା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟ



**କୁତ୍ରା:** ପଣ୍ଡିତ ଜବାହରଲାଲ ନେହରୁଙ୍କ ଜନ୍ମଦିବସ ଅବସରରେ ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅମରେଶ ସାହୁଙ୍କ ମାର୍ଗଦର୍ଶନରେ ଏହି ଦିବସଟି ଆୟୋଜିତ ହୋଇଯାଇଛି। ଶିଶୁଦିବସ ଅବସରରେ ଛାତ୍ରଛାତ୍ରୀମାନେ ନିଜର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପହାର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ, ବିକାଶ ଟପ୍ପୋ, କିରନ ଏକ୍କା, ରାମେଶ୍ୱର ଲାକ୍ରା, ହରେକୃଷ୍ଣ ସାହୁ, ମନଭାଗୀ ନାଏକ, ରୋଶନୀ ମିଞ୍ଜ, ଦ୍ରୋପଦୀ ସାହୁ, ସାନିକା ଖାଲଖୋ, ଅଞ୍ଜଳି ତିଗ୍ଗା, ମାର୍ସିଆ ଟେଟେ, ସୁମିତ୍ରା ବାର୍ଲା ପ୍ରମୁଖଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା।

### ଚିନ୍ମୟ ପବ୍ଲିକ୍ ସ୍କୁଲ



**ରାଉରକେଲା :** ସ୍ଥାନୀୟ ସାରନଗରୀ ଆଇଡିଏଲ୍ ରୋଡ ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ତଥା ଶିକ୍ଷାବିତ୍ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶମୋହିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଭଗବାନଙ୍କ ସୃଷ୍ଟିରେ ସବୁଠାରୁ ଦୁର୍ମୂଲ୍ୟ ଅବଦାନ ହେଉଛି ଶିଶୁ। ଶିଶୁ ହସିଲେ ଦେଶ ହସିବ। ସେମାନେ ଆମ ସମସ୍ତଙ୍କର ଭବିଷ୍ୟତ ପୁଞ୍ଜି। ଶିକ୍ଷକ ଏସ୍. ବୁଡା ଓ ଶିକ୍ଷୟତ୍ରୀ ବି. ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ନୃତ୍ୟ ଶିକ୍ଷକ ରୋବର୍ଟ ହାଇଫେଲ୍ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଚିନ୍ମୟ ଏକାଡେମୀର ଉପ ନିର୍ଦ୍ଦେଶକ ରାଜେଶ ଦାସମୋହିନୀ, ସମ୍ପାଦିକା ପ୍ରତିଭା ଦାସମୋହିନୀ, ସମାଜସେବୀ ସୁଭାଷ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ନୃସିଂହ ପ୍ରସାଦ ପାତ୍ର କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନମିତା ସେନାପତି, ଇରା ମହାନ୍ତି, ସୌଦାମିନୀ ମହାକୁଳ, ମେଘା ଦାସ, ସଂଯୁକ୍ତା ତନ୍ତୀ ପ୍ରମୁଖ ଶିକ୍ଷୟିତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀକାନ୍ତ ବୁଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ତାଲୁକ ଆଇନ୍ ସହାୟତା କମିଟି

**ବଣାଇଁ :** ବଣାଇଁ ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସହରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣାକେନ୍ଦ୍ର ପରିସରରେ ଶିଶୁ ଦିବସ ଓ ସଚେତନତା ଶୋଭା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଜଜ୍ ତଥା ବଣାଇଁ ତାଲୁକ ଆଇନ ସହାୟତା କମିଟିର ଅଧ୍ୟକ୍ଷ ଆଶୁତୋଷ ଦାସ, ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ପାର୍ଥସାରଥୀ ମିଶ୍ର, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ବିଜନ ସେନ, ରିଟେନର ମାନସ ରଞ୍ଜନ ପତି, ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ରିଜେସ୍ କୁମାର ସାହୁ ଏବଂ ଅନ୍ତର୍ଯ୍ୟାମୀ ପାତ୍ର ସହାୟତା ପ୍ରଦାନ କରିଥିଲେ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

**ରାଉରକେଲା, ୧୪।୧୧(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦିନିକିଆ ରାଉରକେଲା ଗସ୍ତ ଆସନ୍ତାକାଲି ( ଶନିବାର) ରହିଛି। ସେ ଅପରାହ୍ଣ ୨ଟାରେ ରାଉରକେଲା ବିମାନବନ୍ଦରରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅବତରଣ କରି ସେକ୍ଟର - ୧୩ ସ୍ଥିତ ମେଳଣ ପଡ଼ିଆରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୦୦ ତମ ଜୟନ୍ତୀ ପାଳନ ଅବସରରେ ହେଉଥିବା ଜନଜାତି ଗୌରବ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ଅପରାହ୍ଣ ୩ଟାରେ ଜନଜାତି ଗୌରବ ଦିବସ ପାଳନର ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ସାମିଲ ହେବେ। ଅପରାହ୍ଣ ୪ଟା ୪୦ରେ ମୁଖ୍ୟମନ୍ତ୍ରୀ ସ୍ପେଶାଲ ସର୍କିଟ ହାଉସରେ ନିର୍ମିତ ନୂତନ ସ୍ପେଶାଲ ସର୍କିଟ ହାଉସକୁ ଉଦ୍‌ଘାଟନ କରିବେ। ୫ଟା ୪୦ରେ ବିଶ୍ରା ଛକରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରେ ଥିବା ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍‌ରେ ଆୟୋଜିତ ୪ର୍ଥ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଜାତୀୟ କ୍ରୀଡ଼ା ଉତ୍ସବ - ୨୦୨୫ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଛି। ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦିନାଃ ଦସ୍ତାଗିର, ସୁରଞ୍ଜନ ସାହୁ, ପାନପୋଷ ଉପପ୍ରବନ୍ଧକ ବିଜୟ କୁମାର ନାୟକ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଆଇବି ଡିଏସ୍‌ପି ରାମୁରାଏ ମୁର୍ମୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସମୀକ୍ଷା କରିଛନ୍ତି।

### ତୃତୀୟ ଆଦିବାସୀ ସେବା ସମିତି ହକି ଟୁର୍ଣ୍ଣାମେଣ୍ଟ

## ଗ୍ରୁପ୍ 'ଏ' ରକ୍ସି ପୁରୁଣାପାଣି ଓ 'ବି' ଗ୍ରୁପ୍ କୁମ୍ଭୁପାଣ୍ଡା ଏକାଦଶ ଚାମ୍ପିଅନ



**କୋଇଡ଼ା, ୧୪।୧୧(ସମିସ):** କୋଇଡ଼ା ବ୍ଲକ କାଲଟା ପଞ୍ଚାୟତ ତୋଡା ନାଥାନିଲ୍ ମିନିଷ୍ଟାଡିୟମଠାରେ ତୃତୀୟ ବାର୍ଷିକ ହକି ଟୁର୍ଣ୍ଣାମେଣ୍ଟ ଆଦିବାସୀ ସେବାସମିତି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୪୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୨୦ଟି ଦଳ ଏ ଗ୍ରୁପ୍ ଓ ୨୦ଟି ଦଳ ବି ଗ୍ରୁପ୍ ପାଇଁ ପୃଥକ୍‌ପୃଥକ୍ ଭାବେ ଖେଳିଥିଲେ। ଚାରିଦିନ ଧରି ଚାଲିଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଫାଇନାଲ ମୁକାବିଲା ରକ୍ସି ପୁରୁଣାପାଣି ବନାମ ବିଏନଜି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସୁଟଆଉଟ୍ ରେ ଅଗ୍ରଣି ଗୋଲ୍ କରି ରକ୍ସି ପୁରୁଣାପାଣି ଦଳ ଚାମ୍ପିଅନ୍ ହୋଇଥିଲା। ବି ଗ୍ରୁପ୍ ର ଦ୍ୱିତୀୟ ଫାଇନାଲ ମ୍ୟାଚ୍ କୁମ୍ଭୁପାଣ୍ଡା ଏକାଦଶ ବନାମ ବିକେଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କୁମ୍ଭୁପାଣ୍ଡା ଏକାଦଶ ଦଳ ୧-୦ ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। କୋଇଡ଼ା ବିଡିଓ ସମରେନ୍ଦ୍ର କୁମାର ସାରା, କୋଇଡ଼ା ତହସିଲଦାର ନିର୍ମଳ ବିଶ୍ୱାଳ, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ଅତିରିକ୍ତ ତହସିଲଦାର ସନ୍ତୋଷ କର, ପପୁ ସିଂ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଏ ଗ୍ରୁପ୍ ଚାମ୍ପିଅନ୍ ଦଳକୁ ୪୦ ହଜାର ନଗଦ ସହ ଟ୍ରଫି, ରନର୍ସପ ଦଳକୁ ୨୦ ହଜାର ନଗଦ ସହ ଟ୍ରଫି, ବି ଗ୍ରୁପ୍ ଚାମ୍ପିଅନ୍ ଦଳକୁ ୫୦ ହଜାର ନଗଦ ସହ ଟ୍ରଫି ଓ ରନର୍ସପ ଦଳକୁ ୩୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଉଭୟ ଗ୍ରୁପ୍ ର ଶ୍ରେଷ୍ଠ ଖେଳାଳି, ଗୋଲକିପର, ଡିଫେଣ୍ଡରଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବ୍ ପକ୍ଷରୁ ସଭାପତି ସେମସନ୍ ମାନକି, ସମ୍ପାଦକ ଡାନିଏଲ ଟପ୍ପୋ, ପାଉଲୁସ କାଣ୍ଡୁଲନା, ପାଉଲୁସ ଭେଙ୍ଗରା, ଜୋଲେନ୍ ବାର୍ଲା, ସୁସିଲ୍ ସୁରିନ୍, ବିଶାଲ ହେମ୍ବ୍ରୋମ୍ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ପାରା-ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କିଟ୍ ପ୍ରଦାନ

ରାଉରକେଲା, ୧୪।୧୧(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ତାର ସାମାଜିକ ସେବା ପ୍ରତିବଦ୍ଧତାକୁ ଜାରି ରଖି ଅନ୍ତର୍ଜାତୀୟ ପାରା-ବ୍ୟାଡମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକଙ୍କୁ ବ୍ୟାଡମିଣ୍ଟନ କିଟ୍ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଡ଼ା ଖଣି ମଣ୍ଡଳର ଉପ ନିର୍ଦ୍ଦେଶକ ଦୀନେଶ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ପାରା- ବ୍ୟାଡମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକଙ୍କୁ ଏହି ବ୍ୟାଡମିଣ୍ଟନ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ର ବିଭାସିନ୍ଧୁଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଏହି ପ୍ରୋତ୍ସାହନ ଏବଂ ସମ୍ମାନ ପାଇଁ ବିଭାସିନ୍ଧୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।




ଇଜିପ୍ଟରେ ଆସନ୍ତା ଜାନୁଆରୀରେ ହେବାକୁ ଥିବା ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଖେଳିବାକୁ ଯାଉଛନ୍ତି। ଏହାସହିତ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ଓ ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ ଖେଳିବା ପାଇଁ ଆଶା ରଖିଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଜିନ୍ଦଲ ଷ୍ଟିଲ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ନିରନ୍ତର କାମ କରିଆସୁଛି। ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ସମେତ ଦେଶର ବିଭିନ୍ନ ପ୍ରାନ୍ତର କ୍ରୀଡ଼ାପ୍ରତିଭା ଅନ୍ୱେଷଣ ସହ ସେମାନଙ୍କୁ ତାଲିମ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଫାଉଣ୍ଡେସନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଥିବା ସୂଚନା ମିଳିଛି।

## ଇସ୍ପାତ୍ ସାହିତ୍ୟ ସଂସଦ ପକ୍ଷରୁ ଶିଶୁ ସାହିତ୍ୟ ଆସର




**ରାଉଲକେଲା, ୧୪।୧୧(ସମିସ):** ସାହିତ୍ୟ ଅନୁଷ୍ଠାନଇସ୍ପାତ୍‌ସାହିତ୍ୟସଂସଦଆନୁକୂଲ୍ୟରେ ସେକ୍ଟର ସାତସ୍ଥିତ କାର୍ଯ୍ୟାଳୟଠାରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟ ଆସର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଆସରରେ ଡାକ୍ତର ଅନଙ୍ଗ କୁମାର ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ କବି ବିଜୟିନୀ ଜେନା ଯୋଗଦାନ କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥଲେ। 'ବନ୍ଦେ ମାତରଂ 'ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଉର୍ବଶୀ ଦାସ, ଗୀତାରାଣୀ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ସୁମିତ୍ରା ମଲ୍ଲିକ, ଆକାଂକ୍ଷା ମହାନ୍ତି, ଅମର ସାହୁ ପ୍ରମୁଖ ସଙ୍ଗୀତଗାନ କରିଥଲେ। ଶିଶୁ ସାହିତ୍ୟ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲାଭଳି ଲେଖାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ଦେବା ଏବଂ ବିଜ୍ଞାନ ଭିତ୍ତିକ ଲେଖାର ଆବଶ୍ୟକତା ଉପରେ ବକ୍ତା ଓ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ଉପେନ୍ଦ୍ର ବସ୍ତିଆ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୁଶିଲ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଶିଶୁ କବିତା ପାଠ କାର୍ଯ୍ୟକ୍ରମରେ ଉର୍ବଶୀ ଦାସ, ସୁଶାନ୍ତ ନାୟକ ଏବଂ ସୁଚିତ୍ରା ଲେଙ୍କା ସଂଯୋଜନା କରିଥିଲେ। ସତ୍ୟବ୍ରତ ଦାସ, ଉର୍ବଶୀ ଦାସ, କଳ୍ପନା ନନ୍ଦ, ଉପେନ୍ଦ୍ର ବସ୍ତିଆ, ଶ୍ୱେତ କୁମାର୍ ବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ଦୀପ୍ତି ମହାନ୍ତି, ମଞ୍ଜୁଳା ରଥ, ନୃସିଂହ ଚରଣ ବିଶ୍ୱାଳ, ବଳରାମ ଦାସ, ଗଙ୍ଗାଧର ପୁହାଣ, ବ୍ରଜ ବିହାରୀ ଦାସ, ପ୍ରତାପ କୁମାର ପଣ୍ଡା, କୁଞ୍ଜ ବିହାରି ରାଉତ, ଗୀତରାଣୀ ବେହେରା ପ୍ରମୁଖ କବିତା ପାଠ କରିଥିଲେ। ରଘୁବର ଧଳ, ବ୍ରଜେନ୍ଦ୍ର ଦାସ, ଗୌତମ ଦାସ, ଅକ୍ଷୟ ସାମଲ, ଗୌତମ ଦାସ, ନିକୁଞ୍ଜ ବିହାରୀ ଦାସ, ଦିବାକର ଦାସ, ରମେଶ ଶତପଥୀ, ସତ୍ୟ ନାରାୟଣ ଦାସ, ପ୍ରବୀର କୁମାର ଦୁବେ ପ୍ରମୁଖ କବିତା ପାଠ ଥିଲେ।

## ସମାଜସେବୀ ସମରେନ୍ଦ୍ର ମହାନ୍ତି ଆଉ ନାହାନ୍ତି



**ରାଉରକେଲା, ୧୪।୧୧(ସମିସ): ସ୍ଥାନୀୟ** ବାସନ୍ତୀନଗର ନିବାସୀ ଜଣାଶୁଣା ସମାଜସେବୀ ସମରେନ୍ଦ୍ର ମହାନ୍ତିଙ୍କ ଦେହାନ୍ତ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ବାସନ୍ତୀ କଲୋନୀବାସୀ ମର୍ମାହତ ହୋଇ ପଡ଼ିଛନ୍ତି। ତାଙ୍କର ବାସନ୍ତୀ କଲୋନୀରେ ସବୁଠାରୁ ପୁରୁଣା ପ୍ରିଣ୍ଟିଂ ପ୍ରେସ୍ ରହିଛି। ସେ ଜଣେ ମିଷ୍ଟଭାଷୀ ଓ ମେଳାପୀ ଲୋକଥିଲେ।

## ରାମକୃଷ୍ଣ ମିଶନ୍‌ରେ ନୂତନ ସଚିବଙ୍କ ଯୋଗଦାନ



**ରାଉରକେଲା, ୧୪।୧୧(ସମିସ):** ରାଉରକେଲାର ହମିରପୁରସ୍ଥ ରାମକୃଷ୍ଣ ମିଶନ୍‌ରେ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଜୀ ନୂତନ ସଚିବ ଭାବେ ଆରମ୍ଭ କରିଛନ୍ତି। ରାଉରକେଲାର ରାମକୃଷ୍ଣ-ବିବେକାନନ୍ଦ ଅନୁଗାମୀମାନଙ୍କୁ ନେଇ 'ରାମକୃଷ୍ଣ ସଂଘ' ନାମକ ଗୋଟିଏ ଅନୁଷ୍ଠାନ ୧୯୬୩ରେ ପଞ୍ଜୀକୃତ ହୋଇଥିଲା। ସଭ୍ୟମାନେ ମନ୍ଦିର ନିର୍ମାଣ, ଠାକୁରଙ୍କ ମୂର୍ତ୍ତି ସ୍ଥାପନ, ବାଣୀ-ପ୍ରଚାର, ଆଦିବାସୀ ଓ ଅଭାବି ଲୋକଙ୍କ ପାଇଁ ଶିକ୍ଷାଦାନ, କର୍ମ ନିଯୁକ୍ତି ପାଇଁ ତାଲିମ, ସ୍ୱାସ୍ଥ୍ୟ, ରୋଗୀଙ୍କୁ ଡାକ୍ତର ଦେଖାଇ ଔଷଧ ଦାନ ଆଦି କାର୍ଯ୍ୟ କରୁଥିଲେ। ସ୍ଥାନୀୟ ସମିତି ସହାୟତାରେ ସଚିବ ଓ ସହାୟକ ମହାରାଜଙ୍କ ଦ୍ୱାରା ପରିଚାଳନା ଭାର ଗ୍ରହଣ କରିଥିଲେ। ସମିତିର ସଭାପତି ଭାରତ ଭୂଷଣ ମହାନ୍ତି ଓ ଅନ୍ୟ ପ୍ରମୁଖ ସଭ୍ୟ ରମେନ୍ ଘୋଷ, ଗନେନ୍ ରାୟ, ଗୋରାଚାନ୍ଦ ଘୋଷ, ଦେବଜ୍ୟୋତି ରାୟ ଆଦି ଯୋଗଦାନ କରିଥିଲେ। ଷ୍ଟିଲ୍ ପ୍ଲାଟ ପ୍ରଦତ୍ତ କମ୍ପ୍ୟୁଟର ସାହାଯ୍ୟରେ ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା, ଗୋଟିଏ ଦାତବ୍ୟ ଔଷଧାଳୟ, ବାଣୀପ୍ରଚାର ପାଇଁ ସଭାଗୃହ, ପାଠାଗାର ଓ ପଠନଗୃହ, ମହିଳାମାନଙ୍କୁ ସିଲେଇ ଓ ଅନ୍ୟାନ୍ୟ ତାଲିମ୍, ପଛୁଆ ବର୍ଗଙ୍କୁ ରୋଜଗାରକ୍ଷମ ହେବାପାଇଁ ବିଭିନ୍ନ ତାଲିମ୍ ଆଦି କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସ୍ଥିର ହୋଇଛି।

## ପ୍ରଫେସର ରାମଚନ୍ଦ୍ର ପ୍ରଧାନଙ୍କୁ ଆଇଏସ୍‌ଏଇ ପ୍ରଶଂସା ପଦକ

**ରାଉରକେଲା, ୧୪।୧୧(ସମିସ):** ଏନ୍‌ଆଇଟି ରାଉରକେଲାର ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ.ରାମ ଚନ୍ଦ୍ର ପ୍ରଧାନଙ୍କୁ ପ୍ରକ୍ରିୟାକରଣ, ଦୁଗ୍ଧ ଏବଂ ଖାଦ୍ୟ ଇଞ୍ଜିନିୟରିଂ କ୍ଷେତ୍ରରେ ତାଙ୍କର ବୃତ୍ତିଗତ ସଫଳତା ପାଇଁ ସମ୍ମାନଜନକ ଆଇଏସଏଇ ପ୍ରଶଂସା ପଦକ - ୨୦୨୫ ପ୍ରଦାନ କରାଯାଇଛି। ଏହି ପ୍ରତିଷ୍ଠିତ ପୁରସ୍କାର ନଭେମ୍ବର ୧୨ ତାରିଖରେ ଭୋପାଳର ଆଇସିଏଆର - ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ଇଞ୍ଜିନିୟରିଂ ଠାରେ ଅନୁଷ୍ଠିତ ୫୯ତମ ଇଣ୍ଡିଆନ୍ ସୋସାଇଟି ଅଫ୍ ଏଗ୍ରିକଲ୍‌ଚରାଲ୍ ଇଞ୍ଜିନିୟରିଂର ବାର୍ଷିକ ସମ୍ମିଳନୀ ଏବଂ ଅନ୍ତର୍ଜାତୀୟ ସିମ୍ପୋଜିୟମ୍ ଉତ୍ସବରେ ପ୍ରଦାନ କରାଯାଇଛି। ଏହି ସମ୍ମାନ ହାସଲ ପାଇବା ପରେ ପ୍ରଫେସର ପ୍ରଧାନ 'ନନ୍-ଥର୍ମାଲ ପ୍ରୋସେସିଂ ମାଧ୍ୟମରେ ମିଲେଟ୍ସର ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି' ବିଷୟ ଉପରେ ଏକ ମୁଖ୍ୟ ବକ୍ତୃତା ଦେଇଥିଲେ। ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ସବ୍ୟସାଚୀ ମିଶ୍ର ପ୍ରଫେସର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଅଣ-ତାପ ପ୍ରକ୍ରିୟାକରଣ ଏବଂ ବାଜରା ମୂଲ୍ୟ ବୃଦ୍ଧି କ୍ଷେତ୍ରରେ ତାଙ୍କର ଗବେଷଣା ସ୍ଥାୟୀ ଖାଦ୍ୟ ନବସୃଜନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ପ୍ରଫେସର ମିଶ୍ର ଦେଶରେ କୃଷି କ୍ଷେତ୍ରର ବିକାଶରେ ଇଣ୍ଡିଆନ୍ ସୋସାଇଟି ଅଫ୍ ଏଗ୍ରିକଲ୍‌ଚରାଲ୍ ଇଞ୍ଜିନିୟରଙ୍କ ଅବଦାନକୁ ମଧ୍ୟ ସ୍ୱୀକାର କରିଛନ୍ତି ଏବଂ ଏହି କ୍ଷେତ୍ରରେ ଅଧିକରୁ ଅଧିକ ସହଯୋଗୀ କାର୍ଯ୍ୟ ନିଶ୍ଚିତ କରିଛନ୍ତି। ପ୍ରଫେସର ପ୍ରଧାନଙ୍କ ବିଶେଷଜ୍ଞତା କ୍ଷେତ୍ରରେ ଅଣ-ତାପ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଖାଦ୍ୟ ଇଞ୍ଜିନିୟରିଂ ଏବଂ ମୂଲ୍ୟବୃଦ୍ଧି ଏବଂ ଅଣ-କାଠ ଜଙ୍ଗଲ ଉତ୍ପାଦ ଏବଂ ମିଲେଟ୍ସର ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ ଯେ ୧୯୬୦ରେ ପ୍ରତିଷ୍ଠିତ ଇଣ୍ଡିଆନ୍ ସୋସାଇଟି ଅଫ୍ ଏଗ୍ରିକଲ୍‌ଚରାଲ୍ ଇଞ୍ଜିନିୟର ର ଭାରତ ଏବଂ ବିଦେଶରେ ପ୍ରାୟ ଛଅ ହଜାର ବୃତ୍ତିଗତ ଏବଂ ୩୬ଟି ଅଧ୍ୟାୟ ସଦସ୍ୟ ଅଛନ୍ତି, ଯାହା କୃଷି ଇଞ୍ଜିନିୟରିଂର ସୀମାକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହାର ଉଦ୍ଦେଶ୍ୟ କୃଷି, ପ୍ରାକୃତିକ ସମ୍ବଳ ପରିଚାଳନା, ପରିବେଶ, ଶକ୍ତି, ଖାଦ୍ୟ ଏବଂ ଜୈବିକ ପ୍ରଣାଳୀରେ ବିଜ୍ଞାନ ଏବଂ ଇଞ୍ଜିନିୟରିଂ କଳାକୁ ଆଗକୁ ବଢ଼ାଇବା ଅନ୍ତର୍ଭୁକ୍ତ।




### ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ବାର୍ଷିକ ଉତ୍ସବ

## ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ସେମାନଙ୍କର ସବୁଠାରୁ ବଡ଼ ପୁଞ୍ଜି

ରାଉରକେଲା, ୧୪।୧୧(ସମିସ)



ବରିଷ୍ଠ ନାଗରିକ ନିଜକୁ ଅସହାୟ ମନେ କରିବା ଉଚିତ୍ ନୁହେଁ। କାରଣ ବରିଷ୍ଠ ନାଗରିକଙ୍କର ସବୁ ଠାରୁ ବଡ଼ ପୁଞ୍ଜି ହେଉଛି ସେମାନଙ୍କର ଦୀର୍ଘ ଜୀବନରେ ସଞ୍ଚିଥିବା ସେମାନଙ୍କର ଅନୁଭବ ଓ ଅଭିଜ୍ଞତା। ଯାହାକୁ ପାଥେୟ କରି ଯୁବଗୋଷ୍ଠୀ ଆଗକୁ ବଢ଼ିପାରିବ ବୋଲି ଛେଣ୍ଡ ଥାନା ପରିସରରେ ଥିବା ଆଦର୍ଶ ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ୮ମ ବାର୍ଷିକୋତ୍ସବ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସହାୟତା କେନ୍ଦ୍ରର ସଭାପତି ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ପୁଲିସ ଜିଲ୍ଲାର ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ କହିଲେ ଏ ଦୁନିଆଁ ହେଉଛି ଏକ ନାଟ୍ୟ ମଞ୍ଚ, ଯେଉଁଠିକୁ ଆମେ ସମସ୍ତେ ଅଭିନୟ କରିବାକୁ ଆସିଛନ୍ତି, ଅଭିନୟ କରି ସମସ୍ତେ ଫେରିଯିବେ। ବରିଷ୍ଠ ନାଗରିକଙ୍କ ଭିତରେ ରହିଥିବା ଭରପୁର ଅଭିଜ୍ଞତା ଓ ଦକ୍ଷତାର ଉପଯୋଗ କରି ନିଜେ ନିଜକୁ ବ୍ୟସ୍ତ ରଖିବା ଉଚିତ୍ ବରିଷ୍ଠ ନାଗରିକଙ୍କ ପାଇଁ ଇ-ବିଟ୍ ବ୍ୟବସ୍ଥାକୁ ଏବେ ଅନ୍‌ଲାଇନ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ରାଉରକେଲା ପୁଲିସ ସବୁବେଳେ ସଜାଗ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପାନପୋଷ ଏସଡିପିଓ ରଶ୍ମୀରଞ୍ଜନ ମହାପାତ୍ର ଯୋଗ ଦେଇ କହିଲେ ବରିଷ୍ଠ ନାଗରିକମାନେ ହେଉଛନ୍ତି ଯୁବଗୋଷ୍ଠୀଙ୍କ ପାଇଁ ଏକ ଆଦର୍ଶ। ଡ. ଗୋକୁଳାନନ୍ଦ ସାହୁ କହିଲେ ବରିଷ୍ଠ ନାଗରିକମାନେ ସମସ୍ତେ ଜୀବନର ଅପରାହ୍ଣରେ ଥିବାରୁ ସମସ୍ତେ ନିଜକୁ ସହାୟତା କରିବା ଉଚିତ୍। ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କ ପାଖରେ ରହିଥିବା ଅମାପ ସାମର୍ଥ୍ୟକୁ ସଦୁପଯୋଗ କରିବା ଉଚିତ ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ବାର୍ଷିକ ବିବରଣୀ ପାଠ କରି ୭ ଜଣ ସଭ୍ୟରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ଏବେ ୪୦୦୦ ସଭ୍ୟ ହେଲେଣି ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ ସଭା ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ଅଜିତ ପୂଜାରୀ, ସମାଜସେବୀ ଭରତ ଚନ୍ଦ୍ର ବାଇ, ସମାଜସେବୀ ରନ୍ଧୀର କୁମାର ଲେଙ୍କା, ନୋଡାଲ ଅଫିସର ମହେନ୍ଦ୍ର କୁମାର ସାହୁ, ବିଜୟ କୁମାର ବରାଳ, ସୂର୍ଯ୍ୟନାରାୟଣ ପଣ୍ଡା, କ୍ଷୀରୋଦ କୁମାର ମିଶ୍ର, ରବୀନ୍ଦ୍ର ନାୟକ, ମକରଧ୍ୱଜ ନାୟକଙ୍କ ସମେତ କିଛି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଗ୍ନିକାଣ୍ଡରେ ୨ ପରିବାର ସର୍ବସ୍ୱାନ୍ତ



**ପରଜଙ୍ଗ, ୧୪ ।୧୧(ସମିସ):** ପରଜଙ୍ଗ ବ୍ଲକ ବାରିହାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ସମସ୍ତ ଚାଳ ଛପର ଘର ଜଳିପୋଡ଼ି ଛାରଖାର ହୋଇଯାଇଛି । ଗୋବିନ୍ଦପୁର ଗ୍ରାମର ନୃସିଂହ ବେହେରା ଓ ରୋହିତ ବେହେରା ଉଭୟ ପରିବାର ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି । ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ଚାଳ ଛପରେ ଅଗ୍ନିକାଣ୍ଡ ହେବାରୁ ଘରର ସମସ୍ତ ଆସବାବପତ୍ର ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର, ଲୁଗାପଟା, ଧାନ, ଚାଉଳ ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ ହୋଇଯାଇଛି । ଖବର ପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ଘରର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ପରଜଙ୍ଗ ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କା ଅଗ୍ନିକାଣ୍ଡ ଘଟିଥିବା ପରିବାର ପାଖରେ ପହଞ୍ଚି ଜରି ପାଲ ଯୋଗାଇ ଦେଇଛନ୍ତି । ଏଥିସହିତ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ବାରିହାପୁର ପଞ୍ଚାୟତର ସମାଜସେବୀ ଅରୁଣ ସାହୁ ଅଗ୍ନି ବିପନ୍ନ ପରିବାରକୁ ଭେଟି ଖାଦ୍ୟପେୟର ବ୍ୟବସ୍ଥା କରିବା ସହିତ ଯଥାଶୀଘ୍ର ସମସ୍ତ ସରକାରୀ ଯୋଜନା ଯୋଗାଇ ଦେବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

### ଯାଞ୍ଚ ପାଇଁ ଆସିଛି ୨୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ତାଲିକା

# ରାସନ କାର୍ଡ କଟିବା ଭୟରେ ହିତାଧିକାରୀ ଛାନିଆଁ

**ହିନ୍ଦୋଳ, ୧୪ ।୧୧(ସମିସ)**

ହିନ୍ଦୋଳ ଉପଖଣ୍ଡ ଏକ ବଣ ପାହାଡ଼ ଘେରା ଉପାନ୍ତ ଅଞ୍ଚଳ । ଏହି ଅଞ୍ଚଳର ଶତକଡ଼ା ୭୦ ଭାଗରୁ ଊର୍ଦ୍ଧ୍ୱ ଜନସାଧାରଣ ଚାଷ ଉପରେ ନିର୍ଭର କରନ୍ତି । ହେଲେ ଜଙ୍ଗଲୀ ଜନ୍ତୁ ଓ ହାତୀ ଭୟରେ ଏବେ ଉପଖଣ୍ଡର ୫୦ ପ୍ରତିଶତ ଜମି ପଡ଼ିଆ ପଡ଼ିଛି । କୃଷି ପାଇଁ ଜଳସେଚନର ମଧ୍ୟ ସୁବିଧା ନାହିଁ । ତେଣୁ ଗ୍ରାମାଞ୍ଚଳର ଅଧିକାଂଶ ଲୋକ ରାସନ ଚାଉଳ ଉପରେ ନିର୍ଭର କରିଆସୁଛନ୍ତି । ହେଲେ ଏବେ ଉପଖଣ୍ଡର ୨୨ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଯାଞ୍ଚ ପାଇଁ ତାଲିକା ଡିଲରଙ୍କ ପାଖକୁ ଆସିଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଛନକା ପଶିଛି । କାରଣ ଯେଉଁ ହିତାଧିକାରୀ ପିଏମ୍ କିଷାନ ପାଉଥିବ, ୪ ଚକିଆ ଗାଡ଼ି ଓ ୩ ଏକରରୁ ଊର୍ଦ୍ଧ୍ୱ ଜମି ଥିବ, ଇନକମ୍ ଟାକ୍ସ ଦେଉଥିବ ଆଦି ହିତାଧିକାରୀଙ୍କ ନାମ



କାର୍ଡରୁ କଟିବ ବୋଲି ଚର୍ଚ୍ଚା ହେଉଛି । ଏହାକୁ ନେଇ ହିତାଧିକାରୀ ଛାନିଆଁ ହୋଇପଡ଼ିଛନ୍ତି । ଏପରିକି ଦୀର୍ଘ ଦିନରୁ ରାସନ ସାମଗ୍ରୀ ପାଇ ଆସୁଥିବା ହିତାଧିକାରୀ ମଧ୍ୟ ଛାନିଆଁ ହୋଇଛନ୍ତି । ଉପଖଣ୍ଡର ଅସରଡ଼ା ପଞ୍ଚାୟତର ୫୯୮ ହିତାଧିକାରୀ, ବାବନ୍ଧ ୮୪୫, ବାମ୍ଫା ୩୦୯, ବୁହାଳିପାଳ ୬୬୧, ଚିଉଲପୁର ୪୩୯, ଦାଣ୍ଡିରୀ ୪୪୬, ଦୁଦୁରୁକୋଟ ୭୨୩, ଗାଲପଡ଼ା ୮୩୬, ଗଣ୍ଡାନାଳି ୮୧୭, ଗିରିଧରପ୍ରସାଦ ୧୦୧୮, ଗୁଲେହି ୬୩୧, ହାତୁରା ୯୫୨, ଜରଡ଼ା ୫୬୪, କାଡଲା ୪୧୬, କଳିଙ୍ଗା ୨୧୭, କଂସରା ୬୬୩, କନ୍ତା ମିଲା ୬୯୪, କଣ୍ଟିମିଲି ୯୩୨, କାରନ୍ଦା ୮୫୬, ଖାଲିବୋରି ୪୮୮, କୁକୁଟା ୪୫୫, କୁନୁଆଁ ୫୬୯, କୁଟୁଣିଆ ୩୧୭, ମାଧପୁର ୬୦୮, ମହାଲୁଣ୍ଡା ୪୯୦, ନବକିଶୋରପୁର ୪୬୮, ନିଜିଗଡ଼ ୩୨୧, ନୂଆବଗ ୬୬୭, ନୂଆଗାଁ ୩୨୧, ପାଇକପୁରୁଣାକୋଟ ୩୩୦, ପାଟଲା ୮୧୯, ରଞ୍ଜାଗୋଳ ୭୦୪, ରାଶୋଳ ୯୫୧, ସଞ୍ଜପଡ଼ା ୭୭୩, ଠୋକର ୬୦୯ ଜଣ ହିତାଧିକାରୀଙ୍କ ତାଲିକା ଏହିପରି ଉପଖଣ୍ଡର ୨୧ ହଜାର ୫୦୭ ରାସନ କାର୍ଡଧାରୀଙ୍କ ତାଲିକା ଆସିଛି । ଏମାନଙ୍କର ତଦନ୍ତ କରିବାପରେ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ କଟିବ ବୋଲି ବିଭାଗୀୟ ଅଧିକାରୀ କହୁଥିବା ବେଳେ ଏବେ ରାସନ କାର୍ଡ କଟିଯିବା ଭୟରେ ଗ୍ରାମାଞ୍ଚଳର ଜନସାଧାରଣ ଭୟଭୀତ ହୋଇଛନ୍ତି । ଏ ସମ୍ପର୍କରେ ହିନ୍ଦୋଳ ଯୋଗାଣ ଅଧିକାରୀ ପ୍ରଦୋଷ ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଯେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପଖଣ୍ଡର ବିଭିନ୍ନ ପଞ୍ଚାୟତର ଅଧିକାରୀଙ୍କୁ ତାଲିକା ଦିଆଯାଇଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ସେମାନେ ଏହାର ତଦନ୍ତ କରିବେ । ତଦନ୍ତ ରିପୋର୍ଟ ଆସିବା ପରେ ଉପରିସ୍ଥ ଅଧିକାରୀଙ୍କ ପାଖକୁ ଏହି ତାଲିକା ପଠାଯିବ । ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡରୁ ବାଦ୍ ଦିଆଯିବ । ଯୋଗ୍ୟ ହିତାଧିକାରୀଙ୍କ କୌଣସି ଅସୁବିଧା ହେବ ନାହିଁ । ତେଣୁ ଏଥିରେ ଜନସାଧାରଣ ଭୟଭୀତ ହେବାର କୌଣସି କାରଣ ନାହିଁ କହିଥିଲେ ।

### ୫୫ ନଂ ଜାତୀୟ ରାଜପଥ ବିଆରଜି ଛକ

# ସ୍ଥାନୀୟ ଲୋକଙ୍କ ପାଇଁ ଟୋଲ୍ ଫ୍ରି' ଦାବି

**ଢେଙ୍କାନାଳ, ୧୪ ।୧୧(ସମିସ) :** ଢେଙ୍କାନାଳ ଜିଲ୍ଲାର ୫୫ ନଂ ଜାତୀୟ ରାଜପଥର ବିଆରଜି କାରଖାନା ନିକଟରେ ଥିବା ଟୋଲଗେଟରେ ସ୍ଥାନୀୟ ଲୋକଙ୍କ ପାଇଁଟୋଲ ଫ୍ରି ଛାଡ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

ବିଆରଜି କାରଖାନା ନିକଟରେ ଥିବା ଗ୍ରାମପଞ୍ଚାୟତ ଓ ବ୍ରାହ୍ମଣୀ ଟ୍ରକ୍ ଓନର ୱେଲଫେୟାର ଆସୋସିଏସନର ଅଭିଯୋଗ ଅନୁସାରେ ବିଆରଜି କାରଖାନା ନିକଟରେ ୫୫ ନଂ ଜାତୀୟରାଜପଥରେ ଏକ ଟୋଲ ଗେଟ ରହିଛି । ଏହି ଟୋଲ ଗେଟଟି ମେମର୍ସ ରାନଟୋର ଇନଫ୍ରା ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ । ସ୍ଥାନୀୟ ଲୋକମାନେ ନିକଟସ୍ଥ ନାଲକୋ, ଟାଟା ଷ୍ଟିଲ, ଜିଏମଆର ପାୱାର, ରିମଝିମ ଇସ୍ପାତ, ନଭ ଲିମିଟେଡ, ଏମଜିଏମ କାରଖାନା ଗୁଡିକରେ ଛୋଟ



ବଡ ଗାଡି ଲଗାଇ ନିଜର ଜୀବନ ଜୀବିକା ନିର୍ବାହ କରୁଛନ୍ତି । ବ୍ରାହ୍ମଣୀ ଟ୍ରକ ଓନରସ ଆସୋସିଏସିନ ତରଫରୁ ଚଳାଚଳ କରୁଥିବାର ଗାଡିଗୁଡିକ ଟାକ୍ସ ଦେବାକୁ ବହୁ କଷ୍ଟ ସ୍ୱିକାର କରିବାକୁ ପଡୁଛି । ସ୍ଥାନୀୟ ଗ୍ରାମ ଗୁଡିକର ଗ୍ରାମବାସୀମାନେ ଜମି ଦେଇ ଚଳାଚଳ କରୁଛନ୍ତି । ସେହିପରି ଖଡଗପ୍ରସାଦ ଠାରେଏକ ଘରୋଇ ବିଦ୍ୟାଳୟ ରହିଛି ।ବିଦ୍ୟାଳୟର ଗାଡି ଗୁଡିକ ମଧ୍ୟ ସେହି ଗେଟ ଦେଇ ଯାତାୟତ କରିବା ଯୋଗ ବହୁ ଖର୍ଚ୍ଚ ବହନ କରିବାକୁ ପଡ଼ିବ । ଏ ଦିଗରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଟୋଲ ଫ୍ରିଛାଡ କରିବାକୁ କମଳାଙ୍ଗ, ମଙ୍ଗଳପୁର, କୁସୁପଙ୍ଗା, ଖଡଗପ୍ରସାଦ, ଶିବପୁର, ନିମିଧା, ନୟାଭାଗୀରଥିପୁର, ନୂଆଗାଁର ସରପଞ୍ଚମାନେ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

### ● ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରୟାସ କରୁଛି ଟାଟା ଷ୍ଟିଲ୍

# ଗାଁରୁ ଜାତୀୟସ୍ତର ପର୍ଯ୍ୟନ୍ତ ଚମକିଲେ ତୃଣମୂଳ ସ୍ତରର ପ୍ରତିଭା

**ଢେଙ୍କାନାଳ, ୧୪।୧୧(ସମିସ):** ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ତୃଣମୂଳସ୍ତରରେ ଖେଳ ପ୍ରତିଭାକୁ ପ୍ରୋତ୍ସାହନ ପାଇଁ କରାଯାଉଥିବା ନିରନ୍ତର ପ୍ରୟାସ ଯୋଗୁଁ ଜାତୀୟସ୍ତରରେ ପହଞ୍ଚିପାରିଛନ୍ତି ଟାଟା ଷ୍ଟିଲ ମେରାମଣ୍ଡଳୀର ଆଖପାଖ ଗ୍ରାମାଞ୍ଚଳ ଖେଳାଳି । ୬୯ତମ ସ୍କୁଲ୍ ଗେମସ୍ ଫେଡରେସନ ଅଫ ଇଣ୍ଡିଆ(ଏସଜିଏଫ ଆଇ) ନ୍ୟାସନାଲ୍



ଚମ୍ପାୟାନସିପ୍ ୨୦୨୫-୨୬ ରେ ଖେଳିବାଁ ପାଁଇ ଜିଲ୍ଲାର ଥିବା ଟିଏସଏଫର ଗ୍ରାସରୁଟ୍ସ ସେଣ୍ଟର ଓ ଯୁବ ବିକାଶ କେନ୍ଦ୍ରର ୫ଜଣ ମନୋନୀତ ହୋଇଛନ୍ତି । ଏ ପ୍ରଶିକ୍ଷିତ ଯୁବ ଭଲିବଲ୍ ଖେଳାଳିମାନେ ଜାତୀୟ ମଞ୍ଚର ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇଛନ୍ତି । ଏହି ଅଲିମ୍ପିଆଡ୍ ସମ୍ପନ୍ନ ଏସଜିଏଫ ଆଇ ଚାମ୍ପିୟାନସିପରେ୧୭ ବର୍ଷ କମ୍ ବର୍ଗର ଓଡ଼ିଶାରୁ ୪ ଜଣ ସ୍ଥାନ ପାଇଛନ୍ତି । ଏହି ବର୍ଗ ପିଲାଙ୍କ ପାଇଁ ସ୍କୁଲ ଚାମ୍ପିଅନସିପ ଭଲିବଲ୍ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲି ଠାରେ ଅନୁଷ୍ଠିତ ହେବ । ସେହିପରି ୧୯ ବର୍ଷରୁ କମ୍ ବର୍ଗର ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ଜଣେ ମନୋନୀତ ହୋଇଛନ୍ତି । ସେ ମଧ୍ୟପ୍ରଦେଶର ଗୋଦାରୱାର ନଭେମ୍ବର ୧୩ ରୁ ୧୭ ଯାଏ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଉଛନ୍ତି । ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଏକାଧିକ କ୍ରୀଡାବିତ ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ୧୭ ବର୍ଷରୁ କମ୍ ମହିଳା ଟିମରେ ରହିଛନ୍ତି ପାଇକ ପୁରୁଣା କୋଟର ରିଙ୍କି ସାହୁ, ତାଳବାହାଳର ଗ୍ରାମର ରୋଜାଲିନ ନାଏକ ଓ ବାଦିବାହଳର ବିଦୁସ୍ମିତା ନାଏକ । ସେହିପରି ୧୭ ବର୍ଷରୁ କମ୍ ପୁରୁଷ ଟିମରେ ସ୍ଥାନ ପାଇଛନ୍ତି ପାଇକ ପୁରୁଣା କୋଟର ଶୁଭଦୀପ ବେହେରା । ୧୯ ବର୍ଷରୁ କମ ବର୍ଗରେ ଚରଡ଼ଗାଡିଆର ସୌମ୍ୟରଞ୍ଜନ ସାମଲଙ୍କୁ ସ୍ଥାନ ମିଳିଛି । ଦୁଇ ଦୁଇ ଥର ଜାତୀୟ ଚାମ୍ପିଅନସିପରେ ଅଧିନାୟକତ୍ୱ କରିଥିବା ରିଙ୍କି ସାହୁ କହିଛନ୍ତି, ଏହା ମୋ ପାଁଇ ସ୍ୱପ୍ନ ସତ ହେବା ଭଳି ହେବା ମୁହୂର୍ତ୍ତ । ଟାଟା ଷ୍ଟିଲ ଫାଉଣ୍ଡେସନରେ ପ୍ରଶିକ୍ଷଣ ମୋର ଆତ୍ମବିଶ୍ୱାସ ବଢ଼ାଇବା ସହ ସେ ଅନୁଶାସନ ଶିଖାଇଛି ।

# ଆପ୍ରୋଚ୍ ରୋଡ୍ ନିର୍ମାଣ ଦାବି

**ଢେଙ୍କାନାଳ, ୧୪ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଅନ୍ତର୍ଗତ ମଶାଣିଆ ରେଳ ଫାଟକ ଠାରୁ ମେରାମଣ୍ଡଳୀ ଅଣ୍ଡରପାସ ପର୍ଯ୍ୟନ୍ତ ଏକ ଆପ୍ରୋଚରୋଡ ନିର୍ମାଣ କରିବାକୁ ଖଡଗପ୍ରସାଦ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି । ଖଡଗପ୍ରସାଦ ଓ କୁସୁପଙ୍ଗା ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ମଶାଣିଆ ରେଳଫାଟକ ଯୋଗୁଁ ସାଧାରଣ ଲୋକ ବହୁ କଷ୍ଟଭୋଗିବାକୁ ପଡୁଛି । ଏହି ସ୍ଥାନରେ ବ୍ରାହ୍ମଣୀ ପବ୍ଲିକ ସ୍କୁଲ, ଉଚ୍ଚ ବିଦ୍ୟାଳୟ, କଲେଜ ଗୁଡିକରେ ଶିକ୍ଷାଲାଭ କରୁଥିବା ୨ ହଜାର ଛାତ୍ରଛାତ୍ରୀ ଏହି ଫାଟକ ଦେଇ ଯାତାୟତ କରିଥାନ୍ତି । ଦିନକୁ ଦୁଇ ଥର ଯିବା ଆସିବା କରିବା ସ୍ଥାନୀୟଅଞ୍ଚଳର ୨୫ ହଜାର ଜନସାଧାରଣ ପ୍ରତିଦିନ ବିଭିନ୍ନ କାର୍ଯ୍ୟପାଇଁ ନିକଟସ୍ଥ ବଜାରକୁ ଦୈନନ୍ଦିନ କାର୍ଯ୍ୟପାଇଁ ଯାଇଥାନ୍ତି । ପ୍ରତିଦିନ ୧୫୦ରୁ ଅଧିକ ଟ୍ରେନ ଯାତାୟତ କରୁଛି । ଏଣୁ ସ୍ଥାନୀୟଅଧିବାସୀଙ୍କ ସୁରକ୍ଷା, କୃଷି କ୍ଷେତ୍ରକୁ ଯାତାୟତ, ସ୍କୁଲ, କଲେଜ, ଚିକିତ୍ସାଳୟ, ବଜାରକୁ ଯିବା ଆସିବାକରିବା ପାଇଁ ଏକ ଆପ୍ରୋଚ ରୋଡ ନିର୍ମାଣ କରିବାକୁ ଦାବି କରାଯାଇଛି । ଏ ମର୍ମରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ଢେଙ୍କାନାଳ ବନ୍ଦକୁ ସମର୍ଥନ କରିବ ଆପ୍

**ଢେଙ୍କାନାଳ, ୧୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲାରେ ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟିପିଡିଓସିଏଲର ମନମୁଖୀ କାର୍ଯ୍ୟକୁ ନେଇ ଆସନ୍ତା ୧୭ରେ ଢେଙ୍କାନାଳ ବନ୍ଦ କରାଯିବ । ଏହାକୁ ଆମ୍ ଆଦମୀ ପାର୍ଟି (ଆପ) ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି



ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏ ନେଇ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଆମ୍ ଆଦ୍‌ମୀ ପାର୍ଟି ସର୍ବଦା ସାଧାରଣ ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ଯୋଗାଇ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ । ଗତ ଦୁଇ ବର୍ଷ ହେଲା ଟାଟା ପାୱାରର ଶୋଷଣ ନୀତି ଏବଂ ଶୋଷଣ ଯନ୍ତ୍ର ସ୍ମାର୍ଟ ମିଟରକୁ ବିରୋଧ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭା ମାଧ୍ୟମରେ ଜନ ସଚେତନ କରିଆସୁଛି । ଏହି କ୍ରମରେ ଢେଙ୍କାନାଳ ଓକିଲ ସଂଘ ନେତୃତ୍ୱରେ ଗଠିତ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୭ ନଭେମ୍ବର ସକାଳ ୬ ରୁ ସନ୍ଧ୍ୟା ୬ ବାର ଘଣ୍ଟିଆ ବନ୍ଦ ଡାକରାକୁ ଆମ ଆଦମୀ ପାର୍ଟି ସମ୍ପୂର୍ଣ୍ଣ ସମର୍ଥନ କରିବ । ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଓ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ ଟାଟା ପାୱାର ଏହି ସ୍ମାର୍ଟ ମିଟର ବନ୍ଦ କରିବା, ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଫାଇନ କରିବା, ବିଦ୍ୟୁତ ବିଭାଗର ଭିତିଭୂମି ସଜାଡିବା ଉପରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ସମ୍ପାଦକ ଅନୀଲ ସାମଲ, ଜିଲ୍ଲା ଯୁବ ସଭାପତି ସ୍ୱାଗତ ସିଂହ, ନଗର ସଭାପତି ଦେବାଶିଷ ନନ୍ଦ, ଉପଦେଷ୍ଟା ଚିତ୍ତରଞ୍ଜନ ପାଣି, ବିଜୟ କୁମାର ଦାସ, ଇଂ ପିତାମ୍ବର ଦାସ, ସନାତନ ନାଏକ, ପ୍ରସନ୍ନ ବରାଳ, ଜୟନ୍ତ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିର ୧୭ ନଭେମ୍ବର ବାର ଘଣ୍ଟିଆ ବନ୍ଦ ଡାକରାକୁ ସହଯୋଗ କରି ସଫଳ କରିବାପାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଜୁରିଆକଟା/ହିନ୍ଦୋଳ, ୧୪।୧୧(ସମିସ):** ହିନ୍ଦୋଳ ଉପଖଣ୍ଡ ବେଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କୁ ବେଡାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ ନାୟକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ଦିବାକର ସାମଲ, ବିନୟ କୁମାର



ସାମଲ, ସରୋଜ କୁମାର ପାଣି, ବାସୁଦେବ ଜେନା, ପ୍ରିୟବ୍ରତ ମହାପାତ୍ର, ସଞ୍ଜିତ କୁମାର ବାରିକ, ସୌମ୍ୟରଞ୍ଜନ ବେହେରା, ଶତ୍ରୁଘ୍ନ ରାଉତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବରୁଣ ଚନ୍ଦ୍ର ମାଝୀ, ମିହିର କୁମାର ରାଉତ, ଅମୂଲ୍ୟ ଦେହୁରୀ, ତପନ କୁମାର ପରିଡ଼ା, ବାବନ୍ଧ ସରପଞ୍ଚ ରୁନୁବାଳା ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ସରପଞ୍ଚ ଶ୍ରୀମତୀ ବେହେରା ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ ।

# ଶିଶୁ ହେଉଛି ଆମ ଉତ୍ସାହର ଉତ୍ସ









**ଢେଙ୍କାନାଳ, ୧୪ ।୧୧(ସମିସ)**

ଶିଶୁର ଶୈଶବ ଏବେ ନିରୁଦ୍ଦିଷ୍ଟ । ମିଳୁନି ତାକୁ ସ୍ନେହ ଓ ଆଦର । ଖେଳା ବୁଲା ବୟସର ପିଲା ଆଜି ବି ରାସ୍ତା କଡ଼ରେ ପଲିଥିନ ଜରି ଗୋଟାଉଛି । ଅନେକ ପିଲା ଆଜି ବି ବିପଦଜନକ ସ୍ଥାନରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । କିନ୍ତୁ ଆମେ ଭୁଲି ଯାଉଛେ, ଶିଶୁ ହେଉଛି ଆମର ସ୍ୱପ୍ନ ଓ ସମ୍ଭାବନା । ତାର ଯତ୍ନ, ଶିକ୍ଷା ଓ ସୁରକ୍ଷା ଆମର ପ୍ରାଥମିକତା । ଏକ ବିକଶିତ ଭାରତ ଗଠନରେ ପ୍ରତିଟି ଶିଶୁର ଗୁରୁତ୍ୱ ରହିଛି ବୋଲି ଶିଶୁ ଦିବସ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଛାତ୍ରଛାତ୍ରୀ ଙ୍କୁ ସମ୍ବୋଧିତ କରିଛନ୍ତି । ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ - ସେବା ଶିକ୍ଷକ ସେବା ବିଭାଗ ଦ୍ୱାରା ଆୟୋଜିତ ସଭାକୁ ଗୁରୁଛାତ୍ରୀ ସସ୍ମିତା ଖଣ୍ଡା ସଂଯୋଜନା କରିଥିବାବେଳେ ଛାତ୍ର ପ୍ରତିନିଧି ତପସ୍ୱିନୀ ଗଡ଼ନାୟକ, ସୌମ୍ୟାକାନ୍ତି ବେହେରା, ବିଶ୍ୱଜିତ ମହାପାତ୍ର, ଯଜ୍ଞ ପ୍ରସାଦ ଶତପଥି ଏବଂ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଓ ସ୍ୱାଗତିକା ସ୍ୱାଇଁ ଜବାହରଲାଲ ନେହେରୁ ଙ୍କ ଜୀବନୀ ଓ ଶିଶୁଦିବସ ର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଶିଶୁ ଦିବସ ଉପଲକ୍ଷେ ଆୟୋଜିତ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାରେ ରାଜେଶ କୁମାର ନାୟକ ପ୍ରଥମ, ଶୁଭଶ୍ରୀ ସାହୁ ଦ୍ୱିତୀୟ ଓ ଅନସୂୟା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲ ।

## ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ

ସ୍ଥାନୀୟ ସୁଲକ୍ଷଣା ଦେବି ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି । ଏହି ଅବସରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପଣ୍ଡିତ ନେହରୁଙ୍କ ଜୀବନ ଦର୍ଶନ ବିଷୟରେ ଆଲୋଚନା କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ପିଲାମାନଙ୍କୁ ପଣ୍ଡିତ ନେହେରୁଙ୍କ ଆଦର୍ଶରେ ଅନୁପ୍ରେଣିତ ହୋଇ ଜୀବନରେ ତାଙ୍କପରି ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ଭିତରେ ବକ୍ତୃତା, ରଚନା, ଚିତ୍ରାଙ୍କନ, କବିତା ଆବୃତି ଓ ସାଂସ୍କୃତିକ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ଗଁଦିଆ, ୧୪।୧୧(ସମିସ):** ଢେଙ୍କାନାଳ ଜିଲ୍ଲାର ଦେଓଗାଁ ଗ୍ରାମ ପଞ୍ଚାୟତରେ ଅବସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋସିନୀ ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦୁର୍ଗେଶ ନନ୍ଦିନୀ ନନ୍ଦ, ଶିବାନୀ ମିଶ୍ର, ନିବେଦିତା ସାହୁ, ନନ୍ଦିନୀ ରାଉଳ, ଦିପ୍ତିମୟୀ ପ୍ରଧାନ ଓ ପୁଷ୍ପଲତା କୁଅଁର ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ ଯୋଗଦେଇ 'ଶିଶୁ ହସିଲେ ଦେଶ ହସିବ' ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟେଜିତ ହୋଇଥିଲା । ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ରୋଟାରୀ କ୍ଲବ

**ଢେଙ୍କାନାଳ, ୧୪।୧୧(ସମିସ):** ଢେଙ୍କାନାଳ ରୋଟାରୀ କ୍ଲବ ତରଫରୁ ଶିଶୁ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଜମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତଯୋଗିତାରେ କୁନି କୁନି ପିଲାମାନେ ଭାଗ ନେଇଥିଲେ । ଚିତ୍ରାଙ୍କନରେ ଶ୍ୱେତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ, ରାନୁ ସାହୁ ଦ୍ୱିତୀୟ ସ୍ଥାନ, ସାଇସୂର୍ଯ୍ୟ ସାହୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । ବକ୍ତୃତା ପ୍ରତଯୋଗୀତାରେ ସ୍ୱେତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ, ସୁଚିସ୍ମିତା ସ୍ୱାଇଁ ଦ୍ୱିତୀୟ ସ୍ଥାନ, ନିବେଦିତା ନାୟକ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଥିଲେ । ଏହି ସଭାରେ ରୋଟାରୀ କ୍ଲବର ସଭାପତି ରୋ ସାଗରିକା ମିଶ୍ର ସଭାପତିତ୍ୱ କରିଥିଲେ । ମଞ୍ଚରେ ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ନାରାୟଣ ପାଣି, ବିନୋଦ ଅଗ୍ରୱାଲା, ରାଜ କିଶୋର ବେହେରା, ଅମର ଜ୍ୟୋତି ସିଂଦେଓ, ଭବାନୀ ଶଙ୍କର ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ



ବାସନ୍ତୀ ସିଂ ଉପସ୍ଥିତ ରହିଥିଲେ । ପ୍ରଦୋଷ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଆର୍‌ସିସି, ଗଜମରାର ସଭାପତି ଧରଣୀ ଧର ବେହେରା, ସଞ୍ଜୟ ନାୟକ, ଯୋଗେନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ ।





## ଡଲର ୱାଟର୍ କିଓସ୍କ ଅଚଳ

# ଭାଣ୍ଡିଆ ହୋଇ ଫେରୁଛନ୍ତି ତୃଷାର୍ତ୍ତ

ଭୁବନେଶ୍ୱର, ୧୪ ।୧୧(ସମିସ): ରାସ୍ତାରେ ଯିବା ଆସିବା ସମୟରେ ହେଉ କି ଖରା ଦିନର ମୁଣ୍ଡ ଫଟା ଖରାରେ ପଥପ୍ରାନ୍ତରେ ଯିବା ଆସିବା କରିବା ସମୟରେ ଲୋକଙ୍କୁ ଶୋଷ ଲାଗିଥାଏ। ଏଥିପାଇଁ ସହରର ଅନେକ ଛକରେ ପାଣି ଟ୍ୟାବ୍ ସହିତ ୱାଟର

### ପାଣି ନାହିଁ; ତୁଚ୍ଛାରେ ଠିଆହୋଇଛି ୱାଟର୍ ଟାୱାର

କିଓସ୍କ ରଖାଯାଇଛି। ହେଲେ ଏହି ୱାଟର କିଓସ୍କ ରହିଥିଲେ ମଧ୍ୟ ଏହା ଅଚଳ ହୋଇପଡ଼ିଛି। ନା ପାଣି ଆସୁଛି ନା ବିଦ୍ୟୁତ୍ ସଂଯୋଗ ହୋଇଛି। ଫଳରେ ୱାଟର କିଓସ୍କ ଆଗରୁ ଲୋକମାନେ ଫେରି ଯାଉଛନ୍ତି।

ଲୋକଙ୍କୁ ଥଣ୍ଡା ପାଣି ଯୋଗାଇବା ପାଇଁ ୨୦୧୭ ମସିହାରେ ଡ଼ଲର ନାମକ କମ୍ପାନୀ ରାଜଧାନୀର ୧୦ ଟି ସ୍ଥାନରେ ୱାଟର କିଓସ୍କ ବସାଇଥିଲେ। ଏହି ପଦକ୍ଷେପକୁ ସେହି ସମୟରେ ସବୁ ମହଲରେ ସ୍ୱାଗତ କରାଯାଇଥିଲା। ଡ଼ଲର କମ୍ପାନୀକୁ ବିଏମ୍‌ସି ପକ୍ଷରୁ ପାଣି ଯୋଗାଇବା ସହ ବିଦ୍ୟୁତ୍ ସହଯୋଗ ମଧ୍ୟ କରାଯାଇଥିଲା। ଏହି ୱାଟର କିଓସ୍କ ବିଶେଷ କରି କଳିଙ୍ଗ ଷ୍ଟୁଡ଼ିଓ ଛକ, ଫାୟାର ଷ୍ଟେସନ, ୟୁନିଟ୍ ୮, ମାର୍କେଟ ବିଲ୍ଡିଂ, ରେଣ୍ଟାଲ କଲୋନୀ, କଳ୍ପନା ଛକ ପରି ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ୱାଟର କିଓସ୍କ ବସାଯାଇଥିଲା। ହେଲେ ୨୦୨୩ ମସିହାରୁ ଏହା ବନ୍ଦ ହୋଇ ପଡ଼ିଛି। ଏହି ୱାଟର କିଓସ୍କର ଯେତେ



କଳିଙ୍ଗ ଷ୍ଟୁଡିଓ ଛକ

ସ୍ଥାନରେ ବି ରହିଛି କାହାର ଟ୍ୟାବ୍ ନାହିଁ ତ କାହାର ଟ୍ୟାବ୍ ମୂଳରୁ ନାହିଁ। କଳ୍ପନା ଛକରେ ଥିବା କିଓସ୍କର ଟ୍ୟାବ୍ ନଥିବା ବେଳେ ୟୁନିଟ୍ ୮ରେ ମଧ୍ୟ ସମାନ ଅବସ୍ଥା। ତତ୍‌ସହିତ ରେଣ୍ଟାଲ କଲୋନୀ କଥା ନକହିବା ଭଲ।

ସହରରେ ଅନ୍ୟ ପାନୀୟ ଜଳ ବ୍ୟବସ୍ଥା ୱାଟ୍‌କୋ ପକ୍ଷରୁ କିଛି ପାନୀୟ ଜଳ ଷ୍ଟାଣ୍ଡ ଲଗାଯାଇଥିବା ବେଳେ ୱାଟର ଏଟିଏମ୍, ସୋଲାର ପାୱାର ୱାଟର କିଓସ୍କ ପ୍ରକଳ୍ପ ପରି କିଛି ପ୍ରକଳ୍ପ ହେବାରୁ ଏହା ବନ୍ଦ ହୋଇଗଲା। ଯାହାଦ୍ୱାରା ଏହି ଡ଼ଲର ୱାଟର କିଓସ୍କକୁ ଆଉ କେହି ଧ୍ୟାନ ଦେଲେ ନାହିଁ। ଫଳରେ ଦିନକୁ ଦିନ ଏହି ୱାଟର କିଓସ୍କ ଅଚଳ ହୋଇ ପଡ଼ିରହିଛି।

ଏହି ଡ଼ଲର କମ୍ପାନୀ ନିଜ କମ୍ପାନୀର ନାମକୁ ଲୋକଙ୍କ ଆଗରେ ଅଧିକ ପ୍ରମୋସନ କରିବା ପାଇଁ ଏହି କିଓସ୍କର ବ୍ୟବସ୍ଥା କରିଥିଲେ। କମ୍ପାନୀ ମେସିନ୍ ବସାଇଥିବା ବେଳେ ବିଏମ୍‌ସି କେବଳ ବିଦ୍ୟୁତ୍ ଓ ପାଣି



କଳ୍ପନା ଛକ



ଫାୟାର ଷ୍ଟେସନ ଛକ

ହିଁ ଯୋଗାଇ ଥିଲେ। ହେଲେ ସହରରେ ଅନ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବାରୁ ଏହାକୁ ଏତେ ଆଉ କେହି ଧ୍ୟାନ ଦେଲେ ନାହିଁ। କଲିକତାରୁ ଲୋକମାନେ ଆସି ଏହାକୁ ବୁଝାସୁଝା କରୁଥିଲେ। ଆସ୍ତେ ଆସ୍ତେ ବନ୍ଦ ହେବା ପରେ ଆଉ କେହି ଏହାକୁ ବୁଝାସୁଝା କରିବା ପାଇଁ ଆସିଲେ ନାହିଁ ବୋଲି ଡ଼ିଭିଜନ୍ ୨ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ ମହାପାତ୍ର କହିଛନ୍ତି। ଯଦି ଏହି କିଓସ୍କ ଅଚଳ ହୋଇ ପଡ଼ିଛି ଯଦି ଏହାକୁ କାହିଁକି ବିଏମ୍‌ସି ଉଠାଇ ଦଉନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ୍ୟୁ

ନନ୍ଦନକାନନ, ୧୪।୧୧(ସମିସ): ନନ୍ଦନକାନନ ଥାନା ରଘୁନାଥପୁର ଗାଁରେ ବାହାଣିଆ ସାହିର ଅଜିତ ମଣ୍ଡଳ(୨୫)ନାମକ ଜଣେ ଟେଣ୍ଟ ମାଲିକ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଖବର ପାଇ ନନ୍ଦନକାନନ ଥାନା ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଜାରି ରଖିଛି ।ପୁଲିସ ସୂଚନାମୃତାବକ, ରଘୁନାଥପୁର ଗ୍ରାମ ବାହାଣିଆ ସାହିର ଟେଣ୍ଟ ମାଲିକ ଅଜିତ ଶୁକ୍ରବାର ସକାଳ ପ୍ରାୟ ୧୦ଘଟିକା ସମୟରେ ତାଙ୍କ ଘର ପାଖରେ ଏକ ଅସ୍ଥାୟୀ ଟେଣ୍ଟ ହାଉସ୍ ଘର ଭିତରେ ବିଦ୍ୟୁତ୍ ତାରରେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ବିଦ୍ୟୁତ ଆଘାତରେ ତାଙ୍କ ଡାହାଣ ହାତ ଛାତିର କିଛି ଅଂଶ ପୋଡି ଯାଇଛି ।ଫଳରେ ଘଟଣାସ୍ଥଳରେ ଅଚେତ୍ ଅବସ୍ଥାରେ ପଡ଼ିଥିଲା ।ପରିବାର ଲୋକେ ଅଜିତର ବିଳମ୍ବ ଦେଖି ଘଟଣାସ୍ଥଳକୁ ଯାଇଥିଲେ ।ସେଠାରେ ଅଜିତ ଚେତାଶୂନ୍ୟ ହୋଇ ତଳେ ପଡ଼ିଥିଲା ।ଚିକିତ୍ସା ପାଇଁ ପରିବାର ଲୋକେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର ଅଜିତକୁ ମୃତ୍ୟୁ ଘୋଷଣା କରିଥିଲେ ।ଖବର ପାଇ ନନ୍ଦନକାନନ ଥାନା ପୁଲିସ ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ ।ଏହି ଖବର ପ୍ରସାରିତ ହେବା ପରେ ରଘୁନାଥପୁର ଗ୍ରାମ ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବସ୍ ମାଲିକ ସଂଘ ନିର୍ବାଚନରେ ହାଇକୋର୍ଟଙ୍କ ରୋକ୍

ଭୁବନେଶ୍ୱର, ୧୪।୧୧(ସମିସ): ରାଜଧାନୀ ବସ୍ ମାଲିକ ସଂଘର ନିର୍ବାଚନକୁ ରୋକ୍ ଲଗାଇଲେ ହାଇକୋର୍ଟର୍। ଗତ ୧୦ ତାରିଖ ଦିନ ବରମୁଣ୍ଡା ବସ ମାଲିକ ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘରେ ନିଜକୁ ସମ୍ପାଦକ କହୁଥିବା ତୁଷାରକାନ୍ତି ଆଚାର୍ଯ୍ୟ ଏକ ପତ୍ର ମାଧ୍ୟମରେ ବୈଠକ ଆହ୍ୱାନ କରିଥିଲେ। ଏଥିରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ସେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରିଥିଲେ। ଜିତିଥିବା କର୍ମକର୍ତ୍ତାଙ୍କ ନାମ ସମ୍ପର୍କରେ ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏସବୁ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ବିବାଦୀୟ ନିର୍ବାଚନକୁ ନେଇ କିଛି ବସ୍ ମାଲିକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ପତ୍ର ଏବଂ ନିର୍ବାଚନ ଉପରେ ରୋକ ଲଗାଇଥିବା ଜଣାପଡ଼ିଛି। ଆଗାମୀ ଡିସେମ୍ବର ପହିଲାରେ ତାଙ୍କୁ ନିଜର ପକ୍ଷ ରଖିବାକୁ କୁହାଯାଇଛି।

## ଟିଏସ୍‌ଜି ଗୁରୁକୂଳରେ ଶିଶୁଦିବସ ପାଳିତ




ଭୁବନେଶ୍ୱର,୧୪।୧୧(ସମିସ) : ଅଗ୍ରଣୀ ରେସିଡେନ୍ସିଆଲ ବିଦ୍ୟାଳୟ ଟିଏସ୍‌ଜି ଗୁରୁକୂଳ ଠାରେ ଶିଶୁ ଦିବସ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଏକ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା,ଯେଉଁଥିରେ ମୁଖ୍ୟ ଅତିଥି ଭାବେ ମନ୍ମଥ କୁମାର ରାଉତରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ କରିଥିବା ଅନେକ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ନିଟ୍-୨୦୨୫ରେ ୫୮ ୯ ର୍ୟାଙ୍କରେ ରହି କୃତିତ୍ୱ ଅର୍ଜନ କରିଥିବା ଆଦର୍ଶ କୁମାରଙ୍କୁ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଶାରଦା ପ୍ରସାଦ ମିଶ୍ର ୫୦ ହଜାର ଟଙ୍କା ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

## ଡିଏଭି ପୋଖରୀପୁଟରେ ବିଜ୍ଞାନ ମେଳା




ଭୁବନେଶ୍ୱର, ୧୪ ।୧୧(ସମିସ) : ପୋଖରିପୁଟସ୍ଥିତ ଡିଏଭି ସ୍କୁଲ୍‌ରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବ୍ରହ୍ମପୁରସ୍ଥିତ ଆଇଜରର ଏକାଡେମିକ୍ ଡିନ୍ ପ୍ରଫେସର ପ୍ରସେନଜିତ୍ ମଣ୍ଡଳ ମୁଖ୍ୟଅତିଥି ବାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଏବଂ ବିଜ୍ଞାନ ପ୍ରତି ଜିଜ୍ଞାସା ମନୋଭାବ ବଢ଼ାଇବାରେ ବିଜ୍ଞାନମେଳା ସହାୟକ ହେବ ବୋଲି କହିଛନ୍ତି। ସେହିପରି ଅଧକ୍ଷ ବିପିନ କୁମାର ସାହୁ ଅନୁଭାବାତ୍ମକ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀଙ୍କର ବୌଦ୍ଧିକ ବିକାଶ ହେବ ବୋଲି କହିଛନ୍ତି। ବିଜ୍ଞାନ, ସମାଜ ଓ ପରିବେଶ ଉପରେ ଆଧାରିତ ଏହି ପ୍ରଦର୍ଶନୀରେ ରାଜ୍ୟର ୩୪ ସ୍କୁଲର ୬୫ ଟି ପ୍ରକଳ୍ପରେ ମୋଟ୍ ୧୨୮ ଜଣ ଛାତ୍ରଛାତ୍ରୀ ଭାଗନେଇ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ପ୍ରକଳ୍ପଗୁଡ଼ିକୁ ନାଇଜରର ଆସୋସିଏଟ୍ ପ୍ରଫେସର ତପନ କୁମାର ମିଶ୍ର, ଟିସିଏସ୍ ଭୁବନେଶ୍ୱରର ହେମନ୍ତ ମିଶ୍ର, ସୋଆର ଆସୋସିଏଟ୍ ପ୍ରଫେସର ସୁପ୍ରଭ ରଞ୍ଜନ ଲାହା ଏବଂ ଇଞ୍ଜିନିୟର ଜାମି ଶ୍ରୀକାନ୍ତ ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇଛନ୍ତି। କନିଷ୍ଠ ବର୍ଗରେ ଡିଏଭି ପୋଖରୀପୁଟ ପ୍ରଥମସ୍ଥାନ ଅଧିକାର କରିଥବା ବେଳେ ସେଣ୍ଟ ଜାଭିୟର ସ୍କୁଲ ପଟିଆ ଦ୍ୱିତୀୟ ଏବଂ ଡିଏଭି ଚନ୍ଦ୍ରଶେଖରପୁର ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବରିଷ୍ଠ ବର୍ଗରେ ବିଜେଇମ୍-୨ ସ୍କୁଲ ପ୍ରଥମ ହୋଇଥିବାବେଳେ ଡିଏଭି ଚନ୍ଦ୍ରଶେଖରପୁର ଦ୍ୱିତୀୟ ଏବଂ ୟୁନିଟ୍-୮ ସ୍ଥିତ ଡିଏଭି ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟର ବିଜ୍ଞାନ ବିଭାଗର ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାମଲ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୧୧(ସମିସ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଧଉଳି ସ୍କୋୟାରସ୍ଥିତ ରୁଚିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ସମ୍ଭାବ୍ୟ ଗ୍ରାହକଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଅନ୍ୟାନ୍ୟ କୃଷି ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ହିତାଧିକାରୀଙ୍କୁ ୧୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ବ୍ଲକ୍ ପଞ୍ଚାୟତିରାଜ ବିଭାଗ ଓଡିଶା ସରକାରଙ୍କ ସହାୟକ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ବିଶ୍ୱାଳ, ଉପ- କ୍ଷେତ୍ରୀୟ




ମୁଖ୍ୟ ସୁରେଶ ଚନ୍ଦ୍ର, ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ, ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକ, ଉତ୍ତରା ଛକ ଶାଖା ପ୍ରବନ୍ଧକ ମାମାଲିନ୍ ମହାପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ଚାମ୍ପିଅନ୍




ଭୁବନେଶ୍ୱର,୧୪।୧୧(ସମିସ):ରାଜ୍ୟର ସମସ୍ତ ଯୁକ୍ତଦୁଇ ବିଦ୍ୟାର୍ଥୀଙ୍କର ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ, ଭୁବନେଶ୍ୱର ଆମ୍ପିନ୍ ହୋଇ ଜାତୀୟସ୍ତରକୁ ଉନ୍ନିତ ହୋଇ ଆଗାମୀ ଡିସେମ୍ବର ୨ରେ ହରିୟାଣାରେ ଜାତୀୟ ପ୍ରତିଯୋଗୀତାରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ହାଇଟେକ୍ ମେଡିକାଲ ପ୍ରେକ୍ଷାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରତିଷ୍ଠାତାଅଧକ୍ଷଡଃ ତିରୁପତିପାଣିଗ୍ରାହୀସମସ୍ତକ୍ରୀଡାବିତ୍‌ଙ୍କୁସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ରବିନ୍ଦ୍ରନାଥ ବେହେରା, ମୁଖ୍ୟ ପ୍ରଶାସନିକ ଅଧିକାରିଣୀ ମାଲକିନ୍ ବେହେରା, ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ ପ୍ରିନ୍ସିପାଲ ପ୍ରଫେସର ଡ. ଚିତ୍ତରଞ୍ଜନ ସାହୁ, ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା, ହାଇଟେକ୍ ଡେଣ୍ଟାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଫିଜିଓଥେରାପି କଲେଜ ପ୍ରିନ୍ସପାଲ ପ୍ରଫେସର ଡ. ଦୀପକ ସାମନ୍ତରାୟ, ଫାର୍ମାସୀ କଲେଜ ଭାଇସ୍-ପ୍ରିନ୍ସପାଲ ପ୍ରଫେସର ଡ. ବବିତା ସାହୁ, ହାଇଟେକ୍ ସ୍କୁଲ ଏଣ୍ଡ କଲେଜ ଅଫ୍ ନର୍ସିଂର ଡିନ୍ ଏଣ୍ଡ ଡାଇରେକ୍ଟର ଡ. ଆଶିଷଲା ମହାପାତ୍ର ଉପସ୍ଥିତ ଥିଲେ।

## ଧର୍ମବିହାର ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା କର୍ମଶାଳା



ଭୁବନେଶ୍ୱର, ୧୪ ।୧୧(ସମିସ): ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁବାଟିକା ବିଭାଗ ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ସ୍ୱାଗତ ଭାଷଣରେ ଶିଶୁ ବାଟିକାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଶିଶୁର ବିକାଶରେ ମା'ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଡ. ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ପୋଷଣ, ଯତ୍ନ ଓ ସଦ୍? ବ୍ୟବହାର ଉପରେ ଧାରଣା ଦେଇଥିଲେ। ଏହି ଅବସରରେ ମା'ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ସୁଶୋଭିତ ପଟ୍ଟନାୟକ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ଆରତୀ ଜେନା, ସଦସ୍ୟା ତପସ୍ୱିନୀ ମହାନ୍ତ ଅଭିଭାଷଣ ଦେଇଥିଲେ। ଶିଶୁବାଟିକାର ଶିଶୁମାନେ ସାମୂହିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଶତାଧିକ ମାଆ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଜ୍ଞାନବିଜ୍ଞାନ ମେଳା



ବାଲିଅନ୍ତା, ୧୪ ।୧୧(ସମିସ): ବାଲିଅନ୍ତା ବ୍ଲକ ପଞ୍ଚାୟତ ରୋଡସ୍ଥିତ ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଆଜି ଜ୍ଞାନ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ଅଧିବେଶନରେ ଏନେଇ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଦ୍ୟାଳୟର ପରିଚାଳନା କମିଟି ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ଦାସ ମୁଖ୍ୟ ଅତିଥି, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଚିବ ଶରତ ଚନ୍ଦ୍ର ବିଶ୍ୱାଳ, ଅଧ୍ୟକ୍ଷା ବଲବୀର କୌର ଓ ମୁଖ୍ୟ କୋଷାଧ୍ୟକ୍ଷା ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହ ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ମେଳାରେ ମୋଟ ୯୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରକଳ୍ପ ମଧ୍ୟରେ ପରିବେଶ ସୁରକ୍ଷା, ପ୍ରଦୂଷଣ ନିରାକରଣ, ସବୁଜିମା ପରିବେଶ, ସୌରଶକ୍ତି, ଜଳ ସଞ୍ଚୟ, ମୃତ୍ତିକା ସଂରକ୍ଷଣ ସଚେତନତା ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ 'ମିଟ୍ ଦି ସାଇନଟିଷ୍ଟ'



ଭୁବନେଶ୍ୱର, ୧୪।୧୧(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପରିସର ମଧ୍ୟରେ ଶିଶୁ ଦିବସ ପାଳିତ ହୋଇଛି। ସ୍କୁଲ ପିଲାମାନଙ୍କ ପାଇଁ ଏକ 'ମିଟ୍ ଦି ସାଇନଟିଷ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଯୁଗ୍ମ ପରିଚାଳନା ଟ୍ରଷ୍ଟି ଡ. ଚିତ୍ତ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ପରେ ପରେ ପିଲାମାନଙ୍କ ମଧ୍ୟରେ 'ମହାନ ଭାରତୀୟ ବୈଜ୍ଞାନିକ' ବିଷୟ ଉପରେ ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲେ।

## ୧୬ରେ ବିଏମ୍‌ସିର ଷ୍ଟ୍ରିଟ୍ କାର୍ଣ୍ଣିଭାଲ

ଭୁବନେଶ୍ୱର, ୧୪ ।୧୧(ସମିସ): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆସନ୍ତା ରବିବାର ଦିନ ଷ୍ଟ୍ରିଟ୍ କାର୍ଣ୍ଣିଭାଲ ବା ରାସ୍ତା ପାର୍ଶ୍ୱ ମେଳା ଅନୁଷ୍ଠିତ ହେବ। ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଷ୍ଟ୍ରିଟ୍ କାର୍ଣ୍ଣିଭାଲରେ ବହୁ କଳାକାର, ବାସ୍ତୁଶାସ୍ତ୍ର ବିଶାରଦ, ଡିଜାଇନର ଓ ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶୀତୁଆ ସକାଳର ମଜା ନେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ଉପଭୋଗ କରିପାରିବେ ରାଜଧାନୀ ବାସୀ ଏହି ମେଳା ମାଷ୍ଟର କ୍ୟାଣ୍ଟିନ ଛକରୁ ଗିରିଦୁର୍ଗା ମନ୍ଦିର ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ଥ୍ରୀଡି ଆର୍ଟ, ଜୁମ୍ବା, ଲାଇଭ୍ ମ୍ୟୁଜିକ୍, ଡ୍ୟାନ୍ସ, ବିଭିନ୍ନ ପ୍ରଦର୍ଶନ, ଆର୍କିଟେକ୍ଟଙ୍କ ଦ୍ୱାରା ଘରର ସୌନ୍ଦର୍ଯ୍ୟକରଣ, ବର୍ଜ୍ୟରୁ ପ୍ରସ୍ତୁତ ଶ୍ରେଷ୍ଠ ଫ୍ୟାସନ ଡିଜାଇନ୍ ସୋ, ବିଭିନ୍ନ ପେଣ୍ଟିଂ କଳା ଆଦି ପ୍ରଦର୍ଶିତ ହେବ। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିବେ ଦର୍ଶକ। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁଙ୍କଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଭରପୁର କାର୍ଯ୍ୟକ୍ରମ ରହିଛି।

## ଅଞ୍ଜଳି ଉତ୍ସବରେ 'କାର୍ନିଭାଲ୍ ଅଫ୍ ଲଭ୍'

ଭୁବନେଶ୍ୱର, ୧୪ ।୧୧(ସମିସ): ଆନ୍ତର୍ଜାତିକ ଶିଶୁ ମହୋତ୍ସବ ଅଞ୍ଜଳି ୨୦୨୫ର ତୃତୀୟ ଦିନରେ 'କାର୍ନିଭାଲ୍ ଅଫ୍ ଲଭ୍' ଶିଶୁ ଓ ଯୁବକ ଶୋଭାଯାତ୍ରା ସହ କଳା ଓ ବିବିଧତାର ରଙ୍ଗୀନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ମାଷ୍ଟର କ୍ୟାଣ୍ଟିନ୍‌ରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ଆଦିବାସୀ ପ୍ରଦର୍ଶନୀ ଗ୍ରାଉଣ୍ଡ, ୟୁନିଟ୍-୧ରେ ସମାପନ ହୋଇଥିଲା। ଏହି ଶୋଭାଯାତ୍ରାକୁ ସ୍ୱାଭିମାନ ଫାଉଣ୍ଡେସନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ହୋଟେଲିଅର ଡା. ଦେବାଶିଷ ପଟ୍ଟନାୟକ, ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଏନୱାଇପିର ରାଜ୍ୟ ଯୁବ ସଂଯୋଜକ ମଧୁଭାଇ ଉଦ୍‌ଘାଟନ କରିଥିଲେ। ଶିଶୁମାନେ ରଙ୍ଗୀନ ଥିମ୍ ଆଧାରିତ ପୋଷାକ ପରିଧାନ କରି ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଘଣ୍ଟା, ପଞ୍ଜାବୀ ଧୋଲ୍, ସିଂହ ବାଜା, ବ୍ରାସ୍ ବ୍ୟାଣ୍ଡ ଓ ଚୈତି ଘୋଡ଼ାର ଦୃଶ୍ୟ ପରିବେଶକୁ ଜୀବନ୍ତ କରିଥିଲା। ଏହି ସାଂସ୍କୃତିକ ପ୍ରଦର୍ଶନ ସମାନତା, ଭ୍ରାତୃତ୍ୱ ଓ ମାନବିକତାର ବାର୍ତ୍ତା ଦେଇଥିଲା। ଭିନ୍ନକ୍ଷମ ଶିଶୁଙ୍କ ପାଇଁ ସମର୍ପିତ ଅଞ୍ଜଳି ଉତ୍ସବକୁ ସ୍ୱେଚ୍ଛାସେବୀମାନେ ସଫଳ କରିଛନ୍ତି ମୁଖ୍ୟ ସ୍ୱେଚ୍ଛାସେବୀ ସ୍ୱାଧୀନ କହିଛନ୍ତି।






କର ଭିଜନ ଆଇ ହସ୍ପିଟାଲ ପକ୍ଷରୁ ବିଶ୍ୱ ଡାଇବେଟିସ ଦିବସ

## ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ

ଭୁବନେଶ୍ୱର, ୧୪।୧୧(ସମିସ): ବିଶ୍ୱ ଦୟାଳୁ ଦିବସ ଅବସରରେ ସେବା ପ୍ରତିନିଧି ସଙ୍ଗଠନ ପକ୍ଷରୁ ଶୀତ ବସ୍ତ୍ର ଏବଂ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ମୁଖ୍ୟ ନୀଳମଣି ମିଶ୍ର ଏବଂ ବିଜୟ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଅସହାୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ପ୍ରଥମେ ବାବୁଲି ବେହେରାଙ୍କ ହାତରେ ଶୀତ ବସ୍ତ୍ର, କମ୍ବଳ ପ୍ରଦାନ ହୋଇଥିଲା। ତାଙ୍କ ଦୁଇଟି ଝିଅଙ୍କୁ ମଧ୍ୟ ଦିଆଯାଇଥିଲା। ସେହିପରି ମାଗୁଣି ନାୟକ, ତାଙ୍କ ଦୁଇ ଗୋଡ଼ ପୋଲିଓ ଗ୍ରସ୍ତ। ତାଙ୍କୁ ମଧ୍ୟ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



# ଜଳିଗଲା ହାଟ; ବୃଦ୍ଧ ଜୀବନ୍ତ ଦଗ୍ଧ





■ ସହିଦନଗର ତିନିକୋଣିଆ ହାଟରେ ଅଗ୍ନିକାଣ୍ଡ
■ ଅଣ୍ଡାଖୋଳରେ ନିଆଁ ପୋଇଁବା କାଳ ହେଲା

ଭୁବନେଶ୍ୱର, ୧୩।୧୧(ସମିସ): ସହିଦନଗର ତିନିକୋଣିଆ ମାର୍କେଟ୍ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୩ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଗୋଟିଏ ପୂଜା ସାମଗ୍ରୀ ଦୋକାନ, ଗୋଟିଏ ଫାଷ୍ଟଫୁଡ ଷ୍ଟଲ୍ ଓ ଗୋଟିଏ ପାନ ଦୋକାନ ଜଳିଯାଇଥିବାବେଳେ ଜଣେ ବୃଦ୍ଧ ଦୋକାନୀ ପୋଡିହୋଇ ମୃତ୍ୟୁବରଣ କରିଛନ୍ତି। ସେ କାଠ କ୍ୟାବିନ୍ ପାନ ଦୋକାନ କରିଥିଲେ। ମୃତ ଦୋକାନୀ ଜଣକ ହେଲେ ବାଲିଅନ୍ତା ଅଞ୍ଚଳର କୂଳମଣି ସାହୁ (୭୮) ମଶାଦାଉରୁ ରକ୍ଷା ପାଇବାକୁ କୂଳମଣି ଅଣ୍ଡା ଖୋଳରେ ନିଆଁ ଲଗାଇ ଶୋଇପଡ଼ିଥିଲେ ଅଣ୍ଡା ଖୋଳରୁ ନିଆଁ ବ୍ୟାପି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଭୋର ପ୍ରାୟ ୪ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା ଚାହୁଁ ଚାହୁଁ ଦୋକାନଗୁଡ଼ିକରେ ନିଆଁ ଲାଗିଯାଇଥିଲା ହୁତୁହୁତୁ ହୋଇ ନିଆଁ ଜଳିବାରୁ ସ୍ଥାନୀୟ ଲୋକମାନେ ଅଗ୍ନିଶମ ଟିମ୍‌କୁ ଖବର ଦେଇଥିଲେ। ସେକ୍ରେଟେରିଏଟ୍ ଫାୟାର ଷ୍ଟେଶନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲା। ପ୍ରାୟ ଏକ ଘଣ୍ଟା ପରେ ଅଗ୍ନିଶମ ଟିମ୍ ନିଆଁକୁ ଆୟତ କରିଥିଲା। ହେଲେ ସେତେବେଳକୁ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିଲା କାଠ କ୍ୟାବିନ୍ ଭିତରେ ଯାଞ୍ଚ କରାଯିବା ପରେ କୂଳମଣିଙ୍କ ମୃତଦେହ ଠାବ ହୋଇଥିଲା ଖବରପାଇ ସହିଦନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ କୂଳମଣିଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା ସେଠାରେ ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

● ଜାଲିଆତି କରି ବ୍ୟାଙ୍କକୁ ଚୂନ

## ସାଢ଼େ ୬ ବର୍ଷ ପରେ ଧରାପଡ଼ିଲା ଧୂର୍ତ୍ତ



ଭୁବନେଶ୍ୱର, ୧୪।୧୧ (ସମିସ): ଜାଲିଆତି କରି ବ୍ୟାଙ୍କରୁ ଋଣ ନେଇଥିବା ଠକକୁ ସାଢେ ଛଅ ବର୍ଷ ପରେ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ରଘୁନାଥ ନଗରରେ ରହୁଥିବା ମଧୁସୂଦନ ମିଶ୍ର (୫୬)।

ପୁଲିସ ସୂଚନା ଅନୁସାରେ, ୨୦୧୮ ମସିହାରେ ବାପୁଜୀନଗର ଏସ୍‌ବିଆଇ ତରଫରୁ ରାଜ୍ୟ, କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କ ପାଇଁ ଋଣ ଓ ବ୍ୟକ୍ତିଗତ ଋଣ ଯୋଗାଇବା ପାଇଁ ଏକ ଯୋଜନା ପ୍ରଣୟନ କରିଥିଲା। ମଧୁସୂଦନ ଏହି ଋଣ ପାଇଁ ଆବେଦନ କରିଥିବା ବେଳେ କାଗଜପତ୍ର ଯାଞ୍ଚ ପରେ ବ୍ୟାଙ୍କ ତାଙ୍କୁ ଏକଲକ୍ଷ ୬୫ ହଜାର ୨୦୭ ଟଙ୍କା ମଞ୍ଜୁର କରିଥିଲା। ଋଣ ପାଇବା ପରେ ସର୍ତ୍ତାବଳୀ ଅନୁସାରେ ପରିଶୋଧ କରିବା ପାଇଁ ମଧୁସୂଦନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଋଣ ନେବାର କିଛି ଦିନ ବିତି ଯାଇଥିଲେ ମଧ ମଧୁସୁଦନ କିସ୍ତି ଦେଇନଥିଲା। ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇଥିଲା। ମଧୁସୁଦନ ବ୍ୟାଙ୍କକୁ ଠକିବା ଓ ଋଣ ପରିମାଣକୁ ଆତ୍ମସାତ କରିବା ପାଇଁ ଜାଲ୍ କାଗଜପତ୍ର ଦାଖଲ କରିଥିବା ତଦନ୍ତ ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଋଣ ହାତେଇବା ପାଇଁ ମଧୁସୂଦନ ନକଲି ନିଯୁକ୍ତି ପତ୍ର ଓ ଦରମା ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡ଼ିଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ପୁଲିସ ମାମଲା ରୁଜୁ କରି ନ ଥିଲା। ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ମୋନାଲିସା ଦାସ କୋର୍ଟରେ ଆବେଦନ କରିବା ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କ୍ୟାପିଟାଲ ଥାନା ପୁଲିସ ୨୦୧୮ ମସିହା ଏପ୍ରିଲ ମାସରେ ମାମଲା ରୁଜୁ କରିଥିଲା। ସେବେଠାରୁ ଫେରାର ଥିବା ମଧୁସୁଦନକୁ ଆଜି ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ।

# ନିବେଶ ଆଳରେ ୧୬ ଲକ୍ଷ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୧୪।୧୧(ସମିସ): ନିବେଶ ଆଳରେ ୧୬ ଲକ୍ଷ ଟଙ୍କା ଠକି ନେଇଥିବା ଠକକୁ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ମୁର୍ଶିଦାବାଦ ରଘୁନାଥଗଞ୍ଜର ପ୍ରଦୀପ ରାୟ (୬୦)।

ପୁଲିସ ସୂଚନା ମୁତାବକ, ୨୦୨୦ ମସିହାରେ ଆଚାର୍ଯ୍ୟ ବିହାର ଅଞ୍ଚଳର ମହେଶ୍ୱର ବେହେରା ରାଇପୁର ଯିବା ଆସିବା ବେଳେ ପ୍ରଦୀପ ସହ ପରିଚୟ ହୋଇଥିଲା। ପ୍ରଦୀପ ତାଙ୍କୁ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ କହିଥିଲା। ମହେଶ୍ୱରଙ୍କ ପତ୍ନୀଙ୍କ ନାମରେ ଏକଲକ୍ଷ ୭୫ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ଦେବା ସହ ଆବଶ୍ୟକ ପଡ଼ିଲେ ଟଙ୍କା ଉଠାଇ ପାରିବେ ବୋଲି କହି ମହେଶ୍ୱରଙ୍କ ବିଶ୍ୱାସଭାଜନ ହୋଇଥିଲା। ଏହା ପରେ ପରେ ରାଞ୍ଚି ଟିଭିଏସ୍, ତ୍ରିପୁରା ସ୍କୁଲ, ସିଲଙ୍ଗ୍ ସିକ୍ୟୁର ମିଟର ଓ କମ୍ବଳ ବ୍ୟବସାୟରେ ଟଙ୍କା ନିବେଶ କରିଲେ ଭଲ ରିଟର୍ଣ୍ଣ ମିଳିବ ବୋଲି ପ୍ରଦୀପ ତାଙ୍କୁ ପ୍ରବର୍ତ୍ତାଇଥିଲା। ମହେଶ୍ୱର ତାଙ୍କ କଥାକୁ ବିଶ୍ୱାସ କରି ପ୍ରଦୀପଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୬ ଲକ୍ଷ ଟଙ୍କା ପଠାଇଥିଲେ। ଏତେ ଟଙ୍କା ନିବେଶ କରିବା ପରେ ମଧ ପ୍ରଦୀପ ଟଙ୍କାଟିଏ ଦେଇନଥିଲା। ଗତ ଅଗଷ୍ଟ ମାସରେ ମହେଶ୍ୱର ଟଙ୍କା ମାଗିବାରୁ ତାଙ୍କୁ ଜୀବନରେ ମାରିଦେବ ବୋଲି ଧମକ ଦେବା ସହ ମିଛ ମାମଲାରେ ଫସାଇଦେବ ବୋଲି ଧମକ ଦେଇଥିଲା। ଏନେଇ ମହେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଦୀପଙ୍କୁ ଗିରଫ କରିବା ସହ ମୋବାଇଲ୍ ଓ ବିଭିନ୍ନ କାଗଜପତ୍ର ଜବତ କରିଛି।

ଏପିକେ ଫାଇଲରେ ଉଡ଼ିଗଲା ୧୦ ଲକ୍ଷ

## ପଶ୍ଚିମବଙ୍ଗରୁ ଦୁଇ ଠକ ଗିରଫ

୪ ପାସବୁକ୍, ଡେବିଟ୍ କାର୍ଡ ଓ ସିମ୍ କାର୍ଡ ଜବତ




ଭୁବନେଶ୍ୱର, ୧୪।୧୧ (ସମିସ): ଏପିକେ ଫାଇଲ୍ ପଠାଇ ଆକାଉଣ୍ଟ ଖାଲି କରି ଦେଉଛନ୍ତି ଦୁର୍ବୃତ୍ତ। ଏଭଳି ଦୁଇଟି ଘଟଣାରେ ପଶ୍ଚିମବଙ୍ଗର ଦୁଇ ସାଇବର୍ ଠକଙ୍କୁ ଗିରଫ କରିଛି ଭୁବନେଶ୍ୱର ସାଇବର୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କୋଲକାତା ସିଲ୍ ଲେନର ଆୟନ ଦେ (୨୧) ଓ ହାଓଡ଼ା ଅଖିରପୁରର ଏମଡି ହୁସେନ (୨୦)।

ପୁଲିସ ସୂଚନାନୁସାରେ, ଗତ ମାର୍ଚ୍ଚ ମାସରେ ନୀଳାଦ୍ରି ବିହାରର ବିଦ୍ୟୁତ ଭୂଷଣ ପରିଡ଼ାଙ୍କ ହ୍ୱାଟ୍ସଆପକୁ କ୍ରେଡିଟ୍ କାର୍ଡ ଆବେଦନ କରିବାକୁ ଏକ ଲିଙ୍କ୍ ଆସିବା ପରେ ସେ ଆବେଦନ କରିଥିଲେ। ଏପ୍ରିଲ ୧ ତାରିଖ ଦିନ ହ୍ୱାଟ୍ସଆପକୁ ବ୍ୟାଙ୍କ ଅଫ୍ ବରୋଦାର କ୍ରେଡିଟ୍ କାର୍ଡ ଭେରିଫିକେସନ ପାଇଁ ଏକ ଏପିକେ ଫାଇଲ୍ ପଠାଇବା ସହ ସାଇବର ଠକ ତାଙ୍କୁ ଭିଡିଓ କଲ୍ କରିଥିଲା। ନିଜକୁ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ବିଦ୍ୟୁତଙ୍କୁ ଏପିକେ ଫାଇଲ୍ ଖୋଲି ବିଭିନ୍ନ ତଥ୍ୟ ପୂରଣ କରିବାକୁ କହିଥିଲା। ସେହିଦିନ ରାତି ୯ ଟା ବେଳକୁ ବିଦ୍ୟୁତଙ୍କର ଦୁଇଟି ଫିକ୍ସ ଡିପୋଜିଟ୍‌କୁ ଭାଙ୍ଗି ବ୍ୟାଙ୍କ ଆକାଉଣ୍ଟରୁ ୬ ଲକ୍ଷ ୨୫ ହଜାର ଟଙ୍କା ନେଇ ଯାଇଥିଲେ ସାଇବର ଠକ। ଏନେଇ ବିଦ୍ୟୁତ ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଆୟନକୁ ଗିରଫ କରିବା ସହ ୩ଟି ପାସ୍ ବୁକ୍, ୨ଟି ଡେବିଟ୍ କାର୍ଡ, ବ୍ୟାଙ୍କ ଷ୍ଟେଟମେଣ୍ଟ ଓ ମୋବାଇଲ ଫୋନ୍ ଜବତ କରିଛି।

ସେହିପରି ସୁନ୍ଦରପଦା ଅଞ୍ଚଳର ସତ୍ୟଭାମା ବେହେରାଙ୍କ ଏସବିଆଇ ୟୋନୋ ଆପ୍ଲିକେସନ କାମ କରୁ ନ ଥିବାରୁ ସେ ଇଣ୍ଟରନେଟ ମାଧ୍ୟମରେ କଷ୍ଟମର କେୟାରକୁ ଯୋଗାଯୋଗ କରିଥିଲେ। କଷ୍ଟମର କେୟାରର କହିବା ମୁତାବକ ଏସବିଆଇ ୟୋନୋ ଏପିକେ ଫାଇଲ୍ ଡାଉନଲୋଡ କରିଥିଲେ। ଫଳରେ ସବୁ କଲ୍ ଓ ମେସେଜ ଅନ୍ୟତ୍ର ଫରୱାର୍ଡ ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ସାଇବର ଠକମାନେ ତାଙ୍କ ଏସବିଆଇ ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା ନେଇ ଯାଇଥିଲେ। ସତ୍ୟଭାମାଙ୍କ ସ୍ୱାମୀ ଋଷି ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ସାଇବର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ଏମଡି ହୁସେନକୁ ଗିରଫ କରି ବ୍ୟାଙ୍କ ପାସ୍ ବୁକ୍, ମୋବାଇଲ ଓ ବିପୁଳ ସିମ୍ କାର୍ଡ ଜବତ କରିଥିଲା।

# ସରକାରୀ ଜମିରୁ ଜବର ଦଖଲ ହଟିଲା



ଯାଁଳା, ୧୪।୧୧(ସମିସ): ନୌସେନାର ଏକ ପ୍ରକଳ୍ପ ପାଇଁ ଜଟଣୀ ତହସିଲ ଅନ୍ତର୍ଗତ ରାଜଧାନୀ ଉପକଣ୍ଠ ଯାଁଳା ପଞ୍ଚାୟତ ଓଗାଳପଡ଼ା ମୌଜାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଜଟଣୀ ତହସିଲ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ପ୍ରକ୍ରିୟାରେ ୨୦ଟି ଘର ଭଙ୍ଗା ଯାଇଛି। ମୋଟ ୪୨ ଟି ଘର ଭଙ୍ଗାଯିବ ବୋଲି ସୂଚନା ମିଳିଛି। ସମ୍ପୂର୍ଣ୍ଣ ଜମି ଜବରଦଖଲରୁ ମୁକୁଳିବା ଯାଏଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର କହିଛନ୍ତି।

ଓଗାଳପଡ଼ା ମୌଜାର ଏହି ଜମି ସମ୍ପୂର୍ଣ୍ଣ ସରକାରୀ। ଏଠାରେ ୪୨ ପରିବାର ଦୀର୍ଘ ବର୍ଷ ହେଲା ରହି ଆସୁଥିଲେ। ପ୍ରାୟ ସବୁ ପରିବାର ୧୦ ବର୍ଷରୁ ଅଧିକ କାଳ ଧରି ଏଠାରେ ଘରକରି ରହୁଥିଲେ। ଭାରତୀୟ ନୌସେନାର ଏକ ପ୍ରକଳ୍ପ ପାଇଁ ୨୦୧୫ ମସିହାରେ ଏହି ଜମି ଅଧିଗ୍ରହଣ ହୋଇଥିଲା। ଏଥିରୁ ୧୦ ଏକର ଜମି ଭାରତୀୟ ନୌସେନା ନାମରେ ପଟା ମଧ ହୋଇଯାଇଛି। ଏବେ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହେବ ବୋଲି ଜବର ଦଖଲକାରୀମାନଙ୍କୁ ନୋଟିସ କରାଯାଇଥିଲା। ତିନି ତିନି ଥର ନୋଟିସ ହେବା ପରେ ଆଜି ବୁଲଡୋଜର ସାହାଯ୍ୟରେ ଘରଭଙ୍ଗା କରାଯାଇଛି।

ସୂଚନା ଯୋଗ୍ୟ ଯେ ବେଘର ହୋଇଥିବା କିଛି ଲୋକ ଉଚ୍ଛେଦ ପ୍ରକ୍ରିୟା କିଛି ଦିନ ଘଞ୍ଚାଇବାକୁ କାକୁତି ମିନତି ହୋଇଥିଲେ। ଶୀତ ଦିନଟାରେ ସେମାନେ କେଉଁଠି ପିଲାଛୁଆ ଧରି ମୁଣ୍ଡ ଗୁଞ୍ଜିବେ ବୋଲି ଉଚ୍ଛେଦ ବାତିଲ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ପୂର୍ବରୁ ତିନି ତିନି ଥର ନୋଟିସ ହୋଇଥିବାରୁ ତହସିଲ ପ୍ରଶାସନ ସେମାନଙ୍କ ଅନୁରୋଧକୁ ଅଣଦେଖା କରିଥିଲା। ତେଣୁ ବେଘର ହୋଇଥିବା ଲୋକମାନେ କାନ୍ଦ ବୋବାଳି ଛାଡି ସେମାନଙ୍କ ଘରୁ କିଛି କିଛି ଜିନିଷ ସାଉଁଟିବାରେ ଲାଗିଥିଲେ।

## ଗହଣା ଶୋରୁମରୁ ଚୋରି; ମହିଳା ଗିରଫ

ଭୁବନେଶ୍ୱର, ୧୪।୧୧ (ସମିସ): ଗହଣା ଶୋରୁମରୁ ସୁନା ଚେନ ଚୋରି କରିଥିବା ଅଭିଯୋଗରେ ମହିଳାଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ମହିଳା ହେଲେ ପଳଶୁଣୀ ଅଞ୍ଚଳରେ ରହୁଥିବା ଯାଜପୁର ଜିଲ୍ଲା ବିଞ୍ଝାରପୁରର ଅନୁସୟା ଦାସ (୪୪))।

ପୁଲିସ ସୂଚନା ଅନୁସାରେ, ଗତମାସ ୩୧ ତାରିଖ ଦିନ ଅନୁସୟା ମାଷ୍ଟର କ୍ୟାଣ୍ଟିନ ଛକରେ ଥିବା ଏକ ଗହଣା ଶୋରୁମକୁ ଆସିଥିଲେ। ସୁନା ଚେନ୍ ଦେଖାଇବାକୁ କହିବାରୁ କର୍ମଚାରୀ ତାଙ୍କୁ ଏକାଧିକ ସୁନା ଚେନ ଦେଖାଇଥିଲେ। ଅନୁସୟା ସୋ କେଶ୍ ଉପରେ ପାଣି ବୋତଲ ରଖିଥିଲା। କର୍ମଚାରୀ ଜଣକ ଅନ୍ୟମନସ୍କ ଥିବା ସମୟରେ ବୋତଲ ଉଠାଇବା ବେଳେ ଏକ ସୁନା ଚେନ ଚୋରି କରି ନେଇଥିଲେ। ଏନେଇ ଗହଣା ଶୋରୁମ କର୍ତ୍ତୃପକ୍ଷ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅନୁସୟାଙ୍କୁ ଗିରଫ କରିବା ସହ ସୁନା ଚେନ ଜବତ କରିଛି ପୁଲିସ।

## ସେଲ୍‌ଫି ଉଠାଇବା ବେଳେ କୁଆଖାଇରେ ବୁଡ଼ି ନାବାଳକ ମୃତ

ଭୁବନେଶ୍ୱର, ୧୪।୧୧(ସମିସ): କୁଆଖାଇ ନଦୀ ଭିତରେ ସେଲଫି ଉଠାଇବା ବେଳେ ଜଣେ ନାବାଳକ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ରଘୁନାଥପୁରର ଆୟୁଷ କୁମାର ସାହୁ (୧୭)। ସେ ଶୁକ୍ରବାର ଅପରାହ୍ଣ ୫ଟାରେ ଜଣେ ସାଙ୍ଗ ସହ ଜୟଦେବ କଲେଜ ରୋଡ ନିକଟସ୍ଥ କୁଆଖାଇ ନଦୀରେ ଯାଇ ସେଲଫି ଉଠାଉଥିଲା ବେଳେ ଅସାବଧାନତାବସତଃ ଗୋଡ ଖସିଯାଇଥିଲା। ସେ ବୁଡ଼ିଯିବା ବେଳେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ଥିଲେ ମଧ ବିଫଳ ହୋଇଥିଲେ। ଖବରପାଇ ଦମକଳବାହିନୀ ଓ ପୁଲିସ ପହଞ୍ଚି ଆୟୁଷଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଥିଲା। ଆଗ୍ନିକମାନେ ମୃତଦେହ ଉଦ୍ଧାର କରି ଥିବା ବେଳେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ।

# ଜେଲ୍ ଫେରନ୍ତାଙ୍କ ଅପରାଧିକ ସାମ୍ରାଜ୍ୟ

ଭୁବନେଶ୍ୱର, ୧୪।୧୧(ସମିସ): ରାଜଧାନୀରେ ଜେଲ୍ ଫେରନ୍ତା ଅଭିଯୁକ୍ତ ଏବେ ସକ୍ରିୟ। ଜେଲରୁ ଜାମିନରେ ବାହାରୁଛନ୍ତି ସହରରେ ଆତଙ୍କ ଖେଳାଉଛନ୍ତି। ନିଶାବେପାର ଠାରୁ ଆରମ୍ଭ କରି ଚୋରି, ଡାକୟତି, ହଣାକଟା, ବଟି ଆଦାୟ, ସିନ୍ଧିଚୋରୀ, ରାହାଜାନି ପ୍ରଭୃତି ଅପରାଧରେ ତୁରନ୍ତ ସକ୍ରିୟ ହୋଉ ଉଠୁଛନ୍ତି। ବିଗତ କିଛି ଦିନମଧ ବହୁ ସଂଖ୍ୟାରେ ଜେଲ ଫେରନ୍ତା ରାଜଧାନୀରେ ଉତ୍ପାତ କରୁଥିବା ଘଟଣା ସାମ୍ନାକୁ ଆସିଛି। ନିତିଦିନିଆ ସକ୍ରିୟ ଅପରାଧରେ ଏମାନେ ସାମିଲ୍ ହେଉଛନ୍ତି, କିଛିଙ୍କୁ ପୁଲିସ ଗିରଫ କରିଛି। ଆଉ କିଛି ପୁଲିସ ଟ୍ରାକିଂର ବାହାରକୁ ଚାଲି ଯାଉଛନ୍ତି। ରାଜଧାନୀରେ ଅପରାଧ ଘଟାଇବାକୁ ଏମାନେ ଚାହିଁ ବସିଛନ୍ତି। ତେବେ ଜେଲ ଫେରନ୍ତା ଅପରାଧୀଙ୍କ ଉପରେ ପୁଲିସ ତୀକ୍ଷ୍ଣ ନଜର ରଖୁ ବୋଲ ସାଧାରଣରେ ଦାବି କରାଯାଇଛି। ବିଗତ ୬ଦିନ ମଧ୍ୟରେ ରାଜଧାନୀରେ କମିସନରେଟ୍ ପୁଲିସ ୭ଜଣ ଜେଲ ଫେରନ୍ତାଙ୍କୁ ଗିରଫ କଲାଣି। ଏହା ସତ୍ତ୍ୱେ ମଧ ସେମାନେ ଅପରାଧ ଘଟାଇ ଚାଲିଛନ୍ତି।

■ ୬ ଦିନରେ ଗିରଫ ହେଲେଣି ୭ ଜଣ
■ ଥମୁନି ଅପରାଧିକ କାରନାମା



ଏମାନେ ଜେଲରୁ ବାହାରିବା ପରେ ଏମାନଙ୍କ ଉପରେ ନଜର ରଖାଯାଏ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ନିଆଯାଏ। ଥାନା କର୍ମଚାରୀ ନଜର ରଖିଥାନ୍ତି। ଚଉକିଆ ଅଞ୍ଚଳ ବୁଲି ଏମାନେ କ'ଣ କରୁଛନ୍ତି ଖବର ସଂଗ୍ରହ କରେ। ହେଲେ ଏଭଳି ବ୍ୟବସ୍ଥା ଫଳପ୍ରଦ ହେଉନାହିଁ। ଥାନାରେ କାମ ଅଧିକ ଲୋକ୍ କମ୍। ଆଇନଶୃଙ୍ଖଳା ପରିସ୍ଥିତି ବୁଝୁବୁଝୁ ସମୟ ଗଡ଼ି ଯାଉଛି ଏସବୁ କରିବ କିଏ ବୋଲି ଜଣେ ଥାନା କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

### କାମ ଦେଉନି ହାଜିରା ବ୍ୟବସ୍ଥା

ପୂର୍ବରୁ ଅପରାଧୀମାନେ ଜେଲରୁ ଫେରିଲା ପରେ ଏମାନେ ଥାନାକୁ ହାଜିରା ଦେବାକୁ ଆସୁଥିଲେ। ପୁଲିସ ନଜର ରହିଛନ୍ତି ବୋଲି ସେମାନଙ୍କ ମନରେ ଏକ ଭୟ ରହୁଥିଲା। ଯିଏ ନ ଆସିବ ସେମାନଙ୍କ ଘରକୁ ପୁଲିସ ଚାଲିଯାଉଥିଲା। କଣ ପାଇଁ ଥାନାରେ ହାଜିରା ଦେଲୁନି ଉଠାଇନେବି ବୋଲି ଧମକ ଦେଉଥିଲା। ହେଲେ ଏବେ କିନ୍ତୁ ଏହି ବ୍ୟବସ୍ଥା ସେତେଟା କାମ କରୁନି। ଥାନାରେ କର୍ମଚାରୀ ଅଭାବରୁ କିଏ ଆସିଲା କିଏ ନ ଆସିଲା କାହାର ବି ଫରକ ପଡୁନାହିଁ। ଫଳରେ ଜେଲ ଫେରନ୍ତା ଅପରାଧୀ ଏବେ ଭୟ ଶୂନ୍ୟ ହୋଇଯାଉଛନ୍ତି।

### କୋଡ଼ିଏ ମାମଲା ୪ ଥର ଦୋଷୀ; ତଥାପି ଚୋରି ଛାଡୁନି

କୁଖ୍ୟାତ ଚୋର ବାଙ୍କୀ ବ୍ରହ୍ମପୁରାର ବିଶ୍ୱଜିତ ବେହେରା ଓରଫ୍ ବାପୁ (୩୨)। ବିଶ୍ୱଜିତ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାଁରେ ରାଜଧାନୀର ବିଭିନ୍ନ ଥାନାରେ ୨୦ ଚୋରି ମାମଲା ଗଡ଼ିଲାଣି। ନୂଆପଲ୍ଲୀ ଓ ଖଣ୍ଡଗିରି ଥାନାର ୪ଟି ମାମଲାରେ ସେ ଦୋଷୀ ସାବ୍ୟସ୍ତ ମଧ ହୋଇଛି। ତଥାପି ଚୋରି ଛାଡ଼ିପାରୁନି। ପୁଣି ଚୋରି ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ତାକୁ ଗିରଫ କରିଛି।

### ୧୧୦ ଦଫା ପରେ ବି ଚୋର ସକ୍ରିୟ

କ୍ୟାପିଟାଲ ଥାନା ପୁଲିସ କେଦାରପଲ୍ଲୀ ବାପୁଜୀ ନଗର ଅଞ୍ଚଳର ବିଶ୍ୱଜିତ ନାୟକ ବିରୋଧରେ ପୂର୍ବରୁ ୧୧୦ ଦଫା ଲାଗିଥିଲା। କୋର୍ଟ ଥରେ ଦୋଷୀ ସାବ୍ୟସ୍ତ କଲେ ତଥାପି ଚୋରି, ଡାକାୟତି ଓ ଲୁଟ୍ ଛାଡିବାକୁ ନାରାଜ। ଉଭୟ ଚୋରି ଓ ଲୁଟ୍ ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ତାକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ଜଣଙ୍କ ଠାରୁ ଲୁଟ୍ କରି ୫ ହଜାର ଟଙ୍କା ମୋବାଇଲ ଛଡାଇ ନେଇଥିଲା ବେଳେ ଅନ୍ୟ ଏକ ମାମଲାରେ ଏକ ଘରୁ ଦୁଇଟି ମୋବାଇଲ୍ ଫୋନ୍, ନଗଦ ଟଙ୍କା ଓ ରୁପା ଅଳଙ୍କାର ଚୋରି କରିଥିଲା। ପୁଲିସ ସୂଚନା ଅନୁଯାୟୀ ବିଶ୍ୱନାଥ ଜଣେ ଅଭ୍ୟାସଗତ ଅପରାଧୀ। କ୍ୟାପିଟାଲ ଥାନାରେ ପଞ୍ଜିକୃତ ୧୦ଟି ଅପରାଧିକ ମାମଲାରେ ଜଡିତ ଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଜେଲ୍‌ରୁ ବାହାରି ଗ୍ୟାଙ୍ଗ୍ କରିଥିଲା ଔରଙ୍ଗଜେବ୍

ଡୁମୁଡୁମା ଅଞ୍ଚଳର ଶେଖ୍ ଔରଙ୍ଗଜେବ୍। କିଛିଦିନ ତଳେ ଜେଲରୁ ବାହାରି ଚୋରମାନଙ୍କୁ ନେଇ ଏକ ଗ୍ୟାଙ୍ଗ୍ ଗଠନ କରିଥିଲା। ଏହି ଗ୍ୟାଙ୍ଗ୍ ଡୁମୁଡୁମାରେ ଆତଙ୍କ ଖେଳାଇଥିଲା। ତଶିଫ ମହମ୍ମଦକୁ ଗିରଫ କରିଥିଲା। ବହୁ ଲୋକଙ୍କ ଘର ଭାଙ୍ଗି ବହୁମୂଲ୍ୟ ସାମଗ୍ରୀ ଏବଂ ସୁନାରୁପା ଅଳଙ୍କାର ଲୁଟି ନେଉଥିଲା। ବାରମ୍ବାର ଚୋରି ଅଭିଯୋଗ ହେବା ପରେ ପୁଲିସ ତାଙ୍କ ସହଯୋଗୀ ତଶିଫ୍ ଅହମ୍ମଦକୁ ଗିରଫ କରିଥିଲା। ତାଙ୍କ ଠାରୁ ତରଳା ସୁନା ଏବଂ ରୁପା ଛଡ଼୍ ଜବତ କରିଥିଲା। ତଶିଫ୍‌ଙ୍କୁ ପଚରାଉଚରା ବେଳେ ଚୋର ଗ୍ୟାଙ୍ଗ୍‌ର ସର୍ଦ୍ଦାର ଜେଲ ଫେରନ୍ତା ଔରଙ୍ଗଜେବ୍ ସମ୍ପର୍କରେ ପୁଲିସ ଜାଣିବାକୁ ପାଇଥିଲା। ସେ ଏବେ ବି ପୁଲିସ ରେକର୍ଡରେ ଫେରାର୍ ଥିବା ଜଣାପଡ଼ିଛି।

### ୧୨ କେସ୍ ଖାଇ ବି ସୁଧୁରୁନି ସବିର

ତମାଣ୍ଡୋ ଥାନା ଅଞ୍ଚଳର ଏସ୍‌କେ ଆସିଫ। ତମାଣ୍ଡୋ ଥାନା ପୁଲିସ ଗତ ୧୧ ତାରିଖରେ ତାଙ୍କୁ ମୋବାଇଲ ଚୋରି ଅଭିଯୋଗରେ ଗିରଫ କରିଛି। ତା' ନାଁରେ ୧୨ଟି ମାମଲା ହେଲାଣି। ତଥାପି ସୁଧୁରୁବାର ନାଁ ଗନ୍ଧ ଧରୁନି ସବିର୍। ରାଜଧାନୀରେ ବିଭିନ୍ନ ଥାନା ଅଞ୍ଚଳରୁ ବୁଲି ବୁଲି ମୋବାଇଲ ଚୋରି କରିଚାଲିଛି।

### ଜେଲରୁ ବାହାରି ପୁଣି ନିଶା ବେପାର

ଜଟଣୀ ଅଞ୍ଚଳର ଶେଖ୍ ସହାବୁଦ୍ଦିନ୍ ଏବଂ ଶେଖ୍ ସମ୍‌ସୁଦ୍ଦିନ୍ ଏକାଧିକ ଅପରାଧ ସହ ସମ୍ପୃକ୍ତ। ଯେତେଥର ଜେଲରୁ ବାହାରୁଛନ୍ତି ସେତେଥର ଅପରାଧରେ ଲିପ୍ତ ରହୁଛନ୍ତି। ଏଥର ଜଟଣୀ ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗର ବ୍ୟବସାୟ କରି ବନ୍ଧା ହୋଇଛନ୍ତି।

### ଗାଡି ପାର୍ଟ୍‌ସ୍ ଚୋରି ଛାଡୁନି

କାର୍ତ୍ତିକ ସେଠୀ ଓ ଅଜୟ ନାୟକ ଦୁହେଁ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ କାର୍ତ୍ତିକ ସେଠୀ ନାମରେ ଗାଡ଼ି ପାର୍ଟସ ଚୋରି କରି ବିକ୍ରି କରିବା ନେଇ ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବା ବେଳେ ଅଭିଯୁକ୍ତ ଅଜୟ ନାୟକ ନାଁରେ ୧୧ଟି ମାମଲା ରହିଥିବା ଜଣାପଡ଼ିଛି। ଏତେ ମାମଲା ହେବା ପରେ ମଧ ଏମାନେ ନିଜ ବେଉସା ଛାଡୁନାହାନ୍ତି। ଶେଷରେ ନୂଆପଲ୍ଲୀ ଥାନା ପୁଲିସ ଦୁହିଁଙ୍କ ଗିରଫ କରି କୋର୍ଟ ଚାଲାଣ କରିଛି।

ଫୁଲେଶ୍ୱରୀ ବସ୍ତିରେ ଆତଙ୍କ

## ଜେଲରୁ ଫେରି ଦାଦାବଟି ପାଇଁ ହାଣିଲା ଚାମ୍ପା

ଭୁବନେଶ୍ୱର, ୧୪।୧୧ (ସମିସ): ଦୀର୍ଘଦିନ ଧରି ଲାଗି ରହିଥିବା ପୂର୍ବଶତ୍ରୁତା ପୁଣି ଉଗ୍ରରୂପ ନେଇଛି। ଦୁଇ କ୍ଲବ ମଧ ଥିବା ବିବାଦରୁ ଫୁଲେଶ୍ୱରୀ ବସ୍ତିରେ ଖଣ୍ଡା ବୁଲିଛି। ଦାଦାବଟି ପାଇଁ ଦୁଇ ଜଣଙ୍କୁ ହାଣିଛି ଜେଲ୍ ଫେରନ୍ତା ଚାମ୍ପା। ଘଟଣାରେ ଲାଲୁ ମୁର୍ମୁ ଓ ଶିବ ବେହେରା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ଜେଲ୍ ଫେରନ୍ତା ଦୀପ୍ତିରଞ୍ଜନ ଓରଫ୍ ଚାମ୍ପା ଫେରାର ହୋଇଯାଇଛି।

ସୂଚନା ଅନୁସାରେ, ଗଣେଶ ପୂଜା ଠାରୁ ଫୁଲେଶ୍ୱରୀ ବସ୍ତିର ଦୁଇ କ୍ଲବ ମଧ୍ୟରେ ବିବାଦ ଲାଗି ରହିଛି। ଏହି ବିବାଦରୁ କେତେବେଳେ ହଣାକଟା ହେଉଛି ତ ପୁଣି କେତେବେଳେ ବୋମାମାଡ଼ ହେଉଛି। ଦୁଇ କ୍ଲବର ବିବାଦରୁ ବସ୍ତିରେ ଭୟର ବାତାବରଣ ସୃଷ୍ଟି ହେବା ସହ ବାସିନ୍ଦାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗତ ମେ' ମାସ ୧୧ ତାରିଖ ଦିନ ଫୁଲେଶ୍ୱରୀ ବସ୍ତିର ଦୀପକ ପାତ୍ର ଘରକୁ ଫେରୁଥିବା ବେଳେ ଚାମ୍ପା ଓ ତାର ସହଯୋଗୀମାନେ ତାଙ୍କୁ ହାଣିବା ସହ ଲୁଟପାଟ କରିଥିଲେ। ସେହି ମାସ ୨୧ ତାରିଖ ଦିନ ଚାମ୍ପାକୁ ଗିରଫ କରିଥିଲା ପୁଲିସ।

ଦୁଇ ଦିନ ପୂର୍ବେ ଜେଲରୁ ଫେରିବା ପରେ ଚାମ୍ପା ଓ ତାର ସହଯୋଗୀ ଗତକାଲି ରାତିରେ ଦୋକାନୀ ଲାଲୁ ଓ ଶିବଙ୍କ ନିକଟକୁ ଯାଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲା। ଲାଲୁ ଓ ଶିବ ବିରୋଧ କରିବାରୁ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲା। ସେମାନେ ଜୀବନ ବଞ୍ଚାଇବାକୁ ଦୌଡ଼ୁଥିବା ବେଳେ ଚାମ୍ପା ଗୋଡ଼ାଇ ଗୋଡ଼ାଇ ହାଣିଥିଲା। ଲୋକମାନେ ହସ୍ତକ୍ଷେପ କରିବା ପରେ ଚାମ୍ପା ଧମକ ଦେଇ ଫେରାର ହୋଇ ଯାଇଥିଲା।

୨ ଗୁରୁତର; ଥାନାରେ ମାମଲା

ଲୋକମାନେ ଲାଲୁ ଓ ଶିବଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିଛି। ହେଲେ ଅଭିଯୁକ୍ତମାନଙ୍କୁ ଧରି ପାରିନାହିଁ।

### ପୁସ୍ତକର ଜାଗା ନେଇଛି ମୋବାଇଲ

# ଶୀତ ଆସିଲେ ମନେପଡ଼େ ପୁସ୍ତକ ମେଳା




ବ୍ରହ୍ମପୁର,୧୪।୧୧(ସମିସ): ପୁସ୍ତକ ଆମ ଚିରନ୍ତନ ସାଥୀ। ପିଲାଠୁ ବୁଢା ସଭିଁଏ ତା'ର ନିଜର। ତା ପାଇଁ ଅନେକ ଲେଖନ୍ତି ଆଉ କୁହନ୍ତି। କାରଣ ସେ ସ୍ୱତନ୍ତ୍ର ଓ ଅନନ୍ୟ। ଏବେ ସମୟ ବଦଳିଛି, ତା ସଙ୍ଗେ ଚାଲିଚଳଣୀ, ପାଠପଢାର ଶୈଳୀ ଧୀରେ ଧୀରେ ବଦଳିଯାଇଛି। ଫଳରେ ଏବେ ପୁସ୍ତକର ଜାଗା ମୋବାଇଲ ନେଇଛି। ପୁସ୍ତକ ପ୍ରତି ଆଦର ସେମିତି ରହିଛି ସତ କିନ୍ତୁ ଆତୁରତା ନାହିଁ। ପୂର୍ବେ ଶୀତଦିନରେ ପୁସ୍ତକଙ୍କ ସମାଗମ ହେଉଥିଲା। ପୁସ୍ତକମେଳାର ଆସର ଜମୁଥିଲା। ସମସ୍ତଙ୍କ ମନରେ ବେଶ୍ ଆଗ୍ରହ ଦେଖା ଦେଉଥିଲା। ପାଠକଙ୍କ ମନରେ ବି ଅନେକ ଆଶା ଦେଖା ଦେଉଥିଲା। ସେକାଳ ଜମାନା ଯାଇଛି। ବ୍ରହ୍ମପୁରରେ ପୁସ୍ତକ ମେଳା ଲାଗି ଅନେକ ଆଦି-ଅନ୍ତ ଘଟିସାରିଛି। ତଥାପି ମଧ ପୁସ୍ତକମେଳା ପ୍ରତି ପାଠକଙ୍କ ଆଗ୍ରହ ଭରି ରହିଥିଲେ ହେଁ ଏହି ସାଂସ୍କୃତିକ ଆନ୍ଦୋଳନ ତିଷ୍ଠି ରହିବାରେ ସମସ୍ୟା ଦେଖାଦେଉଛି। କରୋନା ପରବର୍ତ୍ତି କାଳରେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାରେ ବହିର ପାଠକୀୟ ଆଦୃତି କମିଥିବା ବେଳେ ଇଣ୍ଟରନେଟରେ ପାଠପଢାର ଅଭ୍ୟାସ ବୃଦ୍ଧି ପାଉଥିବା ପାଠକମାନେ କୁହନ୍ତି। ଫଳରେ ବହି ବିକ୍ରେତା, ମୁଦ୍ରଣସଂସ୍ଥା ଭିତରେ ମନୋବଳ କମିଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ ପୁସ୍ତକ ମେଳା ଆୟୋଜନ ସାଂସ୍କୃତିକ ଆନ୍ଦୋଳନରେ ପରିଗଣିତ ହୋଇଥିଲା। ବଡ଼ ସହର ଏହାକୁ ଅନେକ ଆଦର ଦେଇଛନ୍ତି। ଛୋଟ ସହର ଗୁଡ଼ିକରେ ମଧ ଆୟୋଜନ ହେଉଛି। କିନ୍ତୁ ବର୍ଷାଧିକ କାଳ ତିଷ୍ଠିବା କଷ୍ଟକର ହୋଇଛି। ପୁସ୍ତକମେଳାରେ ପୁସ୍ତକ ବିକ୍ରି ନୁହେଁ ସାହିତ୍ୟାଲୋଚନା, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ ଆଦି କାର୍ଯ୍ୟକ୍ରମ ହେଉଛି। ଏଥିଦ୍ୱାରା ଅଧିକା ପାଠକ ଓ ଦର୍ଶକ ଆକର୍ଷିତ ହୋଇ ଆସିବେ ବୋଲି ଚିନ୍ତା କରାଯାଉଛି। କିନ୍ତୁ ବହୁଳ ଖର୍ଚ୍ଚ ଯୋଗୁଁ ଏଗୁଡ଼ିକ ପରିଚାଳନା କରିବା କଷ୍ଟସାଧ ହେଉଥିବା ପରିଚାଳକମାନେ କୁହନ୍ତି। ସେହିଭଳି ନୂତନ ପାଠକଙ୍କ ସଂଖ୍ୟା ବଢୁଥିଲେ ହେଁ ମୋବାଇଲ ଭିତରେ ସେମାନଙ୍କ ପାଠ ପଢା ସିମିତ ରହୁଥିବା ଶିକ୍ଷାବିତମାନେ କୁହନ୍ତି। ପୁସ୍ତକକ୍ରୟ, ପଠନ ଅପେକ୍ଷା ଆଜିକାଲିକା ଇଣ୍ଟରନେଟକୁ ବହୁଳ ଭାବରେ ବ୍ୟବାହାର କରାଯାଉଛି। ଏଥିଯୋଗୁଁ ପୁସ୍ତକର ଆଦର କମୁଛି। ପୁସ୍ତକ ମେଳା ଆୟୋଜନ ବି ସମ୍ଭବ ବି ହେଉନି।

ତେବେ ବ୍ରହ୍ମପୁରର ପୁସ୍ତକ ମେଳା ସମ୍ପର୍କରେ ଯଦି ଆଲୋଚନା କରାଯାଏ ବିଭିନ୍ନ ପ୍ରାକ୍ତନ ପତ୍ରପତ୍ରିକାରୁ ମିଳୁଥିବା ସୂଚନା ଅନୁସାରେ ପ୍ରଥମଥର ପାଇଁ ୧୯୮୧ମସିହାରେ ମାଡ୍ରାସ ପୁସ୍ତକ ମେଳାରେ ବହିମାନଙ୍କର ମେଳଣ ଦେଖି ଡ଼କ୍ଟର ପ୍ରଦୀପ ମହାପାତ୍ର ବ୍ରହ୍ମପୁର ସହରରେ ଏକ ପୁସ୍ତକ ମେଳା ଆୟୋଜନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୯୯୩ରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ ପଦ୍ମଚରଣ ସାହୁ ଓ ଭୁବନେଶ୍ୱରରୁ ଆସିଥିବା ପୁସ୍ତକ ଉତ୍ସବର ଆୟୋଜକ ଡ଼ ଭାବଗ୍ରାହୀ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ଉତ୍କଳ ପରିଷଦ ସଦସ୍ୟ ବୃନ୍ଦ ତଥା ଦୈନିକ ଆଶାର ସମ୍ପାଦକ ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ବ୍ରହ୍ମପୁର ସହରରେ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଆର୍ଥିକ ଅନାଟନ ସତ୍ତ୍ୱେ ବ୍ରହ୍ମପୁର ପୌରପାଳିକା କଲ୍ୟାଣ ମଣ୍ଡପଠାରେ ପୁସ୍ତକ ମେଳା ଦୁଇବର୍ଷ ହୋଇଥିଲା। କ୍ଷତି ଓ ଅସଫଳ ଯୋଗୁଁ ଏହା ବନ୍ଦ ହୋଇଥିଲା। କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଏକ ପୁସ୍ତକ ମେଳା ପାଇଁ ପ୍ରସ୍ତୁତି ଚାଲିଥିଲେ ସଫଳ ହୋଇନଥିଲା। ୨ହଜାର ମସିହାରେ ଅନୁପମ ଭାରତର ସମ୍ପାଦକ କାଳୀଚରଣ ପଣ୍ଡାଙ୍କ ସଫଳ ପ୍ରଚେଷ୍ଟାରେ ସେତେବେଳର ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଜଗଦାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା ତୃତୀୟ ବ୍ରହ୍ମପୁର ପୁସ୍ତକ ମେଳା। ୨୦୦୧ରେ ନାସନାଲ ବୁକ ଟ୍ରଷ୍ଟର ସୌଜନ୍ୟରେ ତାଙ୍କରି ଉଦ୍ୟମରେ ୪ର୍ଥ ବ୍ରହ୍ମପୁର ପୁସ୍ତକ ମେଳା ଆୟୋଜିତ ହୋଇଥିଲା ବୋଲି ବିଭିନ୍ନ ପତ୍ରପତ୍ରିକାରୁ ସୂଚନା ମିଳେ। ଏହା ପୂର୍ବରୁ କେବଳ ଓଡ଼ିଶାର ପ୍ରକାଶକ ଓ ବହି ବିକ୍ରେତାମାନଙ୍କୁ ନେଇ ହେଉଥିବା ବ୍ରହ୍ମପୁର ପୁସ୍ତକମେଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରକାଶକମାନେ ଆସି ଯୋଗ ଦେଉଥିଲେ। ସୁସଜ୍ଜିତ ଷ୍ଟଲରେ ସେମାନଙ୍କ ପୁସ୍ତକଗୁଡ଼ଇକୁ ପ୍ରଦର୍ଶିତ କରୁଥିଲେ। ପରବର୍ଷ ଜିଲ୍ଲାପାଳ ସଂଜୀବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ପୁସ୍ତକ ମେଳା ସମିତି ୨୦୦୨ରେ ଆୟୋଜନ କରିଥିଲା ପଞ୍ଚମ ପୁସ୍ତକ ମେଳା। କ୍ଷତିରୁ ମୁକୁଳି ଲାଭରେ ରହିବା ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ଦକ୍ଷିଣାଞ୍ଚଳ କମିଶନର ବନ୍ଦନାକୁମାରୀ ପଣ୍ଡା ଓ ଡ଼ ଅରୁଣ କୁମାର ପଣ୍ଡାଙ୍କ ପରିଚାଳନାରେ ପୁସ୍ତକ ମେଳା ଟେଲିଫୋନ ଭବନ ରୋଡ଼ସ୍ଥିତ ଚର୍ଚ୍ଚପଡ଼ିଆଠାରେ ଆୟୋଜିତ ହୋଇଥିବା ଜଣାଯାଏ। ବ୍ରହ୍ମପୁର ପୁସ୍ତକ ମେଳାର ସଫଳତା ଦେଖି ଆଉ ଦଳେ ସାହିତ୍ୟପ୍ରେମୀ ୨୦୦୬ମସିହାରେ ଗଞ୍ଜାମ ଜିଲ୍ଲା ପୁସ୍ତକ ମେଳା ଅରମ୍ଭ କରିଥିବା ଜଣାଯାଏ। ପ୍ରଥମ ପୁସ୍ତକ ମେଳାକୁ କେସି ପବ୍ଲିକ ସ୍କୁଲ ହୋତାରେ କରିଥିବା ବେଳେ ଦ୍ୱିତୀୟ ପୁସ୍ତକ ମେଳା ୨୦୦୭ମସିହାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ହୋଇଥିବା କୁହାଯାଉଛି। ଏହି ଧାରା ଜାରି ରହିଥିବା ବେଳେ କରୋନା ସମୟରେ ପୁସ୍ତକ ମେଳା ସ୍ଥଗିତ ରହିଥିଲା। ପରବର୍ତ୍ତି କାଳରେ ଧାରାକୁ ବଞ୍ଚାଇବା ଲାଗି ଅନେକ ଅନୁଷ୍ଠାନ ଉଦ୍ୟମ କରୁଥିବା ମଧ ପ୍ରତିବର୍ଷ ଦେଖିବାକୁ ମିଳୁଛି।

## ମହିଳାଙ୍କୁ ଯୌନ ନିର୍ଯାତନା; ଜଣେ ଗିରଫ

ବ୍ରହ୍ମପୁର,୧୪।୧୧(ସମିସ): ଜନୈକା ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନରସିଂହ ସାହୁ ଓରଫ ବୁଢୁ(୪୪)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଓ ପିଡୀତା ମହିଳା ଉଭୟେ ସିଟି ହସ୍ପିଟାଲରେ କାର୍ଯ୍ୟରତ। ଉଭୟଙ୍କ ମଧ୍ୟରେ ଦିର୍ଘଦିନ ଧରି ବନ୍ଧୁତା ରହିଥିଲା। ତେବେ କୌଣସି କାରଣରୁ ଉଭୟଙ୍କ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ବାରମ୍ବାର ଝଗଡା ପରେ ମହିଳା ଜଣକ ଟାଉନ ଥାନାର ଦ୍ୱାରସ୍ଥ ହୋଇ ନରସିଂହଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୁଢୁଙ୍କୁ ତାଗିଦ କରି ଥାନାରୁ ନୋଟିସ ଦେଇ ଛାଡିଥିଲା। ଏହାପରେ ପୁଣି ବୁଢୁ ସମ୍ପୃକ୍ତ ମହିଳାଙ୍କ ପିଛା କରିବା ସହ ସର୍ବ ସମ୍ମୁଖରେ ଅସଦାଚରଣ କରୁଥିଲେ। ଏପରିକି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ମହିଳା ଜଣକ ଟାଉନ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ବୁଢୁକୁ ଗିରଫ କରି ପୁଲିସ ତାଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଯୁବତୀଙ୍କ ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୪।୧୧(ସମିସ): ଆଙ୍କୁଲି ବ୍ରିଜ ଉପରେ ଜଣେ ଯୁବତୀଙ୍କ ମୋବାଇଲ ଝାମ୍ପି ନେଲେ ଦୁର୍ବୃତ୍ତ। ଏନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଆଙ୍କୁଲି ଅଞ୍ଚଳର ଜଣେ ୨୫ବର୍ଷୀୟା ଯୁବତୀ ନିଜ ଘରକୁ ଯାଉଥିବା ବେଳେ ସ୍ଥାନୀୟ ବ୍ରିଜ ଉପରେ କୌଣସି ଦୁର୍ବୃତ୍ତ ତାଙ୍କ ମୋବାଇଲକୁ ଝାମ୍ପି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

## ଦକ୍ଷିଣ ପୂର୍ବ ରେଳପଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ



ବ୍ରହ୍ମପୁର,୧୪।୧୧(ସମିସ): ସ୍ଥାନୀୟ ଦକ୍ଷିଣ ପୂର୍ବ ରେଳପଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇଏସଆରଡି ଅନୁଷ୍ଠାନର, ୱାନ ଷ୍ଟପ ସେଣ୍ଟର(ସଖୀ) କେନ୍ଦ୍ର ଓ ଶକ୍ତି ସଦନ ପକ୍ଷରୁ ମିଳିତଭାବେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହା ସହ ମହାପୁରୁଷ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ଅଧିକାର ଏବଂ ଶିକ୍ଷା ବିଷୟରେ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ପିଲାମାନଙ୍କୁ ମହାପୁରୁଷ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୀବନୀ ସମ୍ପର୍କରେ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବକୃତା, ଚିତ୍ରାଙ୍କନ ଓ ନୃତ୍ୟ ପରିବେଷଣ ସହ ପୁରସ୍କାର ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇଏସଆରଡି ଅନୁଷ୍ଠାନର କର୍ମକର୍ତ୍ତା ଗୋପାଳ କୃଷ୍ଣ ଦଳବେହେରା, ବିଦ୍ୟାଳୟ ସହକାରୀ ଶିକ୍ଷୟତ୍ରୀ ଗୀତାଞ୍ଜଳି, ଶାନ୍ତ କୁମାରୀ ମିଶ୍ର, ସଙ୍ଘମିତ୍ରା ସୁତାର, ଇ. ରବି କୁମାର, ୱାନ ଷ୍ଟପ ସେଣ୍ଟର(ସକ୍ଷୀ) ପରିଚାଳିକା ମହେଶ୍ୱତା ପାଢୀ, କେନ୍ଦ୍ରର ଅସ୍କିଲା ରାଇକା, ସାବିତ୍ରୀ ଦଳବେହେରା ଓ ଶକ୍ତି ସଦନର କର୍ମୀ ସୁସମିତା କାର୍ଜୀ ଏବଂ ଶୟନୀ ମଳିକ ଯୋଗ ଦେଇଥିଲେ।

## ବରିଷ୍ଠ କଳାକାର ମହାସଂଘର ବାର୍ଷିକୋତ୍ସବ




ବ୍ରହ୍ମପୁର,୧୪।୧୧(ସମିସ): ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଲୋକକଳାବିତ୍ ପଣ୍ଡିତ ବିଶ୍ୱନାଥ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଲୋକ ନାଟକ ଗବେଷକ ଡ. ବାୟାମନୁ ଚର୍ଚ୍ଚି ଏବଂ ସମ୍ମାନିତ ଅତିଥି ଭାବେ କ୍ରିଏଟିଭ୍ ଆର୍ଟସ୍ ସମ୍ପାଦକ ନାଟ୍ୟକାର ମନୋଜ କୁମାର ପାଢ଼ୀ, ଦେଶିୟା ନାଟ୍ୟଗୁରୁ ବାଲାଜୀ ପ୍ରସାଦ ସାମନ୍ତରା ପ୍ରମୁଖ ଯୋଗଦେଇ ଥିଲେ। ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଭାପତି ଡ. ବିଜୟ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଉପ-ମହାସଚିବ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିସିସି ବ୍ୟାଙ୍କର ସାଧାରଣ ପରିଷଦ ବୈଠକ

# 'କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ଲାଗି ଜାରି ରହିଛି ପ୍ରୟାସ'



ବ୍ରହ୍ମପୁର,୧୪।୧୧(ସମିସ): କୃଷକ ହେଉଛନ୍ତି ଅଞ୍ଚଳର ମେରୁଦଣ୍ଡ। ଏମାନଙ୍କ ଆର୍ଥିକ ଅଭବୃଦ୍ଧି ଲାଗି ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ (ବିସିସି ବ୍ୟାଙ୍କ) ସବୁବେଳେ ଉଦ୍ୟମରତ। ଏହାର ଉନ୍ନତି ସକାଶେ ସମସ୍ତଙ୍କ ସହଯୋଗରେ ଓ ପ୍ରଚେଷ୍ଟା ବଳବତ୍ତର ରହୁ ବୋଲଇ ସାଧାରଣ ପରିଷଦ ବୈଠକରେ ଆହ୍ୱାନ ଦିଆଯାଇଛି। ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କର ୭୯ତମ ସାଧାରଣ ପରିଷଦ ବୈଠକ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଶିବରାମ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ଭରତ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଗତ ଆର୍ଥିକ ବର୍ଷରେ ବ୍ୟାଙ୍କ ଅଧିକ ଅଭିବୃଦ୍ଧି କରିବା ସହ ଲାଭାନ୍ୱିତ ହୋଇଥିବା ସଭାପତି ନିଜ ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡ଼ ଡିଡିଏମ୍ ସଞ୍ଜୀବ ମିଶ୍ର, ସମବାୟ ସମୂହ ସହକାରୀ ଅଡିଟର ଜେନେରାଲ ବ୍ରହ୍ମପୁର ମଣ୍ଡଳ ଜୟ ପ୍ରକାଶ ମିଶ୍ର, ସମବାୟ ବିଭାଗ ପ୍ରତିନିଧି ବିଷ୍ଣୁପ୍ରିୟା ନାୟକ, ରାଜେନ୍ଦ୍ର ପ୍ରସାଦ ରଣସିଂ ନାୟକ ଓ ଭବାନୀ ପ୍ରସାଦ ବିଶ୍ୱାଳ, ବ୍ୟାଙ୍କ ପରିଚାଳନା କମିଟିର ନିର୍ଦ୍ଦେଶକ ବୃନ୍ଦ ପ୍ରଶାନ୍ତ ନାୟକ, ଦୁର୍ଯୋଧନ ପରିଡ଼ା, ଚନ୍ଦ୍ର ଶେଖର ନାୟକ, ରାମ ମୋହନ ପଣ୍ଡା, ସୁଷମା ବେହେରା, କୁରୀ କୁମାରୀ ଦାସ, ବିଷ୍ଣୁପ୍ରିୟା ନାୟକ, କେ. କିରଣ କୁମାର, ବି. ଧନଞ୍ଜୟଲୁ, ପି. ଦିଲେଶ୍ୱର ରାଓ, ପୀତବାସ ଭୁୟାଁ, ବାବୁ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଆଗାମୀ ଦିନରେ କିପରି ସମବାୟକୁ ଅଧିକ ସୁଦୃଢ଼ କରିବା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାର ଚାଷୀଙ୍କୁ ଉତ୍ତମ ସୁବିଧା ମିଳିପାରିବ ସେ ଦିଗରେ କାମ କରିବାକୁ ସଭିଏଁ ମତ ଦେଇଥିଲେ। ପରିଶେଷରେ ପରିଚାଳନା କମିଟି ଉପ-ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରିଚାଳନାରେ ବ୍ୟାଙ୍କର ସମସ୍ତ ଶାଖା ପରିଚାଳକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲ୍ଲାର ୨୫୦ରୁ ଅଧିକ ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ମାଛ ଚାଷରେ ରୋଗ ପରିଚାଳନା ସମ୍ପର୍କିତ ସଚେତନତା



ବ୍ରହ୍ମପୁର,୧୪।୧୧(ସମିସ): ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ସହଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ "ମାଛ ଚାଷରେ ରୋଗ ଓ ଏହାର ପରିଚାଳନା" ସମ୍ପର୍କିତ ଦିନିକିଆ ସଚେତନତା କାର୍ଯ୍ୟଶାଳା ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୨ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥ ଅଧକ୍ଷତା କରି ମାଛ ଚାଷ ବ୍ୟାପକ ଭାବେ ବଢ଼ିଥିବା ସତ୍ତ୍ୱେ ରୋଗ ପରିଚାଳନା ସମ୍ପର୍କିତ ଜ୍ଞାନ ଅଭାବରୁ ଅନେକ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସମୟୋପଯୁକ୍ତ ସଚେତନତା ଓ ବୈଷୟିକ ପରାମର୍ଶ ଦ୍ୱାରା ଏହି କ୍ଷତିକୁ ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ ସିଦ୍ଧାର୍ଥ ଶଙ୍କର ଦାସଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମତ୍ସ୍ୟ ବିଷାରଦ ତଥା ମତ୍ସ୍ୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଉଦ୍ଗାତା ଯୋଗଦେଇ ମାଛ, ଚିଙ୍ଗୁଡ଼ି, କଙ୍କଡା ଆଦିରେ ସୃଷ୍ଟ ବିଭିନ୍ନ ରୋଗ ଓ ଏହାର ନିରାକରଣ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଠାରେ ମାଛଚାଷୀଙ୍କୁ ଖାଦ୍ୟ, ପରିବେଶ, ଜଳଗୁଣ, ରୋଗ ପରିଚୟ ଏବଂ ସଠିକ୍ ସ୍ୱାସ୍ଥ୍ୟ ପ୍ରବନ୍ଧନ ବିଷୟରେ ସୂଚନା ଦିଆଯାଇଥିଲା। ମାଛ ଉତ୍ପାଦନ ବୃଦ୍ଧି କରିବା, ମାଛ ଚାଷରେ ନୂତନ ପ୍ରଯୁକ୍ତି, ବାୟୋସେକ୍ୟୁରିଟି, ବିଜାଣୁ ଓ ଭୁତାଣୁ ଜନିତ ରୋଗ ନିୟନ୍ତ୍ରଣ ଏବଂ ପୋଖରୀ ପରିଚାଳନା ପ୍ରତି ସଚେତନତା ସୃଷ୍ଟି କରଯାଇଥିଲା।

## ବିବେକାନନ୍ଦ ବିଦ୍ୟାମନ୍ଦିରରେ ଶିଶୁ ଦିବସ




ବ୍ରହ୍ମପୁର,୧୪।୧୧(ସମିସ): ଗଞ୍ଜାମ କଳା ପରିଷଦରେ ବିବେକାନନ୍ଦ ବିଦ୍ୟାମନ୍ଦିର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ଦିନ ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ସ୍ୱାମୀ ବିବେକାନନ୍ଦ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଚିନ୍ତାଧାରାକୁ ଲୋକଲୋଚନକୁ ଆଣିବା ସହିତ ସମାଜର ମେଧା କୃତି ବିଜେତା ସଫଳ ଶିଶୁମାନଙ୍କୁ ବାଛିବା ଭଳି ମହତ କାର୍ଯ୍ୟ ବିଗତ ଦଶ ବର୍ଷ ହେଲା ଶ୍ରୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପକ୍ଷରୁ ଏଭଳି କାର୍ଯ୍ୟ ସମ୍ପାଦନ କରାଯାଉଥିବା କୁହାଯାଇଛି। ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଗଳ୍ପ, ଗୀତ, ଚିତ୍ର ଓ ରଙ୍ଗୋଲି ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିପ୍ରତିଯୋଗି ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିବେକାନନ୍ଦ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ମିହିର ରଞ୍ଜନ ତ୍ରିପାଠୀ, ସମ୍ପାଦିକା ଭବାନୀ ରାଣୀ ଦାସ, ସଭାପତି ତାପସ ରଞ୍ଜନ ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟ ଏ. ପ୍ରଶାନ୍ତ ସେନାପତି ଏବଂ ସୁଧୀର କୁମାର ସାଥୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ପରଖିଲେ ବିଧାୟକ

ବ୍ରହ୍ମପୁର,୧୪।୧୧(ସମିସ): ସ୍ଥାନୀୟ ୩୫ନମ୍ବର ୱାର୍ଡର ଗଜପତିନଗର ଓ ବାସୁଦେବନଗର ହନୁମାନ ମନ୍ଦିରର ଉନ୍ନତିକରଣ କାର୍ଯ୍ୟକୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ପରିଦର୍ଶନରେ ଆସି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ଅନୁଧ୍ୟାନ କରିଥିଲେ। ବିଧାୟକଙ୍କ ହାତ ପାଣ୍ଠିରୁ ମିଳିଥିବା ୧୦ଲକ୍ଷ ଟଙ୍କାରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ମନ୍ଦିରର ପାଚେରି, ସୌନ୍ଦର୍ଯ୍ୟକରଣ ଓ ମୁଖ୍ୟଫାଟକ ଭଳି ବହୁ କାର୍ଯ୍ୟ ବାକି ରହିଥିବା ବେଳେ ସେଥିପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ଯୋଗାଇବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ମନ୍ଦିର



ପାଇଁ ପୂର୍ବ ସରକାର ଅମଳରେ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୩୦ଲକ୍ଷ ଟଙ୍କାର ସରକାରୀ ଅନୁଦାନ ମିଳିଥିଲା। ସେଥିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ନବ ନିର୍ବାଚିତ ବିଧାୟକ କେ. ଅନୀଲ କୁମାର ନିଜ ହାତ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଉକ୍ତ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବାକୁ ମନ୍ଦିର ପରିଦର୍ଶନ କରି ଅନ୍ୟାନ୍ୟ ସମସ୍ୟା ଓ ତାହାର ସମାଧାନ ପାଇଁ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ଅଧିକ ଆର୍ଥିକ ଅନୁଦାନ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ, ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିନୋଦ କୁମାର ମହାପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ସଭାପତି ତଥା ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ନିରଞ୍ଜନ ଦାଶ, ଉପ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଚନ୍ଦ୍ରଶେଖର ସାମନ୍ତ, କୋଷାଧକ୍ଷ ଅନନ୍ତ ପଣ୍ଡା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ରାମମୋହନ ପଟ୍ଟନାୟକ, ବିଜୟ ବିଶ୍ୱାଳ, ଦଣ୍ଡପାଣି, ଦିଗାମ୍ବର ପଣ୍ଡା, ଡାକ୍ତର ମହାରଣା, ନିର୍ମଳ ପାଢୀ, ଲୁଲୁ ପାଢୀ ଓ ରୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଅନୀଲ କୁମାରଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ରେଶମ ସହରରେ ରହିଛି ପଶମ ବଜାରର ସ୍ୱତନ୍ତ୍ରତା



- ୧୯୬୪ରୁ ଶୀତ ଦିନରେ ନିୟମିତ ବସୁଛି ତିବ୍ବତିଆନ୍ ପଶମ ବଜାର
- ନିଜେ ବ୍ୟବସାୟ କରି ଅନ୍ୟପାଇଁ ସୃଷ୍ଟି କରିଛନ୍ତି ଅର୍ଥ ଉପାର୍ଜନର ସୁଯୋଗ

ବ୍ରହ୍ମପୁର,୧୪।୧୧(ସମିସ): ଶୀତ ଦିନ ଆସିଲେ ବ୍ରହ୍ମପୁର ସହରବାସୀ ଆପେ ଆପେ ଜାଣି ଯାହାନ୍ତି। ହେଲେ ଶୀତକୁ ଅନୁଭବ କରି ନୁହେଁ ବରଂ ସହରକୁ ଆସୁଥିବା ତିବ୍ବତୀୟ ଶରଣାର୍ଥୀ ଓ ସେମାନଙ୍କ ଦ୍ୱାରା ନିୟମିତ ବସୁଥିବା ପଶମ ବଜାରରୁ। ୧୯୬୪ମସିହାରୁ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଓ ଜିରାଙ୍ଗ ଅଞ୍ଚଳରେ ବସତି ସ୍ଥାପନ କରିବା ପରଠାରୁ ଅର୍ଥାତ୍ ୬୧ବର୍ଷ ବା ୬ଦଶନ୍ଧି ଧରି ଏହି ଶରଣାର୍ଥୀମାନେ ସହରବାସୀଙ୍କୁ ଶୀତଦାଉରୁ ସୁରକ୍ଷା ଯୋଗାଇ ଆସୁଛନ୍ତି। ପୂର୍ବରୁ ପୁରୁଣା ଆମ୍ବ ମାର୍କେଟ ବା ଭିକ୍ଟୋରିଆ ମାର୍କେଟ ପଡିଆରେ ଶୀତବସ୍ତ୍ର ବଜାର କରି ଆସୁଥିବା ତିବ୍ବତୀୟମାନେ ପରବର୍ତ୍ତି ସମୟରେ ସ୍ଥାନ ପରିବର୍ତ୍ତନ କରି ବର୍ତ୍ତମାନ ଏସଏସଭିଟି ସିନେମା ହଲ ପଡିଆରେ ଗତ କିଛିବର୍ଷ ହେଲା ପସରା ଖୋଲିଛନ୍ତି। ବର୍ଷକ ମାତ୍ର ୩ମାସ ବସିଥାଏ ରେଶମ ସହରର ଏହି ସ୍ୱତନ୍ତ୍ର ପଶମ ବଜାର। ଯାହାକୁ ଚାତକ ଭଳି ଚାହିଁ ରହିଥାନ୍ତି ସହରବାସୀ। କାରଣ ଗୋଟିଏ ସ୍ଥାନରେ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସବୁ ବର୍ଗଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ ଶୀତବସ୍ତ୍ର। ଚଳିତ ବର୍ଷ ନଭେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଏହି ଶୀତବସ୍ତ୍ର ବଜାର ଜାନୁଆରୀ ଶେଷ ପର୍ଯ୍ୟନ୍ତ ଚାଲିବ। ୩୮ଟି ଷ୍ଟଲରେ ୧୪ଟି ପରିବାରର ମୋଟ ୪୦ରୁ ଊର୍ଦ୍ଧ୍ୱ ତିବ୍ବତୀୟ ଶରଣାର୍ଥୀ ନିଜର କାରବାର କରି ଯେ ଅର୍ଥ ଉପାର୍ଜନ କରୁଛନ୍ତି ଏହା ନୁହେଁ ଏଥିରେ ସ୍ଥାନୀୟ ଲୋକଙ୍କ ପାଇଁ ମଧ ସୃଷ୍ଟି କରୁଛନ୍ତି ନିଯୁକ୍ତିର ସୁଯୋଗ। ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଭାଷାଗତ ସମସ୍ୟା ରହୁଥିବାରୁ ଏମାନେ ପ୍ରତ୍ୟେକ ଷ୍ଟଲରେ ନିଜର ବିଶ୍ୱସ୍ତ ତଥା ସ୍ଥାନୀୟ ଅର୍ଥାତ୍ ଗଜପତି ଜିଲ୍ଲାର ମହେନ୍ଦ୍ରଗଡ, ଜିରାଙ୍ଗ, ଉଦୟଗିରି, ମୋହନା ଓ ଚନ୍ଦ୍ରଗିରି ଆଦି ଅଞ୍ଚଳର ଯୁବକଙ୍କୁ ସହାୟକ ଭାବେ ନିୟୋଜିତ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶୀତବସ୍ତ୍ର ବଜାର ଖୋଲିଥିବା ବେଳେ ଥଣ୍ଡା ବା ଶୀତର ଆଗମନ ସହିତ ବଜାରରେ ଗ୍ରାହକଙ୍କ ଭିଡ ଜମିବାରେ ଲାଗିଛି। ଆଗକୁ ଅଧିକ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଥିବାରୁ ଭଲ ବ୍ୟବସାୟ ହେବାର ଆଶା ରଖିଛନ୍ତି ଏମାନେ।

ଶୀତ ଦିନରେ ବାର୍ଷିକ ୩ମାସ କେବଳ ବ୍ରହ୍ମପୁର କାହିଁକି ରାଜ୍ୟର ରାଉରକେଲା, କଟକ, ଭୂବନେଶ୍ୱର, ସୁନ୍ଦରଗଡ ଓ କୋରାପୁଟ ସମେତ ରାଜ୍ୟ ବାହାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟୱାଡା ଠାରେ ମଧ ନିର୍ଦ୍ଧାରିତ ସମୟରେ ବଜାର ଖୋଲିଥାନ୍ତି। ପୂର୍ବରୁ ଏମାନେ ଯଦିଓ ଶୀତବସ୍ତ୍ର ନିଜେ ବୁଣୁଥିଲେ ଓ ତାହାର ଚାହିଦା ଅଧିକ ଥିଲା ତେବେ କ୍ରମଶଃ ସହରାଞ୍ଚଳରେ ପ୍ରତିଷ୍ଠା ହୋଇଥିବା ମଲ ଓ ଅନଲାଇନ କାରବାର ଯୋଗୁ ଲୋକଙ୍କୁ ହାତପାଆନ୍ତାରେ ସବୁ ସାମଗ୍ରୀ ଉପଲବ୍ଧ ହେବାପରେ କାରବାର ଉପରେ ପ୍ରଭାବ ପଡିଥିବା ସେମାନେ କହିଛନ୍ତି। ଫଳରେ ସେମାନେ ପ୍ରତିଯୋଗିତା ମୂଳକ ବ୍ୟବସାୟରେ ନିଜର ସ୍ଥିତି ବଜାୟ ରଖିବାକୁ ଯାଇ ନେପାଳ, ଅମୃତସର, ଦିଲ୍ଲୀ, ଲୁଧିଆନା ଓ ବ୍ୟାଙ୍କକକ ଆଦି ସ୍ଥାନରୁ ବିଭିନ୍ନ ପ୍ରକାରର ଶୀତବସ୍ତ୍ର ସଂଗ୍ରହ କରି ବକ୍ରି କରୁଛନ୍ତି। ୨୦୧୯ମସିହାରେ କରୋନା ଭଳି ପ୍ରାକୃତିକ ବିପର୍ଯ୍ୟୟ ପରେ କାରବାର ଯଥେଷ୍ଟ ମାନ୍ଦା ରହିଥିବା ବେଳେ ବର୍ତ୍ତମାନ ସମସ୍ତେ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବା କହିଛନ୍ତି ତୀବତୀୟ ଶରଣାର୍ଥୀ ତଥଶ ଶୀତବସ୍ତ୍ର କାରବାର କରୁଥିବା ବ୍ୟବସାୟୀ ସଂଘର ପୂର୍ବତନ ସଭାପତି ସିଙ୍ଗ ୟାଙ୍ଗ ଯୁମ। ସେପଟେ ଏହି ବଜାରରେ ଦର ନିର୍ଦ୍ଧାରିତ ବା ଫିକ୍ସଡ ଥିଲେ ହେଁ ଗୋଟିଏ ସ୍ଥାନରେ ସବୁ ବର୍ଗର ଲୋକଙ୍କ ପାଇଁ ଶୀତବସ୍ତ୍ର ଉପଲବ୍ଧ ହେଉଥିବାରୁ ଏହି ବଜାରର ସ୍ୱତନ୍ତ୍ରତା ବଜାୟ ରହିଥିବା କହିଛନ୍ତି ଗ୍ରାହକ।

# ଶ୍ରୀକ୍ଷେତ୍ର ସିଟି

୧୪/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୨,୫୧୭/- ସୁନା: ୦୨.୧୦୦ ଗ୍ରାମ୍ ରୁପା: ୪୧.୯୦୦ ଗ୍ରାମ୍



### ସାହି ବୁଲିଲେ ଏସ୍‌ପି
## ଭକ୍ତ, ପର୍ଯ୍ୟଟକଙ୍କ ସୁଗମ ଯାତାୟାତର ସମୀକ୍ଷା



ପୁରୀ,୧୪।୧୧(ସମିସ): ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ପୁରୀକୁ ଅଧିକ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେବ। ସେମାନେ ଯେପରି ସୁବିଧାରେ ବିଭିନ୍ନ ସାହିଗଳିରେ ଯାତାୟାତ କରିପାରିବେ ସେ ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ପୁଲିସ ଅଧିକାରୀମାନେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅଧିକାରୀମାନେ ଚୈତନ୍ୟ ଛକ, ମୋଚି ସାହି, ଜହ୍ନିମୁଣ୍ଡିଆ ଛକ, ଭୋଗ ଜାଗା ଏବଂ ମାଟିମଣ୍ଡପ ସାହି ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି ଯାତାୟାତ ବ୍ୟବସ୍ଥା ଯେପରି ସୁଗମ ହୋଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭିଡ଼, ପାର୍କିଂ ସମସ୍ୟା, ବାଇକ୍ ଏବଂ ଅଟୋର ଅନଧିକୃତ ପାର୍କିଂ ଉପରେ ନଜର ରଖିବାକୁ ଏସ୍‌ପି ଟ୍ରାଫିକ୍ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚୈତନ୍ୟ ଛକ ଓ ଭୋଗ ଜାଗାରେ ବେଳେବେଳେ ହେଉଥିବା ଟ୍ରାଫିକ୍ ଜାମ୍‌କୁ କିପରି ନିୟନ୍ତ୍ରଣ କରାଯିବ ସେଥିପାଇଁ ସେଠାକାର ମ୍ୟାପ୍ ଦେଖି ଏହାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ପି ସମ୍ପୃକ୍ତ ସାହିର ସେବାୟତ, ବୃଦ୍ଧ, ବ୍ୟବସାୟୀ ଓ ସାଧାରଣ ବାସିନ୍ଦାଙ୍କ ସହ ସିଧାସଳଖ କଥା ହୋଇଥିଲେ। ସେମାନେ ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ ତାହା ତାଲିକାଭୁକ୍ତ କରାଯାଇଥିଲା। ମାଟିମଣ୍ଡପ ସାହି ଗଳିପଥରେ ପୁଲିସ ଡ୍ୟୁଟି ସହ ନିରୀକ୍ଷଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ରାତ୍ରି ସମୟରେ ପିସିଆର୍ ମାଧ୍ୟମରେ ପାଟ୍ରୋଲିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଆଇଆଇସି ମାନସ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଦିବସରେ ପିଲାଙ୍କ ବହିମେଳା

ପୁରୀ,୧୪।୧୧(ସମିସ): ଶିଶୁ ଦିବସ ଅବସରରେ ଶୁକ୍ରବାର ଶିକ୍ଷାଶ୍ରୀ ଶିଶୁ ପାଠାଗାର ଏବଂ ଭଗବତୀ ବିଦ୍ୟାନିକେତନ ପକ୍ଷରୁ ସପ୍ତମ ବାର୍ଷିକ 'ପିଲାଙ୍କ ବହିମେଳା' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ପ୍ରତିଷ୍ଠାତା ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବହିମେଳାକୁ ଉଦ୍‌ଘାଟନ କରିଥିଲେ ଡ. ହେମନ୍ତ କୁମାର ଛୋଟରାୟ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ



ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ମଙ୍ଗଳା ଚରଣ ସାହୁ, ଦୁର୍ଗାବତୀ ପ୍ରଧାନ, ପ୍ରଶାନ୍ତ ମଙ୍ଗରାଜ, ଅଜୟ ସେଠୀ, କବିତା ମିଶ୍ର, ପର୍ଶୁରାମ ପାତ୍ର, ରାଇକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁନିକୁନି ବିଦ୍ୟାର୍ଥୀମାନେ ବିଭିନ୍ନ କବିଙ୍କ କବିତା ଆବୃତ୍ତି କରିଥିଲେ। ଉଦ୍‌ଘାଟନୀ ସଭାରେ ଉଦ୍‌ବୋଧନ ଦେଇ ଅତିଥିମାନେ ପିଲାମାନଙ୍କ ମଧ୍ୟରେ ପୁସ୍ତକପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା ସାହିତ୍ୟରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବା ମୂଳ ଲକ୍ଷ୍ୟ ବୋଲି ମତ ଦେଇଥିଲେ। ଶେଷରେ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ବହିମେଳା ବୁଲି ଦେଖିଥିଲେ। ରଶ୍ମୀ ବେହେରା, ଦେବସ୍ମିତା ପ୍ରଧାନ, ଜଳନ୍ଧର ବିଶୋଇ, ଲୋକନାଥ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୁଖ୍ୟ ପ୍ରଶାସକଙ୍କ ମାସିକ କାର୍ଯ୍ୟ ସମୀକ୍ଷା
# ଗୁଣ୍ଡିଚା ମନ୍ଦିର ଉତ୍ତର ପଟ ପାଚେରିରେ ନିର୍ମାଣ ହେବ ନୂଆ ଦ୍ୱାର




ପୁରୀ,୧୪।୧୧(ସମିସ): ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶୁକ୍ରବାର ମାସିକ କାର୍ଯ୍ୟ ସମୀକ୍ଷା କରିବା ସହ ବିଧି ସବ୍ କମିଟି ଏବଂ ଅର୍ଥ ସବ୍ କମିଟି ବୈଠକ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଗତ ମାସରେ ଅଧିକାରୀ, କର୍ମଚାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱର ଅଗ୍ରଗତି ସମୀକ୍ଷା କରିବା ସହ ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡ଼ା ସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ, ଦର୍ଶନ ବ୍ୟବସ୍ଥା, ବିଭିନ୍ନ କୋର୍ଟମାନଙ୍କରେ ବିଚାରାଧୀନ ଥିବା ଶ୍ରୀମନ୍ଦିର ମାମଲା, ସେବା ସମର୍ପଣ ଦଲିଲ୍ ସମ୍ପାଦନ ଓ ସାଧାରଣ ଦିନଗୁଡ଼ିକରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତମାନଙ୍କ ପ୍ରବେଶ ଉପରେ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରସ୍ଥ ରୋହିଣୀ କୁଣ୍ଡ, ଦୀପ ଷ୍ଟାଣ୍ଡ, ଫୁଲଗୁଛା ଘର ଓ କୋଇଲି ବୈକୁଣ୍ଠରେ ହୁଣ୍ଡି ଗଣତି ଘର କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଧାର୍ଯ୍ୟ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେବା ସହିତ ଶ୍ରୀଗୁଣ୍ଡିଚା ମନ୍ଦିରର ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିରର ଉତ୍ତର ପଟ ପାଚେରିରେ ନୂତନ ଦ୍ୱାର ନିର୍ମାଣ ସହିତ ଖଣ୍ଡୋଲାଇଟ୍ ପ୍ଲେଟ୍ ବସାଇବାକୁ ମୁଖ୍ୟ ପ୍ରଶାସକ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏଥିସହିତ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଶୀଘ୍ର ଆରମ୍ଭ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ନିଯୋଗଙ୍କ ସହିତ ଆଲୋଚନା ଶେଷ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ କୋର୍ଟରେ ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତରେ ଫାଇସଲା ହୋଇ ନ ଥିବା ମାମଲାଗୁଡ଼ିକ କମ୍ପ୍ୟୁଟରୀକରଣ କରାଯିବା ସହ ଶ୍ରୀମନ୍ଦିର ପକ୍ଷରୁ କେସ୍‌ଗୁଡ଼ିକ ଲଢ଼ିବା ପାଇଁ ଅଭିଜ୍ଞ ଆଡ୍‌ଭୋକେଟ୍‌ଙ୍କର ଏକ ଚିଠା ତାଲିକା ପ୍ରସ୍ତୁତ କରିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଛନ୍ତି। ଏଥିସହ ଶ୍ରୀମନ୍ଦିରରେ ହେଉଥିବା ସେବା ସମର୍ପଣ ଦଲିଲ୍‌ଗୁଡ଼ିକ ରେଜିଷ୍ଟ୍ରେସନ୍ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁମତି ସାପେକ୍ଷ। ଏହି ମର୍ମରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗକୁ ଏକ ପତ୍ର ଲେଖାଯିବାକୁ ମୁଖ୍ୟ ପ୍ରଶାସକ ପରାମର୍ଶ ଦେଇଥିଲେ। ଏଥିସହ ଓବିସିସି ଦାୟିତ୍ୱ ହସ୍ତାନ୍ତର କଳାପରେ ଶ୍ରୀଜଗନ୍ନାଥ ବଲ୍ଲଭ ଗାଡ଼ି ରହଣି ସ୍ଥଳ ପାଇଁ ଶ୍ରୀମନ୍ଦିର ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବ ଓ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରୀ ଛଡ଼ାଯିବା ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ମୁଖ୍ୟ ପ୍ରଶାସକ, ଦେବୋତ୍ତର କମିଶନର, ଅତିରିକ୍ତ ସଚିବ ବିଧି ବିଭାଗ ଏବଂ ଜିଲ୍ଲାପାଳ, ଶ୍ରୀମନ୍ଦିର ପ୍ରଶାସକ, ଶ୍ରୀମନ୍ଦିରର ସମସ୍ତ ଅଧିକାରୀ ଏବଂ ଶ୍ରୀମନ୍ଦିର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

### ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର କର୍ମଶାଳା
## 'ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ'




ପୁରୀ,୧୪।୧୧(ସମିସ): ଶିଶୁ ଦିବସ ଅବସରରେ ଶୁକ୍ରବାର ବିଶ୍ୱମ୍ଭର ବିଦ୍ୟାପୀଠଠାରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ୟୁନିଟ୍ ଓ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର ଶିଶୁକୁ ତାହାର ଅଧିକାରରୁ ବଞ୍ଚିତ ନ କରିବା ଓ ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଏହାର ବ୍ୟାପକ ସଚେତନତା ପାଇଁ ସମସ୍ତ ସ୍ତରରେ ଉଦ୍ୟମ ହେଉଛି ବୋଲି ସେ କହିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିଥି ଛାତ୍ର ସ୍ନେହା ସାହୁ ଓ ଆଲ୍‌ବର୍ଟ ଅଧ୍ୟୟନ ଯୋଗଦେଇ ଶିଶୁମାନଙ୍କର ସାମ୍ପ୍ରତିକ ସ୍ଥିତି, ସେମାନଙ୍କ ଅଧିକାର ଓ ସୁରକ୍ଷା, ସଚେତନତା ବ୍ୟବସ୍ଥା, ଆଇନ ବ୍ୟବସ୍ଥା ଓ ପୁରୀ ଜିଲ୍ଲାର ଶିଶୁମାନଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସମ୍ପର୍କ ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ, ନିଶାମୁକ୍ତି ଶପଥପାଠ ଓ ବୃକ୍ଷ ସେବା ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପର୍କର ଅର୍ଥ ସମ୍ପାଦକ ରାକେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପର୍କ ଅନୁଷ୍ଠାନ ତରଫରୁ ଏକକାଳୀନ ବିଶ୍ୱମ୍ଭର ବିଦ୍ୟାପୀଠ, ପ୍ରଶାନ୍ତି ଇଣ୍ଟରନ୍ୟାସ୍‌ନାଲ, ବୀରହରେକୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ତୃତୀୟାଦେବ ବିଦ୍ୟାନିକେତନ ସୁକୋଳଠାରେ ନିଟ୍ ଫାଉଣ୍ଡେସନ ସହଯୋଗରେ ଶିଶୁ ସୁରକ୍ଷା ଏବଂ ଅଧିକାର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୨୪୫ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାସୁଦେବ ସେନାପତି, ଅଭୟ ଅମିତ୍ ସାହୁ, ଦେବେନ୍ଦ୍ର ରଥ, ଜଗନ୍ନାଥ ଖୁଣ୍ଟିଆ, ରାକେଶ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ,୧୪।୧୧(ସମିସ): ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ଶୁକ୍ରବାର ୩୮ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଅନୁଷ୍ଠିତ ପୁରୁଷ ବିଭାଗ ଖେଳରେ କେନ୍ଦୁଝର ଦଳ ପାରାଦ୍ୱୀପକୁ ୩୦-୨ ଗୋଲ୍, ଗଞ୍ଜାମ ଦଳ ରାୟଗଡ଼ାକୁ ୨୭-୧୩ ଗୋଲ୍ ଓ ଯାଜପୁର ଦଳ କଟକକୁ ୨୮-୧୫ ଗୋଲ୍ ସ୍କୋର୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ମହିଳା ବିଭାଗ ଖେଳରେ ପୁରୀ ଦଳ ଜଗତସିଂହପୁରକୁ ୧୨-୩ ଗୋଲ୍, କେନ୍ଦୁଝର ଦଳ ପାରାଦ୍ୱୀପକୁ ୧୩-୧ ଗୋଲ୍, ଯାଜପୁର ଦଳ କଟକକୁ ୧୮-୧ ଗୋଲ୍‌ରେ ଓ ଗଞ୍ଜାମ ଦଳ ଭୁବନେଶ୍ୱରକୁ ୧୩-୧ ଗୋଲ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୧୨ଟି ଦଳ ଭାଗ ନେଇଛନ୍ତି। ପ୍ରାୟ ୭୦୦ରୁ ଅଧିକ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା ହ୍ୟାଣ୍ଡବଲ ସଂଘ ପୁରୀ ଦ୍ୱାରା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ ସଂଘର କୋଷାଧ୍ୟକ୍ଷ ରବିଶଙ୍କର



ପ୍ରତିହାରୀ, ସମାଜସେବୀ ଗୋପାଳ ଖୁଣ୍ଟିଆ, ଯୁବନେତା ଜୟନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏସନ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂଙ୍କ ସହ ପୁରୀ ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନର ସଭାପତି ପାର୍ଥସାରଥୀ ମହାପାତ୍ର ଓ ସମ୍ପାଦକ ସିତେନ୍ଦ୍ର ନାଥ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମାଧ୍ୟମରେ ସ୍ଥାୟୀ ବିକାଶ ଲକ୍ଷ୍ୟ


ପୁରୀ,୧୪।୧୧(ସମିସ): ସ୍ଥାୟୀ ବିକାଶ ଲକ୍ଷ୍ୟ ବା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ ସମ୍ପର୍କରେ ଏକ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୫୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏହାକୁ ଉଦ୍‌ଘାଟନ କରିବା ସହ ନିରନ୍ତର ବିକାଶ ଲକ୍ଷ୍ୟରେ ଏହି ପ୍ରକଳ୍ପଗୁଡ଼ିକ ସହଯୋଗ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଓ ଦକ୍ଷତା ରହିଛି। ଏହିଭଳି ପ୍ରଦର୍ଶନୀ ତାହାର ପରିପ୍ରକାଶ ଦିଗରେ ସହାୟକ ହେବ ବୋଲି ସେ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

### ନାବାଳକ ହତ୍ୟା ମାମଲାର ପର୍ଦ୍ଦାଫାସ୍
## ଧାର ଟଙ୍କା ମାଗିବାରୁ ହତ୍ୟା; ୨ ଗିରଫ

ପୁରୀ,୧୪।୧୧(ସମିସ): ଶ୍ରୀସେତୁ ନିକଟରେ ହୋଇଥିବା ନାବାଳକ ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରିଛି ପୁଲିସ। ଏହି ମାମଲାରେ ୨ ହତ୍ୟାକାରୀଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ଶୁକ୍ରବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଗତ ୧୨ ତାରିଖରେ ଶ୍ରୀସେତୁ ନିକଟ ଜଳଭଣ୍ଡାରରୁ ଏକ ମୃତଦେହ ମିଳିଥିଲା। ଏ ନେଇ ତଦନ୍ତ ଆରମ୍ଭ କରାଯାଇଥିଲା। ମୃତକ ମାର୍କଣ୍ଡେଶ୍ୱର ସାହିର ୧୭ ବର୍ଷୀୟ ସୂର୍ଯ୍ୟକାନ୍ତ ସାହୁ ବୋଲି ଜଣାପଡ଼ିଥିଲା। ତଦନ୍ତବେଳେ ସଦର ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ପ୍ରଧାନସାହିର ଅଜୁ ପ୍ରଧାନ ଏବଂ ମାଟିତୋଟା ନୂଆସାହିର ସିପୁନ ସିଂହ। ଉଭୟଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ଗୋଟିଏ ଲୁହା ରଡ୍ ଏବଂ ଅଭିଯୁକ୍ତଙ୍କ ପୋଡ଼ା ପୋଷାକ ଜବତ କରାଯାଇଛି। ତେବେ ଧାର ଟଙ୍କାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି କହିଛନ୍ତି। ମୃତକ ସୂର୍ଯ୍ୟଙ୍କଠାରୁ ଅଭିଯୁକ୍ତ ଅଜୁ ୧୦ ହଜାର ଟଙ୍କା ଧାର ନେଇଥିଲେ। ସୂର୍ଯ୍ୟ ଏହି ଟଙ୍କା ଫେରାଇବା ପାଇଁ ବାରମ୍ବାର ଅଜୁକୁ କହୁଥିଲେ। ମାତ୍ର ଅଜୁ ଟଙ୍କା ଫେରାଉ ନ ଥିଲା। ଶେଷରେ ଅଜୁ ସୂର୍ଯ୍ୟଙ୍କୁ ହତ୍ୟା କରିବା ଲାଗି ଯୋଜନା କରିଥିଲା। ଏ ନେଇ ସେ ତା'ର ସହଯୋଗୀ ସିପୁନ ସହ କଥା ହୋଇ ଯୋଜନା ପ୍ରସ୍ତୁତ କରିଥିଲା। ଘଟଣାଦିନ ଉଭୟେ ସୂର୍ଯ୍ୟଙ୍କୁ ଟଙ୍କା ଫେରାଇବେ କହି ଡାକିଥିଲେ। ସେ ଶ୍ରୀସେତୁ ନିକଟରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଦୁଇ ଅଭିଯୁକ୍ତ ତା' ମୁଣ୍ଡକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୂର୍ଯ୍ୟର ମୃତ୍ୟୁ ହୋଇଥିଲା। ତାକୁ ଜଳଭଣ୍ଡାରରେ ପକାଇ ଦେଇ ଅଭିଯୁକ୍ତଦ୍ୱୟ ନିଜ ପୋଷାକ ପୋଡ଼ି ଘରକୁ ପଳାଇ ଆସିଥିଲେ। ଉଭୟଙ୍କୁ ପୁଲିସ ଧରିବା ପରେ ଶୁକ୍ରବାର ସେମାନେ ସିନ୍ ରିକ୍ରିଏସନ୍ କରିଥିଲେ। କେଉଁଠାରେ କେମିତି ତାକୁ ହତ୍ୟା କରିଥିଲେ ଏବଂ ହତ୍ୟାରେ ବ୍ୟବହୃତ ରଡ୍ କେଉଁଠି ପକାଇଥିଲେ, ନିଜ ପୋଷାକ କିପରି ପୋଡ଼ିଥିଲେ ତାହା ପୁଲିସକୁ ଦେଖାଇଥିଲେ। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି। ପୂର୍ବରୁ ଅଭିଯୁକ୍ତ ସିପୁନ୍ ନାଁରେ ବାସେଳିସାହି ଥାନାରେ ୩ଟି ମାମଲା ଥିବାବେଳେ ଅଜୁ ନାଁରେ କୁମ୍ଭାରପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ଏସ୍‌ପି କହିଛନ୍ତି।

### ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା ଘଟଣା
## ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ





ପୁରୀ,୧୪।୧୧(ସମିସ): ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ସନାତନ ବିହାର ଫେଜ୍ ୨ ଅଞ୍ଚଳରେ ଜଣେ ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା କରିବା ଓ ଅନ୍ୟ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗୁରୁବାର ପଶ୍ଚିମବଙ୍ଗ ଅଞ୍ଚଳରୁ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟଚାଲାଣ କରିଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ପ୍ରତୀକ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ହତ୍ୟା ପଛର କାରଣ ସମ୍ପର୍କରେ ସୂଚନା ଦେଇଛନ୍ତି।

ଗତ ୧୨ ତାରିଖରେ ପେଣ୍ଠକଟା ମେରାଇନ୍ ଥାନାରେ ଏକ ଅଭିଯୋଗ ହୋଇଥିଲା। ବ୍ରାହ୍ମଣୀ ପୋଖରୀ ସନାତନ ବିହାର ଫେଜ୍ ୨ ଅଞ୍ଚଳରେ ଥିବା ଏକ ଘରେ କିଛି ମାସ ହେବ କିଛି ଶ୍ରମିକ ରହି ଟାଇଲ୍ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣଙ୍କର ମୃତ୍ୟୁ ହୋଇଥିବା ଲୋକ ସୂଚନା ଦେବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିବା ସହ ୧୦୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ମୃତକ ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲ୍ଲାମ (୩୫)। ଏଥିସହ ଅନ୍ୟ ଦୁଇଜଣ ସେକ୍ ମୁସାରଫ୍ ଓ ସେକ୍ ଫିର୍‌ଦୋଶ। ୧୧ ତାରିଖ ରାତିରେ ସେମାନେ ଭୋଜି କରିଥିଲେ। କିଛି ଘଟଣାକୁ ନେଇ ନିଜ ନିଜ ମଧ୍ୟରେ କଥା କଟାକଟି ହେବା ସହ ଯୁକ୍ତିତର୍କ ହୋଇଥିଲା।

ପରବର୍ତ୍ତୀ ସମୟରେ ଶେଖ୍ ନୋରା ଆଲ୍ଲାମ ଏବଂ ଏସ୍. ଫିର୍‌ଦୋଶ ଶୋଇପଡ଼ିବା ପରେ ଅଭିଯୁକ୍ତ ଏସ୍. ମୁସାରଫ ସୁଯୋଗ ପାଇ ଶେଖ୍ ନୋରା ଆଲ୍ଲାମଙ୍କୁ ଏକ କାଠ ହ୍ୟାଣ୍ଡେଲ-ଲୁହା ହାତୁଡ଼ି (ହାତୁଡ଼ି) ସାହାଯ୍ୟରେ ମୃତକଙ୍କ ମୁହଁ ଉପରେ ଏକ ତକିଆ ରଖି ନିର୍ମମ ଭାବରେ ଆକ୍ରମଣ କରିଥିଲେ। ମୃତକଙ୍କ କାନ୍ଦ ଶୁଣି ଏସ୍. ଫିର୍‌ଦୋଶ ଉଠିପଡ଼ି ମୃତକଙ୍କୁ ବଞ୍ଚାଇବାକୁ ଚେଷ୍ଟା କଲେ, କିନ୍ତୁ ଅଭିଯୁକ୍ତ ମୁସାରଫ୍ ମଧ୍ୟ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ ଯାହାଫଳରେ ଫିର୍‌ଦୋଶ ଆହତ ହେଲେ। ଏହା ପରେ, ଅଭିଯୁକ୍ତ ଆହତ ଫିର୍‌ଦୋଶଙ୍କୁ ତାଙ୍କ ସହିତ ଆସିବାକୁ ଧମକ ଦେଇ ବଳପୂର୍ବକ ରେଳ ଷ୍ଟେସନକୁ ନେଇ ଟ୍ରେନ୍‌ରେ ନେଇଯାଇଥିଲା। ଭୁବନେଶ୍ୱରଠାରୁ ଫିର୍‌ଦୋଶ କୌଶଳ କ୍ରମେ ଖସିଆସି ପୁଲିସକୁ ସମସ୍ତ ଘଟଣା ସମ୍ପର୍କରେ କହିଥିଲା। ପରେ ପୁଲିସ ଶବକୁ ଘର ଭିତରୁ ଜବତ କରିବା ସହ ଅଭିଯୁକ୍ତକୁ ଧରିବା ନିମନ୍ତେ ପଶ୍ଚିମବଙ୍ଗ ଯାଇଥିଲା। ସେଠାରୁ ଅଭିଯୁକ୍ତକୁ ଗିରିଫ କରାଯାଇ ପୁରୀକୁ ଆଣିବା ସହ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପୁଲିସ ଅଭିଯୁକ୍ତ ନିକଟରୁ ହତ୍ୟାରେ ବ୍ୟବହାର ହୋଇଥିବା ରକ୍ତଲଗା ହାତୁଡ଼ି, ୩ଟି ମୋବାଇଲ୍ ଫୋନ୍, ଲୁହା ଛେଣି ଏବଂ ଗୋଟିଏ ବାଲ୍ଟି ଜବତ କରିଥିବା ନେଇ ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ପ୍ରେରଣା ସପ୍ତାହ

ପୁରୀ,୧୪।୧୧(ସମିସ): ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ଚଳିତ ଶିକ୍ଷାବର୍ଷର ପାଠ୍ୟକ୍ରମ ପ୍ରାରମ୍ଭ ଉତ୍ସବ ତଥା ପ୍ରେରଣା ସପ୍ତାହ ପାଳିତ ହୋଇଯାଇଛି। ଅନୁଷ୍ଠାନର ବି.ଫାର୍ମ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଗତ ୬ ତାରିଖ ଦିନ ପାଠ୍ୟକ୍ରମ ପ୍ରାରମ୍ଭ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ନିର୍ଦ୍ଦେଶକ ମନୋଜ କୁମାର ରଥ ବିଦ୍ୟାର୍ଥୀମାନଙ୍କୁ ଅଧ୍ୟୟନ ସହ ଶୃଙ୍ଖଳା ରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ତଥା ପ୍ରଫେସର ଡ. ଅନ୍ନଦା ପ୍ରସାଦ ମହାପାତ୍ର, ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା, ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର ଏବଂ ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ସମୂହ ଉପସ୍ଥିତ ଥିଲେ।

ସେହିପରି ପ୍ରେରଣା ସପ୍ତାହ ପାଳନ ଅବସରରେ ୭ ତାରିଖ ପ୍ରଥମ ଦିବସରେ ଭାରତୀୟ ମହିଳା କ୍ରିକେଟ୍ ଦଳର ବିଶ୍ୱକପ୍ ବିଜୟ ଯୋଗୁଁ ଅଭିନନ୍ଦନ ବାର୍ତ୍ତା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ପରିଚୟ ପ୍ରଦାନ ଉତ୍ସବ ପାଳିତ ହୋଇଥିଲା। ତୃତୀୟ ଦିବସରେ ସଂଗୀତ ଏବଂ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିବସରେ "ଛାତ୍ର ଜୀବନ ଓ ଆଧ୍ୟାତ୍ମିକତା' ଶୀର୍ଷକ ଆଲୋଚନାଚକ୍ରରେ ବ୍ରହ୍ମଚାରୀ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଉଦ୍‌ବୋଧନ ଦେଇଥିଲେ। ପଞ୍ଚମ ଦିବସରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେଇଥିଲେ ପୁରୀ କରାଟେ ସ୍କୁଲର ପ୍ରତିଷ୍ଠାତା ପ୍ରସନ୍ନ କୁମାର ପଟ୍ଟନାୟକ। ଏହିଦିନ "ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସାଧାରଣ ସୁବିଧା' ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇଥିଲେ ଫିଜିଓଥେରାପି ବିଭାଗ ମୁଖ୍ୟ ଡାକ୍ତର ନିର୍ମାଲ୍ୟ ଚନ୍ଦନ। ଷଷ୍ଠ ଦିବସରେ ଭାରତ ମେଡଲିଙ୍କ ଏମର୍ଜେନ୍ସି ସିଷ୍ଟମ୍ ନାମକ ଷ୍ଟାର୍ଟଅପ୍ ସମ୍ବନ୍ଧରେ ଏହାର ଉଦ୍ୟୋକ୍ତା ତଥା ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଥୀତା ତ୍ରିପାଠୀ ଓ ସାଥୀମାନେ ସୂଚନା ଦେଇଥିଲେ। ୧୩ ତରିଖରେ କୁଇଜ୍ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷ ଦିବସ ଅର୍ଥାତ୍ ଶୁକ୍ରବାର "ଏଆଇ ଇନ୍ ଡ୍ରଗ୍ ଡିସ୍କଭେରୀ ଏଣ୍ଡ କ୍ୟାରିଅର ଇନ୍ ବି.ଫାର୍ମ' ଶୀର୍ଷକ ଅନ୍‌ଲାଇନ୍ ଆଲୋଚନାଚକ୍ରକୁ ରୁବିକ୍ସି ଏ.ଆଇ. କମ୍ପାନୀର ତନିସ୍କ ଖଣ୍ଡର ଉଦ୍‌ବୋଧନ ଓ ପ୍ରଶାନ୍ତ ପଲେଇ




ପରିଚାଳନା କରିଥିଲେ। ଏହି ପ୍ରେରଣା ସପ୍ତାହର କାର୍ଯ୍ୟକ୍ରମକୁ ଅଧ୍ୟାପକ ଦେବାଶିଷ ଦାସ, ସୁଜିତ୍ ହରିଚନ୍ଦନ, ପାର୍ଥସାରଥୀ ପାତ୍ର, ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ, ବର୍ଷା ପଲାଇ ତଥା କର୍ମକର୍ତ୍ତାଗଣ ପରିଚାଳନା କରିଥିଲେ।



• ସପ୍ତମ ଭୁବନେଶ୍ୱର ବାଲିଯାତ୍ରା ଉଦ୍‌ଯାପିତ

# ୭୦କୋଟିର ଜିନିଷ କିଣିଲେ ୧୫ଲକ୍ଷ ଲୋକ





ନନ୍ଦନକାନନ, ୧୪।୧୧(ସମିସ):ନଭେମ୍ବର ମାସ ୫ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ୧୦ଦିନ ଧରି ଚାଲି ଆସୁଥିବା ସପ୍ତମ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ୨୦୨୫ର ଆଜି ଉଦଯାପନୀ ହୋଇଛି। ଏହି ୧୦ଦିନରେ ଆନୁମାନିକ ପ୍ରାୟ ୧୫ଲକ୍ଷ ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ୭୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବେପାର ବଣିଜ ହୋଇଥିବା କମିଟି ର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା ପ୍ରକାଶ କରିଛନ୍ତି। ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଅନୁପସ୍ଥିତକୁ ଲୋକେ ବହୁତ ଅନୁଭବ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ହିନ୍ଦି ଫିଲ୍ମ ଜଗତ ବଲିଉଡର ଭରସାଟାଇଲ ଅଭିନେତା ପଦ୍ମଶ୍ରୀ ମନୋଜ ଏମ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ମାନୀତ ଅତିଥି ଭାବେ ଫିଲ୍ମ ନିର୍ମାତା ରାଜ କ୍ଷେତ୍ରୀ, ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ବବିତା ରାଉତ, କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ମୋନାଲିସା ବେହେରା, ବରିମୁଣ୍ଡ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ବରାଳ, ସରପଞ୍ଚ ସୁପ୍ରିୟା ମଲିକ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବ ସଭାରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ, ସମ୍ପାଦକ ସୁବାଷ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ମଞ୍ଚରେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ସାଥି ମଥାରେ ଓଢଣା ଦେଇ ଭୁବନେଶ୍ୱର ବାଲିଯାତ୍ରା ବୁଲିଯିବି, କେବେ ଆସିବ ପାଖେ ବସିବ, ମନ ରହିଗଲା ତୁମରି ଠାରେ, ମଥାରେ ଓଢଣା ଦେଇ ଶାଶୁଘର ଚାଲିଯିବି, ମୋର ମନ ଉଡ଼ି ଉଡ଼ି ଯାଏ ରେ, ମୁଁ ସପନ ର ସୌଦାଗର, ମୁଁ ତୋ ଲାଲପନ ବିବି, ନାଲି ଫରକ ବାଲି, ଟାଙ୍ଗାବତୀ ରଙ୍ଗବତୀ ଆଦି ଗୀତ ପରିବେଷଣ କରିଥିଲେ। ଆଶୁତୋଷ ସାମନ୍ତରାୟଙ୍କ ତତ୍ତ୍ୱାବଧାନ ରେ ଚାଲିଥିବା ଦ୍ୱିତୀୟ ମଞ୍ଚ ରେ ବିଭିନ୍ନ ପାରମ୍ପରିକ ନୃତ୍ୟ ଗୀତ ହେବା ସହ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ବିଏମସିର ସ୍ୱତନ୍ତ୍ର କାର୍ଯ୍ୟକଳାପ ଦଳ ଉତ୍ସ ପୃଥକୀକରଣ ଉପରେ ଏକ ଆକର୍ଷଣୀୟ ନାଟକ ଉପସ୍ଥାପନ କରିଥିଲେ। ଏହି ମଞ୍ଚକୁ ଉଦଘୋଷାକ ରଙ୍କନିଧି ରାଉତ, ସନ୍ତୋଷ ତ୍ରିପାଠୀ, ବିରଞ୍ଚି ତ୍ରିପାଠୀ, ଦୀପକ ତ୍ରିପାଠୀ, ମିଟୁ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

## କନ୍ଦଲେଇରେ ଶିଶୁ ଦିବସ

ଭୁବନେଶ୍ୱର, ୧୪।୧୧ (ସମିସ): ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ କନ୍ଦଲେଇ ଠାରେ ଶିଶୁଦିବସ ପାଳିତ ହୋଇଯାଇଛି। ଗର୍ଗ ଫାଉଣ୍ଡେସନ୍ ସହଯୋଗରେ ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀପତି ଆଚାର୍ଯ୍ୟ, ସାମାଜିକକର୍ମୀ ପ୍ରଶାନ୍ତ କୁମାର କାଣ୍ଡି, ଗିରିଜା ଶଙ୍କର ମିଶ୍ର, ପରିବେଶ କର୍ମୀ ସୁଶାନ୍ତ ସାହୁ ଯୋଗ ଦେଇଥିଲେ।

## ଆକ୍ସନଏଡ୍ ଆସୋସିଏସନ୍

ସେହିଭଳି ରେଡକ୍ରସ୍ ଭବନଠାରେ ଆକ୍ସନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ଶିଶୁ ଦିବସ-୨୦୨୫ ପାଳିତ ହୋଇଯାଇଛି। ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆକ୍ସନଏଡ୍ ଆସୋସିଏସନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିନିୟର ପ୍ରୋଜେକ୍ଟ ଲିଡ୍ ଶୁଭେନ୍ଦୁ କୁମାର ରାୟ, କଲ୍ୟାଣୀ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଶିଶୁଦିବସ

## ରୟାଲ୍ କଲେଜ



ଭୁବନେଶ୍ୱର, ୧୪ ।୧୧(ସମିସ): ଓଡ଼ିଶାର ସମ୍ପୂର୍ଣ୍ଣ ଆବାସିକ ମହାବିଦ୍ୟାଳୟ ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଅଛି। ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ଫଟୋରେ ମାଲ୍ୟଅର୍ପଣ କରିଥିଲେ। ଶିଶୁ ଦିବସର ଶୁଭେଚ୍ଛା ଜଣାଇବା ସହିତ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ନିଜର ଲକ୍ଷ୍ୟ ସ୍ଥଳ ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଗୋଲପ ଫୁଲ ଓ ମିଠା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଭାଇସ୍ ଚେୟାରମ୍ୟାନ୍ ମିଲନ ମହାନ୍ତି, ନିର୍ଦ୍ଦେଶକ, ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାଢ଼ୀ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ସମ୍ବିତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଦିବସରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗୋଲି ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା।

## ବିଜେଇଏମ୍ ସ୍କୁଲ୍



ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଣ୍ଡିତ ଜବାହାରଲାଲ୍ ନେହରୁଙ୍କ ୧୩୬ତମ ଜନ୍ମଦିବସ ଅବସରରେ ଶୁକ୍ରବାର ଶିଶୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଶିବପଦ ସ୍ୱାଇଁ ଯୋଗ ଦେଇ 'ଫନ୍ ଫେଟ୍' ଉଦ୍‌ଘାଟନ କରି ନେହରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପିଲାଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା, ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା, ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମଲ୍ଲିକ ପିଲାମାନଙ୍କର କର୍ତ୍ତବ୍ୟବୋଧ ଓ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, କୌତୁକ ପୋଷାକ, ବକ୍ତୃତା, ଶିଶୁ ପ୍ରତିଭା ପ୍ରଦର୍ଶନ, ଖେଳ, ନୃତ୍ୟ, ସଙ୍ଗୀତ, ଖାଦ୍ୟ ଏବଂ ଖେଳ ମେଳା ସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ ପରି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଏସ୍ ଆର୍ ରଙ୍ଗନାଥନଙ୍କୁ 'ଜାତୀୟ ଗ୍ରନ୍ଥାଳୟ ସପ୍ତାହ' ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପର୍ଯ୍ୟବେକ୍ଷିକା ପଦ୍ମାଳୟା ପଲ୍, ସୁଚରିତା ଦାସ ଉପସ୍ଥିତ ରହିଥିଲେ।

## ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ



ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଅଲେଖ ଚରଣ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। 'ଶିକ୍ଷା ଓ ଅନୁସନ୍ଧାନ' ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ଜଳବାୟୁ କେନ୍ଦ୍ରର ପୂର୍ବ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଯୋଗ ଦେଇଥିଲେ। ଶିଶୁ ଦିବସ ଅବସରରେ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଓ କଳାବିଦ୍ୟାରେ ନିପୁଣତା ହାସଲ ପାଇଁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ତଥା ସହ-ସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର ଏବଂ ସାଂସ୍କୃତିକ ପ୍ରମୁଖ ତପସ୍ୱିନୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳନା ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ବାରିଜା ପଶୁପାଳକ ଓ ଧାରାଶ୍ରୀ ରାଉତଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ପରେ ପରେ ଶିଶୁ ପ୍ରତିଭାମାନଙ୍କୁ ନେଇ ଏକ ର୍‌ୟାମ୍ପ୍‌ସୋ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଶମୀ ସାହା ଧନ୍ୟବାଦ ଦେଇଥିଲେ।

## ସୋଆ ଜାଗୋ କ୍ଲବ୍

ଭୁବନେଶ୍ୱର, ୧୪।୧୧(ସମିସ): ସୋଆ ବିଶ୍ୱବିଦ୍ୟାଳୟର ସାମାଜିକ ଅନୁଷ୍ଠାନ ଜାଗୋ କ୍ଲବ୍ ପକ୍ଷରୁ ଶୁକ୍ରବାର ଶିଶୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋଆର ଉପସଭାପତି ଶାଶ୍ୱତି ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଅନ୍ୟତମ ଅତିଥି ଭାବେ ଉପକୁଳପତି ପ୍ରଫେସର ନୀତା ମହାନ୍ତି, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର କାର୍ତ୍ତିକ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜାଗୋର ମେଣ୍ଟର ପ୍ରଫେସର ଅନୀତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଜାଗୋ କ୍ଲବର ଶିଶୁ ଓ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନୀଳାଦ୍ରି ବିହାର ଶିଶୁ ବିଦ୍ୟା ମନ୍ଦିର

ନୀଳାଦ୍ରି ବିହାର ସେକ୍ଟର-୩ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ଡ. ଶୁଭାଶିଷ ରାଉତ, ସାମ୍ବାଦିକ ସୁକାନ୍ତ ରାଉତ, ଲେଡି ପ୍ରୋଟେକ୍ଟ ଟିମ୍‌ର ସଭାପତି ରମାକାନ୍ତ ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ତିଲୋତ୍ତମା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଚ, ଗୀତ, କୌତୁକ ପୋଷାକ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୃଷ୍ଣଚନ୍ଦ୍ର ବିଦ୍ୟାପୀଠ

**ଯାଁଳା:** ଶିଶୁ ଦିବସ ଅବସରରେ ମୁଣ୍ଡମୁହାଣ, ଯାଁଳା କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଭାପତି କିରିଟି ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ବିଡିଓ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୁଶୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିଭଳି ଉତ୍ତର ମୁଣ୍ଡମୁହାଣ ଅଙ୍ଗନବାଡି ୧ ରେ ମଧ୍ୟ ଶିଶୁ ଦିବସ ପାଳନ ହୋଇଯାଇଛି।

## ସ୍ୱର୍ଣ୍ଣ ପଦକ ପାଇଲେ ବିଆଇଆଇଟିଏମ୍ ଛାତ୍ର ଶୁଭମ୍




ଭୁବନେଶ୍ୱର, ୧୪ ।୧୧(ସମିସ): ସଫଳତା ସାଉଁଟୁଛି ବିଆଇଆଇଟିଏମ୍ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁସନ୍। ବହୁ ଛାତ୍ରଛାତ୍ରୀ ଶୈକ୍ଷିକ ଉତ୍କର୍ଷତା ହାସଲ କରିବା ସହ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ଆଗରେ ରହୁଛନ୍ତି। ବିପିୟୁଟିର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ୨୦୨୦-୨୫ ଶିକ୍ଷାବର୍ଷରେ ଶ୍ରେଷ୍ଠ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ର ଭାବେ ଶୁଭମ୍ ସନ୍ତୋଷ ସାହୁ ରାଜ୍ୟପାଳ ହରି ବାବୁ କମ୍ଭମପତିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ସେହିପରି ୨୦୨୩-୨୫ ବ୍ୟାଚ୍‌ର ଏମ୍‌ବିଏ ଛାତ୍ରୀ ଶ୍ୱେତାଲିନା ମିଶ୍ର ସର୍ବାଧିକ ଗ୍ରେଡ୍ ପଏଣ୍ଟ ପାଇ ବିଆଇଆଇଟିଏମ ପାଇଁ ଗୌରବ ଆଣିଛନ୍ତି। ଏହି ବ୍ୟାଚ୍‌ରେ ମାନସ କୁମାର ବେହେରା ଓ ବିଶ୍ୱଜିତ ଲେଙ୍କା ଯଥାକ୍ରମେ ଦ୍ୱିତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ଡ. ଅମିୟ କୁମାର ରଥ, କୁଳସଚିବ ନିଶି ପୁନମ୍ ମିଞ୍ଜ ଓ ଡିନ୍ ଡ. ମିହିର ରଞ୍ଜନ ନାଏକ ପ୍ରମୁଖ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଦେଶର ପ୍ରମୁଖ ରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବା ଶିକ୍ଷାନୁଷ୍ଠାନର ମାନ ବଢ଼ାଇଥିବା ବିଆଇଆଇଟିଏମ୍ ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଦୁର୍ଲଭ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ

ବାଲିଅନ୍ତା, ୧୪ ।୧୧(ସମିସ): ବାଲକାଟି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଦୁର୍ଲଭା ଦେବୀ ମନ୍ଦିର ପରିସରରେ ଥିବା ଦୁର୍ଲଭ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସଞ୍ଜୟ ଶତପଥୀ ଓ ଦୁର୍ଗା ଚରଣ ଦାଶ ଓ ବସନ୍ତ ଦାଶ ପୂଜାବିଧି ସମ୍ପାଦନ କରିଥିଲେ। ଏନେଇ ମନ୍ଦିର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି ଓ ସୁବ୍ରତ ମହାନ୍ତିଙ୍କ ସମେତ ଅନ୍ୟ ସେବାୟତ ଓ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶହ ଶହ ଶ୍ରଦ୍ଧାଳୁ ପ୍ରଶାଦ ସେବନ କରିଥିଲେ।

## ଓମ୍‌ଫେଡ୍ ପକ୍ଷରୁ ସମବାୟ ସପ୍ତାହ

ଭୁବନେଶ୍ୱର, ୧୪।୧୧(ସମିସ): ଓମ୍‌ଫେଡ୍ ପକ୍ଷରୁ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜି ସପ୍ତାହର ପ୍ରଥମ ଦିନରେ ଭୁବନେଶ୍ୱର ସହିଦନଗରସ୍ଥିତ ଓମ୍‌ଫେଡ୍‌ର ମୁଖ୍ୟାଳୟରେ ସମବାୟ ପତାକା ଉତ୍ତୋଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଡେପୁଟି ମ୍ୟାନେଜର (ପ୍ରୋକ୍ୟୁୟରମେଣ୍ଟ) ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ପତାକା ଉତ୍ତୋଳନ ପୂର୍ବକ ସମବେତ କର୍ମଚାରୀଙ୍କୁ ସମବାୟ ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଏହା କିପରି ସହାୟକ ହୋଇପାରିଛି। ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମବାୟ ଆନ୍ଦୋଳନକୁ ଆହୁରି ଆଗକୁ ନେବାର ଅଛି। ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବେ ସମବାୟ ସଂସ୍ଥା ସହ ଜଡିତ ହେବେ ସେତେବେଳେ ରାଜ୍ୟ ତଥା ଦେଶ ନିଶ୍ଚୟ ସମୃଦ୍ଧ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜର, ଡାଏରୀ ଅପରେସନ ମୃତ୍ୟୁଞ୍ଜୟ କୁମାର, ଡେପୁଟି ମ୍ୟାନେଜର (ବିତ୍ତ) ତାପସ ରଞ୍ଜନ ମିଶ୍ର, ଭାରପ୍ରାପ୍ତ ମାନବ ସମ୍ବଳ ମୁଖ୍ୟ ନିତ୍ୟଦର୍ଶନ ମିଶ୍ର ପ୍ରମୁଖ ବହୁ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ପିସିସି ପକ୍ଷରୁ ପଣ୍ଡିତ ନେହରୁଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୪ ।୧୧(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ନେହରୁ ପାର୍କରେ ଥିବା ପଣ୍ଡିତ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୀତରେ ଥରିଲାଣି ରାଜଧାନୀ ସହର

## ପ୍ରାତଃଭ୍ରମଣରେ ବାହାରିଲେଣି ଲୋକ, ବ୍ୟାୟାମ ପାଇଁ ପାର୍କରେ ଭିଡ଼

ଭୁବନେଶ୍ୱର, ୧୪।୧୧(ସମିସ): ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେଉ କି ପ୍ରକୃତିର ଆଉ କିଛି ନିୟମ ହେଉ, ଏଥର ସଅଳ ଆସିଛି ଶୀତ। ତା' ପ୍ରଭାବରେ ଥରି ଉଠୁଛି ସହର। ଶୀତବସ୍ତ୍ର ନ ପିନ୍ଧିଲେ ବାହାରକୁ ବାହାରି ହେଉନାହିଁ। ସନ୍ଧ୍ୟାରୁ ସହରବାସୀ ଶୀତରେ ଥରୁଛନ୍ତି। ସୂଚନା ମୁତାବକ ଗୁରୁବାର ରାତିସୁଦ୍ଧା ରାଜଧାନୀରେ ୧୪ ଡିଗ୍ରୀ ତାପମାତ୍ରା ପରିଲକ୍ଷିତ ହୋଇଥିଲା। ନିକଟ ଦୁଇ ଦିନ ମଧ୍ୟରେ ପାରଦ ତଳକୁ ଖସିଛି। ଫଳରେ ଶୀତର ପ୍ରଭାବ ସହରସାରା ଦେଖିବାକୁ ମିଳିଛି।

ଏନେଇ ଛକ ଛକରେ ଜମିଲାଣି ଗରମ ଚା'ର ଆସର। ଜଳି ଉଠିଲାଣି ଧୁନି। ଶୀତକୁ ସ୍ୱାଗତ କରିବା ପାଇଁ ସଭିଏଁ ସଜାଗ। କିଏ ପୁରୁଣା ଶୀତ ବସ୍ତ୍ରକୁ ସଜାଡ଼ିବା ଆରମ୍ଭ କରିଲାଣି ତ ଆଉ କିଏ ନୂଆ ଅପେକ୍ଷାରେ। କେଉଁଠି ପାର୍କରେ ଭିଡ଼ ଜମିଲାଣି ତ ଆଉ କଛକ ଛକରେ ଜମିଲାଣି ଗରମ ଚା'ର ଆସର। ଜଳି ଉଠିଲାଣି ଧୁନି। ଶୀତକୁ ସ୍ୱାଗତ କରିବା ପାଇଁ ସଭିଏଁ ସଜାଗ। କିଏ ପୁରୁଣା ଶୀତ ବସ୍ତ୍ରକୁ ସଜାଡ଼ିବା ଆରମ୍ଭ କରିଲାଣି ତ ଆଉ କିଏ ନୂଆ ଅପେକ୍ଷାରେ। କେଉଁଠି ପାର୍କରେ ଭିଡ଼ ଜମିଲାଣି ତ ଆଉ କଉଠି ଶୀତଦିନିଆ ଖାଦ୍ୟ ଆଉ ଫେସନ ସାରଣୀ ପ୍ରସ୍ତୁତ ହେଲାଣି। ଶୀତ ଆସିଛି ସହରଠାରୁ ଦୂରରେ ଥିବା ଅଳସୀ କ୍ଷେତର ଗହଳିରେ। ଶୀତ ପୁଣି ଆସିଛି ବାଡ଼ି ବଗିଚାର ଗେଣ୍ଡୁ, ଜିନିଆ, ଡାଲିଆ ଇତ୍ୟାଦି ଭଳିକି ଭଳି ଫୁଲର ଶୋଭାରେ।

### ଗଳିଗଳିରେ ନିଆଁ ପୁଆଁ

ଶୀତ ବଢ଼ିବା ସହିତ ରାଜଧାନୀର ବିଭିନ୍ନ ସ୍ଥାନରେ ନିଆଁ ପୁଆଁ ଦେଖିବାକୁ ମିଳିଛି। ବିଶେଷକରି ବିଭିନ୍ନ ବସ୍ତି ଅଞ୍ଚଳ ସମେତ ଷ୍ଟେସନ ଅଞ୍ଚଳ ଏବଂ ମେଡିକାଲ ନିକଟରେ ବିଳମ୍ବିତ ରାତିରେ ଲୋକେ ପୁରୁଣା କାଠ, କାଗଜ ପୋଡ଼ି ଉଷୁମ ନେଉଛନ୍ତି। ରାଜଧାନୀର ବିଭିନ୍ନ ମଲ୍ ତଥା ପେଟ୍ରୋଲ ପମ୍ପ ନିକଟରେ ରାତି ଡ୍ୟୁଟି କରୁଥିବା ଲୋକେ ନିଆଁ ପୋଉଁଥିବା ଦେଖିବାକୁ ମିଳୁଛି।

### ପାର୍କରେ ଭିଡ଼ ବଢୁଛି

ପାର୍କରେ ପ୍ରାତଃଭ୍ରମଣ ପାଇଁ ଏବେ ଭିଡ଼ ଜମୁଛି। ଶୀତ ବଢ଼ିବା ଯୋଗୁଁ ଲୋକେ ମଧ୍ୟ ଘରୁ ଟିକିଏ ବିଳମ୍ବରେ ପ୍ରାତଃଭ୍ରମଣରେ ବାହାରୁଛନ୍ତି।



ବିଶେଷକରି ବରିଷ୍ଠ ନାଗରିକଙ୍କ ମଧ୍ୟରେ ଗହଳି ପାଖାପାଖି ୮ ଟା ପରେ ହିଁ ପାର୍କରେ ଦେଖିବାକୁ ମିଳୁଛି। କିଏ ବ୍ୟାୟାମ କରିବାକୁ ତ କିଏ ଚାଲିବାକୁ ଏବଂ ଦୌଡ଼ିବାକୁ ଘରୁ ସକାଳୁ ସକାଳୁ ବାହାରି ଯାଉଛନ୍ତି। ଏଥିପାଇଁ ଲୋକ ରାଜଧାନୀରେ ଥିବା ବିଭିନ୍ନ ପାର୍କକୁ ବାଛୁଛନ୍ତି। କାରଣ ସେଠାରେ ବାୟାମ କରିବାକୁ ମୁକ୍ତାକାଶ ବ୍ୟାୟାମଶାଳା, ଯୋଗସ୍ଥଳୀ, ପାଦଚଲା ରାସ୍ତା, ଆକ୍ୟୁପ୍ରେସର ପାଇଁ ସ୍ୱତନ୍ତ୍ର ରାସ୍ତା, ଜଙ୍ଗଲ ଟ୍ରେଲ୍ ଭଳି ବିଭିନ୍ନ ସୁବିଧା ହାତ ପାହାନ୍ତାରେ ପାଇ ଯାଉଛନ୍ତି। ସହରର ପ୍ରମୁଖ ବିଜୁ ପଟ୍ଟନାୟକ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ମଧୁସୂଦନ ପାର୍କ, ମହାତ୍ମା ଗାନ୍ଧୀ ପାର୍କ ଆଦିରେ ସକାଳୁ ଗହଳି ପରିଲକ୍ଷିତ ହେଉଛି। ସେହିଭଳି ସନ୍ଧ୍ୟା ସମୟରେ କିଛି ଲୋକ ଗ୍ରୁପ କରି ଯୋଗ ଏବଂ ବ୍ୟାୟାମ କରିବାକୁ ଯାଉଛନ୍ତି। ତେଣୁ ଯୁବ ପିଢ଼ିଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ବ୍ୟକ୍ତି ମାନଙ୍କ ଯାଏଁ ସମସ୍ତେ ପାର୍କ ମୁହାଁ ହେଉଛନ୍ତି।

### ଶୀତ କାଟିବାକୁ ହର୍ବାଲ ସୁପ୍

ବିଭିନ୍ନ ପାର୍କ ପରିସର ବାହାରେ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଖୋଲିଛି ସ୍ୱାସ୍ଥ୍ୟକର ଜୁସ୍ ଏବଂ ସୁପ୍‌ର ପସରା। ଯେଉଁଠି ମିଳୁଛି କଲରା, ଅଁଳା ଜୁସ୍, ସୁପ୍ ସହ ସିଝା ମୁଗ, ଚଣା, ବୁଟ ଇତ୍ୟାଦି। ପାର୍କରେ ଲୋକ ଚାଲିବା ଓ ଯୋଗ କରି ସାରିଲା ପରେ ସେଠାରେ ଭିଡ଼ ଲଗାଉଥିବା ଦେଖିବାକୁ ମିଳୁଛି। ଶୀତରେ ଲୋକ ଏସବୁର ଚାହିଦା ଅଧିକା ଥିବାରୁ ପ୍ରତି ପାର୍କ ଆଗରେ ଏପରି ଜଣେ ଜଣେ ଦୋକାନୀ ଜୁସ ସାଙ୍ଗକୁ ଗରମ ଗରମ ସୁପ ବିକ୍ରି କରୁଥିବା ପରିଲକ୍ଷିତ ହେଉଛି।

ଚଳିତ ବର୍ଷ ଶୀତର ଆଗମତ ସହ ରାଜଧାନୀର ପ୍ରମୁଖ ସ୍ଥାନଗୁଡିକରେ ମଧ୍ୟ ଶୀତବସ୍ତ୍ର ବଜାର ଖୋଲିଗଲାଣି। ରାଜସ୍ଥାନୀ ବେପାରୀ ବିଭିନ୍ନ ଅଞ୍ଚଳରେ ଶୀତବସ୍ତ୍ର ଷ୍ଟଲ୍‌ମାନେ ଖୋଲିଛନ୍ତି। ବିଭିନ୍ନ ମାର୍କେଟ, ଖଣ୍ଡଗିରି ଛକ, ଏକାମ୍ର ହାଟ, ସହିଦନଗର ଆଦି ସ୍ଥାନଗୁଡ଼ିକରେ ଶୀତବସ୍ତ୍ର ବେପାର ଆରମ୍ଭ ହୋଇଛି।

### ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶରେ ରାଜ୍ୟର ବିକାଶ'

**ଦେବଗଡ଼, ୧୪।୧୧(ସମିସ)**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ମିଳିତ ଆନୁକୂଲ୍ୟରେ ବାରକୋଟ ବ୍ଲକ କ୍ୟାମ୍ପସ ଗ୍ରାମଠାରେ ଆଜି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲିପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପାତ୍ର, ଭୁବନେଶ୍ୱର ଓୟୁଏଟି ସହକାରୀ ପ୍ରାଧ୍ୟାପକ ପାର୍ଥ ସାରଥି ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଉଦ୍ଗାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ହେଲେ ରାଜ୍ୟର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଭାଶିଷ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପ୍ରଯୁକ୍ତି ପ୍ରିୟଦର୍ଶିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ବାରକୋଟ ବ୍ଲକର ପଶୁ ସମ୍ପଦ ଚାଷୀ ଦୀପିକା ପ୍ରଧାନ, ସାତା ନାୟକ, କୁନି ପ୍ରଧାନ, ବିଶ୍ୱନାଥ ଆଚାର୍ଯ୍ୟ ଏବଂ ମତ୍ସ୍ୟ ସମ୍ପଦରେ ଜିତେନ୍ଦ୍ରିୟ ସାହୁ, ଟିକେଶ୍ୱର ନାୟକ, ହେମଣୀ ସାହୁ, କାର୍ତ୍ତିକ ଲାକ୍ରାଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ମେଳାରେ ମତ୍ସ୍ୟ ବିଭାଗ ଏବଂ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୋଟ ୧୨ଟି ଷ୍ଟଲ ଖୋଲାଯାଇଥିବାବେଳେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପାଲା ଓ ଦାଶକାଠିଆ ମାଧ୍ୟମରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଚାଷ ଏବଂ ଚାଷୀର ବିକାଶ ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବାରକୋଟ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



# ବରପାଲିରେ ଗୋକୁଳାଷ୍ଟମୀ ଯାତ୍ରା

**ଝାରସୁଗୁଡା, ୧୪।୧୧ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଚାନ୍ଦିନୀମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମରେ ୫୧ ତମ ଗୋକୁଳାଷ୍ଟମୀ ଯାତ୍ରା ହର୍ଷଉଲ୍ଲାସର ସହିତ ପାଳିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ବନାଞ୍ଚଳ ଡିଏଫ୍‌ଓ ମୁନୁ ଅଶୋକ ଭଟ୍ଟ, ଝାରସୁଗୁଡ଼ା ବ୍ଲକ ବିଡ଼ିଓ ଅନିଲ ଆଚାର୍ଯ୍ୟ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବ୍ରଜରାଜନଗର ରେଞ୍ଜର କ୍ରୀଷ୍ଣା ଜାମୁଡୁଲିଆ, ବେଲପାହାଡ଼ ରେଞ୍ଜର ପ୍ରଦୀପ ନାଏକ, ବ୍ରଜରାଜନଗର ନଗରପାଲ ଗୋପାଳ ସିତାନି, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ରାଜପୁର ସରପଞ୍ଚ ସରସ୍ୱତି ନାଏକ, ଚାନ୍ଦିନୀମାଲ ସମିତି ସଭ୍ୟ ଯତୀନ ଦେଓ, ପୂର୍ବତନ ସାନଘୁମୁଡ଼ା ସରପଞ୍ଚ ବୁଦ୍ଧଦେବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ଗୌନ୍ତିଆ ନିର୍ମଳ ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଶୁକ୍ରବାର ସକାଳୁ ଯାତ୍ରା ମଣ୍ଡପରେ ରାଧାକୃଷ୍ଣ ବିଗ୍ରହଙ୍କୁ ପଣ୍ଡିତ ମନୋଜ ମିଶ୍ର ଶୃଙ୍ଗାର ବେଶ କରିବା ପରେ ଅଖଣ୍ଡ ଦୀପ ସ୍ଥାପନ, ହୋମ, ଆଳତି ଏବଂ ପୁଷ୍ପାଞ୍ଜଳି ଦେଇଥିଲେ। ପୂଜା ସମାପନ ପରେ ଶ୍ରଦ୍ଧାଳୁମାନେ ଅପରାହ୍ନରେ ରାଧାକୃଷ୍ଣ ବିଗ୍ରହଙ୍କୁ ମଣ୍ଡପରୁ ଏକ ସୁସଜ୍ଜିତ ପାଲିଙ୍କିରେ ନଗର ପରିକ୍ରମା କରିଥିଲେ। ଗଡର ବାଡ଼ି, ଝାଞ୍ଜର ନୃତ୍ୟ, ସିଂହ ବାଜା, ଭଉଁରଖୋଲ ସମ୍ପ୍ରଦା ମଣ୍ଡଳୀ ଏହି ଶୋଭାଯାତ୍ରାରେ ସାମିଲ ଥିଲେ। ଗ୍ରାମର ହନୁମାନ ମନ୍ଦିର ପଡ଼ିଆରେ ଗୋ' ଆରାଧନା କରାଯାଇଥିଲା। ରାଧାକୃଷ୍ଣଙ୍କ ବିଗ୍ରହ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଏବଂ ଆଳତି କରାଯାଇଥିଲା। ପରେ ଗାଈଗୋରୁଙ୍କୁ ଖେଚୁଡ଼ି ଭୋଗ ଦିଆଯାଇଥିଲା। ରାଧାକୃଷ୍ଣଙ୍କୁ ବନ୍ଦାପନା କରି ଗୋ'ସୁରକ୍ଷା, ଅଞ୍ଚଳର ସମୃଦ୍ଧି ସହ ନିରୋଗ କାମନା କରାଯାଇଥିଲା। ସେଠାରୁ ପୁଣି ରାଧାକୃଷ୍ଣଙ୍କ ବିଗ୍ରହଙ୍କୁ ବଡ଼ାଇ ପଡ଼ା, ତେନ୍ତୁଳି ପଡ଼ା, ଉପର ପଡ଼ା, ସ୍କୁଲ୍ ପଡ଼ା, ଗୋବିନ୍ଦପୁର ପରିକ୍ରମା କରାଯାଇ ଯାତ୍ରା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ରାତିରେ ସଞ୍ଚାର, ତାଳବୀର ଓ ବୁର୍ଦ୍ଧା ଆଧୁନିକ କୃଷ୍ଣଗୁରୁ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶରତ ସିଂ ଦେଓ, ସୁନିଲ ସିଂ ଲାଲୁ, ହେମନ୍ତ ଧୁରୁଆ, ହେମନ୍ତ ବଗାର, ଠାକୁର ପ୍ରଧାନ, ଶୁଭେନ୍ଦୁ ସିଂ ଦେଓ, ଅରବିନ୍ଦ ପ୍ରଧାନ, ସୁଶୀଲ ବଡ଼ାଇ, ଯୁବରାଜ ବିଶି, କର୍ଣ୍ଣ ରାଉତ, ମନୋଜ ବଡ଼ାଇ, ଶେଷଦେବ ବଡ଼ାଇ, ଅଜିତ ବଡ଼ାଇ, ଗଦାଧର ବଡ଼ାଇ, ଈଶ୍ୱରି ମାଝୀ, ଫକୀର ସେଟ, ପ୍ରଫୁଲ୍ଲ ବଡ଼ାଇ, ଲବଣୀ ସାଏ, କୈଳାସ ପ୍ରଧାନ, କୁନା ସେଟ, ବିକାଶ ବଡ଼ାଇ, ନରୋତ୍ତମ ବଗାର, ପପୁ ପ୍ରଧାନ, ଆଶିଷ ଧୁରୁଆ, ଭାରତ ନାଏକ, ଚନ୍ଦ୍ର ସେଟ, ରୋସନ ଭଉଁଷା, ବଣ୍ଟି ନାଏକ, ପ୍ରିନ୍ସ ରାଉତ, ରୋସନ ପ୍ରଧାନ, ବବଲୁ ପ୍ରଧାନ ଓ ଆଶିଷ ଭଉଁଷା ପ୍ରମୁଖ ସହଯୋଗ କରିଥିଲେ।



# ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଝାରସୁଗୁଡା, ୧୪।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସମଡା ବଜାରପଡ଼ାରେ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗତ ନଭେମ୍ବର ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ମା' ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୧୧ ତାରିଖ ମଙ୍ଗଳବାର ଅପରାହ୍ନ ୩ ଟା ୨୭ରେ କଳସ ଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ, ବୁଧବାର ସୂର୍ଯ୍ୟପୂଜା, ଧାନ୍ୟଭିଷେକ, ଅନ୍ନାଭିଷେକ, ସ୍ନାନମଣ୍ଡପରେ ଦେବତା ସ୍ନାନ, ପ୍ରାଣ ପ୍ରତିଷ୍ଠା, ପାର୍ଶ୍ୱ ଦେବତା ଆବାହନ, ଉପସ୍ତର ଏବଂ ଚଣ୍ଡୀପାଠ, ଆରତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ, ଗୁରୁବାର ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବତା ପୂଜା, ବିଷ୍ଣୁ ସହସ୍ର ନାମ ଓ ଚଣ୍ଡୀପାଠ, ଆରତୀ ଓ ପୁଷ୍ପାଞ୍ଜଳି, ଶୁକ୍ରବାର ସୂର୍ଯ୍ୟପୂଜା, ପାର୍ଶ୍ୱଦେବତା ପୂଜା, ଶିଖର ସ୍ନାନ, ଧ୍ୱଜାରୋହଣ ଏବଂ ଚଣ୍ଡୀପାଠ, ଗର୍ଭଗୃହରେ ମା'ଙ୍କ ପ୍ରବେଶ, ପୂର୍ଣ୍ଣାହୂତି, ଆରତୀ ଓ ପୁଷ୍ପାଞ୍ଜଳି ସହ ଆଜି ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହୋଇଛି। ଚାରି ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ହଜାର ହଜାର ଲୋକଙ୍କ ସମାଗମ ହେବା ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଯୋଗଦେଇଥିଲେ। ପଣ୍ଡିତ ଡ. ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ କର୍ତ୍ତା ଭାବରେ ଗୋପିନାଥ ବେହେରା ଦାୟିତ୍ୱ ତୁଲାଇଥିଲେ।

# ଶିଶୁ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡା, ୧୪।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ଅବସରରେ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ରେଲୱେ କଲୋନୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ୍ ବିଷୟରେ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଯତ୍ନ ବିଷୟରେ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି କମଳ ଲୋଚନ ବେହେରା, ଡିସିପିୟୁର ଲିଗାଲ ତଥା ପ୍ରୋବେସନ ଅଫିସର ପ୍ରଦ୍ୟୁମ୍ନ ଭାଇନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏନ୍.ଶ୍ରୀନିବାସ ରାଓ ଯୋଗଦେଇଥିଲେ।

# ବିଶ୍ୱ ମଧୁମେହ ଦିବସ

**ଝାରସୁଗୁଡା, ୧୪।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଟିଆରଏଲ୍ କ୍ରୋସାକି ଏବଂ କିମ୍ସର ମିଳିତ ଆନୁକୂଲ୍ୟରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଏହି ଅବସରରେ ଅଟଳ ଛକରୁ ଜୁବିଲି ହଲ ଯାଏଁ ଏକ ୱାକାଥନ ଅୟୋଜନ କରାଯାଇ ଡାଇବେଟିସ ମୁକ୍ତ ସମାଜ ଗଠନ ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଖାଦ୍ୟପେୟ ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ କରି ମଧୁମେହ ରୋଗରୁ ନିଜକୁ ସୁରକ୍ଷିତ ରଖିହେବ ବୋଲି କୁହାଯାଇଥିଲା। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମଧୁମେହ, ଥାଇରଏଡ, ରକ୍ତଚାପ, ଅସ୍ଥିସାନ୍ଦ୍ରତା ଭଳି ପ୍ରମୁଖ ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା। ଶିବିରରେ ମୋଟ ୧୭୬ ଜଣଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିଲା। ଟିଆରଏଲ୍ କ୍ରୋସାକି ହସ୍ପିଟାଲର ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ, କିମ୍ସର ଡା. ଅନୁପମ ଜେନା, ଡା. ଦେବଦର୍ଶୀନୀ ସାହୁ, ଡା. ଦେବଦର୍ଶୀନୀ ସାହୁ, ଡା. ଅମିତ ଚନ୍ଦୁକା, ଡା. ସୁନୀଲ ଜୟସ୍ୱାଲ, ଡା. ଅଶିତ ମହାନ୍ତିଙ୍କ ସମେତ ଟିଆରଏଲ୍ କ୍ରୋସାକି ହସ୍ପିଟାଲର ଡା. ସୁଶାନ୍ତ ଜଗଦଳା, ଡା. ଉପାସନା ଝୁନଝୁନବାଲା, ଟ୍ୱିଙ୍କଲ ନାଏକ ପ୍ରମୁଖ ଯୋଗଦେଇ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ, ସୁରେଶ ନାଏକ, ଶ୍ରମିକ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ରାଉତ, କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଅନିରୁଦ୍ଧ ମିଶ୍ର, ଦୀପକ ମିଶ୍ର ପ୍ରମୁଖଙ୍କ ସହ ସିଏସଆର ବିଭାଗର କର୍ମଚାରୀ ଓ ଟିଆରଏଲ୍ କ୍ରୋସାକି ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।




# ଭାରତୀୟ ମାନବ ଅଧିକାର କାଉନସିଲର ସଚେତନ କାର୍ଯ୍ୟକ୍ରମ



**ଝାରସୁଗୁଡା /କିର୍ମିରା, ୧୪।୧୧(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ନକ୍ସାପାଳି ପଞ୍ଚାୟତ ବିଜାଗୁଡା ଗ୍ରାମରେ ଭାରତୀୟ ମାନବ ଅଧିକାର କାଉନସିଲର ତରଫରୁ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଷ୍ଟେଟ୍‌ଫାଉଣ୍ଡର ତଥା ଚେୟାରମେନ ଡ. ପୂର୍ଣ୍ଣଚନ୍ଦ୍ର ସାହୁ ମାନବ ଅଧିକାର କାଉନସିଲର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗ୍ରାମ ତଥା ଅଞ୍ଚଳର ପାଣି, ପବନ, ରୋଡରାସ୍ତା, ବିଜୁଳି ଆଲୁଅ, ରୋଗୀ ଚିକିତ୍ସା ଓ ଶିକ୍ଷା ସହ ଆର୍ଥିକ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ ସମ୍ବନ୍ଧରେ ବିଚାରକୁ ନେଇଥିଲେ। କାର୍ଯ୍ୟକ୍ରମରେ ଷ୍ଟେଟ ଲିଗାଲ ଏଡଭାଇଜର ଅଶୋକ ମଲ୍ଲିକ, ସୁନ୍ଦରଗଡ଼ରୁ ଷ୍ଟେଟ ଭାଇସପ୍ରେସିଡେଣ୍ଟ ଟିକେଶ୍ୱର ଟପ୍ପୋ, ସମ୍ବଲପୁର ଜିଲ୍ଲାରୁ ପ୍ରେସିଡେଣ୍ଟ ଅଶୋକ କରାଳୀ, ଭାଇସ ପ୍ରେସିଡେଣ୍ଡ ସମିର ନାଗ ଓ ସେକ୍ରେଟାରୀ ରାଜୁ ଖଡିଆ, ଝାରସୁଗୁଡା ପରିଷଦର ଲିଗାଲ ଏଡଭାଇଜର ହେମନ୍ତ ମୁଣ୍ଡା, ଭାଇସପ୍ରେସିଡେଣ୍ଟ ଲକ୍ଷ୍ମଣ ତଣ୍ଡିଆ, କୋର୍ଡିନେଟର ରବି କୁମାର ରାଉତ, ଓମେନ କାଉନସିଲ ପ୍ରେସିଡେଣ୍ଟ ତପସ୍ୱିନୀ ମୁଣ୍ଡା, ଜିଲ୍ଲା ଏଡଭାଇଜର ତୀର୍ଥବାସୀ ମୁଣ୍ଡା, ସାଧାରଣ ସମ୍ପାଦକ ଡିଲେଶ୍ୱର ବାଗ, ସମ୍ପାଦକ ରାମକୁମାର ମୁଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ଲିଗାଲ ଏଡଭାଇଜର ଅଶୋକ ମଲ୍ଲିକ ପରିଚାଳନା କରିଥିବା ବେଳେ ସଦସ୍ୟ ରାଧେଶ୍ୟାମ ଗର୍ଡ଼ିଆ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ

**ଦେବଗଡ଼, ୧୪।୧୧(ସମିସ):** ଦେବଗଡ଼ ଚିନ୍ମୟ ବିଦ୍ୟାଳୟଠାରେ ଆଜି ଶିଶୁ ଦିବସ ପାଳିତ ହୋଇଛି। ସକାଳୁ ବିଦ୍ୟାଳୟର ବହୁ କୁନିଛାତ୍ର ନେହେରୁ ଜୀଙ୍କ ଭଳି ମୁଣ୍ଡରେ ଟୋପି ଓ ଜ୍ୟାକେଟରେ ଗୋଲାପ ଫୁଲ ଲଗାଇ ବିଦ୍ୟାଳୟ ପ୍ରାର୍ଥନା ମଞ୍ଚରେ ସ୍ୱର୍ଗତ ପଣ୍ଡିତ ନେହେରୁଙ୍କ



ଅଙ୍ଗଭଙ୍ଗି ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ଅଭୟ କୁମାର ସାହୁ, ସ୍ୱାମୀନୀ ତାନ୍ମିଥାନନ୍ଦ ଜୀ, ଭାରପ୍ରାପ୍ତ ଅଧ୍ୟକ୍ଷ ଜ୍ୟୋସ୍ନା ଦେବୀ ଓ ସଦସ୍ୟ ଗୋପବନ୍ଧୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ପଣ୍ଡିତ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଝାରସୁଗୁଡା/ବନ୍ଧବାହାଲ:** ସ୍ଥାନୀୟ ଡି.ଏ.ଭି. ପବ୍ଲିକ ସ୍କୁଲ ବନ୍ଧବାହାଲରେ ଶିଶୁ ଦିବସ ଅବସରରେ ପ୍ରତିଯୋଗିତା, ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ବନ୍ଦନା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା। ଶିଶୁ ଦିବସ ମାନେ କେବଳ ଉତ୍ସବ ନୁହେଁ; ଏହା ଆମକୁ ଶିଶୁତ୍ୱର ମୂଲ୍ୟ ଓ ସେମାନଙ୍କ ହସର ମହତ୍ତ୍ୱ ବୁଝାଏ ବୋଲି ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟର ସଭାଗୃହରେ ଦ୍ୱିତୀୟ ଶ୍ରେଣୀରୁ ଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ବେଶ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ବିଦ୍ୟାଳୟର ନୃତ୍ୟ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁଙ୍କ ଦ୍ୱାରା ପ୍ରଦର୍ଶୀତ ଓଡ଼ିଶୀନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ପାଇଁ ଜଳପାନର ବ୍ୟବସ୍ଥା କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଇବଥର୍ମାଲ, ୧୪।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସରଣ୍ଡାମାଲ ମନୋଜ ପାଢ଼ୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କମିଟି ଲଖନପୁର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମଗ୍ର ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଝାରସୁଗୁଡ଼ା ଜିଲ୍ଲା ଚମତ୍କାର କାର୍ଯ୍ୟ କରିବା ସହ ପ୍ରଥମ ସ୍ଥାନରେ ଥିବାରୁ ଶିକ୍ଷା ବିଭାଗ ଅଧିରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ ବୈଷୟିକ ପରିଚାଳନାର ନିର୍ଦ୍ଦେଶକ ସଞ୍ଜୟ କୁମାର ଝା, ମହାପ୍ରବନ୍ଧକ ବେଦାନ୍ତ ସଙ୍ଗିତା ସାହୁ, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ସମାଜସେବୀ ରଘୁନନ୍ଦନ ପଣ୍ଡା, ଆଇନଜୀବୀ ପ୍ରମୋଦ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ସମଗ୍ର ବ୍ଲକର ସ୍କୁଲ ଗୁଡିକରୁ ଜଳ ସଂରକ୍ଷଣରେ ୪୯, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷାରେ ୨୮, ବର୍ଜ୍ୟବସ୍ତୁ ପରିଚାଳନା ୨୫, ପୋଷଣୀୟ କୃଷି ୨୨, ଗଣିତ ପ୍ରକଳ୍ପ ୧୭, ନୂତନ ପ୍ରଯୁକ୍ତି ବିଦ୍ୟାର ୪୦, ସବୁଜ ଶକ୍ତି ୨୬ ମୋଟ ୨୦୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିରିଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟ ସନତ କୁମାର ସିଂହ, ଜିଲ୍ଲାପରିଷଦ ସଭ୍ୟା ପୁଷ୍ପଲତା ସେଠ୍, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍, ମଣ୍ଡଳୀ ପଞ୍ଚାୟତ ସରପଞ୍ଚ ସୁବାସିନୀ ସାହୁ ଯୋଗ ଦେଇଥିଲେ। ଉଭୟ ସଭାରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ମନୋଜ ପାଢ଼ୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ଆୟୋଜନ କମିଟିର ସମ୍ପାଦକ କେଶବ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ ପାଢ଼ୀ ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ସୁରେଶ ପ୍ରଧାନ ଓ ଶିକ୍ଷୟିତ୍ରୀ ପ୍ରଜ୍ଞାଦିପ୍ତୀ ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ଆବର୍ଜନା ପରିଚାଳନାରେ ଓଏଭି ଲଖନପୁର ଛାତ୍ରୀ ଶ୍ୱେତା ଭୋଇ ପ୍ରଥମ, ଜଳ ସଂରକ୍ଷଣରେ କଣ୍ଟେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ମାନସୀ ଭୋଇ ପ୍ରଥମ, ସ୍ୱାସ୍ଥ୍ୟ ଓ ସୁସ୍ଥତାରେ ବି.ଆର୍ ହାଇସ୍କୁଲ ବେଲପାହାଡର ଛାତ୍ରୀ ପ୍ରଭାସିନୀ ନାଏକ ପ୍ରଥମ, ଗଣିତ ପ୍ରକଳ୍ପରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଜାମଗାଁର ଛାତ୍ରୀ ନମ୍ରତା ମହାନନ୍ଦ, ପୋଷଣୀୟ କୃଷିରେ ସୁନାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୂର୍ଯ୍ୟକାନ୍ତ ବେହେରା ପ୍ରଥମ, ସବୁଜ ଶକ୍ତିରେ ବି.ଆର୍ ହାଇସ୍କୁଲ ବେଲପାହାଡର ଛାତ୍ର ଦୀପକ କୁମାର ସେଟ ପ୍ରଥମ ଓ ନୂତନ ଜ୍ଞାନ କୌଶଳ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ମଧ ବି.ଆର୍. ହାଇସ୍କୁଲ ବେଲପାହାଡର ଛାତ୍ର ଲକ୍ଷ୍ମୀକାନ୍ତ ସାହୁ ପ୍ରଥମ ହୋଇ ଜିଲ୍ଲାସ୍ତରୀୟକୁ ଉନ୍ନିତ ହୋଇଛନ୍ତି।




# ଆନନ୍ଦନଗରୀ ଶିଶୁ ମେଳା

**ଝାରସୁଗୁଡା, ୧୪।୧୧(ସମିସ):** ଝାରସୁଗୁଡା ଜିଲ୍ଲାର ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀମାନଙ୍କ ଉଦ୍ୟୋଗୀ ମନୋଭାବର ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା ଝାରସୁଗୁଡ଼ା ଓ ବେଦାନ୍ତ ଝାରସୁଗୁଡ଼ାଙ୍କ ମିଳିତ ଆନୁକୂଲ୍ୟରେ 'ଆନନ୍ଦ ନଗରୀ- ଶିଶୁ ମେଳା-୨୦୨୫' ବେହେରାମାଲ ଏମ୍‌ସିଏଲ୍ ଅଡିଟୋରିଅମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଫିତାକାଟି ମେଳାକୁ ଉଦ୍‌ଘାଟନ କରିଥିଲେ। ଏପରି ସୃଜନଶୀଳ ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କୁ ବ୍ୟାବହାରିକ ଶିକ୍ଷା, ବିଶ୍ୱାସ ଓ ନବୀନ ଚିନ୍ତାଧାରାରେ ଉନ୍ନତି କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିବା ସହ ବିଭିନ୍ନ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ମେଳାକୁ ପରିଦର୍ଶନ କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ଝାରସୁଗୁଡ଼ା ଜିଲ୍ଲାର ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିଏମ୍ ଶ୍ରୀ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୮୬ଟି ଷ୍ଟଲ୍‌ରେ ହସ୍ତଶିଳ୍ପ, ଖାଦ୍ୟପଦାର୍ଥ, କ୍ରାଫ୍ଟ ଏବଂ ନବ ଉଦ୍ଭାବନଶୀଳ ମଡେଲ୍‌ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ପରିଶେଷରେ ଉତ୍ତମ ଉଦ୍ୟୋକ୍ତା ଭାବେ ଅଧିକ ବିକ୍ରୟ କରିଥିବା କେ.ଜି. ବାଳିକା ଉଚ୍ଚ ବିଦ୍ୟାଳୟ ସମାସିଂହା, ପିଏମ୍ ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଞ୍ଜିପାଲି ଓ ଆଦର୍ଶ ବିଦ୍ୟାଳୟ ଏବ୍ କଟାପାଲିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, କୋଲାବିରା ବିଇଓ ପ୍ରକାଶ ସାହୁ, ଲଇକେରା ବିଇଓ ହିମାଂଶୁ ବାଗ ଓ ଟ୍ରାଇବାଲ କୋଡିନେଟର ଖୁଲଣା ସୁନ୍ଦରୀ ବେହେରା ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# କିର୍ମିରାରେ ସମବାୟ ସେବା ସପ୍ତାହ

**ଝାରସୁଗୁଡ଼ା, ୧୪।୧୧(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକରେ ୭୨ତମ ସର୍ବଭାରତୀୟ ସମବାୟ ସେବା ସପ୍ତାହ ଏବଂ କିର୍ମିରା ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଗ୍ରାମ, ସହର ଏବଂ ଦେଶର ଉନ୍ନତିରେ କୃଷକ ତଥା ଗ୍ରାମୀଣ ଅର୍ଥନୀତିର ଉନ୍ନତି ଜରୁରୀ ବୋଲି ମାତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଏଆରସିଏସ ଉମେଶ ଚନ୍ଦ୍ର ଟପ୍ପୋ, ଡିଆରସିଏସ୍ ମମତା ରାଣୀ କୁଜୁର, ନାବାର୍ଡର ଡିଡିଏମ ତାପସ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିର୍ମିରା ବ୍ଲକ ଅଧ୍ୟକ୍ଷ କୃଷ୍ଣପ୍ରିୟା ସାହୁ, ସରପଞ୍ଚ ସନ୍ତୋଷିନୀ ପଟେଲ, ବିଧାୟକ ପ୍ରତିନିଧି ବିଜୟ ଶର୍ମା, ଲଇକେରା ସମବାୟ ବ୍ୟାଙ୍କର ମ୍ୟାନେଜର କୌଶିକ ପ୍ରଧାନ, ଆରସିଏମ୍‌ଏସ ଝାରସୁଗୁଡାର ତୁଲାରାମ ସେନାପତି, କିର୍ମିରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଶରତ ପଟେଲ, ବନମାଳୀ ନାୟକ, କିର୍ମିରା ବ୍ଲକ ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



### ହକି ପ୍ରତିଯୋଗିତା ଉଦ୍‌ଘାଟିତ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସାତକିଆରି ବିଜୟୀ

**ଦେବଗଡ଼, ୧୪।୧୧(ସମିସ)**

ରିଆମାଳ ବ୍ଲକ ବରଡ଼ାତଇଲା ଗ୍ରାମରେ ବିର୍ସା ମୁଣ୍ଡା ସଂଗ୍ରାମୀ କ୍ଲବ୍ ଆନୁକୂଲ୍ୟରେ ତିନିଦିନିଆ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। କ୍ଲବ୍‌ର ସଭାପତି ସନ୍ତୋଷ ପାନ୍ନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଟିହୁଲମୁଣ୍ଡା ହକି ଟିମକୁ ୧-୦ ଗୋଲରେ ପରାସ୍ତ କରି ସାତକିଆରୀ ହକି ଟିମ ବିଜୟୀ ହୋଇଥିଲା।



ପ୍ରତିଯୋଗିତା ଆୟୋଜନରେ କ୍ଲବ୍ ସମ୍ପାଦକ ଗୋସନାର ଡେଂଗ୍ରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଖେଳକୁ ଏଲିଆସ ସୁରିନ ଓ ଗୋସନାର ଡେଙ୍ଗ୍ରା ପରିଚାଳନା କରିଥିଲେ। ଆସନ୍ତାକାଲି ବିର୍ସା ମୁଣ୍ଡା ଜୟନ୍ତୀରେ ଫାଇନାଲ ମ୍ୟାଚ ସହ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ମିଳିଛି।

# ସାଇବର ସୁରକ୍ଷା ସଚେତନତା

**ଦେବଗଡ଼, ୧୪।୧୧ (ସମିସ):** ବାରକୋଟ ବ୍ଲକ ସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ଜିଲ୍ଲା ପୁଲିସ ପକ୍ଷରୁ ବାରକୋଟ ଥାନା ପୁଲିସ ସହାୟତାରେ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ରମେଶ ମାହାନା ଓ ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଡ଼େଇ ମଞ୍ଚାସୀନ ରହି ସାଇବର ଅପରାଧର ବିଭିନ୍ନ ଦିଗ, ଏହାର କାରଣ ଓ ନିରାକରଣ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ଯୁବଗୋଷ୍ଠୀ ସାଇବର ଠକେଇରୁ ନିଜକୁ ସୁରକ୍ଷିତ କରିବା ସହ ଜନ ସଚେତନତା ମାଧ୍ୟମରେ ଏହାକୁ ପ୍ରତି ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

### ସମ୍ବଲପୁର ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସ

# ‘ସମ୍ବଲପୁରୀ ନାଟକର ଜୟଯାତ୍ରା ଜାରି ରହିଛି’

**ସମ୍ବଲପୁର, ୧୪।୧୧(ସମିସ)**



ସମ୍ବଲପୁରର ସର୍ବପୁରାତନ ନାଟ୍ୟସଂସ୍ଥା ସମ୍ବଲପୁର ନାଟ୍ୟକଳା ପରିଷଦର ୫୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ପରିଷଦର ସଭାପତି ଡ. ସୁରୁବାବୁ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ନାଟ୍ୟବିତ ଡ. ଶ୍ୟାମସୁନ୍ଦର ଧର ଯୋଗ ଦେଇଥିଲେ। ଶ୍ରୀ ଧର ନାଟକର ପ୍ରାୟୋଗିକ ସଞ୍ଜ୍ଞା ନ-ଅଟକ ନାଟକ ବୋଲି କହି ସମ୍ବଲପୁରରେ ବିଭିନ୍ନ କାଳରେ ଆୟୋଜତ ହେଉଥିବା ନାଟକ ଆୟୋଜନ ଓ ନାଟକ ପରିବେଷଣ କାଳର ସଂଘର୍ଷ ବିଷୟରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ। ଏହା ସହ ଯେତେ ବାଧାବିଘ୍ନ ଆସିଲେ ମଧ ସମ୍ବଲପୁରର ନାଟ୍ୟକର୍ମୀମାନେ ହତାଶ କିମ୍ବା ନିରାଶ ହୋଇ ଅଟକି ଯାଇନାହାନ୍ତି ବରଂ ସମସ୍ତ ଆହ୍ୱାନର ସମ୍ମୁଖିନ ହୋଇ ଆଗକୁ ବଢ଼ି ଚାଲିଛନ୍ତି। ଫଳତଃ ଆଜି ସମ୍ବଲପୁରର ନାଟ୍ୟକର୍ମୀଙ୍କ ସମେତ ନାଟ୍ୟସଂସ୍ଥାମାନ ତଥା ସମ୍ବଲପୁରୀ ନାଟକ ସର୍ବଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ଏବଂ ସମ୍ବଲପୁରୀ ନାଟକର ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରୁଛନ୍ତି ବୋଲି କହିଥିଲେ। ଉପସଭାପତି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, କୋଷାଧକ୍ଷ ପୂର୍ଣଚନ୍ଦ୍ର ଦାଶ ମଞ୍ଚରେ ଉପସ୍ଥିତ ରହିବା ସହ ପରିଷଦର ବିଭିନ୍ନ ଦିଗ ବକ୍ତବ୍ୟ ରଖିଥିଲେ। ସମ୍ବଲପୁରରେ ପ୍ରେକ୍ଷାଳୟ ଅଭାବରୁ ଚଳିତ ବର୍ଷ ନାଟ୍ୟକଳା ପରିଷଦ ପକ୍ଷରୁ ନାଟକ କରାଯାଇ ପାରି ନଥିବାରୁ ସଦସ୍ୟମାନେ ଦୁଃଖ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି ସମ୍ବଲପୁରରେ ଝାଡୁଆପଡ଼ାର ଆରଣ୍ୟକ ମଞ୍ଚ ବ୍ୟତୀତ ନାଟକ ପ୍ରଦର୍ଶନ ସକାଶେ ଉପଯୁକ୍ତ ମଞ୍ଚଟିଏ ନଥିବାରୁ ସମ୍ବଲପୁରର ନାଟ୍ୟସଂସ୍ଥାମାନେ ବହୁତ ଅସୁବିଧା ପାଉଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଞ୍ଚ କିମ୍ବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମଞ୍ଚ ସହଜ ଲବ୍ଧ ହେଉ ନଥିବାରୁ ଏବଂ ଗଙ୍ଗାଧର ମଣ୍ଡପ କିମ୍ବା ଅନ୍ୟ ଖୋଲା ମଞ୍ଚରେ ନାଟକ କରିବା ଅତ୍ୟଧିକ ବ୍ୟୟ ସାପେକ୍ଷ ହେଉଥିବାରୁ ସମ୍ବଲପୁର ସହରରେ ଏକ ନାଟକ ପ୍ରଦର୍ଶନ ନିମନ୍ତେ ମଞ୍ଚପ୍ରେକ୍ଷାଳୟ ନିର୍ମାଣ ଲାଗି ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଜନପ୍ରତିନିଧି କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ସମସ୍ତ ନାଟ୍ୟସଂସ୍ଥା ଏକତ୍ର ଭାବରେ ଦୃଢ ଦାବି କରିବାକୁ ନିଷ୍ପତ୍ତି ନେଇଥିଲେ। ଦେବାର୍ଚ୍ଚନ ଠାକୁର, ପ୍ରଶାନ୍ତ ମହାରଣା, ଅପର୍ଣ୍ଣା ପାଢ଼ୀ, ସୁକାନ୍ତ କର, ସଂଯୁକ୍ତା ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ସଭା ପରିଚାଳନା କରିଥିବାବେଳେ ସହସମ୍ପାଦକ ବିରୂପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିରୀଷ ପୂଜାରୀ, ଗୋରେଖଲାଲ ଦାସ, ଯୋଗେଶ କୁମାର ନନ୍ଦ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରତିଭା ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ



**ଜମନକିରା, ୧୪।୧୧(ସମିସ):** ଜମନକିରା ବ୍ଲକ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଭୋଜପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତି ବ୍ୟକ୍ତିଙ୍କ ଭିତରେ ଥିବା ପ୍ରତିଭାର ପ୍ରକୃତ ବିକାଶ ହେଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି କହିଥିଲେ। ସଭାରେ ଅବସରପ୍ରାପ୍ତ ଅଧକ୍ଷ ତଥା ସମାଜସେବୀ ସୁବାଷ ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀ, ଶାସ୍ତ୍ରୀଙ୍କ ବିଚାରର ରାଷ୍ଟ୍ର ଗଠନ ହେଲେ ସବୁ ବର୍ଗ ଉପକୃତ ହେବେ ବୋଲି ଗୁରୁତ୍ୱାରୋପ କରିଥିଲେ। ସଭାକୁ ସାହାଜବାହାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ପାଣି ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଚକ୍ରଧର ମାଝୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଆବାହକ ପ୍ରଭାତ ବେହେରା ଉଦ୍‌ବୋଧନ ଦେଇଥିଲେ। ଅଭିଯାନର କୁଚିଣ୍ଡା ବ୍ଲକ କୋଷାଧକ୍ଷ ସୁଗତ ପଟେଲ ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଯୋଜକ ରମେଶ କିସାନ ବିଭିନ୍ନ ଉପାଦେୟ କାର୍ଯ୍ୟ ସମ୍ବନ୍ଧରେ ରିପୋର୍ଟ ପାଠ କରିଥିଲେ।ପ୍ରତିଭା ସମାରୋହରେ ଅନୁଷ୍ଠିତ ପ୍ରତିଯୋଗିତାରେ ୪ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଅର୍ଥ ପୁରସ୍କାର ଦେଇ ପୁରସ୍କୃତ କରିଥିଲେ।ପୁରସ୍କାର କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଗୌଡ, ଦିପକ ବେହେରା, ବିକ୍ରାନ୍ତ ବେହେରା ପରିଚାଳନା କରିଥିଲେ। ସଭାରେ ବରିଷ୍ଠ ଶିକ୍ଷକ ରୋହିତ କୁମାର ନାଥ, ସମାଜସେବୀ ମଳୟ ବେହେରା ପ୍ରମୁଖ ଯୋଗ ଦେଇ ଉଦବୋଧନ ଦେଇଥିଲେ। ଉତ୍ସବରେ ସ୍ୱର୍ଗତ ଶୁଭମ ଗଡ଼ତିଆ ସ୍ମୃତି ପୁରସ୍କାର, ଭାଗଚାନ୍ଦ ଅଗ୍ରୱାଲା ସ୍ମୃତି ପୁରସ୍କାର, ଶୁବୋଧ ଶର୍ମା ସ୍ମୃତି ପୁରସ୍କାର, ସମେତ ବହୁ ସଦସ୍ୟଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିନୋଦ ବିହାରୀ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୧୪।୧୧ (ସମିସ):** ବୁଢାରଜା ନିବାସୀ ତଥା ବୁର୍ଲା ଇଞ୍ଜିନିୟରିଂ କଲେଜରୁ ଅବସରଗ୍ରହଣ



କରିଥିବା ପ୍ରାଧାପକ ବିନୋଦ ବିହାରୀ ପଣ୍ଡା(୮୦) ଙ୍କ ଗୁରୁବାର ରାତ୍ରିରେ ପରଲୋକ ହୋଇଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ।ବୁର୍ଲା ଠାରେ ଏକ ବେସରକାରୀ ନର୍ସିଂହୋମରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମୃତ୍ୟୁ ଖବର ପାଇ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।ସ୍ଥାନୀୟ ରାଜଘାଟରେ ପୁତ୍ର ବିଷ୍ଣୁ ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଛନ୍ତି।

## ଜାନୁଆରୀ ୪ରୁ ଦ୍ୱିତୀୟ ହୀରାକୁଦ ନାଟ୍ୟ ମହୋତ୍ସବ

**ହୀରାକୁଦ, ୧୪।୧୧(ସମିସ):** ସୃଜନୀ, ହୀରାକୁଦ ଦ୍ୱାରା ଆୟୋଜିତ ଦ୍ୱିତୀୟ ହୀରାକୁଦ ନାଟ୍ୟ ମହୋତ୍ସବ - ୨୦୨୬ ଆସନ୍ତା ଜାନୁଆରୀ ମାସ ୪ରୁ ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ସ୍ଥାନୀୟ ବିଲ୍ଡିଂଗ ଅଫିସ ପରିସରରେ ହେବ। ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶଙ୍କ ଆବାହନରେ ସୃଜନୀ ପରିବାରର ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ନାଟ୍ୟ ମହୋତ୍ସବର ସୁପରିଚାଳନା ନିମନ୍ତେ ‘ସୃଜନୀ ନାଟ୍ୟ ସଂସଦ’ ରୂପରେ କମିଟି ଗଠନ କରାଗଲା। ସେଥିରେ ପୂର୍ଣ୍ଣାନନ୍ଦ ତ୍ରିପାଠୀ ସଭାପତି, ପ୍ରମୋଦ କୁମାର ପ୍ରଧାନ ଉପ ସଭାପତି, ଆଲୋକ ତ୍ରିପାଠୀ ସାଧାରଣ ସମ୍ପାଦକ, ଜଗନ୍ନାଥ ଶତପଥୀ ଯୁଗ୍ମ ସମ୍ପାଦକ, ହେମନ୍ତ କୁମାର ପଟେଲ କୋଷାଧକ୍ଷ, ସୁରେନ୍ଦ୍ର କୁମାର ପ୍ରଧାନ ଯୁଗ୍ମ କୋଷାଧକ୍ଷ ଓ ବୀରେନ୍ଦ୍ର ନାରାୟଣ ଜେନା ସାଂସ୍କୃତିକ ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି। ଶ୍ରୀନିବାସ ପଣ୍ଡା, ଜ୍ଞାନେନ୍ଦ୍ରୀୟ ଦାଶ, ଦିନେଶ ସିଂହ, ସୁଶାନ୍ତ କୁମାର ପାଣିଗ୍ରାହୀ ଓ ପ୍ରଦୀପ କୁମାର ପଣ୍ଡା ଉପଦେଷ୍ଟା ଭାବରେ ରହିଛନ୍ତି। ବୈଠକ ଶେଷରେ ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ



**ସମ୍ବଲପୁର, ୧୪।୧୧(ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଅମିତ୍ ଗୁରୁଙ୍କ ଅଧକ୍ଷତାରେ ଜବାହରଲାଲ୍ ନେହେରୁଙ୍କ ଜୟନ୍ତୀ ପାଳିତ ହେବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଛି।ସଭାରେ ପୂର୍ବତନ ସଭାପତି ଆଇନଜୀବୀ ଜୟଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ନିରଞ୍ଜନ ତ୍ରିପାଠୀ, ରଞ୍ଜିତ ମିତ୍ର, ଦୀନବନ୍ଧୁ ପରିଡ଼ା, ପୂର୍ବତନ ମହିଳା ସଭାପତି ବିଜୟ ଲକ୍ଷ୍ମୀ ବେହେରା, ହୀରାକୁଦ ଟାଉନ ସଭାପତି ରବି ରାଉତ, ଜିତେନ୍ଦ୍ର ପ୍ରଧାନ, ଜୟନ୍ତ ସାହୁ, ନକୁଳ ବେହେରା, ଜିତେନ୍ ମହାନନ୍ଦ, ସଦାନନ୍ଦ ବରାଳ, ବିନୋଦିନୀ ଦୀପ, ସାବିତ୍ରୀ ସାହୁ, ମୈଥିଳୀ ସାହୁ, ଗୀତା ନାଗ, ରାଜେଶ୍ ମିଶ୍ର, ଏମଡି ସଲିମ୍, ଓକିଲ ଚୌଦୁରି, ଧର୍ମରାଜ୍ ସିଂ, ତପନ ବେହେରା, କିଶୋର ବାଗ, କୈଳାସ ମିର୍ଦ୍ଧା, ଜତୀ, ଭିକାରୀ ରାଉତ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ବାର୍ଷିକୋତ୍ସବ

**ସମ୍ବଲପୁର, ୧୪।୧୧(ସମିସ):** ଲରପଙ୍କ ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ପକ୍ଷରୁ ଷଷ୍ଠ ବାର୍ଷିକ ମହୋତ୍ସବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲରପଙ୍କରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଷମା ମିଶ୍ର, ସମ୍ମାନିୟ ଅତିଥି ହୀରାକୁଦ ସିଆରସିସି ଡାନିଏଲ୍ ବାରିକ୍, ଅବସରପ୍ରାପ୍ତ ସିଆରସିସି ନମିତା ଧଳ, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସଞ୍ଜୀବନୀ ସାହୁ, ପୁରାତନ ଛାତ୍ର ସୁରେନ୍ଦ୍ର କୁମାର ଚୌବେ, ପ୍ରଧାନ ଶିକ୍ଷୟିତ୍ରୀ ହିମାଦ୍ରୀ ଦେହୁରୀ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ସଭାପତି ନିରଞ୍ଜନ ସାହୁ, ସୀମା ରାଣୀ ଭୋଇ, ଗୀତାରାଣୀ ନାଏକ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ତରଫରୁ ନିରଞ୍ଜନ ସାହୁ, ବବନ୍ ସିଂ, ହୃଷିକେଶ ଓରାମ, ଭୀମସେନ ଆଇନ୍ଦ, ମହେଶ୍ୱର ବର୍ଗେ, ଲମ୍ବୋଦର ସାହୁ, ପିତବାସ ନାଏକ, ବାସୁଦେବ ସେଠୀ, ପିତାମ୍ବର ମେହେର, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହିମାଦ୍ରୀ ଦେହୁରୀ, ମମତା ମହାନ୍ତି, ପଦ୍ମାଞ୍ଜଳି ସାହୁ, ମିନତୀ ମିଶ୍ର, ସୁଶ୍ରୀ ସଙ୍ଗୀତା ପାତ୍ର, ନୀଲୁ ସାହୁ ସହଯୋଗ କରିଥିଲେ।

## ରବିବାର ରେଢାଖୋଲରେ ବିଦ୍ୟୁତ୍ ସେବା ବନ୍ଦ ରହିବ

**ସମ୍ବଲପୁର, ୧୪।୧୧(ସମିସ):** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ରେଢ଼ାଖୋଲ ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଢ଼ାଖୋଲ, କଦଳୀଗଡ଼, ବାଟଗାଁ, ନାକଟିଦେଉଳ, ଚାରମାଲ, କିସିଣ୍ଡା, ଲୁହାପଙ୍କ, ଢ଼ଇଁଚା, ଜାମଜୋରି ସମେତ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୧୬ ତାରିଖ (ରବିବାର) ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛି।

## ଉତ୍କଳ ବାଳଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସମ୍ବଲପୁର, ୧୪।୧୧ (ସମିସ):** ଧନକଉଡ଼ାସ୍ଥିତ ଉତ୍କଳ ବାଳଶ୍ରମରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କ୍ରୀଷ୍ଣା ବିକାଶ ହସ୍ପିଟାଲ, ସମ୍ବଲପୁର ଦ୍ୱାରା ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। ଡ.ଦେବାନ୍ସି ସରାଓଗୀ (ଡର୍ମାଟୋଲୋଜି), ଡ.ପ୍ରଣୟ କୁମାର ପାଣିଗ୍ରାହୀ (ପିଡିଆଟ୍ରିକ ସର୍ଜରୀ) ଏବଂ ଡ.ନିଳମଣି ପାତ୍ର (ପିଡିଆଟ୍ରିକସ) ଶିଶୁମାନଙ୍କୁ ପରୀକ୍ଷା କରି ଚିକିତ୍ସାପରାମର୍ଶ ଯୋଗାଇଥିଲେ।

## ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ହୀରାକୁଦ ମହାବିଦ୍ୟାଳୟ ପରିଦର୍ଶନ



**ସମ୍ବଲପୁର, ୧୪।୧୧ (ସମିସ):** ଶୁକ୍ରବାର ଦିନ ହୀରାକୁଦ ମହାବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ମୂରଳୀଧର ମାଝୀ ପରିଦର୍ଶନରେ ଆସିଥିଲେ। ମହାବିଦ୍ୟାଳୟର ଅଧକ୍ଷା ସୁମିତ୍ରା ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ କରିଥିଲେ।ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ମହାବିଦ୍ୟାଳୟର ସୁପରିଚାଳନା ସମ୍ପର୍କରେ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ।

## ଅସହାୟଙ୍କୁ ଭୀମ ଆର୍ମି ପକ୍ଷରୁ ସହାୟତା

**ସମ୍ବଲପୁର, ୧୪।୧୧(ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ କୁଦ୍‌ଗୁଣ୍ଡେରପୁର ଗ୍ରାମର ଖଗେଶ୍ୱର ଭୋସାଗର ଅତ୍ୟନ୍ତ ଗରିବ ପରିବାରର ସଦସ୍ୟ ଅଟନ୍ତି। ଦୁଇ ବର୍ଷ ହେବ ସେ ପାରାଲିସିସ୍ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ଛୋଟ ଦୁଇ ପୁଅ ଅଛନ୍ତି। ଖଗେଶ୍ୱରଙ୍କ ସ୍ତ୍ରୀଙ୍କ ସ୍ୱାମୀଙ୍କ ସେବା କରୁଥିବାରୁ ପରିବାର ପୋଷଣ ପାଇଁ ଅନ୍ୟ କାମ କରିପାରୁନାହାନ୍ତି। ଏହି କଥା ଭୀମ ଆର୍ମି ଜାଣିବାକୁ



ପାଇ କିଛି ଆର୍ଥିକ ସାହାଯ୍ୟ କରିବା ସହ ରାସନ ସାମଗ୍ରୀ ଯୋଗାଇ ଦେଇଛନ୍ତି। ସଂଗଠନ ତରଫରୁ ଲଙ୍କେଶ ରାବଣ, ଆୟୁଷ ହରିପାଳ, ସଦାଶିବ ଛତ୍ରିଆ, ଶଙ୍କର ନାଏକ, ସଞ୍ଜୀବ ହରିପାଳ, ଆନନ୍ଦ କାଣ୍ଡ, ପ୍ରଦୀପ ବାଦୀ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ଦିବସରେ ଚାଚା ନେହରୁଙ୍କୁ ସ୍ମରଣ









### ନିର୍ଗୁଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ସମ୍ବଲପୁର, ୧୪।୧୧(ସମିସ):** ମହାନଗର ନିଗମ ୱାର୍ଡ ନମ୍ବର-୧୯ ନିର୍ଗୁଣପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁଦିବସ ପାଳିତ ହୋଇଛି। ପ୍ରଥମେ ଚାଚା ନେହେରୁଙ୍କ ଫୋଟଚିତ୍ରରେ ଦୀପ, ଧୂପ ଦେଇ ପୂଜାର୍ଚ୍ଚନା କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ପରେ ପିଲାଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା ହୋଇଥିଲା।ପ୍ରାୟ ୧୫୦ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ବବ୍ରୁବାହନ ଭୋଇ ଶିଶୁ ଦିବସ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ କାମିନୀ ମୁଣ୍ଡା, ସୀତାରାଣୀ ବେହେରା, ବିଷ୍ଣୁପ୍ରିୟା ରଥ, ତନ୍ମୟା ମାଝୀ ଓ ସୁଲୋଚନା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଆଦିତ୍ୟ ଆଲୁମିନିୟମ

**ସମ୍ବଲପୁର :** ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି।ଦିବସ ଅବସରରେ ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ପ୍ରତିଯୋଗିତା, ବକ୍ତୃତା, ନୃତ୍ୟ, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସିଏସଆର୍ ମୁଖ୍ୟ ରବି ନିୱାସ ଓ ଉପପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଆଦିତ୍ୟ ଆଲୁମିନିୟମର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଧିବାସୀ ପ୍ରଶଂସା କରିଥିଲେ।

### ନାରି ଜାଗୃତି ମହିଳା ସମିତି

**ସମ୍ବଲପୁର :** ହାଉସିଂବୋର୍ଡ କଲୋନୀସ୍ଥିତ ନାରି ଜାଗୃତି ମହିଳା ସମିତ ପକ୍ଷରୁ ସ୍ଥାନୀୟ ଡାକ୍ତରଖାନାରେ ଶିଶୁ ଦିବସ ପାଳିତ ହୋଇଛି।ସମିତିର ସଭାନେତ୍ରୀ ଓ ଅନ୍ୟାନ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ହାଉସିଂ ବୋର୍ଡ ଡାକ୍ତରଖାନାର ଡାକ୍ତର, କର୍ମଚାରୀ, ଆଶାଦିଦି ଓ ଅଙ୍ଗନବାଡି ଦିଦି ମାନେ ଯୋଗ ଦେଇଥିଲେ। ଦିବସ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଯାଇଥିଲା।

### ହିଣ୍ଡାଲକୋ ହୀରାକୁଦ

**ହୀରାକୁଦ, ୧୪।୧୧(ସମିସ):** ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ପାୱାର କଲୋନୀ କମ୍ୟୁନିଟି ହଲ୍‌ରେ ଶିଶୁ ଦିବସ ଅନୁଷ୍ଠିତ ହୋଇଛି। ହୀରାକୁଦ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ତଥା ଗଡ଼ମୁଣ୍ଡା କ୍ଲଷ୍ଟର ଓ ହୀରାକୁଦ କ୍ଲଷ୍ଟର ୨୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ହିଣ୍ଡାଲକୋ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍‌ଧେ, ସ୍ମେଲଟର ମୁଖ୍ୟ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ ସିଂ, ରୂପେଶ ମହାଜନ ସହକାରୀ ଉପସଭାପତି ଓ ସିଆରସିସି



ହୀରାକୁଦ ଡାନିଆଲ ବାରିକ, ସିଆରସିସି ଗଡ଼ମୁଣ୍ଡା ସୁପ୍ରଭା ସ୍ୱାଇଁ ମିଳିତ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହୀରାକୁଦ, ସରକାରୀ ଉଚ୍ଚବିଦ୍ୟାଳୟ, ମହମ୍ମଦପୁର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍‌ଧେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ପାୱାରପ୍ଲାଣ୍ଟ ମୁଖ୍ୟ ଅରୁଣ ସିଂ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିଶୁଦିବସର ସୁବେଚ୍ଛା ଏବଂ ଉତ୍ତମ ଭବିଷ୍ୟତ କାମନା କରିଥିଲେ। କାର୍ଯକ୍ରମକୁ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ, ମିଳନ କୁମାର ସାହୁ ଓ ରିଯଏସ ନାଗ୍ ପ୍ରମୁଖ ପରିଚାଳନା କରିଥିଲେ।

### ଜେଏସ୍‌ଡବ୍ଲୁ ଫାଉଣ୍ଡେସନ

**ରେଙ୍ଗାଲି, ୧୪।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖଡିଆପଲି ଗ୍ରାମରେ ପ୍ରଥମ ଓଡ଼ିଶା ଫାଉଣ୍ଡେସନ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନର ମିଳିତ ସହଯୋଗରେ ଶିଶୁ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଲପଙ୍ଗା ସରପଞ୍ଚ ମମତା ବେହେରା, ସମିତିସଭ୍ୟା କିରଣ ବେହେରା ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ସମ୍ବଲପୁର ଓ ଝାରସୁଗୁଡାର ସିଏସ୍‌ଆର ମୁଖ୍ୟ ବିଶାଲ ରାଜ, ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣୀ ବାଦି, ଗ୍ରାମ ମୁଖ୍ୟ ସୁଶାନ୍ତ ବାରିକ, ସ୍କୁଲ୍ ଚେୟାରମ୍ୟାନ ମନବୋଧ ଭୋଇ, ଅମୀୟା ଅର୍ପିତା (ସିଏସଆର ସଂଯୋଜକ), ୱାର୍ଡ ମେମ୍ବର ଏବଂ ପ୍ରଥମ ଟିମ୍ ଲିଡର ଅଶୋକ କୁମାର ସେଠୀ ଓ ପ୍ରଥମର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଜମନକିରା ଶିଶୁ ମନ୍ଦିର

**ଜମନକିରା, ୧୪।୧୧(ସମିସ):** ଜମନକିରା ଶିଶୁ ମନ୍ଦିରରେ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଷଣ୍ଢ ପଥର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜଗତ ଦୀପ ପ୍ରଜ୍ୱଳନ କରି ଶିଶୁଙ୍କୁ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଦାୟିତ୍ୱରେ ଥିବା ସସ୍ମିତା ବିଶ୍ୱାଳ ଶିଶୁମାନଙ୍କୁ ଉତ୍ସବର ମହତ୍ତ୍ୱ ବୁଝାଇଥିଲେ। ବିଦ୍ୟାଳୟ ତରଫରୁ ଗୁରୁଜୀ ଉମାକାନ୍ତ ରଣା ଅତିଥିଙ୍କ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଜଣ ଶିଶୁ ଭାଇ ଭଉଣୀ ଉପସ୍ଥିତ ଥିଲେ।ଗୁରୁ ମା ଛବିରାଣୀ ଗଡ଼ନାୟକ ବୈଦିକ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଦ୍ଦାନ୍ତ ଚୋର ଗିରଫ

**ଭେଡେନ, ୧୪।୧୧(ସମିସ):** ଭେଡେନ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଥିବା ଦୁର୍ଦ୍ଦାନ୍ତ ଚୋର ସଂକୀର୍ତ୍ତନ ସାହୁ(୨୫)କୁ ଭେଡେନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ସଂକୀର୍ତ୍ତନ ସାହୁ ଗତ ୧୩ ତାରିଖ ରାତିରେ ଭେଡେନ ଗ୍ରାମର ଧିରୋଜ ବାଗଙ୍କ ମଟର ସାଇକେଲ (ଓଡି୦୩ଆର୪୩୭୭)କୁ ଚୋରି କରି ନେଇ ଯାଇଥିଲା। ତେବେ ଗାଡିର ପେଟ୍ରୋଲ ସାରିଯିବାରୁ ଭେଡେନ ନିକଟସ୍ଥ କୁତପାଲି ଗ୍ରାମରେ ଛାଡି ଦେଇ ସେହି ଗ୍ରାମର ବିରବଲ କଣ୍ଟାଙ୍କ ଘରେ ପଶି ତାଙ୍କ ମଟର ସାଇକେଲ (ଓଡି୧୭ ଭି ୯୩୩୨) କୁ ଚୋରି କରି ନେଇଯାଇଥିଲା। ଏନେଇ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା। ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ତଦନ୍ତ ଆରମ୍ଭ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ଜୀବନଲାଲ ସାହୁ, ଏଏସ୍ଆଇ ଇଯାଜ ମହମ୍ମଦ ଓ ପୁଲିସ ଟିମ ଭେଡେନ ଗ୍ରାମର ସଂକୀର୍ତ୍ତନ ସାହୁକୁ ଗିରଫ କରିଥିଲେ। ଚୋରି ହୋଇଥିବା ମଟର ସାଇକେଲକୁ ଭେଡେନ ଥାନା ଅନ୍ତର୍ଗତ ରେମଣ୍ଡା ଗ୍ରାମର କଲ୍ୟାଣ ମଣ୍ଡପ ନିକଟରୁ ଜବତ କରିଥିଲେ। ଏନେଇ ଭେଡେନ ଥାନାରେ ଅଭିଯୁକ୍ତ ନାମରେ ଦୁଇଟି ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।

# ଜିଲ୍ଲାପାଳଙ୍କ ଗାଡ଼ିକୁ ଅଟକାଇଲେ ଚାଷୀ

**ବରଗଡ଼, ୧୪।୧୧(ସମିସ)**

ଶୁକ୍ରବାର ଅପରାହ୍ନ ୩ ଟାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାରଠୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଚାଷୀମାନେ ଶୁକ୍ରବାର ଦିବା ୧୧ଟା ସମୟରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗାଡିକୁ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇଥିଲେ। ପଞ୍ଜିକରଣ ଦାବିରେ ବସିଥିବା ଚାଷୀଙ୍କୁ ଗେଟ୍ ସମ୍ମୁଖରୁ ଉଠିବା ପାଇଁ ପୁଲିସ କହିଥିବା ବେଳେ ଚାଷୀ ଉଠି ନଥିଲେ। ଘଟଣା ସ୍ଥଳରୁ ପୁଲିସ ସମସ୍ତ ଚାଷୀଙ୍କୁ ଉଠାଇବା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ତେବେ ବରଗଡ଼ ଜିଲ୍ଲାର ପ୍ରାୟ ୫ ହଜାର ଚାଷୀଙ୍କ ପଞ୍ଜିକରଣ ହୋଇ ନ ଥିବା ବେଳେ ଚାଷୀ ପାଞ୍ଚ ଦିନ ଧରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି। ତେବେ ଆଜି ଜିଲ୍ଲାପାଳଙ୍କ ଗାଡିକୁ ଚାଷୀ ଅଟକାଇ ଥିବା ବେଳେ ସମସ୍ତଙ୍କୁ ପୁଲିସ ଉଠାଇ ନେଇ ସନ୍ଧ୍ୟାରେ ଛାଡି ଥିବା ଜଣାପଡ଼ିଛି।



# କୃଷକ ସଂଗଠନ ନେତାଙ୍କୁ ଉଠାଇ ନେଲା ପୁଲିସ

**ଅତାବିରା, ୧୪।୧୧(ସମିସ):** ଶୁକ୍ରବାର ଅପରାହ୍ଣରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ପୂର୍ବରୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ବୁଗବୁଗା ସମିତି ସଭ୍ୟ କୈଳାସ ଧରୁଆଙ୍କୁ ପୁଲିସ ଉଠାଇ ନେଇ ଅତାବିରା ଥାନାରେ ଅଟକ ରଖିଥିଲା। ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ବଞ୍ଚିତ ଚାଷୀଙ୍କୁ ପଂଜୀକରଣ କରିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚାଲିଥିବା ବେଳେ ଶୁକ୍ରବାର ଡିଏଲପିସି ବୈଠକ ଥିଲା। ସମ୍ଭାବ୍ୟ ଅପ୍ରତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ପ୍ରଶାସନ ଚାଷୀ ସଂଗଠନର ନେତାଙ୍କୁ ଘରୁ ଉଠାଇ ଥାନାରେ ଅଟକ ରଖିଥିଲା। ଅପରାହ୍ଣ ୫ଟାରେ ପୁଲିସ ସେମାନଙ୍କୁ ଛାଡ଼ି ଥିବା ଜଣାପଡ଼ିଛି।



# ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

**ବରଗଡ଼, ୧୪।୧୧(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ଆଜି ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଦେଇ ଲେଙ୍ଗୁ ମିଶ୍ର ଛକ, ଅଗ୍ରସେନ ଛକ, ଭଟଲି ଛକ, ଗାନ୍ଧୀ ଛକ ଏବଂ ପ୍ରାଇଭେଟ ବସଷ୍ଟାଣ୍ଡରୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. ହଲଧର ନାଗ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲାଦ ସହାୟ ମିନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ମାଇ ଭାରତ ଭଲ୍ୟୁଣ୍ଟର, ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ଧାର୍ମିକ ଏବଂ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ, କ୍ରିଡା ଓ ଯୁବସେବା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଇ ଭାରତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାରେ ସାଂସଦ ଆତ୍ମନିର୍ଭର ଭାରତ ଏବଂ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ବିଶେଷ, ସନ୍ଥ କବିର ପୁରସ୍କାର ପ୍ରାପ୍ତ ବୁଣାକାର, କ୍ରୀଡାବିତ ଓ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ସାଂସଦ ସମ୍ମାନିତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲାଦ ଖୋସଲା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର ହୁସେନ, ଜିଲ୍ଲା କ୍ରିଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଏବଂ ମାଇ ଭାରତ ଜିଲ୍ଲା ଯୁଥ ଅଫିସର କମଲସା ଦେଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।



# ସମ୍ବଲପୁରୀ ବହି ହାଟ୍ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା

**ସମ୍ବଲପୁର, ୧୪।୧୧(ସମିସ):**ସମ୍ବଲପୁରୀ ବହିହାଟ୍ ଆୟୋଜନ ନେଇ ଶୁକ୍ରବାର କଲମ ପରିବାର ସଦସ୍ୟମାନେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦରଙ୍କ ସହ ଆଲୋଚନା କରିଛନ୍ତି। ଗତ ଦୁଇ ବର୍ଷ ହେଲା ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଓ ଲେଖକଙ୍କୁ ପ୍ରୋତ୍ସାହିତ କରିବା ସହ ପାଠକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଁ ସମ୍ବଲପୁରୀ ବହି ହାଟ୍ ଅନୁଷ୍ଠିତ ହୋଇ ଆସୁଛି। ଆସନ୍ତା ଡିସେମ୍ବର ୧୩ ଓ ୧୪ ତାରିଖ ଦୁଇଦିନ ଧରି ଗଙ୍ଗାଧର ମଣ୍ଡପରେ ବହି ହାଟ୍ ଅନୁଷ୍ଠିତ ହେବ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ ବହି ହାଟ୍ ଆୟୋଜନରେ ସହଯୋଗ ପାଇଁ କଲମ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କଲମ ପରିବାର ଟ୍ରଷ୍ଟର ସଭାପତି ତଫିଜୁଲ ହୁସେନ, ସମ୍ପାଦକ କ୍ଷେତ୍ରମଣି ବିଭାର, କୋଷାଧ୍ୟକ୍ଷ ମହମ୍ମଦ ପରବେଜ ଅଲ୍ଲୀ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, କଲମ ପରିବାର ଟ୍ରଷ୍ଟ ଗତ ୨୦୨୨ ମସିହାରେ ସ୍ଥାପିତ ହୋଇ ସମ୍ବଲପୁରୀ ଭାଷା ସହ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି। ମାସିକ ସାହିତ୍ୟ ଆସର, ଜାତୀୟ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପଶ୍ଚିମ ଓଡ଼ିଶାର ଲେଖକଙ୍କ ଦ୍ୱାରା ରଚିତ ବିଭିନ୍ନ ପୁସ୍ତକର ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନଥିବାରୁ ତାହା ଲୋକ ଲୋଚନକୁ ଆସିପାରୁନି।ଏଭଳି ସ୍ଥିତିରେ କଲମ ପରିବାର ଟ୍ରଷ୍ଟ ଗତ ୨୦୨୩ ଠାରୁ ସମ୍ବଲପୁରୀ ବହି ହାଟ୍ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଏଭଳି ଆୟୋଜନ ଦ୍ୱାରା ପାଠକମାନେ ମଧ୍ୟ ସୁବିଧାରେ ପଶ୍ଚିମାଞ୍ଚଳରେ ଥିବା ଲେଖକଙ୍କ ବହୁ ପୁସ୍ତକ ବାବଦରେ ଅବଗତ ହେବା ସହ ବହି କିଣି ଲେଖଙ୍କୁ ପ୍ରୋତ୍ସାହିତ କରି ଆସୁଛନ୍ତି ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



# ରବିବାରଠାରୁ ସମ୍ବଲପୁର ମହୋତ୍ସବ

## ଆକର୍ଷଣ ସାଜିବ ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପିନ୍ଧନପଟା

**ସମ୍ବଲପୁର, ୧୪।୧୧ (ସମିସ):** ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆସନ୍ତାକାଲି(ରବିବାର) ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ବିର୍ସା ମୁଣ୍ଡା ପଡ଼ିଆରେ ସମ୍ବଲପୁର ମହୋତ୍ସବ ୨୦୨୫ ଅନୁଷ୍ଠିତ ହେବ। ୯ଟା ସମୟରେ ସମଲେଇ ମନ୍ଦିରରୁ ଶୋଭାଯାତ୍ରା ବାହାରି ବିର୍ସା ମୁଣ୍ଡା ପଡ଼ିଆରେ ଶେଷ ହେବ। ୧୫ ଦିନଧରି ମୋହତ୍ସବରେ ପଶ୍ଚିମ ଓଡ଼ିଶାର ନେତା, ମନ୍ତ୍ରୀ, ବିଧାୟକ ଓ କଳାକାରମାନେ ଯୋଗ ଦେବା ସହିତ ନୂଆନୂଆ କଳାକାରଙ୍କୁ ଉତ୍ସାହିତ କରିବେ। ମହୋତ୍ସବର ଶେଷ ଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।ସକାଳ ସମୟରେ ସେମିନାର, କର୍ମଶାଳା ଇତ୍ୟାଦି ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ୨୧ ତାରିଖ ପର୍ଯ୍ୟନ୍ତ ହେଉଥିବା ବେଳେ ମିନାବଜାର ଓ ଅନ୍ୟାନ କାର୍ଯ୍ୟକ୍ରମ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁଫି ଗାୟକ ପଦ୍ମଶ୍ରୀ ଭାରତୀ ବନ୍ଧୁ, ଡ.ଭାରତୀ ବନ୍ଧୁ ଯୋଗ ଦେବା ନେଇ ଆୟୋଜକ ପକ୍ଷରୁ ସୂଚନା ଦିଆଯାଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ରହିବେ। ଉଦ୍‌ଘାଟନୀ ଦିନ ସକାଳ ସାମ୍ବାଦିକ ସମ୍ମିଳନୀରେ ସଦାନନ୍ଦ ପଣ୍ଡା, ସଂସ୍କୃତି ରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ପ୍ରାକ୍ତନ ପ୍ରଶାସକ ରତ୍ନ ଭୂଷଣ ପୂଷେଠ୍, ସଂଯୋଜକ ଡ଼. ସପନ ମିଶ୍ର, ସମାଜସେବୀ ଭାରତୀ ପଣ୍ଡା, ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ଲକ୍‌ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଅଭିଯାନ

**କୁଚିଣ୍ଡା, ୧୪।୧୧(ସମିସ):**ସମ୍ବଲପୁର ଜିଲ୍ଲା କୁଚିଣ୍ଡାସ୍ଥିତ ଟାଉନହଲରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଏମ୍‌ପି ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ, ମନ୍ତ୍ରୀ ପ୍ରତିନିଧି ସୁଶିଲ କର, ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଡିଏସ୍‌ଏସ୍‌ଓ ସୈଚ୍ଛର ଚନ୍ଦ୍ର ପାଣି, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭିମସାର ବୁର୍ଲାର ବିଭିନ୍ନ ବିଭାଗର ତଥା ଶାରୀରିକ, ମାନସିକ, ସିକଲ ସେଲ, ଦୃଷ୍ଟି ଜନିତ, ଶ୍ରବଣ ଜନିତ, ମେଡିସିନ ବିଭାଗର ବିଶେଷଜ୍ଞ ମାନେ ଆସିଥିଲେ। ଶିବିରରେ ସମୁଦାୟ ଭିନ୍ନକ୍ଷମ ଆବେଦନକାରୀ ୨୧୪ ଜଣ ପଞ୍ଜୀକରଣ କରିଥିଲେ। ଏଥିରେ ୫ଜଣଙ୍କୁ ହ୍ୱିଲ ଚେୟାର, ୫ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମକୁ ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ପରିଚାଳନା କରିଥିଲେ।

# ଲିଙ୍ଗ ନିରୂପଣ ନିଷିଦ୍ଧ ପାଇଁ ଟାସ୍କ ଫୋର୍ସ କମିଟି ବୈଠକ

**ସମ୍ବଲପୁର, ୧୪।୧୧(ସମିସ):**ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ର ଚତୁର୍ଥ ଜିଲ୍ଲା ପରାମର୍ଶ ଦାତା ଏବଂ ଟାସ୍କ ଫୋର୍ସ କମିଟି ବୈଠକ ଶୁକ୍ରବାର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲିଙ୍ଗ ନିରୂପଣକୁ କିଭଳି କଡ଼ାକଡ଼ି ଭାବରେ ରୋକାଯାଇ ପାରିବ ଆଲୋଚନା କରାଯାଇଥିଲା। ସୂଚନା, ଡାକ୍ତରଖାନା ଏବଂ ବିଭିନ୍ନ ଅଞ୍ଚଳରେ ହୋର୍ଡିଂ ଲଗାଇ ଜନସଚେତନ କରାଇବା ପାଇଁ ନିଷ୍ପତି ନିଆଗଲା। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକୁ ନିୟମିତ ତନଖି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ବ୍ଲକସ୍ତରରେ ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୁଣହତ୍ୟା ସମ୍ବନ୍ଧିତ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥିର କରାଗଲା। ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଦୀପ କୁମାର ହୋତା, ଡ. ଚୁଲବତି ସାହୁ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ତଥ୍ୟକୁ ବୁଧ ରଞ୍ଜନ ଭୋଇ, ସହକାରୀ ପରିଚାଳକ(ଆଇନ ବ୍ୟାପାର) ଉପସ୍ଥାପନ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଜମନକିରା, ୧୪।୧୧ (ସମିସ):** ମୁଣ୍ଡେନପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗ ର ଜ୍ଞାନବିଜ୍ଞାନ କାର୍ଯ୍ୟକ୍ରମର ପନିପରିବା ଓ ଶସ୍ୟ ମେଳା ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରୋଜ କୁମାର ନାଥ ଏବଂ ସମ୍ପାଦକ ରଞ୍ଜନ କୁମାର ନାଥ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ପ୍ରଣତୀ ବଡ଼ାଇ ଓ ଗୁରୁମା ଦୀପାଞ୍ଜଳୀ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିଶୁ ବାଟିକାର ଅରୁଣ, ଉଦୟ ଓ କିରଣ ଶ୍ରେଣୀର ଶିଶୁମାନେ ବିଭିନ୍ନ ପନିପରିବା ଓ ଶସ୍ୟ ପସରା ହାଟ ବଜାର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ବାଘ ଏବଂ ଶିଶୁବାଟିକା ବିଭାଗ ପ୍ରମୁଖ ପ୍ରଣତୀ ବଡ଼ାଇ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ଶିବାନୀ ବାଗ, କଲ୍ୟାଣୀ ଷଡ଼ଙ୍ଗୀ, ସୌଦାମିନୀ ଭୋଇ, ମନିଷା ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ପଦ୍ମାଳୟା ବିଶି ସହଯୋଗ କରିଥିଲେ।କାର୍ଯ୍ୟକ୍ରମକୁ ଅବିଭାବକମାନେ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ ଦିବସ ପାଳନ କରାଯାଇ ଶିଶୁଙ୍କୁ ଗୁରୁଜୀ ଗୁରମା ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ଶିଶୁଙ୍କ ଦ୍ୱାରା ଗୀତ ଏବଂ ନୃତ୍ୟ ପରିବେଷଣ ହୋଇଥିଲା। ଗୁରୁମା ଅନୀତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର



**ଜମନକିରା, ୧୪।୧୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସମ୍ବଲପୁର ଭୀମସାର ବୁର୍ଲା ଆଇପିଏଚ୍ଏ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମସଶକ୍ତି କରଣ ବିଭାଗ ପକ୍ଷରୁ ଜମନକିରା ବ୍ଲକ ମିଶନ ଶକ୍ତି ଭବନରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୋଟ ୧୪୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶ୍ରବଣ ବାଧିତ ୧୭ଜଣ, ଦୃଷ୍ଟି ବାଧିତା ୧୨ଜଣ, ମାନସିକ ବିକୃତି ୩୨ଜଣ ଏବଂ ଶାରିରୀକ ଅକ୍ଷମତା ୮୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ରକ୍ରମକୁ ଜମନକିରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଉଦ୍‌ଘାଟନ କରିଥିବା ବେଳେ ଡିଏସଏସଓ ସୌରଚନ୍ଦ୍ର ପାଣି, ବିଏସଏସଓ ରଞ୍ଜିତ କୁମାର ସାହୁ, ଅଜିତ କୁମାର ସାହୁ, ସୁଧୀର କୁମାର ସେନାପତି ପରିଚାଳନା କରିଥିଲେ। ବୁର୍ଲା ଭିମାସାରରୁ ଶାରୀରିକ ଅକ୍ଷମତା ଡ଼.ସହୁନ ସାମଲ, ଚକ୍ଷୁ ବିଶେଷଜ୍ଞ ଡ଼.କାବ୍ୟ ନଜରିନ, ଶ୍ରବଣ ବିଶେଷଜ୍ଞ ଡ଼ା ରଶ୍ମିତା ନାୟକ, ଭେଷଜ ବିଶେଷଜ୍ଞ ଡ଼. ସଞ୍ଜୀବ ମିଶ୍ର, ଡ.ରଞ୍ଜନ କୁଜୁର, କ୍ଲିନିକାଲ ସାଇକୋଲୋଜିଷ୍ଟ ଆର ଶତପଥୀ, ଅଡିଓଲୋଜିଷ୍ଟ ଓମ୍ ପ୍ରକାଶ ସାମନ୍ତ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜୟ କିଷାନ ଆନ୍ଦୋଳନର ବ୍ଲକ୍‌ସ୍ତରୀୟ ସମ୍ମିଳନୀ

**ସୋହେଲା, ୧୪।୧୧(ସମିସ):** ସୋହେଲା ବ୍ଲକ ସରକଣ୍ଡା ବଜାର ପ୍ରାଙ୍ଗଣରେ ଆଜି ଜୟ କିସାନ ଆନ୍ଦୋଳନ ସୋହେଲା ବ୍ଲକ ପକ୍ଷରୁ ସଭାପତି ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଚାଷୀମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଯୋଗଦେଇଥିଲେ। ସମ୍ମିଳନୀରେ ଧାନ ବିକ୍ରି ସମସ୍ୟା, କଟନୀ ଛଟନୀ, ବିଜୁଳି ସମସ୍ୟା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସୋହେଲା ବ୍ଲକର ୨୭୩ ଗୋଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଥିବା ଏବଂ ସ୍ୱାସ୍ଥ୍ୟବସ୍ଥାର ଦୂରାବସ୍ଥାକୁ ନେଇ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ନେଇ ଜିଲ୍ଲା ବ୍ୟାପି ଆନ୍ଦୋଳନ କରାଯିବାକୁ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଂଗରାଜ, ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚଞ୍ଚଳ ପ୍ରଧାନ, ଅରୁଣ କୁମାର ସାହୁ, ମହେଶ୍ୱର ପ୍ରଧାନ, ଭଞ୍ଜନ ବାରିକ, ସରୋଜ ପଧାନ, କୁନା ବେହେରା, ତପୋବନ୍ତ ନାୟକ, ଡୋଲାମଣି ଭୋଇ, ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ କୃଷୀ ଉପକରଣ ତିଆରି କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା ସରକଣ୍ଡା ଗ୍ରାମର ଚାଷୀ ସଦାନନ୍ଦ ବୁଧିଆଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସୁରଶେନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ପ୍ରତିଭା ଓ ସ୍ମୃତି ସମ୍ମାନ ଉତ୍ସବ

**ବରଗଡ଼, ୧୪।୧୧(ସମିସ)**

ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିଶୁ ଦିବସ ପାଳନ ଅବସରରେ ଶିଶୁ ପ୍ରତିଭା ସମ୍ମାନ ଓ ସ୍ମୃତି ସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରପାଲି ଫର୍ମାସିଟିକାଲ ମହାବିଦ୍ୟାଳୟର ଚେୟାରମ୍ୟାନ୍ ନରେନ୍ଦ୍ର କୁମାର ହୋତା, ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ବରଗଡ଼ ଜିଲ୍ଲା ସଭାପତି ଡା. ଅରୂପା ନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସର୍ଦ୍ଦାର ପ୍ରିତମ ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦିଲ୍ଲୀପ କୁମାର ପଣ୍ଡା, ସମଜସେବୀ ସୁରେନ୍ଦ୍ର ପାତ୍ର, ଟୋପ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଧୀର କୁମାର ରଥ, ସିଲାଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସହକାରୀ ସଂସ୍କୃତ ଶିକ୍ଷକ ଦିଲ୍ଲୀପ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାଜ ବାର୍ତିଆ, ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ, ସୁଇଟ ସ୍ମାଇଲ ବରପାଲିର ମୁଖ୍ୟ ତଥା ଓଡ଼ିଶା ରାଜ୍ୟ ଅର୍ଥୋପେଡ଼ିକ ସଂଘର ପୂର୍ବତନ ସାଧାରଣ ସମ୍ପାଦିକା ମଞ୍ଜୁଲତା ଦାଶ, କବିତା ମେହେର ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରୁ ଅତିଥିଗଣ ସ୍ୱର୍ଗତ ସୂର୍ଯ୍ୟ ପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦୃଷ୍ଟି ବାଧିତ ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ ସଭା ସଂଯୋଜନା କରିଥିଲେ। ହାସ୍ୟକବି ଦେବେନ୍ଦ୍ର ସାହୁ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ହୋତା ସବୁବର୍ଗର ହୃଦୟବାନ ବ୍ୟକ୍ତିମାନେ ଏ ଦିବ୍ୟାଙ୍ଗ ଶିଶୁମାନଙ୍କ ଉନ୍ନତି ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ। ଏହି ଅବସରରେ ତିନି ଜଣ ମେଧାବୀ ଶିଶୁଙ୍କୁ ରାମଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ, ତିନିଜଣବହୁମୁଖୀ ପ୍ରତିଭାବାନ ଶିଶୁଙ୍କୁ ଶାନ୍ତନୁ କୁମାର ରଣା ସ୍ମୃତି ସମ୍ମାନ, ତିନିଜଣ ଶିଶୁଙ୍କୁ ଡାକ୍ତର ରୁକ୍ମିନୀ ମିଶ୍ର ସ୍ୱଚ୍ଛତା ସମ୍ମାନ ଓ ଜଣେ ବାଳିକାକୁ ଲତାବରିହା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଜନତା ସଂଘର୍ଷ ସମିତି ବରଗଡ଼ ସ୍ୱେଚ୍ଛାସେବୀ ଜନକଲ୍ୟାଣ ସଂଗଠନ ପକ୍ଷରୁ ୨୦୨୫ ବର୍ଷ ନିମନ୍ତେ ପାଇକମାଳ ବ୍ଲକ ନୃସିଂହନାଥ ପୀଠ ଭାଗବତ ତତ୍ତ୍ୱ ଯୋଗାଶ୍ରମର ଆଧାତ୍ମିକ ବ୍ୟକ୍ତି ବ୍ରହ୍ମଚାରୀ ଯୋଗାଚାର୍ଯ୍ୟ ଧରମଚାନ୍ଦ ପଧାନଙ୍କୁ ଉଲ୍ଲେଖନୀୟ ସମାଜସେବା ପାଇଁ ସୂର୍ଯ୍ୟ ପ୍ରକାଶ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ତାରାକାନ୍ତ ସାହୁ ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା କରିଥିଲେ। ପରିଚାଳନା କମିଟି ସଦସ୍ୟ ସମାରୁ ପଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ନେଇଥିବା ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର ଭୋଇ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅନ୍ୟ କର୍ମଚାରୀଙ୍କ ସମେତ ସମିତିର ସଭ୍ୟମାନେ ସହଯୋଗ କରିଥିଲେ। ପରେ ସମିତି ଓ ସୁଇଟ ସ୍ମାଇଲ ବରପାଲି ପକ୍ଷରୁ ପ୍ରାୟ ୧୫ ଜଣ ଚଳନ ବାଧିତ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ତିନି ଚକିଆ ସାଇକଲ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କଳା ଶିକ୍ଷକ ଦୁଖୀ ସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ଗାଇସିଲେଟ, ୧୪।୧୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ବିଡିଓ ଲକ୍ଷ୍ମଣ ମାଝୀଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡ଼ତିଆ ଏବଂ ମୁଖ୍ୟବକ୍ତା ଭାବରେ ଜିଲ୍ଲା ସହକାରୀ ପ୍ରାଣୀ ଚିକିତ୍ସକ ଡ. ଅକ୍ଷୟ କୁମାର ମହାଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ସୁଭସ୍ମିତା ଘଡେଇ, ସାଂସଦ ପ୍ରତିନିଧି ସଞ୍ଜୟ କୁମାର ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଆମ୍ବା ଅଧ୍ୟକ୍ଷା ସୁପ୍ରଭା ବାରିକ ପ୍ରମୁଖ ଯୋଗଦେଇଥିଲେ। ନବୀନ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବାବେଳେ ଡ.ରାନୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ରଶ୍ମିରଞ୍ଜନ ମହାନ୍ତି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଉପରେ ଅବଗତ କରାଇଥିଲେ। ଏହି ମେଳାରେ ମିଶନ ଶକ୍ତି, ମିଲେଟ ମିଶନ, ଆଇସିଡ଼ିଏସ, ପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନ ହୋଇଥିଲା। ଏଥିରେ ଗାଈ, ଛେଳି ଓ କୁକୁଡ଼ା ପାଳନ ଏବଂ ମାଛ ଚାଷ କରି ସଫଳତା ହାସଲ କରିଥିବା ଅଚ୍ୟୁତାନନ୍ଦ ସାହୁ, ମୋନିକା ମହାନ୍ତି, ଅଙ୍ଗୁରି ସାହୁ, ବୃନ୍ଦାବତି ସାହୁ, ମା' ଗୋୟେଲ ବିନ୍ଧନ ସ୍ୱୟଂ ସହାୟକ ଗୋଷ୍ଠୀ, ପୁଷ୍ପା ପଧାନ, ସୋନିକା ପଧାନ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପ୍ରମୁଖ ଚାଷୀଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ଚେକ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ଭେଙ୍କଟେସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଧ୍ୟମିକ ଶିକ୍ଷକ, କର୍ମଚାରୀ ସମାବେଶ



**ବେଲପଡ଼ା, ୧୪।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଡିଆର ମେହେର ହାଇସ୍କୁଲରେ ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସମାବେଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ କ୍ରମେ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏଡିଇଓ ପ୍ରଦୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଲପଡ଼ା ବିଇଓ ଅଭିନବ ମିଶ୍ର, ଜେଏନଭି ଅଧ୍ୟକ୍ଷ ରାଜନାରାୟଣ ମେହେର ଓ ଅବସରପ୍ରାପ୍ତ ପ୍ରଫେସର ସରଙ୍ଗାଧର ଠାକୁର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ବିଶାଳ ବେହେରା ବିବରଣୀ ପଠନ କରିଥିଲେ। ଶିକ୍ଷକ କୁଶପୃଷ୍ଟି ବାଗ, ଭକ୍ତଚରଣ ବାଗ, ସୁଜାତା ମେହେର, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, କବିତା ମେହେର, ହେମନ୍ତ ବାଗ, ପ୍ରେମାନନ୍ଦ ନାଗ, ରାକେଶ ସା ପ୍ରମୁଖ ମଞ୍ଚ ପରିଚାଳନା କରିଥଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭେଙ୍କଟେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ୨୪ଟି ହାଇସ୍କୁଲର ୨୩୭ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ୬ ଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବେଲପଡ଼ା ବ୍ଲକର ବିଭିନ୍ନ ହାଇସ୍କୁଲରେ ନୂତନ ଭାବେ ଯୋଗ ଦେଇଥିବା ୧୫ଜଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

## ଧରମ ସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶିଶୁ ଦିବସରେ ଶିଶୁ ମୃତ, ୩ ଶିକ୍ଷକ ନିଲମ୍ବିତ

**ନୂଆପଡ଼ା, ୧୪।୧୧(ସମିସ)**

ପବିତ୍ର ଶିଶୁ ଦିବସରେ ଶିଶୁଙ୍କ ପାଇଁ ବିଦ୍ୟାଳୟ ଗୁଡିକରେ ଉତ୍ସବ ପାଳନ କରାଯାଉଥିବାବେଳେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଧରମସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଜଣେ ଶିଶୁ ବିଦ୍ୟାଳୟ ପରିସରରେ ଝୁଣ୍ଟି ହୋଇ ମୃତ୍ୟୁବରଣ କରିଥିବା ବେଳେ ଏହି ମାମଲାରେ ପ୍ରଧାନଶିକ୍ଷକ ସମେତ ୩ଜଣ ଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ବେଳେ ୩ଜଣଙ୍କ ନାଁରେ କାରଣ ଦର୍ଶାଅ ନୋଟିସ କରାଯାଇଛି। ଗାଁର ଯଦୁମଣି ଶବର ଏବଂ ଭାନୁମତିଙ୍କ ପୁଅ ମନୋଜ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟରେ ପ୍ରାର୍ଥନା ଶ୍ରେଣୀ ହେବା ପୂର୍ବରୁ ଖେଳୁଥିବା ସମୟରେ ଝୁଣ୍ଟି ହେବାରୁ ମତ୍ୟୁ ଘଟିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ ଆଜି ଶିଶୁ ଦିବସ ହୋଇଥିଲେ ସୁଦ୍ଧା ବିଦ୍ୟାଳୟରେ



ଶିକ୍ଷକମାନେ ଠିକ ସମୟରେ ପହଞ୍ଚି ନଥିଲେ। କୁଆଡେ ସାଢେ ୧୦ଟା ସମୟରେ ମନୋଜ ସାଙ୍ଗମାନଙ୍କ ସହ ଖେଳୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ସେଠାରେ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବାପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋମନା ବିଇଓ ଅନୀତା ପଣ୍ଡା, ବିଆରସିସି ରାଧାକାନ୍ତ ତାଣ୍ଡି, ସିଆରସିସି କମଳାକାନ୍ତ ଦାସ, ଅନନ୍ତ ପ୍ରଧାନ ଯାଇ ସରଜମିନ ତଦନ୍ତ କରିଥିଲେ। ପୁଣି ଥରେ ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସ୍କୁଲ ପରିଦର୍ଶନରେ ଯାଇ ସବିଶେଷ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନଶିକ୍ଷକ ବନିତା ହରପାଲ ସମେତ କଲ୍ୟାଣୀ ମାଝୀ, ମୂରଲୀଧର ମାଝୀଙ୍କୁ ଜିଲ୍ଲାଶିକ୍ଷାଧିକାରୀ ମହାନ୍ତି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ସହକାରୀ ଶିକ୍ଷକ ଅହଲ୍ୟା ଶବର, ଡଗରେଶ୍ୱର ସାହୁ, ମୀନାକ୍ଷୀ ପ୍ରଧାନଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହୋଇଥିଲା। ସମସ୍ତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଉ ବୋଲି ଦାବି କରିଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ସଲାସୁତୁରା କରି ହାତ ଗଣତି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରି ବାକି ଶିକ୍ଷକଙ୍କ ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ହେଉଛି ନା ନାହିଁ ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ ଯେ ଆଜିକୁ ବର୍ଷକ ତଳେ ଖଡିଆଳ ବ୍ଲକ ବଡମହେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜଣେ ଶିଶୁ ପାଚେରୀରୁ ପଡ଼ି ମୃତ୍ୟୁବରଣ କରିଥିବା ଖବର ଦାଣ୍ଡରେ ଗଡ଼ି ହାଟରେ ପଡ଼ିଥିଲେ ମଧ୍ୟ ଫାଇଲ ତଳେ ଚାପି ହୋଇଗଲା।





ନୂଆପଡ଼ା ଉପନିର୍ବାଚନ ଭୋଟ୍ ଗଣତି ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଓ ତଥ୍ୟ ସଂଗ୍ରହ ପାଇଁ ସାମ୍ବାଦିକଙ୍କ ଅପେକ୍ଷା

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**କଣ୍ଟାବାଞ୍ଜି, ୧୪।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାପାଣି ଗାଁ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତେବେ ମୃତକଙ୍କ ପରିଚୟ ମିଳିନି। ଗୁରୁତର ବ୍ୟକ୍ତି ହେଲେ ସାହାଜପାଣି ଗାଁର ରାଜେନ୍ଦ୍ର ଭୋଇ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବଙ୍ଗୋମୁଣ୍ଡା ଅଗ୍ନିଶମ ବାହାନୀ ପହଞ୍ଚି ଉଭୟଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ବଙ୍ଗୋମୁଣ୍ଡା ପୁଲିସ ତଦନ୍ତ ଆରମ୍ଭ କରିଛି।

# ଲୋଇସିଂହା କପ୍: ବରଗଡ଼ ବିଜୟୀ



**ଲୋଇସିଂହା, ୧୪।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଉତ୍ସବ ଅବସରରେ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ଲୋଇସିଂହା କପ୍-୨୦୨୫' ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ସୋନପୁରର ରାମଧୁନ କ୍ଲବ୍ ଓ ବରଗଡ଼ ମୁଣ୍ଡା ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବରଗଡ଼ ମୁଣ୍ଡା ଫୁଟବଲ କ୍ଲବ୍ ବିଜୟୀ ହୋଇଛି। ଲୋଇସିଂହା ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଓ ଆଥଲେଟିକ ଆସୋସିଏସନ ଅନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏସବିଆଇ ବ୍ୟାଙ୍କ୍ ପରିଚାଳକ ଶାଲିନି କୁଲ୍ଲୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଜମିଦାର ଅର୍ଚ୍ଚନା ଦେବୀ ସିଂ ରାଏ, ସରପଞ୍ଚ ନବକିଶୋର ନାଏକ, ଟ୍ରଷ୍ଟ ବୋର୍ଡ ସମ୍ପାଦକ ସ୍ମିତା ମିଶ୍ର ଯୋଗ ଦେଇଥିଲେ। ଦିଲୀପ ବେହେରା ସଭାପତିତ୍ୱ କରିଥିଲେ। ଶନିବାର ଲୋଇସିଂହା ଆଥଲେଟିକ ଆସୋସିଏସନ ଓ ବୌଦ୍ଧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସୁଦୀପ ତରିଆ, କରୁଣାକର ପଧାନ, ସୁରେଶ ନାଏକ ଓ ରୋସନ ମେହେର ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଏଥିରେ ରଞ୍ଜନ ବେହେରା, ଭଗବତିଆ ଭୋଇ, ଶିବ ଅଗ୍ରୱାଲ, ଟିକୁ ପାଣ୍ଡିଆ, ଦେବ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ହସିଲେ ଦେଶ ହସିବ







## ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଜୟପାଟଣା, ୧୪।୧୧ (ସମିସ):** ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଲଳିତ କୁମାର ନାଏକଙ୍କ ସଭାପତିତ୍ୱ ସଭାରେ ମୁଖ୍ୟଅତିଥି ଭାବେ ପ୍ରଭାକର ଦାସ, ମୁଖ୍ୟ ପ୍ରବନ୍ଧକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପାଟଣା ଶାଖା, ବିଦ୍ୟାଳୟ ସଭାପତି ଉମାଶଙ୍କର ଦୀପ, ମାରୁତି କମ୍ପାନୀ ରାଜାରାମ ଧଙ୍ଗଡ଼ାମାଝି, ସବ୍ୟସାଚୀ କରୁନ, ପ୍ରମୋଦ ମାଝୀ, ମୀନା ମଞ୍ଚ ଅଧ୍ୟକ୍ଷ ମମତାଜ ରାଣୀ, ଉପାଧ୍ୟକ୍ଷ ଥବିର ପୁଝାରୀ, ଶିକ୍ଷକ କୋଟେଶ୍ୱର ରାଓ, ଶଶି ଭୂଷଣ ଦଳପତି, ସୁଜିତ୍ କୁମାର ସାହୁ, ଶିକ୍ଷୟିତ୍ରୀ ଉପମା ବାଗ, ଦିବ୍ୟ ମଞ୍ଜରୀ ଦୁର୍ଗା, ରୁଚିରା ନାୟକ, ଉଦ୍ଧବ ବାଗ ପ୍ରମୁଖ ମଞ୍ଚାସିନ ଥିଲେ। ଶିଶୁ ହସିଲେ ଦେଶ ହସିବ ଏହି ମର୍ମରେ ଉପସ୍ଥିତ ଅତିଥି ସମୂହ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ମାରୁତି ଏଣ୍ଟରପ୍ରାଇର୍ଜସ ଭବାନୀପାଟଣା ପକ୍ଷରୁ ଛାତ୍ରଛାତ୍ରୀ ଗହଣରେ କେକ କାଟିଥିଲେ। ସୁରଭି ବିଜେତା କ୍ଲଷ୍ଟର, ବ୍ଲକ, ଜିଲ୍ଲାସ୍ତରରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ସହ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ସଭାକୁ ଶିକ୍ଷକ ରଞ୍ଜନ ବରିହା ପରିଚାଳନା କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**କେସିଙ୍ଗା, ୧୪।୧୧(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନସେବା ସମିତି କେସିଙ୍ଗା ଦୀପ୍ତା ସେଠୀ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଆଜିର ଦିବସର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଏଥିରେ କେସିଙ୍ଗା ଆଦର୍ଶ ଥାନାର ଏଏସଆଇ ରାହାସ ବିହାରୀ ସା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବେହେରାଙ୍କ ସମେତ ବିଦ୍ୟାଳୟର ଛାତ୍ରୀବୃନ୍ଦ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତାଲୁକ୍ ଆଇନ ପ୍ରାଧିକରଣ ସେବା ସମିତି

**ଥୁଆମୂଳରାମପୁର, ୧୪।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କାଣିଗୁମା ଠାରେ 'ଶିଶୁ ଦିବସ'ଅବସରରେ ସଚେତନତା କାର୍ଯ୍ୟକ୍ରମ ସହିତ 'ଶିଶୁ ମହୋତ୍ସବ'୨୦୨୫ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍ ସେବା ସମିତି ଥୁଆମୂଳରାମପୁର ଏବଂ ଅଞ୍ଚଳର 'କର୍ତ୍ତବ୍ୟ'ର ମିଳିତ ଆନୁକୂଲ୍ୟରେ କାଣୀଗୁମା ସ୍ଥିତ ଖଣ୍ଡୁଆଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଥୁଆମୂଳରାମପୁର ତାଲୁକ୍ ଆଇନ ପ୍ରାଧିକରଣ ସେବା ସମିତି ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ। ସିଡିପିଓ ମଧୁବାଳା ବାଗ, କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ, ଆଇନଜୀବୀ ମନରଞ୍ଜନ ନାଏକ, ଆଇନଜୀବୀ ଦେବବ୍ରତ ଯୋଷି, ଆଇନଜୀବୀ ପଲ୍ଲବୀ ପ୍ରୀୟଦର୍ଶିନି ମୁଣ୍ଡଛିନା, ସମିତି ସଭ୍ୟ ଉପେନ୍ଦ୍ର ନାଏକ, ସୁପର ଭାଇଜର ସବ୍ୟା ମାଝୀ, ଜେଏମ୍‌ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସ୍ଥାନୀୟ ଖଣ୍ଡୁଆଳ ମନ୍ଦିର ଠାରୁ କାଣିଗୁମା ଛକ ପର୍ଯ୍ୟନ୍ତ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାଣିଗୁମା ଓ ଥୁଆମୂଳ ପଞ୍ଚାୟତ ଯଥା, ଡରାଗାଁ, ଟେଭାମହୁଲ, ଚାଟିକାନା, ଧୁଳିଗୁଡ଼ା, କାଣୀଗୁମା, ଧୁଳିଗୁଡ଼ା, ଜବାଙ୍ଗ, ପୋଷ୍ଟିଗୁଡ଼ା, ରାଣୀ ଡୁମେର, ଥୁଆମୂଳ, କରାଙ୍ଗ, କଣ୍ଟାବାଞ୍ଜି, ଲାଠିଆଗୁଡ଼ା ଗ୍ରାମର ଶତାଧିକ ଶିଶୁମାନେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇ ଥିଲେ। କର୍ତ୍ତବ୍ୟ'ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଜିତେନ୍ଦ୍ର ମେହେର, ସୁଦର୍ଶନ ନାଏକ, ଅମିତ ନାୟକ, ସୁମିତ୍ ବାଗ, ସୋନାଲି ଦାସ, ରାଜେଶ ବାଣୁଆ, ତୁଳସିରାମ ମାଝୀ, ପ୍ରତିମା ସୁନାନି, ମୁରଲି ବିଶ୍?ାଳ, ହରେକୃଷ୍ଣ ନାଏକ, ଘାସିରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ। 'କର୍ତ୍ତବ୍ୟ' ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ



**ଥୁଆମୂଳରାମପୁର, ୧୪।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଓଡିଆ ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ ପାଳନ ହୋଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୀତାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମର ଜ୍ୟୋତି ଫାଉଣ୍ଡେସନର ପ୍ରକଳ୍ପ ସମନ୍ୱୟକାରୀ ଆଲୋକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୋଡାଲ ସିଆରସିସି ସୁନାଧର ମାଝୀ, ସ୍ୱେଚ୍ଛାସେବୀ ସୁମନ୍ତ କୁମାର ରଣା ଏବଂ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କ୍ୱିଜ୍, ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦେବବ୍ରତ ଦାଶ, ବିଶ୍ୱନାଥ ହେମ୍ବ୍ରମ, ଆଲୋକ ମହନ୍ତ, ପ୍ରଦୀପ କୁମାର ନାଗ, ସଞ୍ଜୀବ କୁମାର ଭୂଏ, ପରମେଶ୍ୱର ସାମଲ, ରଣଜିତ ସାହୁ, ହିମାଦ୍ରି ନାଏକ ନାଗେଶ କର, ମଳୟ କୁମାର ସରାବୁ, ଶିକ୍ଷୟିତ୍ରୀ ସଙ୍ଗୀତା ଧରୁଆ, ଶିକ୍ଷୟିତ୍ରୀ ଲିପିଶ୍ରୀ ବାରିକ, ଶିକ୍ଷକ ଲୋହିତ ନାଗ, ଧରିତ୍ରୀ ବିଭାର, ଶିକ୍ଷୟିତ୍ରୀ କ୍ରୀଷ୍ଟା ମୁଣ୍ଡ, ସୁଜାତା କୋଚିନ, ଶିକ୍ଷକ ନଳ ନିଆଲ, ବିକୁ କାଟା, ସଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ତ୍ରିବିକ୍ରମ ନାଏକ ଏବଂ ଦୁର୍ବନ୍ତ ଗୋପାଳ ସହଯୋଗ କରିଥିଲେ।

## ମନମୋହିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

# ୬୧ ତମ ମହାବୀର ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା, ୧୪।୧୧(ସମିସ)**

ସାତଦିନ ବ୍ୟାପି ମହୋତ୍ସବ ପାଳନ ସହିତ କଳାହାଣ୍ଡିର କଳା, ସଂସ୍କୃତି, ପରମ୍ପରାର ମହାସଂଗମ ପାଲଟିଥିବା ୬୧ତମ ମହାବୀର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା ପ୍ରମୁଖ



ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା ଓ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାର କୃତୀ ସନ୍ତାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସର୍ବଶ୍ରେଷ୍ଠ ମହାବୀର ସମ୍ମାନ ବିଶିଷ୍ଟ କବି, ଲେଖକ ଓ ଗୀତିକାର ସତ୍ୟ ନାରାୟଣ ନାଏକଙ୍କୁ ପ୍ରଦାନ କରାଯାଇଥିବାବେଳେ ବାଲେଶ୍ୱରର ନାଟ୍ୟ ନିର୍ଦ୍ଦେଶକ ସୁସ୍ମିତା ରଣାଙ୍କୁ ରାଜ୍ୟସ୍ତରୀୟ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ, ଯୁବ କ୍ରୀ?ାବିତ ଆକାଶ ମୁଣ୍ଡଙ୍କୁ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ, ନଳିନୀପ୍ରଭା ନାଏକଙ୍କୁ ପଦ୍ମା ଷଡ଼ଙ୍ଗୀ ସୁଗୃହିଣୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଏହାପରେ ପରେ ମହାବୀର ମଞ୍ଚରେ ଜାତୀୟ ସ୍ତରୀୟ ଲୋକନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ପ୍ରତିଭା ଅନୁଷ୍ଠାନ, ନୂପୁର ଅନୁଷ୍ଠାନ, ସକ୍ଷମ ଏକାଡେମୀ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ବିଳମ୍ବିତ ରାତିଯାଏଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହଜାର ହଜାର ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ।

# ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷା ଦିବସ

**ଧର୍ମଗଡ଼, ୧୪।୧୧(ସମିସ):** ଧର୍ମଗଡ଼ ବ୍ଲକ ବଡବସୁଲ ଜୟ ମାଁଦୁର୍ଗା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ବେସରକାରୀ ସଂସ୍ଥା ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମକୁନ୍ଦ ଶବର ସଭାପତିତ୍ୱ କରିଥିଲେ। କର୍ତ୍ତବ୍ୟର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ ସମ୍ମାନୀତ ଅତିଥି ଓ ମମତାର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ବର୍ଷାରାଣୀ ଦାସ ମଞ୍ଚାସିନ ଥିଲେ। ଅତିଥିମାନେ ଦିବସର ମହତ୍ତ୍ୱ ସମ୍ପର୍କରେ କହିବା ସହିତ ବାଳିକା ଶିକ୍ଷାର ମହତ୍ତ୍ୱ, ଚରିତ୍ର ଗଠନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ କମ୍ ବୟସରେ ବିବାହ କରିବା ଦ୍ୱାରା ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକସ୍ତରରେ ପଡୁଥିବା କୁପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଭଲ ପଢୁଥିବା ଅଷ୍ଟମ ଶ୍ରେଣୀର କଲ୍ୟାଣୀ ଶବର, ଅର୍ଚ୍ଚିତା ଶବର, କୈଶିକା ମଙ୍ଗରାଜ, ନବମ ଶ୍ରେଣୀର ଦିପାଳି ମଣ୍ଡ୍ରା, ଲକି ଶବର, ରଶ୍ମିତା ଶବର ଓ ଦଶମ ଶ୍ରେଣୀର ମାମୁନି ନାଏକ, ଯୋଗିତା ଶବର, ଅଞ୍ଜଳି ଶବରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର କୁନି କୁନି ଛାତ୍ରୀମାନେ ଉଚ୍ଚ କୋଟିର ସଚେତନ ଧର୍ମି ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାର ମହତ୍ତ୍ୱ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଏକ ସଚେତନ ମୂଳକ ଭିଡିଓ ଦେଖାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଖୁସିରାମ ସା ସଭା ପରିଚାଳନା କରିଥିବା ବେଳେ ହଷ୍ଟେଲ ପରିଚାଳିକା




ସୂର୍ଯ୍ୟ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ସାହୁ, ଶକ୍ତିରାଜ ଠାକୁର, ସୁରେଶ ଚନ୍ଦ୍ର ଦାସ, ଅନନ୍ତ ପଣ୍ଡା, ଦିବ୍ୟ ରଞ୍ଜନ ମେହେର, ଅମରେଶ ଭଇସାଲ, ପ୍ରଶାନ୍ତ ସାଗର ଓ ମମତା ସଂସ୍ଥାର ତାପସ ବାଗ, ମିନତୀ ପଟ୍ଟନାୟକ, ରାଜେନ୍ଦ୍ର ମାହୋତ, ଶିବାନୀ ଧଙ୍ଗଡ଼ାମାଝୀ, ଧନଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଜବରଦଖଲରେ ମେଡିକାଲ କଲେଜ ଓ ହସ୍ପିଟାଲ ରାସ୍ତା

ବାଲେଶ୍ୱର,୧୪।୧୧(ସମିସ)




- ମୁଖ୍ୟ ଫାଟକ ପାଖରେ ବେଆଇନ ଭାବେ ନିର୍ମାଣ ହୋଇଛି ଦୋକାନ
- ଜାତୀୟ ରାଜପଥରୁ ମେଡିକାଲ କଲେଜ ହସ୍ପିଟାଲକୁ ପ୍ରସ୍ତାବିତ ରାସ୍ତା ନିର୍ମାଣ କେବେ

ବର୍ଷେ ତଳେ ଯେଉଁଠି ଘନ ଅନ୍ଧକାର ରାଜୁତି କରୁଥିଲା ଏବେ ସେଠାରେ ଦୋକାନ ମାଳମାଳ। ହସ୍ପିଟାଲକୁ ଯିବାର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱର୍ରେ ଏବେ ବେଆଇନ୍ ଭାବେ ଦୋକାନ ଖୋଲିଗଲାଣି। ଯାହାଫଳରେ ରାସ୍ତା ଜାମ୍ ହେବାରେ ଲାଗିଛି। ମନଇଚ୍ଛା ଦୋକାନ ଖୋଲି ରାସ୍ତା ଦୁଇ ପାଶ୍ୱର୍ ଭର୍ତ୍ତି ହୋଇଗଲାଣି। ମେଡିକାଲ୍ କଲେଜ୍ ଓ ହସପିଟାଲ ନିର୍ମାଣ କାମ ଅସମ୍ପୂର୍ଣ୍ଣ। ହେଲେ ରାସ୍ତା ଦୁଇ ପାଶ୍ୱର୍ରେ ଦୋକାନୀ ଭର୍ତ୍ତି ହୋଇଗଲେଣି। ଫଳରେ ହସପିଟାଲକୁ ଯିବା ରାସ୍ତା ଜାମ୍ ହୋଇଯାଇଛି। ସହଜରେ ଯାତାୟାତ ହୋଇପାରୁନି। ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ମୁଖ୍ୟ ରାସ୍ତାରୁ ହସପିଟାଲକୁ ଯାଇଥିବା ରାସ୍ତାରେ ଜବରଦଖଲକାରୀ ଭର୍ତ୍ତି ହୋଇଗଲାଣି। ଅନ୍ୟପଟେ ଜାତୀୟ ରାଜପଥରୁ ମେଡିକାଲ କଲେଜ ହସ୍ପିଟାଲକୁ ପ୍ରସ୍ତାବିତ ରାସ୍ତା ନିର୍ମାଣ ଆରମ୍ଭ ହୋଇନାହିଁ। ତାହା ନିର୍ମାଣ ହେଲେ ଯାତାୟାତ ପାଇଁ ଅସୁବିଧା ହେବ ନାହିଁ ବୋଲି ମତପ୍ରକାଶ ପାଇଛି।

ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ ଫାଟକ ନିକଟରେ ବେଆଇନ ଭାବେ ଜବରଦଖଲ କରି ବସିଛନ୍ତି ବିଭିନ୍ନ ଦୋକାନୀ। ଯାହା ଫଳରେ ପ୍ରବେଶର ଉଭୟ ପାଶ୍ୱର୍ ଜବରଦଖଲ ହୋଇ ରହିଥିବା ବେଳେ ଆମ୍ବୁଲାନ୍ସ ଆଦି ଯାତାୟାତରେ ଅସୁବିଧା ହେଉଛି। ଏହାବ୍ୟତୀତ ହସପିଟାଲ ରାସ୍ତା ସବୁବେଳେ ଜାମ ହେଉଛି। ରାସ୍ତାର ଦୁଇ କଡ଼ରେ ଖୋଲିଥିବା ଦୋକାନରେ ଗୁଟଖା, ସିଗାରେଟ ଏବଂ ବିଭିନ୍ନ ମାଦକ ଦ୍ରବ୍ୟ ମଧ୍ୟ ବିକ୍ରି ହେଉଛି। ଏହାକୁ ଲୋକମାନେ କିଣି ହସ୍ପିଟାଲ ପରିସରକୁ ଅପରିଷ୍କାର କରୁଛନ୍ତି। ସରକାରଙ୍କ ନିୟମ ମୁତାବକ ହସ୍ପିଟାଲ ପାଖରେ କୌଣସି ମାଦକ ଦ୍ରବ୍ୟ ବିକ୍ରି ହେବା କଥା ନୁହେଁ କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏ ନେଇ ଆସୋସିଏସନ ଅଫ ଟ୍ୱିଟର ଆକ୍ଟିଭିଷ୍ଟ (ଆଟା)ର ରାଜ୍ୟ ସ୍ୱାସ୍ଥ୍ୟ ସଂଯୋଜକ ଦାୟିତ୍ୱରେ ଥିବା ମନୀଷ ଜେନା ବାଲେଶ୍ୱର ଜିଲ୍ଲାପାଳ ଏବଂ ସରକାରଙ୍କୁ ନିବେଦନ କରି କହିଛନ୍ତି ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ମୁଖ୍ୟ ଗେଟ ପାଖରେ ଯେଉଁ ଦୋକାନୀମାନେ ଜବରଦଖଲ କରି ବସିଛନ୍ତି ତାଙ୍କୁ ଯଥାଶୀଘ୍ର ସେଠାରୁ ଉଚ୍ଛେଦ କରାଯାଉ। ଫଳରେ ହସପିଟାଲକୁ ଯାଇଥିବା ରାସ୍ତା ମଧ୍ୟ ସଫା ରହିବ। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଦୃଷ୍ଟି ଦେବା ଉଚିତ୍ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ତେବେ ଏହି ଜଗା ହସପିଟାଲ ଅଧୀନରେ ଯାଉନାହିଁ। ଦୋକାନୀଙ୍କ ଜବରଦଖଲ ବାବଦରେ ବିଡ଼ିଓ ନଚେତ ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇପାରିବେ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ସେଗୁଡିକ ଯାହା ଜମି ଉପରେ ଥିବ ସେମାନେ ହିଁ କାର୍ଯ୍ୟାନୁଷ୍ଠାନ ନେବେ। ଯଦି ସରକାର ଜମି ଉପରେ ରହିଛି ତାହେଲେ ତହସିଲଦାର କାର୍ଯ୍ୟାନୁଷ୍ଠାନ ନେବେ। ତେବେ ଏହି ଦିଗରେ ମୁଁ ତଦନ୍ତ କରାଉଛି'। ଏ ବାବଦରେ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ କହିଛନ୍ତି, ସେଠାରେ ସରକାରୀ ଅନୁମତି ନେଇ ଆବଶ୍ୟକ ଦୋକାନ ବସୁ। ରୋଗୀଙ୍କ ଆବଶ୍ୟକତା ଅନୁସାରେ ଦୋକାନ ଗୁଡିକ ଅନୁମତି ବସନ୍ତୁ। ନ ହେଲେ ଆଗାମୀ ଦିନରେ ଲୋକେ ସେଇ ରାସ୍ତାରେ ଯାତାୟାତ କରିପାରିବେ ନାହିଁ। ବେଆଇନ ନିର୍ମାଣ ଗୁଡ଼ିକୁ ଉଚ୍ଛେଦ କରି ଆନୁଷଙ୍ଗିକ ଆବଶ୍ୟକୀୟ ଦୋକାନ ଖୋଲାଯାଉ। ଏହାବ୍ୟତୀତ ଏବେ ସବୁ ଆମ୍ବୁଲାନ୍ସ ପୋଲ ତଳ ଦେଇ ମେଡିକାଲକୁ ଯାଉଛି। ଭିଡ ଯୋଗୁଁ ଆମ୍ବୁଲାନ୍ସ ପହଞ୍ଚିବାରେ ବି ବିଳମ୍ବ ହେଉଛି। ସେଥିପାଇଁ ଜାତୀୟ ରାଜପଥ ୧୬ରୁ ଗୋଟିଏ ରାସ୍ତା ସିଧାସଳଖ ହସପିଟାଲ ଓ କଲେଜ ମଝିରେ ରାସ୍ତା ଲାଗିବାର ଯୋଜନା ହୋଇଥିଲା। ଯାହାଫଳରେ ଯେଉଁମାନେ ଜାତୀୟ ରାଜପଥ ଦେଇ ଆସିବେ ସେମାନେ ସିଧାସଳଖ ଜାତୀୟ ରାଜପଥ ଦେଇ ସୋର ତଥା ସିମୁଳିଆରୁ ଆସୁଥିବା ରୋଗୀ ମେଡିକାଲକୁ ଯାଇପାରିବେ। ହେଲେ ସେହି ପ୍ରସ୍ତାବିତ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯାଇ ଜମି ଅଧିଗ୍ରହଣ ହୋଇଗଲାଣି। ହେଲେ ରାସ୍ତା ନିର୍ମାଣ ହୋଇନାହିଁ। ଜାତୀୟ ରାଜପଥ ୧୬ରୁ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲକୁ ପ୍ରସ୍ତାବିତ ରାସ୍ତା ବର୍ତ୍ତମାନ ସୁଦ୍ଧା ନିର୍ମାଣ ହୋଇପାରିନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଗୁରୁତ୍ୱ ଦେବା ଉଚିତ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଚେତନତା ସଭା

ବାଲେଶ୍ୱର,୧୪।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଡାଇବେଟିସ ଦିବସ-୨୦୨୫ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜକ ସଚେତନତାସଭାଆୟୋଜିତହୋଇଥିଲା। ଚଳିତ ବର୍ଷର ବିଶ୍ୱ ଡାଇବେଟିସ ଦିବସର ବିଷୟବସ୍ତୁ 'ଡାଇବେଟିସ ଏବଂ ସୁସ୍ଥତା' ଉପରେ ଆଲୋଚନା ହୋଇଥିଲା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ଥ୍ରିପି (ଅଳ୍ପ ପରିସ୍ରା, ଅତ୍ୟଧିକ ଶୋଷ, ଅତ୍ୟଧିକ ଭୋକ) ଏବଂ ଥ୍ରିଡି (ପ୍ରତ୍ୟହ ଜୀବନ ଚର୍ଯ୍ୟା, ସନ୍ତୁଳିତ ଖାଦ୍ୟ, ଔଷଧ) ଉପରେ ଧ୍ୟାନ ଦେବା ସଙ୍ଗେ ସଙ୍ଗେ ଗୋଷ୍ଠୀ ସ୍ତରରେ ୩୦ ବର୍ଷ ପୂରଣ କରିଥିବା ସମସ୍ତ ଜନସାଧାରଣଙ୍କ ରକ୍ତ ପରୀକ୍ଷା ଏବଂ ଆଲୋଚନା ଦ୍ୱାରା ଏହି ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଡାକ୍ତର ମନୋଜ ସାହୁ କେଉଁ ଖାଦ୍ୟରେ କେତେ ପରିମାଣରେ ସୁଗାର ରହୁଛି ଏବଂ ଖାଦ୍ୟରେ ଭାତ ଏବଂ ରୁଟିକୁ ଅଳ୍ପ ପରିମାଣ ତତ୍‌ସହିତ ସବୁଜ ପରିବା, ଶାଗ ଏବଂ ସାଲାଡ଼କୁ ବହୁ ପରିମାଣରେ ଖାଇବାକୁ ଉପଦେଶ ଦେଇଥିଲେ। ଡ଼ାକ୍ତର ସୂର୍ଯ୍ୟ ପ୍ରକାଶ ରାଉତ ରଏ ଏବିସିଡି (ସଚେତନତା, ରକ୍ତଚାପ, କୋଲେଷ୍ଟରାଲ, ଔଷଧ) ସହିତ ଚିନ୍ତା ପରିହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଡାକ୍ତର ପ୍ରଦୀପ କର (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ), ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଡାକ୍ତର ସଞ୍ଜୀବ କୁମାର ପ୍ରଧାନ ଡାଇବେଟିସର ସଚେତନତା ଓ ପ୍ରତିରୋଧ ଉପାୟ ଉପରେ ମତ ବ୍ୟକ୍ତ କରିଥିଲେ। ସଭା ଶେଷରେ ଅଣ ସଂକ୍ରାମକରୋଗ (ଡାଇବେଟିସ) ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା। ଶେଷରେ ମୌସୁମୀ ସାମଲ (ଅଣ ସଂକ୍ରାମକ ଉପଦେଷ୍ଟା) ଧନ୍ୟବାଦ ଜଣାଇଥିଲେ।



## ଉତ୍କଳ ବାଳାଶ୍ରମରେ ଶିଶୁ ଉତ୍ସବ 'ମହକ'



ବାଲେଶ୍ୱର,୧୪।୧୧(ସମିସ): ସହରର ଉତ୍କଳ ବାଳାଶ୍ରମଠାରେ ବାର୍ଷିକ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ "ମହକ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବିଶିଷ୍ଟ କବି ପ୍ରଶାନ୍ତ ଦାସ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ପଣ୍ଡା ଓ ଉତ୍କଳ ବାଳାଶ୍ରମର ତତ୍ତ୍ୱାବଧାରକ ସୁବ୍ରତ କୁମାର ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ସାମୁହିକ ସହଯୋଗରେ ଶିଶୁଙ୍କ ସାମଗ୍ରିକ ବିକାଶ ସମ୍ଭବ ବୋଲି ସେମାନେ ମତପ୍ରକାଶ କରିଥିଲେ। ମହକ ସଂଗଠନର ସଦସ୍ୟ ବିକର୍ତ୍ତନ ନାୟକ ଓ ସାମାଜିକ ନ୍ୟାୟ ମଞ୍ଚର ଅକ୍ଷୟ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଳାଶ୍ରମରେ ପାଳିତ ହେଉଥିବା ଶିଶୁ ଉତ୍ସବର ପ୍ରଶଂସା କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସ ଏଥିରେ ପୌରହିତ୍ୱ କରିବା ସହିତ ଶିଶୁ ମାନସିକତାକୁ ବୁଝିବା ଓ ସେମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ପ୍ରତ୍ୟେକ ମହଲରୁ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଉତ୍ସବ କମିଟିର ସମ୍ପାଦକ ରାଜେଶ ଗିରି ଏଥରେ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମହକ ସଂଗଠନର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ ମୂରଲୀଧର ନାୟକ ଧନ୍ୟବାଦ ଦେଇଥିଲେ।

## ଟିପିଏନ୍‌ଓଡିଏଲ୍‌ର 'ପ୍ରୋଜେକ୍ଟ ସଂଯୋଗ ଏକ୍ସପ୍ରେସ୍; ଅପେକ୍ଷାରୁ ମୁକ୍ତି'

# ୪୮ ଘଣ୍ଟାରେ ୯୫% ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନର ଫଇସଲା

ବାଲେଶ୍ୱର, ୧୪।୧୧(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ୯୫% ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନର ଫଇସଲା ମାତ୍ର ୪୮ ଘଣ୍ଟା ମଧ୍ୟରେ ପ୍ରଦାନ କରି ଗ୍ରାହକ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା "ପ୍ରୋଜେକ୍ଟ ସଂଯୋଗ ଏକ୍ସପ୍ରେସ୍: ଅପେକ୍ଷାରୁ ମୁକ୍ତି' ପଦକ୍ଷେପ ଯୋଗୁଁ ସମ୍ଭବ ହୋଇପାରିଛି। ନୂଆ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟାକୁ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ଗ୍ରାହକ-କୈନ୍ଦ୍ରିକ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପୂର୍ବରୁ ନୂଆ ବିଦ୍ୟୁତ୍ ସଂଯୋଗ ପାଇବାକୁ ହେଲେ ବ୍ୟକ୍ତିଗତ ଭାବେ ଅନେକଥର ଅଫିସ୍ ଯିବାକୁ ପଡୁଥିଲା ଏବଂ ଅନେକ କାଗଜପତ୍ର କାମ ସହିତ ପ୍ରତ୍ୟକ ସ୍ତରରେ ଏକାଧିକ ଥର ପେମେଣ୍ଟ କରିବାକୁ ପଡୁଥିଲା। ଏହି ସମସ୍ୟାଗୁଡ଼ିକୁ ଧ୍ୟାନରେ ରଖି, ଟିପିଏନଓଡିଏଲ୍ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଆଧୁନିକୀକରଣ ଏବଂ ଡିଜିଟାଇଜ କରିବା ପାଇଁ ବିଜନେସ୍ ପ୍ରୋସେସ୍ ରି-ଇଞ୍ଜିନିୟରିଂ (ବିପିଆର) କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ସଂଶୋଧିତ ପ୍ରକ୍ରିୟା ଯୋଗୁଁ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆସିବା ସହିତ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟା ଅଧିକ ଦକ୍ଷ ଏବଂ ସ୍ୱଚ୍ଛ ହୋଇପାରିଛି। ଏହି ସଫଳତା ବିଷୟରେ ଟିପିଏନଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ, ପ୍ରୋଜେକ୍ଟ ସଞ୍ଜୋଗ ଏକ୍ସପ୍ରେସ୍ ମାଧ୍ୟମରେ, ଆମେ କେବଳ ନୂତନ ସଂଯୋଗ ପ୍ରଦାନ କରିବାର ପ୍ରକ୍ରିୟାରେ ପରିବର୍ତ୍ତନ ଆଣିନାହୁଁ, ବରଂ ପ୍ରତ୍ୟେକ ପ୍ରକ୍ରିୟାର କେନ୍ଦ୍ରରେ ଗ୍ରାହକଙ୍କୁ ସାମିଲ କରିବା ପ୍ରତି ଥିବା ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିଛୁ। ପାଞ୍ଚଟି ଜିଲ୍ଲାରେ ଦୁଇ ମିଲିୟନ୍‌ରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇଆସୁଥିବା ଟିପିଏନଓଡିଏଲ୍ ନିରନ୍ତର ଭାବେ ଉତ୍କୃଷ୍ଟ ସେବା ପ୍ରଦାନରେ ଜୋର ଦେଉଛି।

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ନିଆରା ଢଙ୍ଗରେ ଶିଶୁ ଦିବସ ପାଳିତ



ବାଲେଶ୍ୱର,୧୪।୧୧(ସମିସ): ସଦର ବ୍ଲକ୍ ପିଞ୍ଛାବଣିଆ ଗ୍ରାମର ବୈଦିକ ଗୁରୁକୁଳ ଶିକ୍ଷାଶ୍ରମରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପିଲାମାନଙ୍କୁ ନେଇ ଶିଶୁ ଶ୍ରମିକ ଓ ସୋସିଆଲ ମିଡିଆର କୁପ୍ରଭାବ ସଂକ୍ରାନ୍ତୀୟ ସଚେତନତାକୁ ନୃତ୍ୟ ନାଟିକା ମାଧ୍ୟମରେ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷାଶ୍ରମର ସଭାପତି କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କନିଷ୍ଠ ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ, ସମ୍ମାନିତ ବକ୍ତା ଭାବେ ଶିକ୍ଷାଶ୍ରମ ପ୍ରତିଷ୍ଠାତା ସଦସ୍ୟ ତଥା ଗୁରୁକୁଳର ଅତ୍ୟନ୍ତ ସହଯୋଗୀ ହରି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଶିକ୍ଷାଶ୍ରମ ଅଧ୍ୟକ୍ଷ ଗଣେଶ ପାଢ଼ୀଙ୍କ ସମେତ ଗୁରୁଜୀ ଦେବେନ୍ଦ୍ର ଗିରି, ଗୁରୁମା କ୍ଷଣପ୍ରଭା ନାୟକ, ଗୁରୁମା ପ୍ରତିମା ବେହେରା, ଗୁରୁମା ମିନତି ରାଣୀ ସିଂ, ଗୁରୁମା ମଧୁମିତା ବେହେରା, ଗୁରୁମା ସୋନାଲିକା ସିଂହ, ଗୁରୁମା ସ୍ମୃତି ରେଖା ସାହୁ ପ୍ରମୁଖଙ୍କ ପ୍ରଚେଷ୍ଟାରେ ସଫଳ ରୂପେ ସମାପନ ହୋଇଯାଇଛି। ପରିଚାଳନା କମିଟି ସଦସ୍ୟ ହରିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମଧୁମେହ ଦିବସ ପାଳିତ




ବାଲେଶ୍ୱର,୧୪।୧୧(ସମିସ): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ ଅଫ୍ ନେଚର୍ କିଅର ଏଣ୍ଡ ଯୋଗିକ ସାଇନ୍ସ ଚିଡିଆପୋଲଠାରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ହେଲଦି ଲାଇଫ ମହାବିଦ୍ୟାଳୟ ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଯୋଗ ଦେଇ ମଧୁମେହ ରୋଗ ନୁହେଁ,ଏହା ଏକ ଦିନଚର୍ଯ୍ୟା। ନିଜର ଖାଦ୍ୟରେ ପରିବର୍ତ୍ତନ, ଅଭ୍ୟାସ ମାନସିକତା, ବ୍ୟାୟାମ କଲେ ଏହା ବିନା ଔଷଧରେ ଠିକ ହୋଇପାରିବ। ସେଥିପାଇଁ ଚାନ୍ଦିପୁର ପୂର୍ବି ରିସର୍ଟ ଠାରେ ଆସନ୍ତା ୨୧,୨୨,୨୩ ତିନିଦିନ ଧରି ଡାଇବେଟିସ କ୍ୟାମ୍ପ ଓଡିଶା ତଥା ଓଡିଶା ବାହାରୁ ୫ ଜଣିଆ ଡ଼ାକ୍ତର ଟିମ୍ ଯୋଗ ଦେବେ। ତିନି ଦିନ ଭିତରେ ବିନା ଔଷଧରେ ଡାଇବେଟିସ, ବ୍ଲଡ ପ୍ରେସର୍, ଫେଟି ଲିଭର, ଆଣ୍ଠୁ ଗଣ୍ଠି ଦରଜ, ଅଣ୍ଟା ବ୍ୟଥା ରୋଗର ସହଜ ସରଳ ଚିକିତ୍ସା ନେଚର ପାଥି ମାଧ୍ୟମରେ ବୋଲି ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଶିବିରରେ ଅଂଶଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅଧ୍ୟାପିକା କାନ୍ତି କ୍ରୀଷ୍ଣା ପାଣିଗ୍ରାହୀ, ଅଧ୍ୟାପିକା ଅନୀତା ମିଶ୍ର, ଅଭିଶେଖ ଦାସ ମତବ୍ୟକ୍ତ କରିଥିଲେ।

## ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର,୧୪।୧୧(ସମିସ): ଡ୍ରିମସ ଆଇଡିଆଲ ସ୍କୁଲ ପରିସରରେ ପଣ୍ଡିତ ଜବାହରଲାଲ ନେହରୁଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିରଞ୍ଚି ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସୁବର୍ଣ୍ଣଶ୍ରୀ ପ୍ରକାଶନର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ। ବିଦ୍ୟାପୀଠ ସମ୍ପାଦକ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପିତା ମହାନ୍ତି, ରେହେନା ବେଗମ୍, ସରିତା ବାରିକ, ପ୍ରଭାତୀ ମହାପାତ୍ର, ମୌସୁମୀ ଚାଟାର୍ଜୀ, ଆଞ୍ଚଲ ପ୍ରିୟା ବେହେରା, ଅନିତାରାଣୀ ଦାସ, ମାମୁନି ମହାପାତ୍ର, ଶାନ୍ତିଲତା ମାଝୀ, ଆରତୀବାଳା ଦାସ, ଜୟସ୍ମିତା ପଣ୍ଡା, ପୂଜା ପରିଡ଼ା, ଶୁଭଲକ୍ଷ୍ମୀ ରାଉତ, ବୈଶାଖୀ ରାଧିକା ସାହୁ, ରୋହିତ ନାୟକ, ମନିଷା ଦାଶ, ଯଶୋବନ୍ତ ସିଂ, ନାମିତା ବାଗ ପ୍ରମୁଖ ଯୋଗଦାନ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ଶିଶୁ ଅଧିକାର ସପ୍ତାହରେ ସଚେତନତା ପଦଯାତ୍ରା




ବାଲେଶ୍ୱର,୧୪।୧୧(ସମିସ): ଶିଶୁ ଅଧିକାର ସପ୍ତାହ ଅବସରରେ ସ୍ଥାନୀୟ ସହଦେବଖୁଣ୍ଟା ଅଞ୍ଚଳରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପତାକା ଦେଖାଇ ଉଦଘାଟନ କରିଥିଲେ। ଶିଶୁ ଶ୍ରମ ଓ ବାଲ୍ୟ ବିବାହ ବନ୍ଦ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଏହି ପଦଯାତ୍ରା ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ ଶିଶୁମାନଙ୍କ ସହ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରିୟରଞ୍ଜନ ମହାନ୍ତି, ସୁପରଭାଇଜର ସଂଚୟିତା ସାମନ୍ତ, ସିଏସିଏଲ ସଦସ୍ୟ ସଂଯୁକ୍ତାରାଣୀ ବେହେରା, ଉବାଚକ ମହାନ୍ତି, ଅଙ୍ଗନବାଡି କର୍ମୀ ଶେଫାଳି ମହାନ୍ତି, ପ୍ରତିମା ପରମାଣିକ, ଜୟନ୍ତୀ ବିଶ୍ୱାଳ ଓ ସୁସ୍ମିତା ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଶ୍ରୀପଲ୍ଲୀ କ୍ଲିନିକ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ

ବାଲେଶ୍ୱର,୧୪।୧୧(ସମିସ): ଶ୍ରୀପଲ୍ଲୀ କ୍ଲିନିକ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର କଲେଜ ରୋଡ ସ୍ଥିତ କ୍ଲିନିକ୍ ନିକଟରୁ ଏହି ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କ୍ଲିନିକ୍‌ର ମୁଖ୍ୟ ଡାକ୍ତର ଅମୂଲ୍ୟ କୁମାର ଦାସ ନିୟମିତ ଶାରୀରିକ ବ୍ୟାୟାମ ଓ ଉତ୍ତମ ଚିକିତ୍ସା ଦ୍ୱାରା ମଧୁମେହ ରୋଗୀ ସମ୍ପୂର୍ଣ୍ଣ ଭଲ ହୋଇପାରିବେ ବୋଲି ସୂଚନା ଦେଇଥିଲେ। ପରେ ଏହି ଶୋଭାଯାତ୍ରା ଫକୀର ମୋହନ କଲେଜ, ଷ୍ଟେସନ ଛକ, ଫାଣ୍ଡିଛକ, ବିବେକାନନ୍ଦ ମାର୍ଗ ଦେଇ ସିଦ୍ଧି ମଣ୍ଡପ ଠାରେ ଶେଷ ହୋଇଥିଲା। ସେଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ମଧୁମେହ ରୋଗ ଚିହ୍ନଟ ପାଇଁ ଏଚ୍‌ବିଏ୧ସି, ଲିପିଡ ପ୍ରୋଫାଇଲ, ଲିଭର ଫାଇବ୍ରୋସ୍କାନ, ଫିଏଫଟି, ଥାଇରଏଡ୍ ପ୍ରୋଫାଇଲ, ଇସିଜି, ବିଏମଡି, ଏଫବିଏସ, ଏଲର୍ଜି ପ୍ରଭୃତି ପରୀକ୍ଷା କରାଯାଇଥିଲା। ଗୋପାଳକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁମେହ ରୋଗୀଙ୍କ ପାଇଁ ଖାଦ୍ୟ ପ୍ରଣାଳୀ ଓ ନିୟମିତ ବ୍ୟାୟାମ ଅଭ୍ୟାସର ଉପାଦେୟତା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।




## ବାଲେଶ୍ୱର ରେଳଷ୍ଟେସନ ପରିଦର୍ଶନ କଲେ ଦକ୍ଷିଣ ପୂର୍ବ ରେଳପଥ ମହାପ୍ରବନ୍ଧକ

# ଷ୍ଟେସନ ପୁନଃବିକାଶ, ତୃତୀୟ ଲାଇନ ପ୍ରକଳ୍ପ ପ୍ରଗତୀ ଯାଞ୍ଚ

ବାଲେଶ୍ୱର,୧୪।୧୧(ସମିସ)



ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ଆଜି ଖଡ଼ଗପୁର-ବାଲେଶ୍ୱର-ରାଣୀତାଲ ସେକ୍ସନ ପରିଦର୍ଶନ କରି ବ୍ୟାପକ ଯାଞ୍ଚ କରିଛନ୍ତି। ଯେଉଁଥିରେ ପ୍ରମୁଖ ଷ୍ଟେସନ ଏବଂ ପ୍ରମୁଖ ଭିତ୍ତିଭୂମି କାର୍ଯ୍ୟ ଯଥା ଯାତ୍ରୀ ସୁବିଧା, ଷ୍ଟେସନ ପୁନଃବିକାଶ ପଦକ୍ଷେପ, ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଦିଗ ଏବଂ ଚାଲୁଥିବା ତୃତୀୟ ଲାଇନ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ବାଲେଶ୍ୱର ଷ୍ଟେସନରେ ଜେନେରାଲ ମ୍ୟାନେଜର ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଅଧୀନରେ ଆରାମ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ପାଇଁ ସାମଗ୍ରିକ ଷ୍ଟେସନ ସୁବିଧା, ଯାତ୍ରୀ ସୁବିଧା, ପରିଷ୍କାର ପରିଚ୍ଛନ୍ନତା ଏବଂ ଚାଲୁଥିବା ବିକାଶ କାର୍ଯ୍ୟର ଏକ ସଘନ ଯାଞ୍ଚ କରିଥିଲେ। ସେହିପରି ଜଳେଶ୍ୱର ଷ୍ଟେସନରେ ମହାପ୍ରବନ୍ଧକ ଅମୃତ ଷ୍ଟେସନ କାର୍ଯ୍ୟ, ଯାତ୍ରୀ ସୁବିଧାର ବିକାଶ, ସର୍କୁଲେଟିଂ କ୍ଷେତ୍ର ଉନ୍ନତି ଏବଂ ନୂତନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ କୋଠାର ପ୍ରଗତି ସମୀକ୍ଷା କରିଥିଲେ। ସେ ଷ୍ଟେସନ ସୁବିଧା ଏବଂ ସେବା ଉପରେ ପ୍ରତ୍ୟକ୍ଷ ମତାମତ ସଂଗ୍ରହ କରିବା ପାଇଁ ଯାତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କଲେ। ସେହିପରି ରୂପସା ଷ୍ଟେସନରେ, ଶ୍ରୀ ମିଶ୍ର ଚାଲୁଥିବା ତୃତୀୟ ଲାଇନ କାର୍ଯ୍ୟ ଯାଞ୍ଚ କଲେ, କାର୍ଯ୍ୟକ୍ଷମ ଭିତ୍ତିଭୂମି ମୂଲ୍ୟାଙ୍କନ ଏବଂ ଯାତ୍ରୀ ସୁବିଧା ସମୀକ୍ଷା କଲେ। ସେ ସୁରକ୍ଷା ଅନୁପାଳନ ଏବଂ ପ୍ରକଳ୍ପ କାର୍ଯ୍ୟର ଗୁଣାୟକ କାର୍ଯ୍ୟାନ୍‌ୱୟନ ଉପରେ ଗୁରୁତ୍ୱାରୋପ କଲେ। ଏହା ବ୍ୟତୀତ ଶ୍ରୀ ମିଶ୍ର ତୃତୀୟ ଲାଇନ ନିର୍ମାଣର ଅଗ୍ରଗତି ମୂଲ୍ୟାଙ୍କନ କରିବା ପାଇଁ ସାବିରା-ବାହାନଗା ସେକ୍ସନ ଯାଞ୍ଚ କରିଥିଲେ। ସେ ଇଞ୍ଜିନିୟରିଂ, ସିଗନାଲିଂ ଏବଂ ବୈଦ୍ୟୁତିକ ବିଭାଗଗୁଡ଼ିକୁ ଲାଇନ କ୍ଷମତା, କାର୍ଯ୍ୟକ୍ଷମ ନମନୀୟତା ଏବଂ ସମୟାନୁବର୍ତ୍ତିତା ବୃଦ୍ଧି କରିବା ପାଇଁ ଉଚ୍ଚ-ଗୁଣବତ୍ତା ମାନଦଣ୍ଡ ବଜାୟ ରଖି କାର୍ଯ୍ୟ ତ୍ୱରାନ୍‌ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜେନେରାଲ ମ୍ୟାନେଜର ଯାଞ୍ଚ ହୋଇଥିବା ସେକ୍ସନରେ ସୁରକ୍ଷା, ଦକ୍ଷତା ଏବଂ ଯାତ୍ରୀ-କୈନ୍ଦ୍ରିକ ବିକାଶର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ସହିତ ଖଡ଼ଗପୁରର ଡିଭିଜନାଲ ରେଳ ପ୍ରବନ୍ଧକ ଲଳିତ ମୋହନ ପାଣ୍ଡେ, ଦକ୍ଷିଣ ପୂର୍ବ ରେଳ ମୁଖ୍ୟାଳୟ ଏବଂ ଖଡ଼ଗପୁର ଡିଭିଜନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କୁଜଙ୍ଗ-ଚଟୁଆ ରାସ୍ତାରେ ଟ୍ରାଫିକ୍ ଜାମ୍, ସାଧାରଣରେ ଅସନ୍ତୋଷ

କୁଜଙ୍ଗ,୧୪।୧୧(ସମିସ)



କୁଜଙ୍ଗ ପୁରୁଣା ଥାନା ଅର୍ଥାତ୍ ସିନେମା ହଲ୍ ଛକରୁ ପାତ୍ର ଛକ, ବିବି ହାଇସ୍କୁଲର ନୂତନ ଫାଟକ ପର୍ଯ୍ୟନ୍ତ କୁଜଙ୍ଗ ବାଲିଠୁଠ ଓ କୁଜଙ୍ଗ ତ୍ରିଲୋଚନପୁର ସଂଯୋଗକାରୀ ରାସ୍ତାରେ ସବୁ ସମୟରେ ଟ୍ରାଫିକ୍ ଜାମ୍ ରହୁଛି। ଫଳରେ ଦୁର୍ଘଟଣା ବଢ଼ିବା ଓ ଜୀବନ ଯାତ୍ରା ବ୍ୟାହତ ହେବା ଅଭିଯୋଗ ହୋଇଛି। ରାସ୍ତା ଜବରଦଖଲ, ବେଆଇନ ପାର୍କିଂ, ଦିନ ସମୟରେ ବେଆଇନ ଭାବେ ଭାରୀଯାନ ଏହି ରାସ୍ତା ଦେଇ ଯାଉଥିବାରୁ ସମସ୍ୟା ବଢ଼ିବାରେ ଲାଗିଥିବା କୁଜଙ୍ଗ ପ୍ରାକ୍ତନ ସମିତି ସଭ୍ୟ ତଥା କୁଜଙ୍ଗ ଓକିଲ ସଂଘ ସଭାପତି ଏଏନ୍ଡି ଯାଦବ ଅଭିଯୋଗ କରି ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।

କୁଜଙ୍ଗର ବଡ଼ ବଡ଼ ଲୁଗା ଦୋକାନ ଆଗ ରାସ୍ତାରେ ଗାଡ଼ି ପାର୍କିଂ ହେବା ଯୋଗୁଁ ଲୋକେ ବହୁ ହୀନସ୍ତା ଭୋଗୁଛନ୍ତି। ଅନ୍ୟପକ୍ଷରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ପରିବେଶ ଦୂଷିତ ହେବା ସହ ମଶାଙ୍କ ଉପଦ୍ରବ ଦେଖାଦେଇଛି। ରାସ୍ତା ଜାମ ଯୋଗୁ ସ୍କୁଲ ଛାତ୍ରଛାତ୍ରୀ, ଏପରିକି ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଯିବାରେ ସମସ୍ୟା ହେଉଥିବା ଓ ବହୁ ଜରୁରୀ ସେବା ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଶ୍ରୀ ଯାଦବ କୁଜଙ୍ଗ ପ୍ରଶାସନ ଓ ପୁଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗକୁ ନୂଆଗାଁ ଓ ଏରସମା ଅଞ୍ଚଳରେ ଶିଳ୍ପ ସଂସ୍ଥା ଗଢି ଉଠିବାକୁ ଯାଉଥିବାବେଳେ ଏବେ ଏହି ଅଞ୍ଚଳର ପ୍ରବେଶ ପଥ ସଙ୍କୁଚିତ ହେଉଛି। ବ୍ୟବସାୟୀଙ୍କ ହିତ ସହ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

● ଷ୍ଟ୍ରିଟ୍‌ଲାଇଟ ଦୁର୍ନୀତିର ଖୋଳତାଡ଼ କଲା ଭିଜିଲାନ୍ସ ଟେକ୍ନିକାଲ ଟିମ୍

## କନିଷ୍ଠ ଯନ୍ତ୍ରୀଙ୍କୁ ନେଇ କ୍ଷେତ୍ର ପରିଦର୍ଶନ

ପଟ୍ଟାମୁଣ୍ଡାଇ,୧୪।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଶାସନଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ ପ୍ରକଳ୍ପରେ କାର୍ଯ୍ୟ ନ ହୋଇ ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ସମଗ୍ର ଅଞ୍ଚଳରେ ଦୀର୍ଘଦିନ ହେଲା ଚର୍ଚ୍ଚାର ବିଷୟ ପାଲଟିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଓ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଗତ ଅକ୍ଟୋବର ୮ ତାରିଖରେ ଭିଜିଲାନ୍ସ ଅଧିକାରୀ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ଅନୁସନ୍ଧାନ ପାଇଁ ପହଞ୍ଚିଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଭିଜିଲାନ୍ସ ଟିମ୍ ଏହି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ତଥା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିବା ସହିତ କ୍ଷେତ୍ର ପରିଦର୍ଶନ କରି ଫେରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ଦିଆଯାଇଥିବା ତଥ୍ୟ ଅନୁସାରେ ଶାସନରୁ ମାଳିପୁର ମାର୍କେଟ ଆଲୋକୀକରଣ କାର୍ଯ୍ୟ ହୋଇଥିବା ବୋଲି ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ତଥ୍ୟ ପାଇବା ପରେ ଶାସନ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ପାଇବା ପରେ ବିଡିଓ ମଧ୍ୟ ପ୍ରକଳ୍ପର ତଦନ୍ତ କରିଥିଲେ। ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଆଜି ବ୍ଲକ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ପହଞ୍ଚି ଥିଲା। ଭିଜିଲାନ୍ସର ଟେକ୍ନିକାଲ ଟିମ କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କୁ ଧରି ପ୍ରକଳ୍ପ ସ୍ଥାନ ଶାସନ ଛକକୁ ଯାଇଥିଲେ। ପରେ ଅଧିକ ତଦନ୍ତ ପାଇଁ ଯନ୍ତ୍ରୀଙ୍କୁ ନେଇ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଯାଇ ସେଠାରୁ ତଦନ୍ତ ସାରି ଫେରିଥିବା ଜଣାପଡ଼ିଛି।

# ଗୋ-ମାଂସ ସନ୍ଦେହରେ ଉତ୍ତେଜନା, ଦୋକାନୀ ଅଟକ

ନାଉଗାଁ,୧୪।୧୧(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ବଜାରର ଜଣେ ମାଂସ ବ୍ୟବସାୟୀ ଶୁକ୍ରବାର ସକାଳୁ ଆସି ପଡ଼ିଆରେ



୩୦ କେଜିରୁ ଅଧିକ ଓଜନର ମାଂସ ଭର୍ତ୍ତି ଜରି ଫୋପାଡ଼ି ଦେଇ ପଳାଉଥିଲେ। ଏହା ଦେଖି ସ୍ଥାନୀୟ ଲୋକ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଅଟକାଇବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବଜରଙ୍ଗ ଦଳ କର୍ମକର୍ତ୍ତା ପହଞ୍ଚି ନାଉଁଗା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ବ୍ୟବସାୟୀଙ୍କୁ ଥାନାକୁ ନେଇ ଅଟକ ରଖିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗଙ୍ଗଦା ହାଟ ଛେଳି ମାଂସ ବ୍ୟବସାୟୀ ଅକ୍ଷୟ ବେହେରା ବାଇକ୍‌ରେ କିଛି ପଲିଥିନରେ ପଶିଥିବା ମାଂସକୁ ନେଇ ତେଣ୍ଟୋଇ ଜମୁନାଷ୍ଟାନ ପଡିଆରେ ଫୋପାଡି ଦେଇ ଚାଲିଯାଉଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଅଟକାଇ ଉକ୍ତ ପଲିଥିନ ପୂର୍ଣ୍ଣ ମାଂସକୁ ଦେଖିବା ବେଳକୁ ଲମ୍ବା ହାଡ଼ ଓ ବଡ଼ ବଡ଼ ପିଞ୍ଜରା ଓ ଦୁର୍ଗନ୍ଧ ହେଉଥିବାରୁ ଏହା ଛେଳି ମାଂସ ନୁହେଁ ଗୋ-ମାଂସ ବୋଲି ସନ୍ଦେହ କରିଥିଲେ। ଏହାକୁ ନେଇ ଉକ୍ତ ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବଜରଙ୍ଗ ଦଳ କର୍ମୀ ପହଞ୍ଚି ନାଉଗାଁ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ନାଉଗାଁ ପ୍ରାଣୀ ଚିକିତ୍ସକ ଓ ସାଇଣ୍ଟିଫିକ ଟିମ ଦ୍ୱାରା ମାଂସ ନମୁନା ସଂଗ୍ରହ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବ୍ୟବସାୟୀ ଅକ୍ଷୟଙ୍କୁ ପୁଲିସ ନାଉଗାଁ ଥାନାକୁ ଆଣି ଅଟକ ରଖିଥିବା ସହିତ ଘଟଣାର ଅଧିକ ତଦନ୍ତ କରୁଛି। ଅକ୍ଷୟ କ'ଣ ପାଇଁ ସେ ମାଂସ ଫୋପାଡୁଥିଲେ ଓ ସେ କି ମାଂସ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# କମଳାଦେବୀ କଲେଜରେ ସାଇବର ସଚେତନତା

କୁଜଙ୍ଗ,୧୪।୧୧(ସମିସ): ସାଇବର ଠକେଇଠାରୁ ଦୂରେଇ ରହିବାକୁ କୁଜଙ୍ଗ ଥାନା ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଙ୍କପାଳ କମଳାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଲିସ ଇନ୍ସପେକ୍ଟର ନିଲମ ସାରେଙ୍ଗ ଯୋଗଦେଇ ଛାତ୍ରଛାତ୍ରୀ ଓ ଯୁବପିଢ଼ି ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇଲେ ଏହି ସାଇବର ଅପରାଧୀଙ୍କଠାରୁ ସମସ୍ତେ ସୁରକ୍ଷିତ ରହିପାରିବା ବୋଲି କହିଥିଲେ। ସାଇବର ଅପରାଧୀ କିଭଳି ନୂଆ ନୂଆ କୌଶଳ ମାଧ୍ୟମରେ ବୟସ୍କ ବ୍ୟକ୍ତିଙ୍କୁ ଠକୁଛନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଇଣ୍ଟରନେଟ୍ ବ୍ୟବହାରରେ ଅଧିକ ଜ୍ଞାନ ଥିବାରୁ




ସେମାନେ ନିଜ ଅଭିଭାବକ ଓ ସମ୍ପର୍କୀୟଙ୍କୁ ଠକେଇ ସମ୍ପର୍କରେ ସଚେତନ କରିବାକୁ ଶ୍ରୀମତୀ ସୋରେଙ୍ଗ ପରାମର୍ଶ ଦେଇଥିଲେ। କୌଣସି ପରିସ୍ଥିତିରେ ନିଜର ବ୍ୟକ୍ତିଗତ ତଥ୍ୟକୁ ମୋବାଇଲ ମାଧ୍ୟମରେ ପ୍ରକାଶ ନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଏସ୍‌ଆଇ ପ୍ରମୋଦ ଉଦୟସିଂହ କୌଣସି ଓଟିପି, ପିନ୍ ନମ୍ବର କିମ୍ବା ବ୍ୟାଙ୍କ୍ ପାସୱାର୍ଡ କାହାରିକୁ ସେୟାର ନ କରିବାକୁ କହିଥିଲେ। କୌଣସି ପ୍ରକାରର ସନ୍ଦେହ ଅଥବା ଅସୁବିଧା ମନେ କଲେ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା, ଅଧାପିକା ଓ ଛାତ୍ରୀ ଉପସ୍ଥିତ ଥିଲେ।

# ଗୋପାଳଜୀଉ ଶିବ ମନ୍ଦିରରୁ ଚୋରି

ପାରାଦୀପ, ୧୪।୧୧(ସମିସ): ପାରାଦୀପରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଲୁଟେରା ମଠ, ମନ୍ଦିରରୁ ଲୁଟ କରିବାକୁ ମଧ୍ୟ ପଛାଉନାହାନ୍ତି। ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ବଡ଼ଧରଣର ଲୁଟ ପାରାଦୀପ ବୃନ୍ଦାବନ କଲୋନୀ ଗୋପାଳଜୀଉ ଶିବ ମନ୍ଦିରରୁ ହୋଇଥିବା ଜଣାପଡିଛି। ଦୁର୍ବୃତ୍ତମାନେ ମନ୍ଦିରର ତିନୋଟି ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ କରିବା ସହିତ ୮ଟି ବଡ଼ ରୂପା ମୁକୁଟ, ରୂପାର ୪ଟି ଛୋଟ ମୁକୁଟ, ହାର ଓ ସୁନା ଗହଣା ନେଇଯାଇଛନ୍ତି। ସକାଳେ ପୂଜାରୀ ଆସି ଦେଖିବା ପରେ ସଙ୍ଗେ ସଙ୍ଗେ କମିଟିକୁ ଜଣାଇଥିଲେ। କମିଟି ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଏତଲା ଦିଆଯାଇଛି। ପାରାଦୀପ ପୁଲିସ ପହଞ୍ଚି ତଦନ୍ତ କରିବା ସହିତ ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ପରେ ପରବର୍ତ୍ତୀ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଦର୍ଶ ଥାନା ଆଇଆଇସି ପ୍ରକାଶ କରିଛନ୍ତି।

# ସାଇବର ସୁରକ୍ଷା ସଚେତନତା ଉପଲକ୍ଷେ ୱାକାଥନ




ଜଗତସିଂହପୁର, ୧୪।୧୧(ସମିସ): ଆଜି ପୂର୍ବାହ୍ନରେ ସାଇବର ସୁରକ୍ଷା ସଚେତନତା ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମିଳିତ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆଠାରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ମାଣେ ପ୍ରମୁଖ ଉପସ୍ଥିତ ରହି ଏହି ୱାକାଥନର ଉଦଘାଟନ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାମିଲ ହୋଇ ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର ସହିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଦ୍ୱାରା ସାଇବର ସଚେତନତା ଧର୍ମୀ ନୁକକଡ ନାଟକ ପ୍ରଦର୍ଶିତ ହୋଇଥିଲା। ସାଇବର ସଚେତନତା ମାସ୍କଟ ସାଇରା ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ପଦଯାତ୍ରାରେ କ୍ରୀଡ଼ା ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଭାଗ ନେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା, ଜେଜେମା' ସମ୍ମିଳନୀ

ଜଗତସିଂହପୁର,୧୪।୧୧(ସମିସ) ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା, ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ପ୍ରମୁଖ ସ୍ୱର୍ଣ୍ଣ ମଞ୍ଜରୀ ବାହାଲିଆଙ୍କ ଅଧ୍ୟକ୍ଷତାରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ମିଳନୀର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ। ଏଥିରେ ପୂର୍ବ ସମ୍ଭାଗ ପ୍ରମୁଖ ପ୍ରଶାନ୍ତ ପ୍ରଧାନ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ଯୋଗଦେଇ ପଞ୍ଚ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୁରାତନ ଆଚାର୍ଯ୍ୟ ଗୁରୁଚରଣ ବିଶ୍ୱାଳ ସମାଜ ସଂସ୍କାରରେ ଜେଜେବାପା ଜେଜେମାଙ୍କ ଭୂମିକା ବିଷୟରେ କହିଥିଲେ। ପ୍ରାନ୍ତଃ ପର୍ଯ୍ୟାୟ ପ୍ରମୁଖ ସୁରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ମଧ ବହୁ ସଂଖ୍ୟାରେ ଜେଜେବାପା, ଜେଜେମା ଯୋଗ ଦେଇଥିଲେ।

# ଗଣପତି ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ପାରାଦୀପ,୧୪।୧୧(ସମିସ): ପାରାଦୀପ ପୌର ପରିଷଦ ଅଧୀନ ବାଲିଝରା ଗଣପତି ଶିଶୁ ବିଦ୍ୟାମନ୍ଦିରରେ ଇଫ୍‌କୋ ପକ୍ଷରୁ ଆଜି ମାତୃ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଭାବକ ଏହି ମାତୃ ସମ୍ମିଳନୀରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ କିଭଳି ସେମାନଙ୍କ ମାଆମାନଙ୍କୁ ଭକ୍ତିର ସହିତ ପୂଜା କରିବା କଥା, ତାହା ସମୂହ ଭାବେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଗୀତାଞ୍ଜଳି ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମାତୃ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଇଫ୍‌କୋ ଲେଡିଜ୍ କ୍ଲବ୍‌ର ବରିଷ୍ଠ ସଦସ୍ୟା ଆରତୀ ପରିଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଇଫକୋର ଲୋକ ସମ୍ପର୍କ



ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ପାରିଷଦ ସ୍ୱପ୍ନାରାଣୀ ଜେନା, ସାମ୍ବାଦିକ ଶରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତାନସନ୍ତତିଙ୍କ ଆଦ୍ୟଗୁରୁ ହେଉଛନ୍ତି ମାଆ। ପ୍ରଥମେ ମାଆ ହିଁ ତା'ର ପିଲାମାନଙ୍କୁ ପାଠ ପଢାଇ ଭଲ ମଣିଷ ହେବା ସହିତ ଭଲ ସଂସ୍କାର ଦେଇଥାଏ ବୋଲି ମୁଖ୍ୟଅତିଥି ଶ୍ରୀମତୀ ପରିଡା କହିଥିଲେ। ଉକ୍ତ ମାତୃ ସମ୍ମିଳନୀକୁ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଦିବସରେ 'ରେବତୀ' ଓ 'ମା' ନାଟକ ମଞ୍ଚସ୍ଥ

କୁଜଙ୍ଗ,୧୪।୧୧(ସମିସ): କୁଜଙ୍ଗସ୍ଥ ନ୍ୟାସନାଲ ସ୍କୁଲ ପରିସରରେ ଶିଶୁ ଦିବସ ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ଦୁଇଟି ନାଟକ ମଞ୍ଚସ୍ଥ ହୋଇଛି। ନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ନାଟକ 'ରେବତୀ' ଓ ସେଣ୍ଟ ଜାଭିୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ 'ମା' ଅଭିନୟ ବେଶ ଆକର୍ଷଣୀୟ ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ ନାଟକ ସମେତ ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ, ସଂଗୀତ ଓ ଏକକ ଅଭିନୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମ ମିଶନ ଅଧ୍ୟକ୍ଷ କ୍ୟାପଟେନ ସଞ୍ଜୀବ ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନ୍ୟାସନାଲ ସ୍କୁଲ ଅଧ୍ୟକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜାଭିୟର ସ୍କୁଲ ପ୍ରିନ୍ସପାଲ ସୁଧାକର ବିଶ୍ୱାଳ ଓ ସ୍କୁଲ ଚେୟାରମ୍ୟାନ ଡକ୍ଟର ରଘୁ ସାହୁ ଯୋଗ ଦେଇଥିଲେ। ସ୍କୁଲ ଭାଇସ ପ୍ରିନ୍ସପାଲ ସଞ୍ଜୟ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।

# ନାଗପୁର ଆଶ୍ରମ ବିଦ୍ୟାଳୟରେ ଶିଶୁ ଦିବସ

କେନ୍ଦ୍ରାପଡ଼ା,୧୪।୧୧(ସମିସ): ନାଗପୁର ଆଶ୍ରମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ତାଙ୍କ ଅବଦାନକୁ ସ୍ମରଣ କରାଇଥିଲେ। ଜିଲ୍ଲାପାଳ ନିଜ ହାତରେ ଛୋଟରୁ ବଡ଼ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତନୃତ୍ୟ ଓ ମନୋରଞ୍ଜନ ଦିବସକୁ ରଙ୍ଗିନ କରିଥିଲା।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର

ନାଉଗାଁ, ୧୪।୧୧(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ +୨ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଏଚ୍‌ଏସ୍‌ଇର ଏନ୍‌ଏସ୍‌ଏସ୍ ରାଜ୍ୟ ପରିଚାଳକ ଡଃ ବିଶ୍ୱମୋହନ ଜେନା ଯୋଗ ଦେଇଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ପୂର୍ବତନ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁ, ପୁରାତନ ରାଜ୍ୟ ପରିଚାଳକ ହୃଦାନନ୍ଦ ସ୍ୱାଇଁ, ଯୁବ ରେଡକ୍ରସ୍ ପରିଚାଳକ ଚୈତନ୍ୟ ପରିଡ଼ା ଓ ପ୍ରୋଗ୍ରାମ ଅଫିସର ଏକତା ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ କାର୍ଯ୍ୟଶୈଳୀ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ +୨ ଏନ୍‌ଏସ୍‌ଏସ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାତ ଶତପଥୀ, ଚନ୍ଦ୍ରଶେଖର ପୁହାଣ, ଅମ୍ବିକା ଚାନ୍ଦ, ତୁଷାରକାନ୍ତ ଦାସ, ସୁରେଶ ବାରିକ, ଲହରିକା ଚୌଧୁରୀ, ପୁଷ୍ପଲତା ସେଠୀ, ଅନ୍ତର୍ଯ୍ୟାମୀ ଦୀକ୍ଷିତ, ଅଲକା ମୁର୍ମୁ, ରମେଶ ମହାନନ୍ଦ, ମନ୍ମଥ ବଳ ପ୍ରମୁଖ ଅଧାପକ ଅଧାପିକା ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଏକତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚୈତନ୍ୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ ଶିବିର; ୧୧୭ ୟୁନିଟ୍ ସଂଗୃହୀତ

ପାରାଦୀପ,୧୪।୧୧(ସମିସ): ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ନୂଆବଜାର ପୋର୍ଟ କ୍ଲବ୍‌ରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି।



ମୁଖ୍ୟଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲ୍ୟୁ ଉପସଭାପତି ବିକେ ସିହ୍ନା ଓ ଅତିରିକ୍ତ ଉପସଭାପତି ଏସକେ ପଟ୍ଟନାୟକ, ପାରାଦୀପ ବନ୍ଦର ଡେପୁଟି ଟ୍ରାଫିକ ମ୍ୟାନେଜର ନାରାୟଣ ମିଶ୍ର ଓ ଲେଖିକା ହାରାମଣି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଓ ସାଧାରଣ ଲୋକ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ତଥା କଂଗ୍ରେସ ନେତା ନିରଞ୍ଜନ ନାୟକ, ଟ୍ରଷ୍ଟି କେଦାର ବିଶ୍ୱାଳ, ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, ଟ୍ରଷ୍ଟ ଅଧ୍ୟକ୍ଷ ସରୋଜ ପ୍ରଧାନ, ତ୍ରିନାଥ ମହାନ୍ତି, ଜ୍ୟୋତିରଞ୍ଜନ ଦାସ, ପଦ୍ମ ସମ୍ଭୁତ ମହାନ୍ତି, କୃପାସିନ୍ଧୁ ଦାସ, ସୁଶାନ୍ତ ବାରିକ, ଚନ୍ଦ୍ରଶେଖର ମହାପାତ୍ର, ସୁନାକର ସେଠୀ, ବିଜୟ ସେଠୀ, ମନୋଜ ପ୍ରଧାନ, ଧରିତ୍ରୀ ସାମଲ, ବିନତି ପଡ଼ିଆରୀ, ପ୍ରେମଲତା ବାରିକ, କୌଶଲ୍ୟା ମହାନ୍ତି, ସଂଘମିତ୍ରା ସ୍ୱାଇଁ, ପୁଷ୍ପା ଦାସ, ଖୁଲଣା ଜେନା, ପ୍ରତିମା ବାରିକ, ସସ୍ମିତା ମହାନ୍ତି, ଅନୀତା ଜେନା, ସୁକାନ୍ତି ପରିଡ଼ା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ










ଜଗତସିଂହପୁର,୧୪।୧୧(ସମିସ)

ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ନାୟକଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ନାଲିବର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ପକ୍‌ସୋ ଅଦଳତାର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍.ଏ.କେ.ଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ସ୍ୱତନ୍ତ୍ର ପୋକ୍ସୋ ଅଦଲତର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ବରିଷ୍ଠ ଦିବାନୀ ବିଚାରପତି (ଏଲ୍. ଆର୍) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପ୍ରିୟମ୍ବଦା ଜେନା, ଏସଡିଜେଏମ୍ ପ୍ରତ୍ୟୁଷ ଚାନ୍ଦ ପ୍ରମୁଖ ଯୋଗଦେଇ ଖେଳ, ବିଜ୍ଞାନ, ଅର୍ଥନୀତି, ରାଜନୀତି ବିଜ୍ଞାନ, କଳା, ସାହିତ୍ୟ ବିଷୟରେ ଜ୍ଞାନ ରଖିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସ୍ୱତନ୍ତ୍ର ପୋକ୍ସୋ ଅଦଲତର ବିଚାରପତି ଶ୍ରୀ ଅହମ୍ମଦ ଶିଶୁ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏ ଅବସରରେ ବକ୍ତୃତା ପ୍ରତିଯୋଗିତା କରଯାଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ନୃସିଂହ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର:** ସଦର ବ୍ଲକ୍ ଅନ୍ତର୍ଗତ ଖଇରଙ୍ଗସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ୧୩୬ତମ ଜୟନ୍ତୀ ଓ ଶିଶୁ ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ବିଜୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆଚାର୍ଯ୍ୟ, ଅଧାପକ ଲକ୍ଷ୍ମୀଧର ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମିଶ୍ର, ଶିକ୍ଷକ ପ୍ରେମ କିଶୋର ସାହୁ, ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, କଳ୍ପନା ତ୍ରିପାଠୀ ଓ ଚିଲିକା ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ବିତର୍କ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ନେହେରୁ ଓ ଅନ୍ୟ ବରପୁତ୍ରଙ୍କ ଜୀବନୀ ପୁସ୍ତକ ପ୍ରଦାନ କରାଯାଇଥିଲା। ବବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର:** ଜୟବଡ଼ସ୍ଥ ସାଇଜ୍ଞାନ ପ୍ଲେ ସ୍କୁଲରେ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶିଶୁମାନେ ଆମ ଦେଶର ଭବିଷ୍ୟତ। ସେମାନଙ୍କୁ ଉଚିତ୍ ମାର୍ଗରେ ଗଢିତୋଳିବା ପରିବାର, ସମାଜ ଓ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଗୁରୁଦାୟିତ୍ୱ ବୋଲି ଅଧ୍ୟକ୍ଷା କହିଥିଲେ। ସାଇଜ୍ଞାନର କୁନି କୁନି ପିଲା ଏହି ଉତ୍ସବକୁ ଉପଭୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରାଚୀ ପୂର୍ଣ୍ୟତୋୟା ପଟ୍ଟନାୟକ, ଲିପ୍ସା ମହାନ୍ତି, ସୋନମ ପ୍ରିୟଦର୍ଶିନୀ, ସୌଭାଗ୍ୟଲକ୍ଷ୍ମୀ ପାତ୍ର, ଶ୍ରୀଲେଖା ପାଢ଼ୀ, ଶକ୍ତି ସ୍ୱରୂପା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବାଲିକୁଦା:** ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଛି। ଶିଶୁ ଭାଇଭଉଣୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧୁ ଲକ୍ଷ୍ମୀ ସ୍ମୃତି ପରିଷଦ ପକ୍ଷରୁ ମା' ସରସ୍ୱତୀଙ୍କ






ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମାନସ ମହାନ୍ତି, ମୁଖ୍ୟଅତିଥି ପ୍ରଧାନମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଡକ୍ଟର ବିଷ୍ଣୁଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବାଲିକୁଦା ଏକ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଡଲି ପଣ୍ଡା, ବିଦ୍ୟାଳୟ ସମ୍ପାଦକ ନିକୁଞ୍ଜ ବିଶ୍ୱାଳ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସସ୍ମିନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାଲିକୁଦା ବ୍ଲକ୍‌ରେ ଗ୍ରିନିଜ୍ ବୁକ୍‌ରେ ସ୍ଥାନ ପାଇଥିବା ଡୋଭାଲ ଗ୍ରାମର ଶ୍ୟାମସୂର୍ଯ୍ୟା ଓ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଞ୍ଜିତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଜୀ ସୁଦାମ ପରିଡ଼ା, ବିଜୟ ମୁଦୁଲି, ବିଜୟ ବେହେରା, ଅର୍ଜ୍ଜୁନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ପାରାଦୀପ:** କୁଜଙ୍ଗ ତାଲୁକ୍ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରାଦୀପଗଡ ଶ୍ରୀଲୋକନାଥ ଶିକ୍ଷାଶ୍ରମରେ ଶିଶୁ ଦିବସ ପାଳନ କରାଯାଇଛି। ଆଇନଜୀବୀ ସଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ସିଭିଲ୍ ଜଜ (ସିନିୟର୍ ଡିଭିଜନ) ଅଭିଳାଷ ଚୌଧୁରୀ, ସିଭିଲ୍ ଜଜ୍ (ଜୁନିଅର୍ ଡିଭିଜନ) ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରାଜେଶ ମିଶ୍ର ଓ ଆଇନଜୀବୀ ନୃସିଂହ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାଶ୍ରମର ଛାତ୍ରଛାତ୍ରୀ ଜଜଙ୍କୁ ଆଇନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରମୋଦ ବେହେରା, ସିଡବ୍ଲ୍ୟୁସି ଚେୟାରମ୍ୟାନ୍, ଶିକ୍ଷାଶ୍ରମ ଅଧ୍ୟକ୍ଷ ଦିଲ୍ଲୀପ ଗୋଛାୟତ, ରତିକାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ
# 'ଦୃଢ଼ମନା ହୋଇ କାର୍ଯ୍ୟ କଲେ ଲକ୍ଷ୍ୟ ହାସଲ ସରଳ ହୋଇଥାଏ'




ଅନୁଗୋଳ,୧୪।୧୧(ସମିସ): ରୋଟାରୀ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷର ଓଏଏସ୍ ଟପ୍ପର ପ୍ରିୟାଂଶୁ ପାଲ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦୃଢ଼ ମନା ହୋଇ କାର୍ଯ୍ୟ କଲେ ଲକ୍ଷ୍ୟ ହାସଲ ସରଳ ଏବଂ ସହଜ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଡ.ଅଶୋକ କୁମାର ବେହେରା, ଉପାଧକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାଶ ଶିଶୁ ଦିବସର ମହତ୍ତ୍ୱ, ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଦିଗରେ ସଚେତନତା ଓ ଦାୟିତ୍ୱବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ଅଭିନୟ ଓ ପାଲା ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଇଣ୍ଟରଆକ୍ଟ କ୍ଲବ ତରଫରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଆନନ୍ଦବଜାର ଓ ଖାଦ୍ୟ ମେଳା ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ, ଉପାଧକ୍ଷ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ନିର୍ମଳ କୁମାର ମିଶ୍ରଙ୍କ ସମେତ ନିଖିଲ ରଞ୍ଜନ ମିଶ୍ର, ସଇଲେନ୍ ମିଶ୍ର, ସରୋଜ ସାହୁ, ସୁଜିତ୍ ସାହୁ, ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ସାଂସ୍କୃତିକ ଉତ୍ସବକୁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଉପଭୋଗ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ



ଅନୁଗୋଳ,୧୪।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ପକ୍ଷରୁ ସ୍ଥାନୀୟକୁମଣ୍ଡଜରସିଂଗା ଉଚ୍ଚବିଦ୍ୟାଳୟଠାରେଶିଶୁଦିବସପାଳିତହୋଇଯାଇଛି। ଏହା ସହିତ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ, ଛାତ୍ରଛାତ୍ରୀମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ ଓ କିଶୋର ନ୍ୟାୟ ଆଇନ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ କମଳାକାନ୍ତ ନାୟକ, ଶିଶୁ ମଙ୍ଗଳ କମିଟିର ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଡି.ଏସ୍.ପି, ଅନୁଗୋଳ ଲଳିତା ଲାକ୍ରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିହାର ରଞ୍ଜନ ପ୍ରଧାନ, ସାକ୍ଷରତା କ୍ଲବ୍‌ର ଦାୟିତ୍ୱରେ ଥିବା ଶିକ୍ଷକ ସରୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିଶୁଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର କାଞ୍ଜିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବଅଁରପାଳ



ବଅଁରପାଳସରସ୍ୱତୀଶିଶୁବିଦ୍ୟାମନ୍ଦିରରେଶିଶୁଦିବସପାଳିତହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋତମରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଧର ଓ ସମ୍ମାନିତ ଅତିଥିଭାବେ ଗୋତମରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରନ୍ଦର ବିଶ୍ୱାଳ ଯୋଗଦାନ କରି ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପଚିଶି ଜଣିଆ ଘୋଷ ବାଦକଙ୍କୁ ନେଇ ଘୋଷ ସଞ୍ଚାଳନ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତନ୍ମୟ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## କିଶୋରନଗର



ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମହାପୁରୁଷ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଧୂପ ଦୀପ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ କରିଥିଲେ। ପରେ ଶିଶୁଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ରାମକୃଷ୍ଣ ଶିକ୍ଷାନୁଷ୍ଠାନର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବିଜ୍ଞାନ ବିଭାଗର ଅଧ୍ୟାପକ ବାଲ୍ମିକୀ ମୁଖି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଅଧ୍ୟାପକ ପପୁନ ସାହୁ, ସତ୍ୟଜିତ ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ



କିଶୋରନଗର: ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ୍ ଓ ଓଡ଼ିଶା ବନ୍ୟାଞ୍ଚଳ ଉନ୍ନୟନ ପ୍ରକଳ୍ପ (ପର୍ଯ୍ୟାୟ-୨)ର ମିଳିତ ଉଦ୍ୟମରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଠମଲ୍ଲିକ ଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବ୍ଲକ୍‌ର ୯ଟି ବିଦ୍ୟାଳୟର ୮୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା, କୁଇଜ୍ ଓ ସୃଜନାତ୍ମକ ଲିଖନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ, ସୁନୀଲ କୁମାର ସାହୁ, ବିଶ୍ୱ ଯୁବ କେନ୍ଦ୍ର ର ସଭାପତି ବସନ୍ତ କୁମାର ପ୍ରଧାନ, ସଦସ୍ୟ ସମ୍ପାଦକ, ମନୋଜକୁମାରମହାପାତ୍ର, ସହସମ୍ପାଦକଖିରେନ୍ଦ୍ରମୋହନଦେହୁରୀ ଏବଂ କୁଟେଶ୍ୱର, ବରଗାଁ, ଶିଶୁ ବିଦ୍ୟା ମନ୍ଦିର, ମହିନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କୃତୀ ପ୍ରତଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପଞ୍ଚାୟତି ରାଜ ଉଚ୍ଚ ବିଦ୍ୟାଳୟ, କୁଟେଶ୍ୱର ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ବର ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟଓକୁଟେଶ୍ୱରପଞ୍ଚାୟତିରାଜଉଚ୍ଚବିଦ୍ୟାଳୟତୃତୀୟସ୍ଥାନଅଧିକାରକରିଥିଲେ।

## ପଣ୍ଡିତ ନେହରୁଙ୍କ ସ୍ମୃତିଚାରଣ



କିଶୋରନଗର: କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଜୟନ୍ତୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ଅଜୟ କୁମାର ମହାରଣା, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗଦେଇ ନେହେରୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଲିପ୍ସା ପ୍ରଧାନ ସ୍ୱାଗତ ସଂଗୀତ ଗାନ କରିଥିଲାବେଳେ ଦେବେନ୍ଦ୍ର ପାଣ୍ଡେ, ଶୀତେନ ପ୍ରଧାନ, ଜିତେନ୍ଦ୍ର ସେଠୀ, ତୃପ୍ତିମୟୀ ପ୍ରଧାନ, ନେହେରୁଙ୍କ ବିଭିନ୍ନ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ତରଣୀସେନ ସାହୁ ସଭା ସଂଯୋଜନା କରିଥିଲେ।

## ଆଠମଲ୍ଲିକ ଆଇନସେବା କମିଟି



ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ "ଶିଶୁଦିବସ' ପାଳିତ ହୋଇଯାଇଛି। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନସେବା କମିଟି ଅଧକ୍ଷ ରଞ୍ଜନ କୁମାର ସୂତାର, ସମ୍ମାନିତ ଅତିଥି ଭାବେ ଏସ୍‌ଡିଜେଏମ୍ ସିଙ୍କୁନ ରାୟ ଓ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନେ ଉତ୍ତମ ଶିକ୍ଷାଲାଭ କରି କିପରି ଭଲ ମଣିଷ ହୋଇ ନିଜକୁ ପ୍ରତିଷ୍ଠିତ କରିପାରିବେ ସେ ନେଇ ମୁଖ୍ୟଅତିଥି ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ତାଲୁକ ଆଇନସେବା କମିଟି ପକ୍ଷରୁ ସହାୟକ ଭାବେ ଅମିତ କୁମାର ନାୟକ, ସିଦ୍ଧାର୍ଥ କୁମାର ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି ଉପସ୍ଥିତ ଥିଲେ।

## ରଙ୍ଗଭରୋ ପ୍ରତିଯୋଗିତା




ଅନୁଗୋଳ,୧୪।୧୧(ସମିସ): ସ୍ଥାନୀୟ ବଚପନ୍ ସ୍କୁଲ ପରିସରରେ ରୋଟାରୀ କ୍ଲବ୍ ଅନୁଗୋଳ ରୟାଲ ପକ୍ଷରୁ ଶିଶୁ ଦିବସ ଅବସରରେ ଏକ ରଙ୍ଗଭରୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ କ୍ଲବ୍‌ର ସଭାପତି ଡା. କୁମାର ସୌମ୍ୟକାନ୍ତ ବିଶୋଇ, ସମ୍ପାଦକ ରୋଟାରିଆନ ନିହାର ରଞ୍ଜନ ପ୍ରସାଦଙ୍କ ସମେତ ରୋଟାରିଆନ ଆରତୀ ସରଳିଆ, ରୋଟରିଆନ ପୂଜା ମୋଦୀ, ରୋଟାରୀଆନ ମମତା ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲପକ୍ଷରୁନିଝାରଅଲିଦାମାନିପ୍ରତିଯୋଗିତାପରିଚାଳନାକରିଥିଲେ।

# ୬୭ ୟୁନିଟ୍ ରକ୍ତ ସଂଗ୍ରହ



ଅନୁଗୋଳ,୧୪।୧୧(ସମିସ): ଛେଣ୍ଡିପଦା ତୁକୁଡ଼ା ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ମେଗା "ରକ୍ତଦାନ ଶିବିର' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସତ୍ୟବ୍ରତ ପାଟ୍ଟଯୋଶୀ ଓ ମେଡିକାଲ ଟିମ୍‌ଙ୍କ ଦ୍ୱାରା ୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିକ୍ଷାଶ୍ରମର ଗୁରୁମା, ଗୁରୁଜୀଙ୍କ ସମେତ ଅଞ୍ଚଳବାସୀ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକୁ କଲ୍ୟାଣକର ମହାନ୍ତି (ଜିଲ୍ଲା ଶିଶୁ ବିଭାଗ କମିଟିର ସଦସ୍ୟ) ଶୁଭ ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ତୁକୁଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ହୃଷୀକେଶ ସାହୁ, ଗ୍ରାମ ସଭାପତି ବେଣୁଧର ସାହୁ, ସମ୍ପାଦକ ରବିନାରାୟଣ ସାହୁ, ସମାଜସେବୀ ପ୍ରତାପ କୁମାର ପ୍ରଧାନ, ତୁକୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମେହେର, ସମାଜସେବୀ ରଣଜିତ୍ ଭାଇ, ଯୁବ ସମାଜସେବୀ ଦିଲ୍ଲୀପ କୁମାର ସାହୁ, ଅଜୟ ବାବା, ବୁଲୁ ବାବା, ସହଯୋଗୀ ସିଲୁ ଭାଇ, ଟୁଲୁ ଭାଇ ଓ ୧୫ଜଣ ସ୍ୱେଚ୍ଛାସେବୀ ଶ୍ରମଦାନ କରିଥିଲେ। ପ୍ରଧାନ ଗୁରୁମା ସତ୍ୟଭାମା ସାହୁଙ୍କ ସହିତ ଶିକ୍ଷାଶ୍ରମର ସମସ୍ତ ଗୁରୁମା, ଗୁରୁଜୀ "ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ "ଶୋଭନୀୟ ପରିବାର' ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ବିଶ୍ୱ ଡାଇବେଟିକ୍ ଦିବସ ପାଳିତ




ଅନୁଗୋଳ,୧୪।୧୧(ସମିସ): ଅନୁଗୋଳ ବ୍ଲକ୍ କୁମୁରୁସିଂହା ଗ୍ରାମରେ ରୋଟାରୀ କ୍ଲବ୍ ଅନୁଗୋଳ ରୟାଲ ଏବଂ ଆଇଏମ୍‌ଏ ପକ୍ଷରୁ ବିଶ୍ୱ ଡାଇବେଟିକ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁ ଉଚ୍ଚ ବିଦ୍ୟାଳୟ ଠାରେ ଡାଇବେଟିକ ଚିହ୍ନଟ ଓ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଶତାଧିକ ଲୋକ ଏହି ଶିବିରରେ ଯୋଗଦେଇ ରକ୍ତ ପରୀକ୍ଷା କରାଇଥିଲେ। ବରିଷ୍ଠ ଡାକ୍ତର ବିଶ୍ୱଜିତ ସାମଲ ଓ ଡା. ତରୁଣ କୁମାର ସାହୁ ଯୋଗଦେଇ ଡାଇବେଟିକ ରୋଗର କାରଣ ଏବଂ ହେଲା ପରେ କିଭଳି ସତର୍କତା ଅବଲମ୍ବନ କରିବାକୁ ହେବ ଏବଂ ଔଷଧ ସେବନ କରିବାକୁ ହେବ ତାହା ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍ ଅନୁଗୋଳ ରୟାଲ ସଭାପତି ଡା. ସୌମ୍ୟକାନ୍ତ ବିଶୋଇ, ସମ୍ପାଦକ ନିହାର ରଞ୍ଜନ ପ୍ରସାଦ, ରୋଟାରିଆନ୍ ଆରତୀ ସରଳିଆ, ରୋଟାରିଆନ ପୂଜା ମୋଦି, ରୋଟାରିଆନ ମମତା ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

# 'ଆଗେଇବା' ପକ୍ଷରୁ 'ଆମ ପରିବେଶ, ଆମ ଦାୟିତ୍ୱ' ଆଲୋଚନା




ତାଳଚେର,୧୪।୧୧(ସମିସ): ଅନୁଗୋଳ ଜିଲ୍ଲା ତାଳଚେରରୁ ପ୍ରକାଶ ପାଉଥିବା ଦୈନିକ ଖବର କାଗଜ 'ଆଗେଇବା' ପକ୍ଷରୁ ଶିଶୁ ଦିବସ ଅବସରରେ 'ଆମ ପରିବେଶ ଆମ ଦାୟିତ୍ୱ' ଓ 'ଆଜିର ଶିଶୁ ଆଗମୀ ଭବିଷ୍ୟତ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସୌଜନ୍ୟରୁ ଆଜି ତାଳଚେର ଅମ୍ଳାପଡ଼ାସ୍ଥିତ ଡିଆଇ ପ୍ଲେ ସ୍କୁଲ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ 'ଆଗେଇବା'ର ସମ୍ପାଦକ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ଗୋପାଳ ନାୟକ, ପ୍ରେସ୍‌କ୍ଲବ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନର ସଭାପତି ପ୍ରଫେସର ଉପେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ସମାଜସେବୀ ଚୈତନ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲାବେଳେ ସାମ୍ବାଦିକ ସୌଭାଗ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ତାଳଚେର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ନିମନ୍ତ୍ରିତ ଅତିଥି, ପ୍ଲେ ସ୍କୁଲର ଛାତ୍ରଛାତ୍ରୀ ଓ ଅଭିଭାବକ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ଡିଆଇ ପ୍ଲେ ସ୍କୁଲର କୁନି କୁନି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ରଶ୍ମୀ ରଞ୍ଜନ ମିଶ୍ର, ତପନ କୁମାର ମହାରଣା, କୁଶ ବିହାରୀ ସାମଲ, ନିର୍ମଳ ତ୍ରିପାଠୀ, ନିର୍ମଳ ସାହୁ, ଜିତେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ଆକ୍ରମଣ ଓ ଡକାୟତି ମାମଲାରେ ୮ ବର୍ଷ ଜେଲ୍

ତାଳଚେର,୧୪।୧୧(ସମିସ): ଏକ ମରଣାନ୍ତକ ଆକ୍ରମଣ ଓ ଡକାୟତି ମାମଲାରେ ସହକାରୀ ଦେୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ ଅଭିଯୁକ୍ତ ରଞ୍ଜିତ କୁମାର ସାହୁକୁ ୮ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଗତ ୨୦୨୩ ଫେବୃୟାରୀ ୨ ତାରିଖ ଦିନ ଏତଲାକାରୀ ବିନୋଦ ଚନ୍ଦ୍ର ସାହୁ ତାଙ୍କ ବଲଣ୍ଡାସ୍ଥିତ କ୍ୱାର୍ଟର୍ସରେ ଥିବା ସମୟରେ ତାଙ୍କ ନିଜ ପୁଅ ରଞ୍ଜିତ କୁମାର ସାହୁ ତାଙ୍କ ଘରେ ଡକାୟତି କରିବା ଉଦ୍ଦେଶ୍ୟରେ ଘରେ ପଶି ତାଙ୍କୁ ଧକ୍କା ଦେବାସହ ତାଙ୍କ ପତ୍ନୀ କୁନି ସାହୁ ଓ ତାଙ୍କ ବୋହୂ ସୁଜାତା ସାହୁଙ୍କୁ ଏକ ଆକ୍ରମଣ କରିଥିଲା। ପରେ ଘର ଆଲମିରାରୁ ୧୦ ହଜାର ଟଙ୍କା ନେଇ ପଳାଇଥିଲା। ପୁଲିସ ଏ ମାମଲାରେ ତଦନ୍ତ କରି ମୁଦଲା ରଞ୍ଜିତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଗିରିଜା ଶଙ୍କର ମିଶ୍ର ପରିଚାଳନା କରିଥିଲେ।

# ପରମାନନ୍ଦ ମିଶ୍ରଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



ଅନୁଗୋଳ,୧୪।୧୧(ସମିସ): ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଗୋଳର ବରିଷ୍ଠ ସରକାରୀ ଅଧିବକ୍ତା ପରମାନନ୍ଦ ମିଶ୍ରଙ୍କ ଦୁଇଟି ଆଇନ ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଦେୱାନୀ ମକଦ୍ଦମା ଓ ବୈବାହିକ ଆଇନ ଉପରେ ଦୁଇଟି ଯାକ ପୁସ୍ତକ ରଚନା କରାଯାଇଛି। ମୁଖ୍ୟ ଅତିଥି ପ୍ରୀତିମୟଙ୍କ ଲିଖିତ ପୁସ୍ତକ ଦୁଇଟି ସରଳ ଭାଷାରେ ଆଇନ ସମ୍ପର୍କିତ କଥା ଗୁଡ଼ିକୁ ବ୍ୟାଖ୍ୟା କରିଥିବାରୁ ଆଇନ ଛାତ୍ର ଓ ଯୁବ ଆଇନଜୀବୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ କବି ଅରୁଣ କୁମାର ସାହୁ ଓ ଅନୁଗୋଳ ବାର୍‌ର ସଭାପତି ହିମାଂଶୁ ଭୂଷଣ ସାମଲ ଯୋଗଦେଇଥିଲେ। ଲିଟନ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ ଲେଖକ ଶ୍ରୀ ମିଶ୍ର ଜଣେ ଅଭିଜ୍ଞ ସରକାରୀ ଅଧିବକ୍ତା ଓ ସୁ ଲେଖକ ତଥା ସଂଗଠକ ଭାବେ ଜଣାଶୁଣା।

# ଜାତୀୟସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ଆୟୁଷ



ଅନୁଗୋଳ୧୪।୧୧(ସମିସ): ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଜୁଡୋ ପ୍ରତିଯୋଗିତା ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ଓ ଡିଏମ୍ ସ୍କୁଲ୍‌ର ନବମ ଶ୍ରେଣୀ ଛାତ୍ର ଆୟୁଷ ପ୍ରଧାନ ରାଜ୍ୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଜୁଡୋ ସଂଘ ସମ୍ପାଦକ ସୁଧାଂଶୁ ପଣ୍ଡା, ଉପସଭାପତି ପର୍ଶୁରାମ ଦାଶ, ଶକ୍ତି ପ୍ରାସାଦ ପଟ୍ଟନାୟକ, ପ୍ରଦୀପ କୁମାର ଦେବତା, ନିର୍ମଳ ଅଗ୍ରୱାଲ୍ ମଧ୍ୟ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଜିଲ୍ଲା ସହ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କଠାରୁ ସେ ଶିକ୍ଷା ଲାଭ କରୁଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ତାଳଚେର,୧୪।୧୧(ସମିସ): ତାଳଚେର ଯୁବରାଜ ଉଚ୍ଚବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ସହିତ ଏଇଇ ସୁବାଷ ଚନ୍ଦ୍ର ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ବିଳାସିନୀ ନାଏକ ଏହି ସଭାରେ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପପୁ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ଅଧିକାରୀ ସଙ୍ଗୀତା ସାମଲ ଓ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏବିଇଓ, ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ସହଯୋଗ କରିଥିଲେ।

# ପିକ୍‌ଅପ୍ ଧକ୍କାରେ ୬ ବର୍ଷର ନାବାଳିକା ମୃତ

କାମାକ୍ଷାନଗର,୧୪।୧୧(ସମିସ): ଘର ଆଗରେ ସାଙ୍ଗସାଥୀଙ୍କ ସହ ଖେଳୁଥିଲାବେଳେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୬ ବର୍ଷର ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣକ କଙ୍କଡ଼ାହାଡ଼ ଥାନା ବାହାଡ଼ାପାଳ ଗ୍ରାମର ଦାରୁ ପଧାନଙ୍କ ଝିଅ ସନ୍ଧ୍ୟା।

ସୂଚନା ଅନୁସାରେ ଦାରୁଙ୍କ ସ୍ତ୍ରୀ ରୁଲି ପଧାନ ଝିଅ ସନ୍ଧ୍ୟାକୁ ଧରି ଦିଅର ରହୁଥିବା ଚିଳଦା ଗାଁ କୁ ଯାଇଥିଲେ। ସେଠାରେ ସନ୍ଧ୍ୟା କିଛି ସାଙ୍ଗସାଥୀଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲା ବେଳେ ଏକ ପିକ୍‌ଅପ୍ ଭ୍ୟାନ ତାକୁ ଧକ୍କା ଦେଇଥିଲା। ଏଥିରେ ଗୁରୁତର ହୋଇଥିବା ସନ୍ଧ୍ୟାକୁ ପରିବାର ଲୋକେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ କଙ୍କଡାହାଡ଼ ପୁଲିସ ଧକ୍କା ଦେଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି। ବେପରୁଆ ଭାବେ ଡ୍ରାଇଭର ଜଣକ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ନେଇ ଝିଅର ମା' ରୁଲି ପଧାନ କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ବସ୍‌ଷ୍ଟାଣ୍ଡ ନାମଫଳକରେ ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ଅସନ୍ତୋଷ

କିଶୋରନଗର,୧୪।୧୧(ସମିସ): କିଶୋରନଗର ବ୍ଲକ ସଦର ମହକୁମାରେ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଏସ୍‌ଆର୍‌ଟିସି ଏହି ନିର୍ମାଣ କାର୍ଯ୍ୟ ତଦାରଖ କରୁଛି। ହେଲେ ବସ୍‌ଷ୍ଟାଣ୍ଡର ତ୍ରୁଟିପୂର୍ଣ୍ଣ ନାମଫଳକକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଧଉରାପାଲ୍ଲୀ ବସ୍ ଷ୍ଟାଣ୍ଡ ଲେଖା ହେବା ବଦଳରେ ଧରୁଆପାଲୀ ଲେଖାଯାଇଥିବାରୁ ଏଭଳି ଅସନ୍ତୋଷ ପ୍ରକାଶ ପାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112